

ଆଇପିଏଲ୍-୧୯

ବେଙ୍ଗାଲୁରୁ-ହାଇଦରାବାଦ ଉଦ୍‌ଘାଟନୀ ଲଢ଼େଇ

▶ପୃଷ୍ଠା ୧୨ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-253 ◆THURSDAY ◆12 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୫୩ ◆ଗୁରୁବାର ◆୧୨ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# କ୍ଷେପଣାସ୍ତ୍ର ମାଡ଼ରେ ଥରିଲା ଇସ୍ରାଏଲ

## ହର୍ମୁଜରେ ଭାରତ ଆସୁଥିବା ଜାହାଜ ଉପରେ ଇରାନର ଆକ୍ରମଣ

■ ତେଲ ଆଭିଭ/ ତେହରାନ, ୧୧।୩ (ଏଜେନ୍ସି): ଇରାନ ଯୁଦ୍ଧ ଦିନକୁ ଦିନ ଅତ୍ୟନ୍ତ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣରେ ଘାଇଲା ଇରାନ ପାଲଟା ଆକ୍ରମଣକୁ ଜୋରଦାର କରିଛି। କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଗର୍ଜନ ମଧ୍ୟରେ ଏହି ଯୁଦ୍ଧ ବୁଧବାର ଦ୍ୱାଦଶ ଦିନରେ ପହଞ୍ଚିଛି। ସମ୍ପୂର୍ଣ୍ଣ ଅଞ୍ଚଳକୁ ଯୁଦ୍ଧର ନିଆଁ ଗ୍ରାସ କରି ନେଇଛି। ଇରାନ ଆଜି ଇସ୍ରାଏଲ ଏବଂ ଆମେରିକା ସେନା ଘାଟୀ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ବାଲିଷ୍ଟିକ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ରେ ଇସ୍ରାଏଲ ଥରି ଉଠିଛି। ଇରାକ, ୟୁଏଇ, ବାହାରିନ, କାତାର ଆଦି ଦେଶରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନଉପରକୁ ମଧ୍ୟ ନିଶାଣ କରିଛି। ମାତ୍ର ଆଜି ଇରାନ ଏଭଳି ଏକ ପଦକ୍ଷେପ ନେଇଛି ଯାହା ସ୍ଥିତିକୁ ଅଧିକ ସଙ୍ଗୀନ କରିଦେଇଛି। ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ଷ୍ଟ୍ରେଟ ଦେଇ ଭାରତ ଅଭିମୁଖେ ଆସୁଥିବା ଥାଇଲାଣ୍ଡ ଜାହାଜ ଉପରେ ଇରାନ ପ୍ରକାଶ କରିଛି। ଅନ୍ୟପକ୍ଷରେ ଆମେରିକା ଆକ୍ରମଣକୁ ନେଇ ଅସନ୍ତୋଷ ବଢ଼ି ଚାଲିଥିବା ବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ସୂଚନା ଦେଇଛନ୍ତି ଯେ ସେ ଚାହିଁଲେ ଯେକୌଣସି ମୁହୂର୍ତ୍ତରେ ବନ୍ଦ ହୋଇପାରେ ଯୁଦ୍ଧ।

### ୨ ଭାରତୀୟ ମୃତ, ଆଉ ଜଣେ ନିଖୋଜ

### ଯେକୌଣସି ମୁହୂର୍ତ୍ତରେ ବନ୍ଦ ହେବ ଯୁଦ୍ଧ: ଟ୍ରମ୍ପ

ଆକ୍ରମଣ କରିଛି। ଫଳରେ ତୈଳ ଯୋଗାଣ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହାସହିତ ହର୍ମୁଜରେ ଆକ୍ରମଣ ପରିସ୍ଥିତିକୁ ଆହୁରି ବିସ୍ଫୋରକ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଭାରତ ଉଦବେଗ

ସୂଚନା ଅନୁଯାୟୀ, ହର୍ମୁଜ ଦେଇ ଗୁଜରାଟ ଆସୁଥିବା ଥାଇଲାଣ୍ଡର କାର୍ଗୋ ଜାହାଜ ଉପରେ ଇରାନ ଆଜି ଆକ୍ରମଣ କରିଛି। ଥାଇଲାଣ୍ଡ ପରିବହନ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ▶ପୃଷ୍ଠା-୭



# ରନ୍ଧନ ଗ୍ୟାସ୍‌କୁ ନେଇ ହାହାକାର



## ବନ୍ଦ ହେଲାଣି ଛୋଟ ହୋଟେଲ, ଠେଲା ବେପାର

■ ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ଇରାନ ସହିତ ଆମେରିକା-ଇସ୍ରାଏଲର ଯୁଦ୍ଧ ସାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି କରିଛି। ଏଥିରେ ଭାରତରେ ରନ୍ଧନ ଗ୍ୟାସ୍‌କୁ ନେଇ ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ବିଶେଷକରି ଏଲ୍‌ପିଜି ସିଲିଣ୍ଡରର ଅଭାବ ଯୋଗୁ ଯୋଗାଣ ଉପୁଜିଛି। ସବୁ ରାଜ୍ୟରେ ଗ୍ୟାସ ସିଲିଣ୍ଡର ପାଇବା ପାଇଁ ଏଜେନ୍ସିଗୁଡ଼ିକ ଆଗରେ ଗ୍ରାହକଙ୍କ ଲମ୍ବା ଲାଇନ୍ ଲାଗିଛି। ନୂଆ ସିଲିଣ୍ଡର ଟିଏ ବୁକିଂ କରିବାକୁ ଗ୍ରାହକ ନିକେଦମ୍ ହୋଇପଡୁଛନ୍ତି। କାରଣ ଅଧିକାଂଶ ସ୍ଥାନରେ ଆଉ ନୂଆ ଏଲ୍‌ପିଜି ସିଲିଣ୍ଡର ବୁକିଂ ହୋଇପାରୁନାହିଁ। ଉତ୍ତରପ୍ରଦେଶ ଏବଂ ବିହାରରେ ପୋଲିସ ସୁରକ୍ଷାରେ ସିଲିଣ୍ଡର ଆବଣ୍ଟନ କରାଯାଉଛି। ଏମିତିକି ଦିଲ୍ଲୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନ ସମେତ ଅନେକ ରାଜ୍ୟ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ▶ପୃଷ୍ଠା-୭

**ଟ୍ରେନରେ ବନ୍ଦ ହୋଇଯାଇପାରେ ରେଳବାଇର ଖାଦ୍ୟ ସେବା**

**ଅଯୋଧ୍ୟା ରାମ ରୋଷଶାଳା ବନ୍ଦ**

**ଦିଲ୍ଲୀ ହାଇକୋର୍ଟ କ୍ୟାଣ୍ଟିନରେ ମିଳିଲାନି ମେନ୍‌କୋର୍ସ**

**ବୁକିଂର ଅଢ଼େଇ ଦିନରେ ଗ୍ୟାସ୍ ଯୋଗାଇବାକୁ କେନ୍ଦ୍ରର ପ୍ରତିଶ୍ରୁତି**

**ଏଲ୍‌ପିଜି ଉତ୍ପାଦନ ୨୫% ବଢ଼ାଇଲେ ତୈଳ କମ୍ପାନୀ**

**ବୁକିଂ ହୋଇପାରୁନି ନୂଆ ସିଲିଣ୍ଡର**

# ଲୋକସଭା ବାଚସ୍ପତି ବିର୍ଲାଙ୍କ ବିରୋଧରେ ଅନାସ୍ଥା ଖାରଜ

■ ନୂଆଦିଲ୍ଲୀ, ୧୧।୩: ଲୋକସଭାରେ ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି। ବିରୋଧୀ ଦଳ ପକ୍ଷରୁ ଆଗତ ଏହି ପ୍ରସ୍ତାବ ଉପରେ ଦୁଇ ଦିନ ଧରି ଆଲୋଚନା ପରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉତ୍ତର ରଖିଥିଲେ।



**ବାଚସ୍ପତିଙ୍କ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇବା ଦୁର୍ଭାଗ୍ୟଜନକ: ଶାହ**

ଉଠାଇବା ସହିତ ତାଙ୍କ ଠାରୁ କ୍ଷମା ପ୍ରାର୍ଥନା ଦାବି କରିଥିଲେ।

ଦୀର୍ଘ ୧୦ ଘଣ୍ଟାରୁ ଅଧିକ ସମୟ ଧରି ଅନାସ୍ଥା ଉପରେ ଆଲୋଚନାର ଉତ୍ତର ଦେଇ ଅମିତ ଶାହ ବିରୋଧୀ ଦଳଙ୍କର ତୀବ୍ର ସମାଲୋଚନା କରିଥିଲେ। ବାଚସ୍ପତିଙ୍କ ସଚ୍ଚୋଟତା ଉପରେ କେହି ପ୍ରଶ୍ନ

ଏହାପରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଏହି ପ୍ରସ୍ତାବ ବାଚନିକ ଭୋଟରେ ନାକଚ ହୋଇଯାଇଛି। ଉତ୍ତର ଦେବା ସମୟରେ ଅମିତ ଶାହଙ୍କ କିଛି ବକ୍ତବ୍ୟକୁ ନେଇ ବିରୋଧୀ ଦଳର ସାଂସଦ ଆପତ୍ତି ଉଠାଇବା ଠିକ୍ ନୁହେଁ ବୋଲି ଉଲ୍ଲେଖ କରି ସେ କହିଲେ ଯେ ଲୋକସଭା ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ପରିଚାଳିତ ହୁଏ। ଏହା କୌଣସି ନିର୍ଦ୍ଦିଷ୍ଟ ଦଳ ଇଙ୍ଗିତରେ ଚାଲେନାହିଁ। ବାଚସ୍ପତିଙ୍କ ବିରୋଧରେ ▶ପୃଷ୍ଠା-୭

**ରାଜ୍ୟସଭା ନିର୍ବାଚନ**

# ହୁଇପ୍ ଜାରିକଲା ବିଜେଡି

■ ଭୁବନେଶ୍ୱର, ୧୧।୩ (ସମିସ): ଆସନ୍ତା ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିରୋଧୀ ବିଜେଡି ପକ୍ଷରୁ ୩ ଲାଇନର ହୁଇପ୍ ଜାରି ହୋଇଛି। ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ହୁଇପ୍ ଜାରି କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ ଆସନ୍ତା ୧୬ ତାରିଖ ସକାଳ ୯ ଟାରୁ ଅପରାହ୍ନ ୪ଟା ଯାଏଁ ବିଧାନସଭା ପରିସରରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଣୁ ଦଳର କୌଣସି ବିଧାୟକ ଆସନ୍ତା ୧୩ ତାରିଖରୁ ୧୬ ତାରିଖ ଯାଏଁ (ହେଡକ୍ୱାର୍ଟର) ଭୁବନେଶ୍ୱର ନଛାଡ଼ିବାକୁ ଏହି ହୁଇପ୍‌ରେ ନିର୍ଦ୍ଦେଶ ରହିଛି।

**୧୩ ତାରିଖରୁ ୧୬ ତାରିଖ ଯାଏଁ ଭୁବନେଶ୍ୱର ନ ଛାଡ଼ିବାକୁ ନିର୍ଦ୍ଦେଶ**

**ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଶାସକ ଦଳ କର୍ମୀଙ୍କ ଆକ୍ରମଣ**

# ବିଧାନସଭା କମ୍ପାଇଲେ ବିରୋଧୀ

■ ଭୁବନେଶ୍ୱର, ୧୧।୩ (ସମିସ): ଗତକାଲି ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଶାସକ ଦଳର କର୍ମୀ ଓ ଗୁଣ୍ଡାଙ୍କ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ବିଧାନସଭା କମ୍ପାଇଛନ୍ତି ବିରୋଧୀ। ଆଇନଶୃଙ୍ଖଳା ସ୍ଥିତି ଦିନକୁ ଦିନ ଖରାପ ହେଉଥିବା ଦର୍ଶାଇ ଶୂନ୍ୟକାଳରେ ସରକାରଙ୍କ ଉପରେ ବିଜେଡି ସଦସ୍ୟମାନେ ବର୍ଷିଛନ୍ତି। ଶାସକ ଦଳର ଗୁଣ୍ଡାମାନେ ଯେପରି ଆତଙ୍କରାଜ ଜାରି ରଖିଛନ୍ତି, ସେ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଜ୍ୟରେ ଜନ ପ୍ରତିନିଧିମାନେ ଆଦୌ ସୁରକ୍ଷିତ ନାହାନ୍ତି। ରାଜନଗର ଓ ପଟ୍ଟାମୁଣ୍ଡାଇରେ ଶାସକ ଦଳର ଗୁଣ୍ଡାମାନେ ବିଡିଓଙ୍କ ଉପରେ ଆକ୍ରମଣ ଘଟଣାରେ ଆକ୍ରମଣକାରୀଙ୍କୁ ଶାସ୍ତି ଦେବା ପରିବର୍ତ୍ତେ ବିଡିଓଙ୍କୁ ଅନ୍ୟତ୍ର ବଦଳି କରିଦିଆଗଲା। ସବୁଠାରୁ ସ୍ୱର୍ଶକାତର ବିଷୟ ହେଉଛି ଅପରାଧକୁ ଢ଼ାଙ୍କିବାକୁ ସରକାର ଓ ତାଙ୍କ ଦଳର ବିଧାୟକମାନେ ଯୁକ୍ତି ବାଢୁଛନ୍ତି। ଏପରି ▶ପୃଷ୍ଠା-୭

**ରାଜ୍ୟରେ ଜନପ୍ରତିନିଧି ଅସୁରକ୍ଷିତ; କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ: ବିଜେଡି**

**ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ପାଇଁ ସରକାର ଉତ୍ତରଦାୟୀ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ: କଂଗ୍ରେସ**

## କୃଷ୍ଣଚନ୍ଦ୍ରଙ୍କୁ ଦେଖିବାକୁ ଡାକ୍ତରଖାନାରେ ନବୀନ

**“ ରାଜ୍ୟରେ ଆଇନଶୃଙ୍ଖଳା ସଙ୍ଗୀନ; ଘୋଡ଼ା ବେପାରରେ ବିଜେପି ବ୍ୟସ୍ତ**



■ ଭୁବନେଶ୍ୱର, ୧୧।୩ (ସମିସ): ବିଜେପି ଗୁଣ୍ଡାଙ୍କ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କୁ ଦେଖିବାକୁ ଭୁବନେଶ୍ୱରସ୍ଥିତ ଆଇଜିକେସି ହସ୍ପିଟାଲରେ ପହଞ୍ଚିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଡ଼ାକ୍ତରଖାନାରେ ସେ ଶ୍ରୀ ନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହା ସହ ନବୀନ ତାଙ୍କ ଚିକିତ୍ସା ସମ୍ପର୍କରେ ଡ଼ାକ୍ତର ଓ ପରିବାର ଲୋକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ନବୀନ ▶ପୃଷ୍ଠା-୭

# ନାବାଳିକାକୁ ଅପହରଣ, ଦୁଷ୍କର୍ମ ପରେ ହତ୍ୟା

**ଅଭିଯୁକ୍ତ ଗିରଫ**

■ ରାଉରକେଲା, ୧୧।୩ (ସମିସ): ଗତ ୯ ତାରିଖରୁ ନିଖୋଜ ଥିବା ରାଜଗାଙ୍ଗପୁର ବ୍ଲକ୍ ମାଲିଡିହି ପଞ୍ଚାୟତ ଅଧୀନ ଡୁଡି ଗାଁର ୭ ବର୍ଷର ନାବାଳିକାର ମୃତଦେହ ପାହାଡ଼ ଉପର ପଥର ଖୋଲରୁ ପୁଲିସ ଜବତ କରିଛି। ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ପଚରାଉଚରା କରୁଥିବା ସୂଚନା ମିଳିଛି। ଅଭିଯୁକ୍ତ ଯୁବକ ହେଉଛି ଡୁଡି ଗାଁର ମାଇକେଲ କିଣ୍ଡୋ(୨୪) ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୯ ତାରିଖ ସନ୍ଧ୍ୟାରେ ନାବାଳିକା ସ୍କୁଲରୁ ଫେରି ଘର ନିକଟରେ ଖେଳୁଥିବା ବେଳେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଘଟଣା ପରଦିନ ଏ ସଂକ୍ରାନ୍ତରେ ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଦୁଇ ଅତିରିକ୍ତ ଏସ୍‌ପି ୫ଟି ଦଳ ▶ପୃଷ୍ଠା-୭






**ଦେଶରେ ପ୍ରଥମ**

# ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ସୁପ୍ରିମକୋର୍ଟ ଆଜି ପ୍ରଥମଥର ପାଇଁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଛନ୍ତି। ୧୩ ବର୍ଷ ଧରି କୋମାରେ ଥିବା ୩୧ ବର୍ଷୀୟ ଯୁବକ ହରିଶ ରାଣାଙ୍କୁ 'ପ୍ୟାସିଭ

**୧୩ ବର୍ଷ କୋମାରେ ଥିବା ଯୁବକଙ୍କୁ ମିଳିଲା ଅନୁମତି**

**ଗୁହାରି କରିଥିଲେ ବାପା-ମା**

ଇଉଥେନେସିଆ' ଦେବାକୁ କୋର୍ଟ ଅନୁମିତ ଦେଇଛନ୍ତି। ଗାଜିଆବାଦ୍‌ର ବାସିନ୍ଦା ହରିଶ ଦୀର୍ଘ ସମୟଧରି ଲାଇଫ୍ ସପୋର୍ଟ ସିଷ୍ଟମରେ ଥିଲେ। ଭାରତରେ ଏହା ଏଭଳି ପ୍ରଥମ ମାମଲା ହେବାକୁ ଯାଉଛି ଯେଉଁଠି କୋର୍ଟଙ୍କ ନିର୍ଦ୍ଦେଶରେ ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହେବ। ସୂଚନାଯୋଗ୍ୟ ଯେ, ୨୦୧୩ ମସିହାରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ହଷ୍ଟେଲର ଚତୁର୍ଥ ମହଲାରୁ ଖସିପଡ଼ି ହରିସ୍ ଗୁରୁତର ଭାବେ ▶ପୃଷ୍ଠା-୭








# କ୍ଷେପଣାସ୍ତ୍ର ଯୁଦ୍ଧ କୌଶଳରେ ପରିବର୍ତ୍ତନ!

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

ତେହେରାନ, ୧୧ ।୩(ଏଜେନ୍ସି): ଗତ ଫେବୃଆରୀ ୨୮ରୁ ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଛି । ଇରାନ ମଧ୍ୟ ଏହି ସଂଘର୍ଷରେ ତା'ର ଆକ୍ରମଣକୁ ଜୋରଦାର କରିଥିଲା । କିନ୍ତୁ ଏବେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣରେ ହ୍ରାସ ହୋଇଥିବା ଲକ୍ଷ୍ୟ କରାଯାଇଛି ଓ ଏ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି । ଏହାକୁ ନେଇ ଯୁଦ୍ଧର ଦୁଇ ପକ୍ଷ ମଧ୍ୟରୁ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି । ଆମେରିକା ଓ ଇସ୍ରାଏଲ ଦାବି କରିଛନ୍ତି ଯେ ସେମାନେ ଇରାନର ପ୍ରାୟ ୭୫ ପ୍ରତିଶତ କ୍ଷେପଣାସ୍ତ୍ର ଲଞ୍ଚର ନଷ୍ଟ କରିଦେଇଛନ୍ତି । ଫଳରେ ଇରାନର କ୍ଷେପଣାସ୍ତ୍ର ଫିଙ୍ଗିବାର କ୍ଷମତା ହ୍ରାସ ପାଇଛି । ରିପୋର୍ଟ ଅନୁସାରେ, ଇରାନର ଦୈନିକ କ୍ଷେପଣାସ୍ତ୍ର ଆକ୍ରମଣ ଫେବୃଆରୀ ୨୮ରୁ ୯୦ରୁ ୯୨ ପ୍ରତିଶତ କମିଯାଇଛି । ତେବେ ଇରାନ ଏହି ଦାବିକୁ ଖଣ୍ଡନ କରିଛି । ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ (ଆଇଆରଜିସି) କହିଛି ଯେ ଏହା କୌଣସି ଦୁର୍ବଳତା ନୁହେଁ, ବରଂ ଏହା ଏକ ନୂତନ ଯୁଦ୍ଧ ରଣନୀତି । ଇରାନ ଏବେ ହାଲକା କ୍ଷେପଣାସ୍ତ୍ର ବଦଳରେ ଏକ ଟନ୍‌ରୁ ଅଧିକ ଓଜନର ୱାରହେଡ୍ ଥିବା କ୍ଷେପଣାସ୍ତ୍ର ବ୍ୟବହାର କରିବ ବୋଲି ଘୋଷଣା କରିଛି । ଇରାନ ଏହାକୁ ଏକ କୌଶଳଗତ ପରିବର୍ତ୍ତନ ବୋଲି କହିଛି । ଯୁଦ୍ଧର ପ୍ରଥମ ଦିନ ଅର୍ଥାତ ଫେବୃଆରୀ ୨୮ରେ ଇରାନ ୪୮୦ଟି କ୍ଷେପଣାସ୍ତ୍ର ମାରିଥିବା ବେଳେ ମାର୍ଚ୍ଚ ୯ ବେଳକୁ ତାହା ୪୦କୁ ଖସିଆସିଛି । ଇସ୍ରାଏଲ ଦାବି ଅନୁସାରେ, ଯୁଦ୍ଧ ପୂର୍ବରୁ ଇରାନ ପାଖରେ ୪୦୦ରୁ ୫୫୦ଟି ଲଞ୍ଚର ମଧ୍ୟରୁ ୩୦୦ରୁ ୪୧୫ଟି ନଷ୍ଟ ହୋଇସାରିଛି । ଡ୍ରୋନ୍ ଆକ୍ରମଣରେ ମଧ୍ୟ ଇରାନ ଏବେ ପଛରେ ପଡ଼ିଛି । ଫେବୃଆରୀ ୨୮ରେ ଡ୍ରୋନ ଆକ୍ରମଣ ୭୨୦ ଥିଲା । ଏବେ ମାର୍ଚ୍ଚ ୯ରେ ଏହା ୬୦କୁ ଅର୍ଥାତ ୯୨ ପ୍ରତିଶତ ହ୍ରାସ ହୋଇଛି । ଇରାନ ମଙ୍ଗଳବାର ରାତିରେ ଖୋରାମଶାହର, ଫତହ ଓ ଖୈବର ଭଳି ନୂତନ ଏବଂ ଅଧିକ ଶକ୍ତିଶାଳୀ କ୍ଷେପଣାସ୍ତ୍ର ବ୍ୟବହାର କରି ବଡ଼ ଧରଣର ଆକ୍ରମଣ କରିଛି । ଏହି ଆକ୍ରମଣରେ କାତାର, ଇରାକ, ବାହାରିନ ଓ ସାଉଦି ଆରବରେ ଥିବା ଆମେରିକୀୟ ଘାଟିଗୁଡ଼ିକୁ ନିଶାଣ କରାଯାଇଛି । ଅନ୍ୟପକ୍ଷରେ କହିବାକୁ ଗଲେ ଆମେରିକା ଓ ଇସ୍ରାଏଲ ଇରାନର ଲଞ୍ଚ କ୍ଷମତାକୁ ଦୁର୍ବଳ କରିଥିବା ବେଳେ ଇରାନ ନିଜର ଶକ୍ତିଶାଳୀ ମାରଣାସ୍ତ୍ରଗୁଡ଼ିକୁ ସଞ୍ଚୟ କରୁଥିବା କୁହାଯାଉଛି । ଆଗାମୀ କିଛି ସପ୍ତାହ ମଧ୍ୟରେ ଯୁଦ୍ଧର ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ ।



## ଇରାନର ୧୬ ଜାହାଜ ଧ୍ୱଂସ କଲା ଆମେରିକା

ୱାସିଂଟନ, ୧୧।୩ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏଭଳି ସମୟରେ ଇରାନ ହର୍ମୁଜ ଷ୍ଟ୍ରେଟକୁ ବନ୍ଦ କରିବା ପାଇଁ ପ୍ରୟାସ କରୁଛି । ମାତ୍ର ଆମେରିକା କାର୍ଯ୍ୟାନୁଷ୍ଠାନରେ ଏହା ବିଫଳ ହୋଇଯାଇଛି । ମାଇନ୍ ବିଛାଉ ଥିବା ଇରାନର ୧୬ରୁ ଅଧିକ ଜାହାଜକୁ ଧ୍ୱଂସ କରିଦେଉଛୁ ବୋଲି ଆମେରିକା ଦାବି କରିଛି । ଆମେରିକା ସେନା ମାଇନ ବିଛାଉ ଥିବା ଜାହାଜଗୁଡ଼ିକୁ ନଷ୍ଟ କରିବାର ଦାବି ସହିତ କିଛି ଭିଡିଓ ମଧ୍ୟ ଜାରି କରିଛି । ପୂର୍ବରୁ ଟ୍ରମ୍ପ ଏ ନେଇ ଚେତାବନୀ ଦେଇଥିଲେ । ଏହି ଜଳପଥରେ ବିଛାଯାଇଥିବା କୌଣସି ବି ମାଇନ୍‌କୁ ତୁରନ୍ତ ନ ହଟାଇଲେ ଆମେରିକା ଏଭଳି ଆକ୍ରମଣ କରିବ ଯାହା ପୂର୍ବରୁ କେବେ ହୋଇ ନ ଥିବ ବୋଲି କହିଥିଲେ । ଅନ୍ୟପଟେ ଏହି ମାର୍ଗ ଦେଇ ତୈଳ ରପ୍ତାନୀକୁ ବନ୍ଦ କରିଦେବାକୁ ଇରାନ ଚେତାବନୀ ଦେଇଛି । ଜବାବରେ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ କହିଛନ୍ତି ଯେ ଏହି ଯୁଦ୍ଧର ସବୁଠାରୁ ବଡ଼ ଆକ୍ରମଣ ହେବା ବାକି ଅଛି । ସେହିପରି ଏହି ସଂଘର୍ଷରେ ଆମେରିକାର ଅନେକ ସୈନିକ ଆହତ ହୋଇଛନ୍ତି ବୋଲି ପେଣ୍ଟାଗନ ପକ୍ଷରୁ କୁହାଯାଇଛି ।

## ଫାରୁକ ଅବଦୁଲ୍ଲାଙ୍କୁ ଗୁଳିମାଡ଼



ଜମ୍ମୁ, ୧୧।୩ (ଏଜେନ୍ସି): ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏନ୍‌ସି ମୁଖ୍ୟ ଡକ୍ଟର ଫାରୁକ୍ ଅବଦୁଲ୍ଲାଙ୍କ ଉପରେ ଗୁଳିମାଡ଼ ହୋଇଛି । ମାତ୍ର ସେ ଏହି ଗୁଳିମାଡ଼ରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁଯାୟୀ, ଜମ୍ମୁର ଗ୍ରେଟର କୈଳାଶ ଅଞ୍ଚଳରେ ଜଣେ ଓକିଲଙ୍କ ବିବାହ ଉତ୍ସବରେ ଯୋଗ ଦେବାକୁ ଫାରୁକ ଯାଇଥିବା ବେଳେ ଏହି ଗୁଳିମାଡ଼ ହୋଇଥିଲା । ଆକ୍ରମଣକାରୀକୁ ପୁଲିସ ଗିରଫ କରିଛି । ତାକୁ ପଚରାଉଚରା କରାଯାଉଛି । ଆଜି ଫାରୁକ ଜମ୍ମୁରେ ଥିଲେ । ଦଳୀୟ କର୍ମକର୍ତ୍ତା ତଥା ଓକିଲଙ୍କ ପୁଅର ବିବାହ କାର୍ଯ୍ୟକ୍ରମରେ ସେ ସାମିଲ ହେବାକୁ ଏଠାକୁ ପହଞ୍ଚିଥିଲେ । ପ୍ରାୟ ଏକ ଘଣ୍ଟା କାଳ ଫାରୁକ୍ ଅବଦୁଲ୍ଲା ସେଠାରେ ରହିଥିଲେ । ଫାରୁକ୍ ବଙ୍କେଟ ହଲ୍‌ରୁ ବାହାରକୁ ଆସିଲାବେଳେ ତାଙ୍କ ଉପରକୁ ଗୁଳି ମାଡ଼ କରାଯାଇଥିଲା । ପୂର୍ବରୁ ଅଭିଯୁକ୍ତ ବୁଦା ମୂଳେ ଲୁଚି ରହିଥିଲା । ଏହି ସମୟରେ ଫାରକୁଙ୍କ ସହ ଜମ୍ମୁ-କଶ୍ମୀରର ଉପ-ମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀ ମଧ୍ୟ ଥିଲେ ।

## ଅବତରଣ ସମୟରେ ଏୟାର ଇଣ୍ଡିଆ ବିମାନର ନୋଜ ହ୍ୱିଲ୍ ବାହାରିଗଲା

ବ୍ୟାଙ୍କକ୍, ୧୧ ।୩(ଏଜେନ୍ସି): ଥାଇଲାଣ୍ଡ ଫୁକେଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ଟଳିଯାଇଛି । ହାଇଦରାବାଦ୍‌ରୁ ଆସୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ଅବତରଣ ସମୟରେ ବଡ଼ଧରଣର ଯାନ୍ତ୍ରିକ ତ୍ରୁଟି କାରଣରୁ ରନୱେ ମଝିରେ ଅଟକି ଯାଇଥିଲା । ବିମାନଟି ହାଇଦରାବାଦ୍‌ରୁ ଫୁକେଟ ଅଭିମୁଖେ ଯାଉଥିବା ଫ୍ଲାଇଟ୍ ଆଇଏକ୍ସ୯୩୮ ଥିଲା । ଏଥିରେ ୧୩୩ ଜଣ ଯାତ୍ରୀ ଥିଲେ । ଏବେ ସମସ୍ତେ ସୁରକ୍ଷିତ ଅଛନ୍ତି । ବିମାନଟି ରନୱେରେ ହାର୍ଡ ଲ୍ୟାଣ୍ଡିଂ ଅର୍ଥାତ ଶକ୍ତ ଭାବେ ଅବତରଣ କରିଥିଲା, ଯାହା ଫଳରେ ବିମାନର ସମ୍ମୁଖ ଭାଗ ଚକ ବା ନୋଜ୍ ଲ୍ୟାଣ୍ଡିଂ ଗିୟର କ୍ଷତିଗ୍ରସ୍ତ ହୋଇଥିଲା । ବିମାନଟି ରନୱେରେ ଅଟକି ରହିବାରୁ ସୁରକ୍ଷା ଦୃଷ୍ଟିକୋଣରୁ ଫୁକେଟ ବିମାନ ବନ୍ଦରର ରନୱେକୁ ପ୍ରାୟ ୬ ଘଣ୍ଟା ପାଇଁ ବନ୍ଦ କରିଦିଆଯାଇଥିଲା । ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କୌଣସି ବିମାନ ଚଳାଚଳ କରିପାରି ନଥିଲା । ଏୟାର ଇଣ୍ଡିଆ ଏକ୍ସପ୍ରେସ ତରଫରୁ କୁହାଯାଇଛି, ବିମାନର କ୍ରୁ ମେମ୍ବରମାନେ ସମସ୍ତେ ନିର୍ଦ୍ଧାରିତ ସୁରକ୍ଷା ନିୟମ ପାଳନ କରିଥିଲେ ଓ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବିମାନରୁ ଓହ୍ଲାଇ ଦିଆଯାଇଥିଲା । ବିମାନବନ୍ଦର କର୍ତ୍ତୃପକ୍ଷ ବିମାନଟି ରନୱେରୁ ହଟାଇବା ପାଇଁ ଓ ଯାଞ୍ଚ୍ ପାଇଁ କାର୍ଯ୍ୟ ଜାରି ରଖିଥିଲେ ।

## ବାହାହେଲେ 'ମହାକୁମ୍ଭ' ଗାର୍ଲ ମୋନାଲିସା

ତିରୁଅନନ୍ତପୁରମ, ୧୧।୩ (ଏଜେନ୍ସି): ମହାକୁମ୍ଭ ମେଳାରେ ମାଳା ବିକ୍ରି କରି ନିଜର ନିଆରା ଆଖି ପାଇଁ ଭାଇରାଲ ହୋଇଥିବା ଯୁବତୀ ମୋନାଲିସା ଭୋସ୍‌ଲେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସେ ପ୍ରେମିକ ଫର୍ମାନ ଖାନଙ୍କ ହାତ ଧରିଛନ୍ତି । କେରଳ ରାଜଧାନୀର ପୁବାର ସ୍ଥିତ ଅରୁମାନୁର ଶ୍ରୀ ନୈନାର ଦେବ ମନ୍ଦିରରେ ଉଭୟଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି । ଏବେ ମୋନାଲିସା ନିଜର ପ୍ରଥମ ମାଲାୟାଲମ ଚଳଚ୍ଚିତ୍ର ନାଗମା ସୁଟିଂରେ ବ୍ୟସ୍ତ ଅଛନ୍ତି । ସୂଚନା ଅନୁଯାୟୀ, ମୋନାଲିସା ମଧ୍ୟପ୍ରଦେଶ ଇନ୍ଦୋରର ଏବଂ ଫର୍ମାନ ମହାରାଷ୍ଟ୍ରର ବାସିନ୍ଦା । ୬ ମାସ ତଳେ ଫେସବୁକରେ ଉଭୟଙ୍କ ସାକ୍ଷାତ ହୋଇଥିଲା । ମାତ୍ର ଉଭୟେ ଅଲଗା ଅଲଗା ଧର୍ମର ହୋଇଥିବାରୁ ମୋନାଲିସାଙ୍କ ବାପା ଜୟ ସିଂହ ଭୋସଲେ ଏହାକୁ ତୀବ୍ର ବିରୋଧ କରିଥିଲେ । ଅନ୍ୟ ଜଣଙ୍କ ସହ ବିବାହ କରାଇଦେବାକୁ ସେ ଚାପ ପକାଇଥିଲେ । ପୁବାରରୁ ନେଇଯିବାକୁ ଆସିଥିଲେ । ଫଳରେ ପ୍ରେମୀ ଯୁଗଳ ପୁଲିସକୁ ସୁରକ୍ଷା ମାଗିଥିଲେ । ପରେ ବାପାଙ୍କୁ ଥାନାକୁ ଡାକି ଝିଅର ବୟସ ୧୮ ବର୍ଷ ହୋଇଯାଇଛି ବୋଲି ପୁଲିସ ତାଙ୍କୁ ବୁଝାଇଥିଲା । ଥାନାରୁ ଫେରିବା ପରେ ମୋନାଲିସା ଏବଂ ଫର୍ମାନ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । ସେ କେରଳରେ ରହିବେ ବୋଲି କହିଛନ୍ତି ।



## ମଧ୍ୟପ୍ରାଚ୍ୟ ଯୁଦ୍ଧର କରାଳ ରୂପ: ପାଳିତ ପଶୁଙ୍କୁ ରାସ୍ତାରେ ଛାଡ଼ି ପଳାୟନ କରୁଛନ୍ତି ଲୋକେ



ତେଲ ଆଭିଭ/ତେହେରାନ, ୧୧ ।୩(ଏଜେନ୍ସି): ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟାବହ ଯୁଦ୍ଧ ଏବେ ମାନବିକ ସଙ୍କଟ ସହିତ ଆମାନବୀୟ ସମସ୍ୟା ମଧ୍ୟ ସୃଷ୍ଟି କରିଛି । ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଲୋକମାନେ ଦେଶ ଛାଡ଼ି ପଳାଉଥିବା ବେଳେ ନିଜର ପାଳିତ କୁକୁର, ବିରାଡ଼ି ଓ ଅନ୍ୟ ପଶୁମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ଦେଉଛନ୍ତି । ଅନେକ ଲୋକ ନିଜ ପାଳିତ ପଶୁଙ୍କୁ ବିନା ଖାଦ୍ୟ ଓ ପାଣିରେ ପ୍ରବଳ ଖରା ଓ ରାସ୍ତା କଡ଼ରେ ଥିବା ଖୁଣ୍ଟିରେ ବାନ୍ଧି ପଳାଉଛନ୍ତି । କେତେକ ସ୍ଥାନରେ ଘର ବାହାରେ ପିଞ୍ଜରା ବନ୍ଦ କରି ପଶୁମାନଙ୍କୁ ଛାଡ଼ି ଦିଆଯାଉଛି । ସେହିପରି ଆବୁଧାବିର ଏକ ସ୍ଥାନରେ ଏକ ବାକ୍ସ ଭିତରେ ବିରାଡ଼ି ଓ ତା'ର ଛୁଆଙ୍କୁ ଦେଖିବାକୁ ମିଳିଛି । ଯେଉଁଥିରେ ଲେଖା ଥିଲା- 'ସରି ପରିସ୍ଥିତି ଏପରି ଯେ ଆମକୁ ଦେଶ ଛାଡ଼ିବାକୁ ପଡୁଛି । ଏଭଳି ସ୍ଥିତିରେ ପଶୁଙ୍କୁ ସାଙ୍ଗରେ ନେବା ସମ୍ଭବ ନୁହେଁ' । ପଶୁ କଲ୍ୟାଣକାରୀ ସଂସ୍ଥାଗୁଡ଼ିକ କହିଛନ୍ତି ଯେ ଏଭଳି ଘଟଣା ସାଧାରଣ ଦିନ ତୁଳନାରେ ଶହେ ଗୁଣ ବୃଦ୍ଧି ପାଇଛି । କିଛି ସ୍ଥାନରେ ଛାଡ଼ି ଦିଆଯାଇଥିବା କୁକୁରଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି । ଏହି ଯୁଦ୍ଧର ଆହୁରି କେତୋଟି ଦୁଃଖଦ ଦିଗକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି । ଇରାନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ଯୁଦ୍ଧରେ ମୃତକଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ହେଉଛନ୍ତି ଶିଶୁ । ହସ୍ପିଟାଲରେ ମଧ୍ୟ ଆହତ ଶିଶୁଙ୍କର ଚିକିତ୍ସା ଚାଲିଛି । ସେପଟେ ଲେବାନନ୍‌ରେ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ଲକ୍ଷେ ଲୋକ ଘରଦ୍ୱାର ଛାଡ଼ି ପଳାଇବାକୁ ବାଧ୍ୟ ହୋଇଛନ୍ତି । ରାସ୍ତା କଡ଼ରେ ଓ ସମୁଦ୍ର କୂଳରେ ପରିବାରଗୁଡ଼ିକ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି । ଇରାନ ଓ ଲେବାନନରେ ବଡ଼ ବଡ଼ କୋଠା ବାଡ଼ି, ତେଲ ଭଣ୍ଡାର ଓ ଭିତ୍ତିଭୂମି ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଛି । ଚାରିଆଡ଼େ କେବଳ ଧୂଆଁ ଓ ମଳିନ ଚିତ୍ର ଦେଖିବାକୁ ମିଳୁଛି । ଇରାନରେ ହୋଇଥିବା ବିସ୍ଫୋରଣ ଓ ଆକ୍ରମଣ ଯୋଗୁଁ କେବଳ ଘରବାଡ଼ି ନୁହେଁ, ପଶୁପକ୍ଷୀଙ୍କ ଜୀବନ ମଧ୍ୟ ଦୁର୍ବିସହ ହୋଇପଡ଼ିଛି । ଯୁଦ୍ଧର ଏହି ଭୟାବହ ଛାୟା ଏବେ ମାନବିକତା ଓ ପ୍ରାଣୀ କଲ୍ୟାଣ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଇରାନ ଉପରେ ଆକ୍ରମଣର ସୂଚନା ପୂର୍ବରୁ ପାଇଥିଲା ଚୀନ୍

**ଯୁଦ୍ଧ ବିମାନ, ଏୟାରକ୍ରାଫ୍ଟ କ୍ୟାରିଅର ଉପଗ୍ରହ ଜରିଆରେ ଟ୍ରାକ୍ କରୁଥିଲା ଚୀନର ଏଆଇ କମ୍ପାନୀ**

ନୂଆଦିଲ୍ଲୀ, ୧୧ ।୩(ଏଜେନ୍ସି): ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ପ୍ରଥମ ମିସାଇଲ ମାଡ଼ ହେବାର ବହୁ ପୂର୍ବରୁ ଚୀନର ସାମାଜିକ ଗଣମାଧ୍ୟମରେ ଆମେରିକା ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବାରୁ ସଙ୍କେତ ମିଳିଥିଲା । ଆମେରିକୀୟ ସାମରିକ ପ୍ରସ୍ତୁତି ସହ ଜଡ଼ିତ ଉପଗ୍ରହ ଚିତ୍ରଗୁଡ଼ିକ ଅନ୍‌ଲାଇନ୍‌ରେ ଦ୍ରୁତଗତିରେ ଭାଇରାଲ ହୋଇଥିଲା । ସାଙ୍ଘାଇର ଜିଓ ସ୍ପେଶିଆଲ ଇଣ୍ଟେଲିଜେନ୍ସ କମ୍ପାନୀ 'ମିଜାର ଭିଜନ' ଏହି ଉପଗ୍ରହ ଚିତ୍ରଗୁଡ଼ିକୁ ସେୟାର କରିଥିଲା । ଏହି ଚିତ୍ରଗୁଡ଼ିକରେ କେଉଁଠି ଯୁଦ୍ଧ ବିମାନ ରହିଛି, କେଉଁଠି ମିସାଇଲ ଡିଫେନ୍ସ ସିଷ୍ଟମ ରହିଛି ଏବଂ ସୈନ୍ୟବାହିନୀ କେଉଁଠି ମୁତୟନ ଅଛନ୍ତି, ତାହା ଅତ୍ୟନ୍ତ ସଠିକ ଭାବେ ଚିହ୍ନଟ କରାଯାଇଥିଲା । ଏହି କମ୍ପାନୀ ସର୍ବସାଧାରଣ ତଥ୍ୟ ଯଥା ଉପଗ୍ରହ ଚିତ୍ର, ଏୟାରକ୍ରାଫ୍ଟ ଟ୍ରାକିଂ ସିଗନାଲ, ଜାହାଜ ଟ୍ରାକିଂ ଡାଟାକୁ ଏକାଠି କରି ଏଆଇ ମଡେଲ ସହାୟତାରେ ବିଶ୍ଳେଷଣ କରୁଥିଲା । ଏହାକୁ ଅନେକ ସମୟରେ 'ଇଣ୍ଟେଲିଜେନ୍ସର ବ୍ଲୁମ୍‌ବର୍ଗ' ବୋଲି କୁହାଯାଉଛି । ମିଜାର ଭିଜନ ଦ୍ୱାରା ଦର୍ଶାଯାଇଥିବା ଅନେକ ସାମରିକ ଘାଟି ପରେ ଇରାନର ମିସାଇଲ ଓ ଡ୍ରୋନ ଆକ୍ରମଣର ଶିକାର ହୋଇଥିଲା । ଉଦାହରଣ ସ୍ୱରୂପ, ଜୋର୍ଡାନରେ ଥିବା ଏକ ରାଡ଼ାର ସିଷ୍ଟମକୁ ଇରାନ ଧ୍ୱଂସ କରିଦେଇଥିଲା । ଯଦିଓ ଇରାନ ଏହି ତଥ୍ୟକୁ ସିଧାସଳଖ ବ୍ୟବହାର କରିଛି କି ନାହିଁ ତା'ର ପକ୍କା ପ୍ରମାଣ ଜଣାପଡ଼ିନାହିଁ, କିନ୍ତୁ ଏଭଳି ସମ୍ବେଦନଶୀଳ ସାମରିକ ସୂଚନା ସର୍ବସାଧାରଣରେ ଉପଲବ୍ଧ ହେବା ଆମେରିକା ଓ ଇସ୍ରାଏଲ ପାଇଁ ଏକ ବଡ଼ ସୁରକ୍ଷା ଚିନ୍ତାର ବିଷୟ ପାଲଟିଛି । ଏହି କମ୍ପାନୀଟି ୨୦୦ରୁ କମ୍ କର୍ମଚାରୀଙ୍କୁ ନେଇ ଚାଲୁଥିଲେ ମଧ୍ୟ ଏହାର ତଥ୍ୟ ବିଶ୍ଳେଷଣ କ୍ଷମତା ଜାତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ସହ ତୁଳନୀୟ ।



## ପ୍ରତି ୧୨ ଘଣ୍ଟାରେ ବୟାନ ବଦଳାଉଛନ୍ତି ଟ୍ରମ୍ପ

ୱାସିଂଟନ, ୧୧।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତିଙ୍କୁ ପୋଟୁସ କୁହାଯାଏ । ଏବେ ଡୋନାଲ୍ଡ ଟ୍ରମ୍ପ ପୋଟୁସ ଅଛନ୍ତି । ମାତ୍ର ପଲ୍‌ଟୁରାମ ପୋଟସ୍ ଭାବେ ବିଶ୍ୱରେ ତାଙ୍କ ଖ୍ୟାତି ବଢ଼ିବାରେ ଲାଗିଛି । କାରଣ ଟ୍ରମ୍ପ ଯାହା କହନ୍ତି, କିଛି ସମୟ ପରେ ସେଥିରୁ ଓହରି ଯାଆନ୍ତି । ଅନେକ ଥର ସେ ଏପରି କରିଛନ୍ତି । ଇରାନ ସହ ଯୁଦ୍ଧ ଲଢୁଥିଲେ ବି ଟ୍ରମ୍ପଙ୍କ ଏହି ପଲଟିବା ରୋଗ ଯାଉନାହିଁ । ସେ ପ୍ରତି ୧୨ ଘଣ୍ଟାରେ ନିଜ ବୟାନ ବଦଳାଇ ଚାଲିଛନ୍ତି । ତାଙ୍କ କଥା କିମ୍ବା କାମ କେଉଁଥିରେ ବି ତାଳମେଳ ରହୁନି । ମାତ୍ର ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିବାରେ ସେ ଧୂରନ୍ଧର ହୋଇ ଯାଇଛନ୍ତି । ଶୁଳ୍କ ହେଉ କି ଭେନେଜୁଏଲା ସ୍ଥିତି ଅବା ଇରାନ ଯୁଦ୍ଧ ସବୁଠି ଟ୍ରମ୍ପଙ୍କ ପଲଟୁରାମ ନୀତି ଦେଖିବାକୁ ମିଳିଛି । ଫଳରେ ସ୍ଥିତି ସ୍ପଷ୍ଟ ହେବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଉଛି । ଏବେ ପଲଟୁରାମ ପୋଟୁସ କହିଛନ୍ତି ଯେ ଅନେକ ସ୍ଥିତିରେ ଆମେରିକା ଏହି ଯୁଦ୍ଧ ଜିତି ସାରିଛି । ମାତ୍ର ସମ୍ପୂର୍ଣ୍ଣ ବିଜୟ ମିଳିପାରି ନାହିଁ । ଟ୍ରମ୍ପଙ୍କ ଏହି ମନ୍ତବ୍ୟରୁ ଯୁଦ୍ଧ କେବେ ବନ୍ଦ ହେବ ତାହା ସ୍ପଷ୍ଟ ହୋଇପାରୁ ନାହିଁ । ସେ ପୁଣି ଶୀଘ୍ର ଯୁଦ୍ଧ ବନ୍ଦ ହେବ କହୁଛନ୍ତି । ଏଭଳି ବୟାନ ଦେଉଥିବାରୁ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି ହେଉଛି । ଟ୍ରମ୍ପଙ୍କ ଲକ୍ଷ୍ୟ କ'ଣ ମଧ୍ୟ ତାହା ବୁଝା ପଡୁନି । ଏପଷ୍ଟିନ ଫାଇଲରୁ ନଜର ହଟାଇବା ପାଇଁ ପୋଟୁସ ଏପରି କରୁଥାଇପାରନ୍ତି ବୋଲି କୁହାଯାଉଛି । ସେପଟେ ବି-୫୨ ବମ୍ବର ବିମାନରୁ ଇରାନ ଉପରେ ଆମେରିକା ୩୨ ହଜାର କେଜିର ବୋମା ମାଡ଼ କରିପାରେ ବୋଲି ସୂଚନା ମିଳିଛି ।

ସୋମବାର ଟ୍ରମ୍ପ ଫ୍ଲୋରିଡ଼ାରେ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏଥିରେ ସେ ତୈଳ ସଙ୍କଟର ମୁକାବିଲା ପାଇଁ ନିଜ ଯୋଜନା ଏବଂ ଆଶ୍ୱାସନା ଦେବାର ଥିଲା । ମାତ୍ର ସେ କିଛି କହି ନ ଥିଲେ । ଇରାନର ସାମରିକ ଶକ୍ତିକୁ ଆମେରିକା ଧ୍ୱଂସ କରିଦେଇଥିବା ଉଲ୍ଲେଖ କରିଥିଲେ । ଏହାର ୧୨ ଘଣ୍ଟା ପରେ ଟ୍ରମ୍ପ ସିବିଏସ ନ୍ୟୁଜକୁ ଫୋନ ଯୋଗେ ସାକ୍ଷାତକାର ଦେଇ ଯୁଦ୍ଧ ସମ୍ପୂର୍ଣ୍ଣ ଶେଷ ହୋଇଥିବା କହିଥିଲେ । ମାତ୍ର ଏହା ପରେ ସାମ୍ବାଦିକ ସମ୍ମିଳନୀରେ ଚଳିତ ସପ୍ତାହରେ ଯୁଦ୍ଧ ବନ୍ଦ ହେବନି ବୋଲି ସୂଚନା ଦେଇଥିଲେ । ପରେ ସାମାଜିକ ଗଣମାଧ୍ୟମରେ ଶୀଘ୍ର ଶେଷ ହେବ କହିଥିଲେ । ମାତ୍ର ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ଏଡ଼ାଇ ଦେଇଥିଲେ । ଏବେ ଯୁଦ୍ଧ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ଉଲ୍ଲେଖ କରିଥିଲେ । ଏହା ପରେ ପୋଟୁସ ନୂଆ ଦେଶର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରେ ବୋଲି ଉଲ୍ଲେଖ କରିଥିଲେ । ଅନ୍ୟପଟେ ଟ୍ରମ୍ପଙ୍କ ପରାମର୍ଶଦାତା ଏଭଳି ଯୋଜନା ନ ଥିବା ସ୍ପଷ୍ଟ କରିଥିଲେ । ସେହିପରି ମଙ୍ଗଳବାର ଟ୍ରମ୍ପ କହିଥିଲେ ଯେ ଇରାନ ଯେଉଁ ସର୍ତ୍ତ ପାଇଁ ରାଜି ହେବ ତାହା ଉପରେ ଆଲୋଚନା କରାଯିବ ।

ଗତ ଦଶ ଦିନ ହେଲା ଟ୍ରମ୍ପ ଅନେକ ଥର ନିଜ ବୟାନ ବଦଳାଇଛନ୍ତି । ଏହାକୁ ନେଇ ଆମେରିକାରେ ପୋଟୁସଙ୍କୁ ନିନ୍ଦା କରାଯାଉଛି । ଡେମୋକ୍ରାଟ ନେତାମାନେ କହିଛନ୍ତି ଯେ ରଣନୀତି ଏବଂ ଭବିଷ୍ୟତକୁ ନେଇ ଟ୍ରମ୍ପଙ୍କ ପାଖରେ କୌଣସି ଯୋଜନା ନ ଥିବା ତାଙ୍କ ବୟାନରୁ ସ୍ପଷ୍ଟ ହେଉଛି । ପୂର୍ବରୁ ରୁଷ ତୈଳ କିଣୁଥିବା ଦେଶ ଉପରେ ଟ୍ରମ୍ପ କଟକଣା ଲଗାଇ ଥିବାବେଳେ ଏବେ ଅନୁମତି ଦେଉଛନ୍ତି ।

## ନ୍ୟାୟପାଳିକା ଅଧ୍ୟାୟର ଲେଖକମାନେ ଆଗାମୀ ପିଢ଼ି ପାଇଁ ଲେଖିବାକୁ ଅଯୋଗ୍ୟ

**ଏନ୍‌ସିଇଆରଟି ପାଠ୍ୟ ପୁସ୍ତକ ବିବାଦ**

ନୂଆଦିଲ୍ଲୀ, ୧୧ ।୩(ଏଜେନ୍ସି): ବହୁ ଚର୍ଚ୍ଚିତ ଏନ୍‌ସିଇଆରଟି ପାଠ୍ୟ ପୁସ୍ତକ ବିବାଦରେ ସୁପ୍ରିମକୋର୍ଟ ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର 'ନ୍ୟାୟପାଳିକା' ଅଧ୍ୟାୟକୁ ନେଇ କୋର୍ଟ ବୁଧବାର ଏକ କଠୋର ଆଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଏହି ଅଧ୍ୟାୟ ପ୍ରସ୍ତୁତ କରିଥିବା ଲେଖକମାନଙ୍କର ବିଚାରଧାରା ଅତି ନିମ୍ନମାନର ଏବଂ ସେମାନେ ଆଗାମୀ ପିଢ଼ିପାଇଁ ପାଠ୍ୟପୁସ୍ତକ ଲେଖିବାକୁ ଓ ପ୍ରସ୍ତୁତ କରିବାକୁ ଯୋଗ୍ୟ ନୁହନ୍ତି । କୋର୍ଟ ୩ ଜଣ ଲେଖକଙ୍କ ବିରୋଧରେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ଲେଖକମାନେ ହେଲେ-ପ୍ରଫେସର ମିସେଲ ଦାନିନୋ, ସୁପର୍ଣ୍ଣା ଦିବାକର ଓ ଆଲୋକ ପ୍ରସନ୍ନ କୁମାର । କୋର୍ଟ ଏହି ୩ ଜଣଙ୍କୁ ଭବିଷ୍ୟତରେ କୌଣସି ପାଠ୍ୟକ୍ରମ ପ୍ରସ୍ତୁତିରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି ୩ଜଣଙ୍କୁ କୌଣସି ଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ କିମ୍ବା ସରକାରୀ ପାଣ୍ଠିରୁ କୌଣସି ପ୍ରକାର ପେମେଣ୍ଟ ଦିଆଯିବ ନାହିଁ । ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ଶୀର୍ଷକ ଏକ ଅଧ୍ୟାୟରେ ନ୍ୟାୟପାଳିକାର କାର୍ଯ୍ୟକଳାପକୁ ଭୁଲ ଭାବେ ଉପସ୍ଥାପନ କରାଯାଇଥିବା କୋର୍ଟ ଦର୍ଶାଇଛନ୍ତି । କୋର୍ଟ କହିଛନ୍ତି ଯେ ଏହା କୋମଳମତି ଛାତ୍ରଛାତ୍ରୀଙ୍କ ମନରେ ସାମ୍ବିଧାନିକ ସଂସ୍ଥା ପ୍ରତି ନକାରାତ୍ମକ ଚିନ୍ତାଧାର ସୃଷ୍ଟି କରୁଛି । ପୁଣି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ବିବାଦୀୟ ଅଧ୍ୟାୟର ପୁନଃଲେଖନ ପାଇଁ ଏକ କମିଟି ଗଠନ କରାଯିବ, ଯେଉଁଥିରେ ଜଣେ ଅବସରପ୍ରାପ୍ତ ବିଚାରପତି, ଜଣେ ବରିଷ୍ଠ ଆଇନଜୀବୀ ଏବଂ ଜଣେ ବରିଷ୍ଠ ଶିକ୍ଷାବିତ୍ ରହିବେ । ଏଥିସହ ଭୋପାଳସ୍ଥିତ ନ୍ୟାସନାଲ ଜୁଡିସିଆଲ ଏକାଡେମୀ ସହାୟତା ନେବାକୁ ମଧ୍ୟ କୁହାଯାଇଛି ।

## ବ୍ୟାଙ୍କ-ଠିକାଦାର ଅସାଧୁମେଣ୍ଟ ନେଇ ସିବିଆଇକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୧।୩ (ଏଜେନ୍ସି): ଦିଲ୍ଲୀ-ଏନସିଆର ଏବଂ ଦେଶର ଅନ୍ୟ ଭାଗରେ ଘର କ୍ରେତାଙ୍କୁ ଠକୁଥିବା ବ୍ୟାଙ୍କ ଏବଂ ଡେଭଲପର୍ସଙ୍କ ଅସାଧୁ ମେଣ୍ଟ ମମଲାର ତଦନ୍ତକୁ ନେଇ ସୁପ୍ରିମକୋର୍ଟ ସିବିଆଇକୁ ଭର୍ତ୍ସନା କରିଛନ୍ତି । ତଦନ୍ତ ଦୀର୍ଘ ଦିନ ପର୍ଯ୍ୟନ୍ତ ଚାଲିଲେ ଫ୍ଲାଟ କ୍ରେତାଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ କୋର୍ଟ ଅପେକ୍ଷା କରିପାରିବେ ନାହିଁ । ଏହି ଲୋକମାନଙ୍କୁ ପୂର୍ବରୁ ବ୍ୟାଙ୍କ ଏବଂ ଡେଭଲପର୍ସମାନେ ଅନେକ ସମସ୍ୟାରେ ପକାଇଛନ୍ତି । ଯଦି ସିବିଆଇ ଆଭିମୁଖ୍ୟ ନ ବଦଳାଏ ତେବେ ତଦନ୍ତ ଉପରେ ନଜର ରଖିବା ପାଇଁ ସୁପ୍ରିମକୋର୍ଟ କମିଟି ଗଠନ କରିବେ । ଯାଞ୍ଚ ପାଇଁ ସିବିଆଇରେ ଅଧିକାରୀଙ୍କ ଅଭାବ ଥିଲେ ରାଜ୍ୟଗୁଡ଼ିକୁ ଚିଠି ଲେଖି ଅର୍ଥନୈତିକ ଶାଖାର ସହାୟତା ଲୋଡ଼ିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଅନୁମତି ଦେଇଛନ୍ତି । ସୂଚନା ଅନୁଯାୟୀ, ସିବିଆଇ ଅନ୍ୟ ରାଜ୍ୟର ମାମଲାଗୁଡ଼ିକୁ ସମ୍ପୃକ୍ତ ରାଜ୍ୟର ଏଜେନ୍ସିକୁ ହସ୍ତାନ୍ତର କରିବା ପାଇଁ ଦାବି କରିଥିଲା ।

## ଟାଇଟାନିକ ପୋଜ୍‌ରେ ଟ୍ରମ୍ପ ଓ ଏପଷ୍ଟିନ୍

ୱାସିଂଟନ, ୧୧ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କୁ ନେଇ ଏବେ ଆଉ ଏକ ବ୍ୟଙ୍ଗାତ୍ମକ ଖବର ସାମ୍ନାକୁ ଆସିଛି । ଏହି ଦୁଇଜଣଙ୍କୁ ନେଇ 'ଟାଇଟାନିକ' ଶୈଳୀର ନିର୍ମିତ ପ୍ରତିମୂର୍ତ୍ତି ମଙ୍ଗଳବାର ୱାସିଂଟନ ଡିସିର 'ନ୍ୟାସନାଲ ମଲ୍'ରେ ଦେଖିବାକୁ ମିଳିଛି । ସୁନେଲୀ ରଙ୍ଗରେ ରଙ୍ଗାୟିତ ଏହି ୧୨ ଫୁଟ୍ ଉଚ୍ଚର ପ୍ରତିମୂର୍ତ୍ତିରେ ଟ୍ରମ୍ପ ଏପଷ୍ଟିନଙ୍କ ପଛରେ ଠିଆ ହୋଇ 'ଟାଇଟାନିକ' ଚଳଚ୍ଚିତ୍ରର ସେହି ପ୍ରସିଦ୍ଧ ଦୃଶ୍ୟକୁ ପୁଣିଥରେ ପୋଜ ଦେଉଥିବାର ଦେଖାଯାଇଛି ।



ଏହି ପ୍ରତିମୂର୍ତ୍ତିର ନାମ 'କିଙ୍ଗ ଅଫ୍ ଦି ୱାର୍ଲ୍ଡ' ରଖାଯାଇଛି । 'ଦି ସିକ୍ରେଟ୍ ହ୍ୟାଣ୍ଡସେକ୍' ନାମକ ଜଣେ ଅଜ୍ଞାତ କଳାକାର ଗୋଷ୍ଠୀ ଏହି ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି । ଏହି ବିବାଦୀୟ ପ୍ରତିମୂର୍ତ୍ତି ସହିତ ଥିବା ଏକ ଫଳକରେ ସେମାନଙ୍କ ସମ୍ପର୍କକୁ 'ଟ୍ରାଜିକ ଲଭ୍ ଷ୍ଟୋରୀ' ଅର୍ଥାତ ଦୁଃଖଦ ପ୍ରେମ କାହାଣୀ ବୋଲି ବ୍ୟଙ୍ଗ କରାଯାଇଛି । ଏହା ବିଳାଶମୟ ଭ୍ରମଣ, ଉତ୍ସବ ଓ ଗୁପ୍ତ ସ୍କେଚ୍ ଉପରେ ଆଧାରିତ ବୋଲି ବ୍ୟଙ୍ଗ କରାଯାଇଛି । ଏହି ଗୋଷ୍ଠୀ ପୂର୍ବରୁ ମଧ୍ୟ ସମାନ ସ୍ଥାନରେ ଏଭଳି ବିବାଦୀୟ କଳାକୃତି ସ୍ଥାପନ କରିସାରିଛନ୍ତି । ସେଗୁଡିକ ହେଲା ବେଷ୍ଟ ଫ୍ରେଣ୍ଡସ୍ ଫର ଏଭର ଅନ୍ୟତମ । ଏଥିରେ ୨୦୨୫ରେ ଏହି ଯୋଡ଼ିଙ୍କ ହାତ ଧରାଧରି ହୋଇଥିବା ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ଏହି ପ୍ରତିମୂର୍ତ୍ତି ଏପରି ଏକ ସମୟରେ ଆସିଛି, ଯେତେବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଅତୀତର ସମ୍ପର୍କକୁ ନେଇ ପୁନର୍ବାର ଚର୍ଚ୍ଚା ଓ ତଦନ୍ତର ଆଶଙ୍କା ଦେଖା ଦେଇଛି । ଏପଷ୍ଟିନ ନାବାଳିକା ଚାଲାଣ ଓ ଶାରୀରିକ ଶୋଷଣ ମାମଲାରେ ଅଭିଯୁକ୍ତ ଥିଲା । ୨୦୧୯ରେ ଜେଲରେ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା ।

### ଇଚ୍ଛାମୃତ୍ୟୁ ପାଇଁ ଅନୁମତି
## କାନ୍ଦି ପକାଇଥିଲେ ବିଚାରପତି

ନୂଆଦିଲ୍ଲୀ, ୧୧ ।୩(ଏଜେନ୍ସି): ପ୍ରଥମ ଥର ଲାଗି ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଛନ୍ତି ସୁପ୍ରିମକୋର୍ଟ । ଆଜି ଏସଂକ୍ରାନ୍ତ ରାୟ ଶୁଣାଇବା ବେଳେ ଜଷ୍ଟିସ ଜେବି ପାର୍ଦିୱାଲା ଅତ୍ୟନ୍ତ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ । ସେ କହିଥିଲେ ଯେ, ଆମର ଏହି ନିଷ୍ପତ୍ତି କେବଳ ଯୁକ୍ତି ଉପରେ ଆଧାରିତ ନୁହେଁ, ବରଂ ଏହା ଭଲପାଇବା, ଚିକିତ୍ସା ବିଜ୍ଞାନ ଓ ମାନବିକତାର ଏକ ସଙ୍ଗମସ୍ଥଳ । ଦୁର୍ଘଟଣା ପୂର୍ବରୁ ହରିଶ ଜଣେ ଉଜ୍ଜ୍ୱଳ ଓ ମେଧାବୀ ଛାତ୍ର ଥିଲେ । ସେ ଶଯ୍ୟାଶାୟୀ ହେବା ପରେ ତାଙ୍କ ପରିବାର ୧୩ ବର୍ଷ ଧରି ଯେଉଁ ଯନ୍ତ୍ରଣା ସହିଛନ୍ତି, ତାହାକୁ ମନେ ପକାଇ ବିଚାରପତି ଜଣ ଭାବୁକ ହୋଇପଡ଼ିଥିଲେ । ସେ ହରିଶଙ୍କ ପିତାମାତାଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଆପଣ ନିଜ ପୁଅକୁ ପରିତ୍ୟାଗ କରୁନାହାନ୍ତି, ବରଂ ତାଙ୍କୁ ସମ୍ମାନର ସହ ବିଦାୟ ନେବାକୁ ଅନୁମତି ଦେଉଛନ୍ତି । ଏହା ଅତ୍ୟନ୍ତ ସାହସିକତାର କାର୍ଯ୍ୟ । ମୁଁ ଭଗବାନଙ୍କୁ ଏହି ନ୍ୟାୟ ପାଇଁ ଧନ୍ୟବାଦ ଦେଉଛି ବୋଲି ହରିଶଙ୍କ ବାପା ଅଶୋକ କହିଛନ୍ତି ।

## ଖର୍ଚ୍ଚ ଦାବି ଆଲୋଚନାରେ ବିରୋଧୀଙ୍କ କଟାକ୍ଷ

# ମିଶନ ଶକ୍ତି 'ଶକ୍ତିହୀନ', ମହିଳା କମିସନ 'ଦନ୍ତହୀନ'

ଭୁବନେଶ୍ୱର,୧୧।୩(ସମିସ): ଏକଦା ରାଜ୍ୟ ବିକାଶ ଓ ମହିଳା ସ୍ୱାବଲମ୍ବନର ମାଧ୍ୟମ ପାଲଟିଥିବା ମିଶନ ଶକ୍ତିକୁ ଏ ସରକାର ଅଚଳ କରି ଦେଇଛନ୍ତି। ୨୦୨୩ରେ ମିଶନ ଶକ୍ତିରେ ୭୦ ଲକ୍ଷ ମହିଳା ଯୋଡ଼ି ହୋଇଥିଲେ। ଏବେ ମଧ୍ୟ ସରକାର ସମାନ ସଂଖ୍ୟା ଜାରି କରିଛନ୍ତି। ରାଜ୍ୟରେ ଆସିବା ପରେ ପ୍ରଥମେ ମିଶନ ଶକ୍ତି ଗ୍ରୁପ୍‌ର ସଭାପତି ସମ୍ପାଦକଙ୍କୁ ବିଜେଡି ସମର୍ଥକ କହି ହଟାଇ ଦିଆଗଲା। ମାତ୍ର ଦୁଇ ବର୍ଷ ଭିତରେ ସରକାର ଗୋଟିଏ ଏସଏଚ୍‌ଜି ଗଠନ କରିପାରିଲେ ନାହିଁ। ଏବେ ମିଶନ ଶକ୍ତି ଦୁର୍ବଳ ଓ ଶକ୍ତିହୀନ ବୋଲି ବିଧାନସଭାରେ କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ।

ବୁଧବାର ବିଧାନସଭାରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଖର୍ଚ୍ଚ ଦାବି ଆଲୋଚନାକୁ ଆରମ୍ଭ କରି ପ୍ରମିଳା ମଲ୍ଲିକ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ମହିଳା ଓ ଶିଶୁ ବିକାଶ ବିଭାଗ ବଜେଟ ୫୬ ପ୍ରତିଶତ ଖର୍ଚ୍ଚ କରିଛି। ମିଶନ ଶକ୍ତି ୪୬ ପ୍ରତିଶତ ଖର୍ଚ୍ଚ କରିଛି। ବଜେଟ ଅର୍ଥର ଅଧା ମଧ୍ୟ ଖର୍ଚ୍ଚ କରିବାକୁ ସକ୍ଷମ ନୁହଁନ୍ତି। ଏ ସରକାର କିଛି ନୂଆ କରିନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କରିଥିଲେ ସେତିକିରେ ଅଟକି ଯାଇଛନ୍ତି। ମହିଳା ଓ ଶିଶୁ ମାନଙ୍କ ପାଇଁ ସରକାରଙ୍କର ଆନ୍ତରିକତା ନାହିଁ। ଅଙ୍ଗନୱାଡି ପିଲାଙ୍କ ଜଳଖିଆ ପାଇଁ ୧ ଟଙ୍କା ୨୪ ପଇସା ଦଉଛନ୍ତି। ଗରମ ରନ୍ଧା ଖାଦ୍ୟ ପାଇଁ ୬ ଟଙ୍କା ୪୦ ପଇସା ଦଉଛନ୍ତି; ଏଥିରେ ପିଲାଙ୍କ ବିକାଶ କିଭଳି ହେବ। ଅଙ୍ଗନବାଡି କେନ୍ଦ୍ର



ନିଜସ୍ୱ ଗୃହ ନାହି, ଶିଶୁ ସୁରକ୍ଷା କମିସନ ପଦବୀ ଖାଲି ପଡ଼ିଛି। ସୁଭଦ୍ରାରେ ୫୦ ହଜାର କହି ୫ ହଜାର ଦେଲେ। ଏସଏଚଜି ମହିଳାଙ୍କ ପରିଶ୍ରମର ଆୟକୁ ନେଇ ସରକାର ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି ବୋଲି କହି ବାହା ବାହା ନେଉଛନ୍ତି। ଉପମୁଖ୍ୟମନ୍ତ୍ରୀ ମହିଳାଙ୍କୁ ଛେଳି ଜଗୁଆଳି କରିବାକୁ ଉତ୍ସାହିତ କରୁଥିବା ପ୍ରମିଳା କଟାକ୍ଷ କରିଛନ୍ତି ।

ବିଧାୟକ ଗୌତମ ବୁଦ୍ଧ ଦାସ ମଧ୍ୟ ସରକାରଙ୍କୁ କଟୁ ସମାଲୋଚନା କରି କହିଛନ୍ତି ଯେ ଗତ ବର୍ଷ ବଜେଟ ଉପସ୍ଥାପନ ପରେ ଲାଗୁଥିଲା, ମିଶନ ଶକ୍ତିରେ ଭିଜନ ନାହିଁ। ମାତ୍ର ଚଳିତ ବଜେଟରେ ମିଶନ ନାହିଁ କି ଭିଜନ ନାହିଁ। ୨୦୦୧ ମସିହାରେ ରାଜ୍ୟର ଦାରିଦ୍ର୍ୟ ହାର ୪୭ ପ୍ରତିଶତ ରହିଥିଲା। ବର୍ତ୍ତମାନ ଏହା ୧୧ ପ୍ରତିଶତ କୁ

### ■ ବଜେଟରେ ମିଶନ ନାହିଁ କି କୌଣସି ଭିଜନ ନାହିଁ
### ■ ମହିଳାଙ୍କ ପରିଶ୍ରମର ଶ୍ରେୟ ନେଉଛନ୍ତି ସରକାର

ଖସି ଆସିଛି। ମିଶନ ଶକ୍ତିରେ ଏଥିରେ ବଡ଼ ଅବଦାନ ରହିଛି। 'ନିତି' ଆୟୋଗ ଓ କେନ୍ଦ୍ର ସରକାର ମଧ୍ୟ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଚଳିତ ବଜେଟରେ ସୁଭଦ୍ରାକୁ ବାଦ ଦେଲେ ବିଭାଗ ପାଇଁ ମାତ୍ର ୫୦୦୦ କୋଟି ରହିଛି। ଏଥିରେ ମହିଳାଙ୍କ କିଭଳି ବିକାଶ ହେବ ତାହା ଜଣାପଡୁନାହିଁ। ମୂଳ ବଜେଟ ବଢୁଛି; କିନ୍ତୁ ସେହି ତୁଳନାରେ ବିଭାଗର ବଜେଟ ବଢୁନାହିଁ।

କଂଗ୍ରେସ ବିଧାୟିକା ସୋଫିଆ ଫିରଦୋସ୍ କହିଥିଲେ ଯେ, ସରକାର ସବୁବେଳେ ୨୦୩୬ ଓ ୨୦୪୭ କଥା କହୁଛନ୍ତ୍ କିନ୍ତୁ ମା' ମାନଙ୍କୁ ଆଜି ଗ୍ୟାସ ସିଲିଣ୍ଡରର ଆବଶ୍ୟକତା ଅଛି। ଅତୀତ ଓ ଭବିଷ୍ୟତକୁ ନ ଯାଇ ବର୍ତ୍ତମାନକୁ ସୁଧାରିବା ପାଇଁ ସୋଫିଆ କହିଛନ୍ତି। ସୁଭଦ୍ରାର ଅନେକ ଆବେଦନକାରୀ ଟଙ୍କା ପାଉନାହାନ୍ତି। ମହିଳା କମିସନ ଏକ ଦନ୍ତହୀନ ବାଘରେ ପରିଣତ ହୋଇଛି। ସେଠାରେ କୌଣସି ମାମଲାର ସମାଧାନ ହେଉନାହିଁ। ସେହିପରି ବିଜେଡି ବିଧାୟିକା ସୁଜାତା ସାହୁ, କଂଗ୍ରେସ ବିଧାୟକ ପବିତ୍ର ସାଉଁନ୍ତା ପ୍ରମୁଖ ସରକାରଙ୍କ ମିଶନ ଶକ୍ତି ଆଭିମୁଖ୍ୟ ଓ ବିଭାଗର ବଜେଟ୍‌କୁ ସମାଲୋଚନା କରିଛନ୍ତି। ସରକାରୀ ଦଳ ପକ୍ଷରୁ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ସୀମାରାଣୀ ନାୟକ, ଅଶୋକ ମହାନ୍ତି, ମନୋରଞ୍ଜନ ଦ୍ୟାନସାମନ୍ତରା, ଜଲେନ ନାୟକ ପ୍ରମୁଖ ବଜେଟ୍‌କୁ ସମର୍ଥନ ଜଣାଇ ଏହା ସପକ୍ଷରେ ମତ ରଖିଛନ୍ତି।

## ରାଜ୍ୟ ଉଚ୍ଚଶିକ୍ଷା ପରିଷଦରେ ଅଚଳାବସ୍ଥା

# ୪ ମାସ ସମୟ ଲୋଡ଼ିଲେ ରାଜ୍ୟ ସରକାର

କଟକ,୧୧।୩(ସମିସ): ପ୍ରାୟ ଏକ ବର୍ଷ ହେଲାଣି ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ୧୩ ସଦସ୍ୟ ପଦ ଖାଲି ପଡ଼ିଛି। ଏଥିସହ ୧୮ ମାସ ଧରି ପରିଷଦର ଭାରପ୍ରାପ୍ତ ଉପାଧ୍ୟକ୍ଷ ଭାବେ ଉଚ୍ଚ୍‌ଶିକ୍ଷା ସଚିବଙ୍କୁ ଅବସ୍ଥାପିତ କରାଯାଇଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଏକ ସତ୍ୟପାଠ ଦାଖଲ କରିଥିବା ବେଳେ ଏହା ଉପରେ ଆବେଦନକାରୀଙ୍କୁ ପ୍ରତିଜବାବ ଦାଖଲ ପାଇଁ କହିଛନ୍ତି ହାଇକୋର୍ଟ। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିର୍ଦ୍ଦେଶ ଅନୁପାଳନ ପାଇଁ ସରକାରଙ୍କ ପକ୍ଷରୁ ଚାରିମାସ ସମୟ ଦେବାକୁ ଅଦାଲତଙ୍କୁ ନିବେଦନ କରାଯାଇଛି। ସତ୍ୟପାଠରେ ସରକାର ଦର୍ଶାଇଛନ୍ତି ଯେ ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବଶା (ସଦସ୍ୟ) ଓ ଉଚ୍ଚ୍‌ଶିକ୍ଷା ବିଭାଗର ସଚିବ (ଆବାହକ ସଦସ୍ୟ)ଙ୍କୁ ନେଇ ଏକ ସର୍ଚ୍ଚ କମିଟି ଗଠନ କରିଛନ୍ତି। ଉକ୍ତ ସର୍ଚ୍ଚ କମିଟି ନିଷ୍ପତ୍ତି ଅନୁସାରେ ଗତ ୨୦୨୬ ଫେବୃଆରୀରେ ଦୁଇଟି ଇଂରାଜୀ ଓ ଦୁଇଟି ଓଡ଼ିଆ ସମ୍ବାଦପତ୍ରରେ ପରିଷଦର ଉପାଧ୍ୟକ୍ଷ ପଦ ପାଇଁ ବିଜ୍ଞାପନ ପ୍ରକାଶିତ ହୋଇଛି। ଏହା

### ସର୍ଚ୍ଚ କମିଟି ଗଠନ ସହ ଉପାଧ୍ୟକ୍ଷ ନିଯୁକ୍ତି ବିଜ୍ଞାପନ ଜାରି ନେଇ ସତ୍ୟପାଠ

ମଧ୍ୟ ଦର୍ଶାଯାଇଛି ଯେ ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସଙ୍କ ଗତ ୨୦୨୪ ଅଗଷ୍ଟ ୮ରେ ଇସ୍ତଫା ଦେବା ପରେ ପ୍ରଶାସନିକ ବାଧ୍ୟବାଧକତାରେ ଏକ ସ୍ୱଳ୍ପମିଆଦି ପଦକ୍ଷେପ ସ୍ୱରୂପ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ୨୦୨୪ ସେପ୍ଟେମ୍ବର ୬ରେ ଭାରପ୍ରାପ୍ତ ଉପାଧ୍ୟକ୍ଷ ଭାବରେ ନିଯୁକ୍ତି ଦିଆଯାଇଥିଲା। ଏହି ସତ୍ୟପାଠରେ ସ୍ୱୀକାର କରାଯାଇଛି ଯେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦରେ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ଅଧ୍ୟକ୍ଷ ରହିଥିବାବେଳେ ସ୍ଥାୟୀ ଉପାଧ୍ୟକ୍ଷ ନାହାନ୍ତି ଏବଂ ପଦରରୁ ତେର ସଦସ୍ୟ ପଦ ଖାଲି ପଡ଼ିଛି।

# ସୁଇସାଇଡ୍ ନୋଟକୁ 'ମୃତ୍ୟୁକାଳୀନ ଜମାନବନ୍ଦୀ' ଭାବେ ଗ୍ରହଣ କରାଯାଇପାରିବ: ହାଇକୋର୍ଟ

କଟକ,୧୧।୩(ସମିସ): ଜଣେ ବ୍ୟକ୍ତି ନିଜ ମୃତ୍ୟୁ ସମୟରେ ମିଛ କହିବା ସାଧାରଣତଃ ଅସମ୍ଭବ। ଏଣୁ ସୁଇସାଇଡ୍ ନୋଟ୍‌କୁ ଭାରତୀୟ ସାକ୍ଷ୍ୟ ଆଇନର ଧାରା ୩୨(୧) ଅନୁଯାୟୀ ଏକ 'ମୃତ୍ୟୁକାଳୀନ ଜମାନବନ୍ଦୀ' ଭାବେ ଗ୍ରହଣ କରାଯାଇପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିବା ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆନନ୍ଦ କୁମାର ସାମଲଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରି ଡ.ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି କହିଛନ୍ତି। ଏଥିସହିତ ସମ୍ବଲପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତଙ୍କ ଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା କ୍ଷେତ୍ରରେ ଯୁବତୀଙ୍କ ସମ୍ମତିକୁ ସ୍ୱଇଚ୍ଛାକୃତ ବୋଲି ଧରାଯିବ ନାହିଁ ଏବଂ ଏହା ଦୁଷ୍କର୍ମ ବୋଲି ବିବେଚିତ ହେବ। ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଯୌନ ଶୋଷଣ କରି ପରେ ତାଙ୍କୁ ତ୍ୟାଗ କରିବା ଯୁବତୀଙ୍କୁ ଚରମ ପଦକ୍ଷେପ ନେବା ପାଇଁ ବାଧ୍ୟ କରିଥାଏ। ଅଭିଯୁକ୍ତଙ୍କ ଏହି ଆଚରଣ ଯୁବତୀଙ୍କ ଆତ୍ମହତ୍ୟା ପାଇଁ ସିଧାସଳଖ ଦାୟୀ ବୋଲି ହାଇକୋର୍ଟ କହିଛନ୍ତି। ଏପରି ଜଘନ୍ୟ ଅପରାଧ କ୍ଷେତ୍ରରେ କୋହଳ ମନୋଭାବ ପ୍ରଦର୍ଶନ କଲେ ନ୍ୟାୟ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ବିଶ୍ୱାସ ତୁଟିଯିବ। ଆଇନର ଶାସନ ଅନୁଯାୟୀ, ଅପରାଧ ପ୍ରମାଣିତ ହେଲେ ଉଚିତ ଦଣ୍ଡ ମିଳିବା ଏକାନ୍ତ ଆବଶ୍ୟକ ବୋଲି ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ ଯେ, ଆବେଦନକାରୀ ଅଭିଯୁକ୍ତ ଜଣେ ଯୁବତୀଙ୍କୁ ଚାକିରି କରାଇଦେବା ପ୍ରତିଶ୍ରୁତି ଦେଇ ନିଜ ଘରେ ରଖିଥିଲେ। ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ସେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯେତେବେଳେ ଯୁବତୀ ଜଣକ ବିବାହ ପାଇଁ ଜିଦ୍ କଲେ, ସେ ତାଙ୍କୁ ଧମକ ଦେବା ସହ ଦୂରେଇ ଦେଇଥିଲେ। ଅତିଷ୍ଠ ହୋଇ ଯୁବତୀ ଜଣକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସମ୍ବଲପୁରର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଭିଯୁକ୍ତଙ୍କୁ ଦୁଷ୍କର୍ମ ପାଇଁ ୧୦ ବର୍ଷ ଏବଂ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ପାଇଁ ୭ ବର୍ଷର କାରାଦଣ୍ଡାଦେଶ ଶୁଣାଇଥିଲେ। ଏହି ଆଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସିସି କ୍ୟାମେରା ଭଙ୍ଗାକୁ ନେଇ ସ୍କୁଲରେ ଅପମାନ

# ସପ୍ତମ ଶ୍ରେଣୀ ଛାତ୍ରର ଆତ୍ମହତ୍ୟା

ନରସିଂହପୁର,୧୧।୩(ସମିସ): ନରସିଂହପୁର ଥାନା ଅନ୍ତର୍ଗତ ପତଣ୍ଡା ଗ୍ରାମର ଶଙ୍କର୍ଷଣ ଉଚ୍ଚ ବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ନୀଳକଣ୍ଠପୁର ଗ୍ରାମର ବବୁଲ ଦାଶଙ୍କ ୧୪ ବର୍ଷୀୟ ପୁଅ ଦେବାଶିଷ ଦାଶ ନିଜ ସାଙ୍ଗମାନଙ୍କ ସହ ମିଶି ସ୍କୁଲର ଏକ ସିସିଟିଭି କ୍ୟାମେରା ଭାଙ୍ଗି ଦେଇଥିଲେ। ଏହି ଘଟଣାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଗତ ମଙ୍ଗଳବାର ଅଭିଭାବକ ବୈଠକ ଡାକିଥିଲେ। ଅଭିଯୋଗ ଅନୁଯାୟୀ, ବୈଠକରେ ପ୍ରଧାନଶିକ୍ଷୟିତ୍ରୀ ଓ ସ୍କୁଲ କମିଟିର ଉପସ୍ଥିତିରେ ଦେବାଶିଷଙ୍କୁ ଅତ୍ୟଧିକ ମାନସିକ ନିର୍ଯାତନା ଓ ଅପମାନିତ କରାଯାଇଥିଲା। ଏହି ଅପମାନ ସହି ନ ପାରି ନାବାଳକ ଛାତ୍ର ଜଣକ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।



### ■ ପ୍ରଧାନଶିକ୍ଷୟିତ୍ରୀ ଓ କମିଟି ସଭାପତି ପୁଲିସ ହେପାଜତରେ
### ■ ତଦନ୍ତ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ

ଗୁରୁବାର ଦେବାଶିଷଙ୍କ ଶବ ଗ୍ରାମକୁ ଆସିବା ପରେ ପରିବାର ଲୋକ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପୁଅର ମୃତ୍ୟୁ ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଶତାଧିକ ଗ୍ରାମବାସୀ ଶବକୁ ନେଇ ନରସିଂହପୁର-କଟକ ମୁଖ୍ୟରାସ୍ତାର ନୁଖାପଡ଼ା ଛକଠାରେ ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ମାଆ ଅନାଗତ ଦାଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ବିଦ୍ୟାଳୟ ତରଫରୁ ଦିଆଯାଇଥିବା ମାନସିକ ଚାପ ଯୋଗୁଁ ହିଁ ତାଙ୍କ ପୁଅ ଆତ୍ମହତ୍ୟା କରିଛି। ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରୋଶକୁ ଦୃଷ୍ଟିରେ ରଖି ପୁଲିସ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ବେହେରା ଓ ସ୍କୁଲ କମିଟି ସଭାପତିଙ୍କୁ ତଦନ୍ତ ପାଇଁ ଥାନାରେ ଅଟକ ରଖିଛି। ରାସ୍ତା ଅବରୋଧ ଯୋଗୁଁ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଘଟଣାସ୍ଥଳରେ ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତି, ନରସିଂହପୁର ତହସିଲଦାର ଅମ୍ରିତା ସାହୁ ଏବଂ ବିଡ଼ିଓ ପ୍ରଲୟାନନ୍ଦ ଶତପଥୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହି ଆଶ୍ୱାସନା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ରାଜ୍ୟରେ ଭୁଶୁଡୁଛି ଶିକ୍ଷା ବ୍ୟବସ୍ଥା

# ୯ ମାସ ପର୍ଯ୍ୟନ୍ତ ଲାଗି ରହୁଛି ନାମଲେଖା

ଭୁବନେଶ୍ୱର, ୧୧।୩(ସମିସ): ରାଜ୍ୟରେ ନାମଲେଖା ବ୍ୟବସ୍ଥା ବାଟ ହୁଡ଼ିଛି। ମେଧା ଭିତ୍ତିରେ ସ୍ୱଚ୍ଛତାର ସହ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନାମଲେଖା ସାରିବା ପାଇଁ ଷ୍ଟୁଡେଣ୍ଟ ଏକାଡେମିକ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ସାମ୍ସ) ମାଧ୍ୟମରେ ସରକାର ନାମଲେଖା ବ୍ୟବସ୍ଥା କରିଛନ୍ତି। ମାତ୍ର ପାଠପଢ଼ା ଆରମ୍ଭ ପୂର୍ବରୁ ନାମଲେଖା ସାରିବାରେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯେଉଁ ସମୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ, ସେହି ସମୟରେ ନାମଲେଖା କରାଯାଉଛି। ଫଳରେ ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଛି।

କରୋନା ସମୟରୁ ବିଗିଡ଼ିଯାଇଥିବା ଶିକ୍ଷାବର୍ଷକୁ ସଜାଡିବା ଓ ସଠିକ୍ ସମୟରେ ନାମଲେଖା ସାରିବାକୁ ଗତ ବର୍ଷଠାରୁ ତ୍ୱରିତ ନାମଲେଖା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ପରୀକ୍ଷାଫଳ ପ୍ରକାଶ ପୂର୍ବରୁ ନାମଲେଖା ପାଇଁ ଆବେଦନ ଆରମ୍ଭ ହେଉଛି; ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ ନାମଲେଖା ପ୍ରକ୍ରିୟା ଲାଗି ରହୁଥିଲେ ମଧ୍ୟ ବହୁ ଛାତ୍ରଛାତ୍ରୀ ନାମଲେଖାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ୨୦୨୫- ୨୦୨୬ ଶିକ୍ଷାବର୍ଷରେ ସ୍ନାତକ ନାମଲେଖା ନିମନ୍ତେ ଗତ ମାର୍ଚ୍ଚ ୧୦ରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ନଭେମ୍ବର ମାସ ଅର୍ଥାତ ପ୍ରାୟ ୯ ମାସରୁ ଅଧିକ ସମୟ ଧରି ନାମଲେଖା ପ୍ରକ୍ରିୟା ଲାଗି ରହିଲା; ତଥାପି ସବୁ ସିଟ୍ ପୂରଣ ହୋଇପାରୁନାହିଁ। ପ୍ରାୟ ୨ ଲକ୍ଷ ସିଟ୍ ପୂରଣ ହୋଇଥିବାବେଳେ ଆହୁରି ୮୧ ହଜାରରୁ ଅଧିକ ସିଟ୍ ଖାଲି ପଡ଼ିଥିଲା।

### ■ ପ୍ରଶ୍ନବାଚୀରେ ସାମ୍ସ ନାମଲେଖା ପଦ୍ଧତି
### ■ ପରୀକ୍ଷା ହେବା ଯାଏଁ ଚାଲୁଛି ନାମଲେଖା

ଅନୁରୂପ ଭାବେ ସ୍ନାତକୋତ୍ତର (ପିଜି)ର ଅବସ୍ଥା ମଧ୍ୟ ସମାନ। ସମାନ ସମୟରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇ ୯ ମାସ ପର୍ଯ୍ୟନ୍ତ ଚାଲିଥିଲେ ମଧ୍ୟ ୧୦ ହଜାରରୁ ଅଧିକ ସିଟ୍ ଫାଙ୍କା ପଡ଼ିଥିଲା। ସେହିପରି ୨୫୫୭ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନରେ ଯୁକ୍ତଦୁଇ ନାମଲେଖା ପ୍ରକ୍ରିୟା ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଲାଗି ରହିଥିବାବେଳେ ଆହୁରି ୧ ଲକ୍ଷ ୭୫ ହଜାର ୬୮୨ ସିଟ୍ ପୂରଣ ହୋଇପାରି ନ ଥିଲା। ସମସ୍ତ ନାମଲେଖା ପ୍ରକ୍ରିୟା ଶେଷ ହେବା ବେଳକୁ ନଭେମ୍ବର ମାସ ସରିଯାଉଛି। ଡିସେମ୍ବରରୁ ସବୁ ଶିକ୍ଷାନୁଷ୍ଠାନରେ ପରୀକ୍ଷା ଆରମ୍ଭ ହେଉଛି। ତେଣୁ ଯେଉଁ ଛାତ୍ରଛାତ୍ରୀ ବିଳମ୍ବରେ ନାମଲେଖାଇବେ, ସେମାନେ କିଭଳି ପାଠ ପଢୁଛନ୍ତି ଓ ପରୀକ୍ଷା ଦେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟସ୍ତରରେ ହେଉଥିବା ନାମଲେଖା ପ୍ରକ୍ରିୟା ୧୫ ରୁ ୩୦ ଦିନ ମଧ୍ୟରେ ସରୁଥିଲା। ମେଧାବୀ ଛାତ୍ରଛାତ୍ରୀମାନେ ସେମାନଙ୍କ ପସନ୍ଦ ମୁତାବକ ଶିକ୍ଷାନୁଷ୍ଠାନ ଏବଂ ପାଠ୍ୟକ୍ରମରେ ନାମଲେଖାଉଥିଲେ। ଶିକ୍ଷାବର୍ଷର ସୂଚୀ ଅନୁଯାୟୀ ପାଠପଢ଼ା ଆରମ୍ଭ ହୋଇ ପରୀକ୍ଷା ହେଉଥିଲା; କିନ୍ତୁ ଏବେ ସାମସ୍ ମଧ୍ୟମରେ ନାମଲେଖା ହେଉଥିଲେ ମଧ୍ୟ କାହିଁକି ବିଳମ୍ବ ହେଉଛି ବୋଲି ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି। ଏଭଳି ସ୍ଥିତିରେ ଶିକ୍ଷାଦାନ ଏବଂ ନାମଲେଖା ପ୍ରକ୍ରିୟା ଚାଲିଥିଲେ ମଧ୍ୟ ସରକାର ଏ ଦିଗରେ କୌଣସି ଦୃଷ୍ଟି ଦେଉ ନ ଥିବା ସେମାନେ ଅଭିଯୋଗ କରିବା ସହ ବିକଳ୍ପ ନାମଲେଖା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ଦାୟିତ୍ୱରେ ଅବହେଳା; ତିନି ବନ କର୍ମଚାରୀ ନିଲମ୍ବିତ

କେନ୍ଦୁଝର, ୧୧।୩(ସମିସ): ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଧାରିତ କାର୍ଯ୍ୟାଳୟରେ ଅନଧିକୃତ ଅନୁପସ୍ଥିତି, ପ୍ରଶାସନିକ ଅନୁଶାସନ ଏବଂ ଜଙ୍ଗଲ ଅଗ୍ନିକାଣ୍ଡ ସମେତ ବନକାର୍ଯ୍ୟରେ ଅବହେଳା ପାଇଁ ତିନି ଜଣ ବନ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କ ମଧ୍ୟରେ ଦୁଇ ଜଣ ଫରେଷ୍ଟର ଓ ଜଣେ ଫରେଷ୍ଟ ଗାର୍ଡ ଅଛନ୍ତି। ଘଟଗାଁ ବନପାଳ ପ୍ରମୋଦ ବେହେରା ପ୍ରଶାସନିକ ଅନୁଶାସନ ଏବଂ ଜଙ୍ଗଲ ଅଗ୍ନିକାଣ୍ଡ ନିୟନ୍ତ୍ରଣରେ ଅବହେଳା ପାଇଁ ନିଲମ୍ବିତ ହୋଇଥିବା ବେଳେ ସେହି ଘଟଗାଁ ରେଞ୍ଜର ବନପାଳ ବିଶ୍ୱରଞ୍ଜନ ମିଶ୍ରଙ୍କୁ ଅନଧିକୃତ ଅନୁପସ୍ଥିତି ଏବଂ ପାଟ୍ରୋଲିଂ ଓ ଅଗ୍ନି ପରିଚାଳନାରେ ତ୍ରୁଟି ପାଇଁ ନିଲମ୍ବିତ କରାଯାଇଛି। ସେହିପରି ପାଟଣାର ଫରେଷ୍ଟ ଗାର୍ଡ ହୃଦାନନ୍ଦ ମହାନ୍ତିଙ୍କୁ ମଧ୍ୟ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଶ୍ରୀ ମହାନ୍ତିଙ୍କୁ ପାଟନାରେ ହାତୀ ଫସଲ କ୍ଷତି ଆକଳନରେ ତ୍ରୁଟି ସହ ଡ୍ୟୁଟି ସମୟରେ ଲଗାତାର ମଦ୍ୟପାନ ପାଇଁ ନିଲମ୍ବିତ କରାଯାଇଥିବା ଡ଼ିଏଫଓ ପ୍ରକାଶ କରିଛନ୍ତି।

# ଖୁଡ଼ିକୁ ଟାଙ୍ଗିଆରେ ହାଣି ହତ୍ୟାକଲା ପୁତୁରା

କୋଇଡ଼ା,୧୧।୩(ସମିସ): କୋଇଡ଼ା ଥାନା ସଣୁଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ପୁତୁରା ନିଜ ଖୁଡ଼ିକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି। ସୂଚନା ଅନୁସାରେ, ରାଜେଶ ସେଠୀ ( ୩୨) କିଛି ମାସ ହେଲା ଜେଲରୁ ବାହାରିଥିଲା। ରାଜେଶ ବାରମ୍ବାର ଖୁଡ଼ି ଘରକୁ ଯାଉଥିଲା। ଏମିତିକି ଖୁଡ଼ି ତପସ୍ୱିନୀ ସେଠୀ(୩୮)ଙ୍କ ସହିତ ଅନୈତିକ ସମ୍ପର୍କ ରଖୁଥିଲା। ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହାବାପରେ ରାଜେଶ ଟାଙ୍ଗିଆରେ ହାଣି ଖୁଡ଼ିକୁ ହତ୍ୟା କରିବା ପରେ ଫେରାର ହୋଇଯାଇଥିଲା। ଏନେଇ କୋଇଡ଼ା ପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ରାଉରକେଲା ସାଇଣ୍ଟିଫିକ୍ ଟିମ୍ ହତ୍ୟାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲା। ଶବ ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ପ୍ରକାଶ ଥାଉକି, ମହିଳାଙ୍କ ସ୍ୱାମୀ ସହଦେବ ସେଠୀଙ୍କ ପତ୍ତା ମିଳୁନି।

# ଭିଜିଲାନ୍ସ ଜାଲରେ କଣ୍ଟାପଡ଼ା ତହସିଲଦାର

କଟକ,୧୧।୩(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଟକ ଜିଲ୍ଲା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ। ଶ୍ରୀ ସାମନ୍ତରାୟଙ୍କ ୭ଟି ବିଭିନ୍ନ ଠିକଣାରେ ଆଜି ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି। ଚଢଉ ବେଳେ ଠାବ ହୋଇଥିବା ତାଙ୍କର ଅମାପ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ଭିଜିଲାନ୍ସ ଟିମ୍ ତାଜୁବ ହୋଇଛି। ଏହି ଚଢଉ ବେଳେ ଶ୍ରୀ ସାମନ୍ତରାୟଙ୍କ ନାମରେ ବହୁ ମୂଲ୍ୟବାନ ଜମି, କୋଠା ସହ ଚାରିଚକିଆ ଗାଡି ମିଳିଛି। ଭୁବନେଶ୍ୱରର କେଶୁରା ଅଞ୍ଚଳରେ ଏକ ୪୦୬୫ ବର୍ଗଫୁଟର ତିନି ମହଲା କୋଠା ଏବଂ ଅନ୍ୟ ଏକ ୬୭୫୦ ବର୍ଗଫୁଟର ନିର୍ମାଣାଧୀନ ତିନି ମହଲା କୋଠା ଠାବ କରାଯାଇଛି। ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ସ୍ଥାନ କେଶୁରା, କୋରଡ଼କଣ୍ଟା, ବାଙ୍କୁଆଳ ଏବଂ ମେହେରପଲ୍ଲୀ ଅଞ୍ଚଳରେ ତାଙ୍କର ୭ଟି ମୂଲ୍ୟବାନ ପ୍ଲଟ୍ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଯାଞ୍ଚ ବେଳେ ତାଙ୍କ ଘରୁ ୨ଲକ୍ଷ ୧୫ହଜାର ୮୯୦ ଟଙ୍କା ନଗଦ ଟଙ୍କା ଜବତ କରାଯାଇଛି। ଏଥିସହିତ ତାଙ୍କର ଗୋଟିଏ ମାରୁତି ବ୍ରିଜା କାର୍ ଏବଂ ୩ଟି ମୋଟରସାଇକଲ ରହିଥିବା ଜଣାପଡ଼ିଛି। ତାଙ୍କର ବ୍ୟାଙ୍କ ଓ ପୋଷ୍ଟାଲ ଜମା ଏବଂ ଅନ୍ୟାନ୍ୟ ନିବେଶର ଯାଞ୍ଚ ଜାରି ରହିଛି।



### ୭ ମୂଲ୍ୟବାନ ପ୍ଲଟ୍ ଓ ଏକାଧିକ କୋଠା ଠାବ

ପ୍ରକାଶଥାଉକି, କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ, ୨ ଜଣ ଅତିରିକ୍ତ ଏସପି, ୮ ଜଣ ଡିଏସପି, ୧୧ ଜଣ ଇନ୍ସପେକ୍ଟର ଏବଂ ୫ ଜଣ ଏଏସଆଇଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏହି ଚଢ଼ଉରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର, କଟକ, ପୁରୀ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ୭ଟି ସ୍ଥାନରେ ଭିଜିଲାନ୍ସ ଚଢଉ ଜାରି ରହିଛି। ପୁରୀ ଗଡ଼ିଶାଗଡା ଥାନା ଅନ୍ତର୍ଗତ ଆଲିବାଦା, ଦୁଛିଆ ଗ୍ରାମରେ ଥିବା ତାଙ୍କର ପୈତୃକ ବାସଭବନ। ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଜଣେ ସମ୍ପର୍କୀୟଙ୍କ ଘର , କେନ୍ଦ୍ରାପଡ଼ା: ମାର୍ଶାଘାଇ ଅଞ୍ଚଳର ବଡ଼ପାଳଦିଆରେ ଥିବା ଅନ୍ୟ ଜଣେ ସମ୍ପର୍କୀୟଙ୍କ ବାସଭବନ, କଣ୍ଟାପଡ଼ା ସ୍ଥିତ ତାଙ୍କ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନ ଓ ଭୁବନେଶ୍ୱର କେଶୁରା ସ୍ଥିତ ଘରେ ଭିଜିଲାନ୍ସ ଟିମ ଏକକାଳୀନ ଚଢଉ କରିଥିଲା। ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ୍ ଦ୍ୱାରା ଏହି ସମସ୍ତ କୋଠା ଏବଂ ପ୍ଲଟର ମୂଲ୍ୟାଙ୍କନ କରାଯାଉଛି। ଚଢ଼ଉ ଶେଷ ହେବା ପରେ ମୋଟ ସମ୍ପତ୍ତିର ମୂଲ୍ୟ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ। ଶ୍ରୀ ସାମନ୍ତରାୟ ଗତ ୨୦୦୦ ମସିହାରେ ୫,୧୩୦ ଟଙ୍କାର ପ୍ରାରମ୍ଭିକ ଦରମା ସହିତ ସ୍ଥାନୀୟ ପାଣ୍ଠି ଅଡିଟର ଭାବରେ ସରକାରୀ ସେବାରେ ଯୋଗ ଦେଇଥିଲେ। ୧୦.୦୬.୨୦୧୬ରେ ସେ ଓଆରଏସ ପାହ୍ୟାକୁ ପଦୋନ୍ନତି ପାଇଥିଲେ ଏବଂ ସୋରୋ ସ୍ଥିତ ସାଳନ୍ଦୀ ଲିଫ୍ଟ କେନାଲ ପ୍ରୋଜେକ୍ଟରେ 'ଜୋନ୍ ଅଫିସର' ଭାବରେ ଅବସ୍ଥାପିତ ହୋଇଥିଲେ। ୨୦୧୭ ରୁ ୨୦୨୨ ମସିହା ମଧ୍ୟରେ ସେ ପୁରୀ ଜିଲ୍ଲା ସତ୍ୟବାଦୀ ଏବଂ କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାରରେ ଅତିରିକ୍ତ ତହସିଲଦାର ଭାବରେ ଦାୟିତ୍ୱ ତୁଲାଇଥିଲେ। ଅକ୍ଟୋବର ୨୦୨୨ରେ ତାଙ୍କୁ ଓଏଏସ ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା ଏବଂ ସେ ବାଲେଶ୍ୱର ଜିଲ୍ଲାର ରେମୁଣା ତହସିଲଦାର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଗତ ୨୩.୦୯.୨୦୨୫ ତାରିଖରେ ତାଙ୍କୁ କଟକ ଜିଲ୍ଲାର କଣ୍ଟାପଡ଼ା ତହସିଲଦାର ଭାବେ ବଦଳି କରାଯାଇଥିଲା ଏବଂ ସେ ବର୍ତ୍ତମାନ ପର୍ଯ୍ୟନ୍ତ ସେହି ପଦବୀରେ କାର୍ଯ୍ୟ ଜାରି ରଖିଛନ୍ତି।

## ତାତି ବଢ଼ାଇବ ଏଲ୍-ନିନୋ

# ଏସନ ଗରମ ଅଧିକ; ବର୍ଷା କମ୍

ନୂଆଦିଲ୍ଲୀ, ୧୧।୩(ଏଜେନ୍ସି): ବିଶ୍ୱ ପାଣିପାଗ ସଂସ୍ଥା (ଡବ୍ଲ୍ୟୁଏମ୍‌ଓ) ର ସଦ୍ୟତମ ରିପୋର୍ଟ ଭାରତ ପାଇଁ ଚିନ୍ତା ସୃଷ୍ଟି କରିଛି। ଏହି ରିପୋର୍ଟ ଅନୁଯାୟୀ, ଏହି ବର୍ଷ 'ଏଲ୍ ନିନୋ' ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ଏହା ଭାରତୀୟ ମୌସୁମୀ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏଲ୍ ନିନୋ ହେଉଛି ପାଣିପାଗ ସମ୍ବନ୍ଧୀୟ ଏକ ପ୍ରକ୍ରିୟା। ଏହା ପ୍ରଶାନ୍ତ ମହାସାଗରର

### ■ ମାର୍ଚ୍ଚରେ ୧୫ ବର୍ଷର ରେକର୍ଡ ଭାଙ୍ଗିଲା ଗ୍ରୀଷ୍ମ ପ୍ରବାହ
### ■ ୪୦ ଡିଗ୍ରୀ ଟପିଲା ଦେଶର ୧୪ ସହର ତାପମାତ୍ରା

କେନ୍ଦ୍ରୀୟ ଏବଂ ପୂର୍ବ ଭାଗରେ ସାମୁଦ୍ରିକ ପୃଷ୍ଠଭାଗରେ ତାପମାତ୍ରା ବୃଦ୍ଧି ହେବାକୁ ବୁଝାଏ। ଏହା ପବନର ଗତିପଥ ଓ ବର୍ଷା ସମ୍ବନ୍ଧୀୟ ପ୍ରକ୍ରିୟାକୁ ଓଲଟପାଲଟ କରିଦିଏ। ଏଲ୍ ନିନୋ ଭାରତୀୟ ମୌସୁମୀ ଉପରେ ନକାରାତ୍ମକ ପ୍ରଭାବ ପକାଇ ସାଧାରଣତଃ ବର୍ଷାର ପରିମାଣ କମ୍ କରାଇଥାଏ।

ଡବ୍ଲ୍ୟୁଏମ୍‌ଓ ଅନୁଯାୟୀ, ମାର୍ଚ୍ଚରୁ ମେ ମାସ ମଧ୍ୟରେ ବିଶ୍ୱବ୍ୟାପୀ ଭୂମିର ହାରହାରି ତାପମାତ୍ରା ଅଧିକ ରହିବାର ସମ୍ଭାବନା ରହିଛି। ଭାରତରେ ଏବେଠାରୁ ବିଭିନ୍ନ ସ୍ଥାନରେ ହିଟ୍‌ୱେଭ୍ ବା ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି।

ଗତ ଫେବୃଆରୀ ମାସର ତାତି ୧୨୫ ବର୍ଷର ରେକର୍ଡ ଭାଙ୍ଗିଛି। ଏବେ ମାର୍ଚ୍ଚରେ ମଧ୍ୟ ସେହିପରି ସ୍ଥିତି ଜାରି ରହିଛି। ମାର୍ଚ୍ଚରେ ଗ୍ରୀଷ୍ମ ପ୍ରବାହର ଗତ ୧୫ ବର୍ଷର ରେକର୍ଡ ଭାଙ୍ଗିଛି। ରାଜସ୍ଥାନ, ମହାରାଷ୍ଟ୍ର ଓ ଗୁଜରାଟର ୧୪ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ପାର କରିଛି। ୨୦୧୧ ପରେ ପ୍ରଥମଥର ପାଇଁ ମାର୍ଚ୍ଚର ପ୍ରଥମ ସପ୍ତାହରେ ତାପମାତ୍ରା ୩୫ ଡିଗ୍ରୀ ପାର କରିଛି। ରାଜସ୍ଥାନର ବାଡ଼ମେର୍‌ରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଛି।

ଏତେ ଶୀଘ୍ର ଗରମ ହେବାର ୩ଟି ମୁଖ୍ୟ କାରଣ ହେଉଛି, ପଶ୍ଚିମା ଝଡ଼ର ଅଭାବ, ଉତ୍ତପ୍ତ ଶୁଷ୍କ ପବନ ଓ ଆଣ୍ଟି ସାଇକ୍ଲୋନ ସିଷ୍ଟମ। ପାଶ୍ଚାତ୍ୟ ଝଡ଼ର ଅଭାବ କାରଣରୁ ଭାରତରେ ଗତ ନଭେମ୍ବର ପରଠାରୁ ହିମାଳୟରେ ବରଫପାତ କିମ୍ବା ସମତଳ ଅଞ୍ଚଳରେ ବର୍ଷା ହୋଇନାହିଁ। ଫଳରେ ଶୀତଳତା ବଜାୟ ରହିପାରିନାହିଁ। ପୁଣି ଆଣ୍ଟି ସାଇକ୍ଲୋନ ସିଷ୍ଟମ ଯୋଗୁଁ ବର୍ଷା ହୋଇନାହିଁ ଓ ଉଷ୍ମତା ବୃଦ୍ଧି ପାଇଛି।

## ୧୫ରୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା

**ଭୁବନେଶ୍ୱର, ୧୧।୩ (ସମିସ):** ଆସନ୍ତା ୧୫ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ପଶ୍ଚିମା ଝଡ଼ ପ୍ରଭାବରେ ଆଗାମୀ ୧୫ରୁ ବର୍ଷା ଆରମ୍ଭ ହେବାକୁ ଥିବା ବେଳେ ଏହାର ପ୍ରଭାବ ପ୍ରାୟ ୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ ଉପକୂଳବର୍ତ୍ତୀ ଜିଲ୍ଲା ସମେତ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ଷା ସାଙ୍ଗକୁ ପବନ ଓ ବିଜୁଳି ଘଡ଼ଘଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ବର୍ଷା ସମୟରେ କେତେକ ସ୍ଥାନରେ କୁଆପଥର ଜନିତ ବର୍ଷା ସମ୍ଭାବନା ମଧ୍ୟ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୫ରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ସେହିଦିନ ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ବୃଦ୍ଧି ପାଇଁ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିବା ନେଇ ଆଶଙ୍କା କରାଯାଉଛି। ଅନ୍ୟପଟେ ରାଜ୍ୟରେ ଧୀରେ ଧୀରେ ଖରାର ପ୍ରଭାବ ବଢ଼ିବାରେ ଲାଗିଛି। ଖରା ବଢ଼ିବା ସହ ଉପକୂଳରେ ଗୁଳୁଗୁଳି ମଧ୍ୟ ଅନୁଭୂତ ହେଉଛି। ବୁଧବାର ୩୯ ଡିଗ୍ରୀ ସହ ଝାରସୁଗୁଡ଼ାରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଟିଟଲାଗଡ଼ରେ ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ତାଳଚେରରେ ତାପମାତ୍ରା ୩୮ ଡିଗ୍ରୀ, ନୂଆପଡ଼ାରେ ୩୮ ଓ ସୁନ୍ଦରଗଡ଼ରେ ମଧ୍ୟ ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ ହୋଇଛି।

## ଅଲୋଡ଼ା ହୋଇପଡ଼ିଛି ପିଣ୍ଡି

# ରାସ୍ତା କଡ଼ରେ ଚାଲିଛି ମାଂସ ବେପାର

ତାଳଚେର, ୧୧।୩(ସମିସ)



ତାଳଚେର ରାସ୍ତାକଡ଼ର ଉଠା ମାଛ, ମାଂସ ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ପୌରପରିଷଦ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ସହରର ବିଭିନ୍ନ ସ୍ଥାନରେ ଆମିଷ ମାର୍କେଟ ନିର୍ମାଣ କରାଯାଇଛି। ତେବେ ନିର୍ମାଣଠାରୁ ଆଜି ପର୍ଯ୍ୟନ୍ତ ପିଣ୍ଡିଗୁଡ଼ିକ ଅଲୋଡ଼ା ହୋଇପଡ଼ିରହିଛି। କିଛି ଅମାନିଆ ଆମିଷ ବ୍ୟବସାୟୀ ଅବାଧରେ ରାସ୍ତା କଡ଼ରେ ମାଂସ କାଟି ବ୍ୟବସାୟ କରୁଛନ୍ତି। ଏମାନେ କାହା ଛାତ୍ରଛାୟାରେ ରହି ଏପରି ବ୍ୟବସାୟ କରୁଛନ୍ତି ବୋଲି ପ୍ରଶ୍ନ ସୃଷ୍ଟି କରୁଛି।

ପୂର୍ବ କାର୍ଯ୍ୟନିର୍ବାହୀ ଅଧିକାରିଣୀ ତାଳଚେର ସହର ଜେଲ୍ କୋଣ ପାର୍ଶ୍ୱରେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରି ଆମିଷ ମାର୍କେଟ ନିର୍ମାଣ କରିଥିଲେ। ଏହି ମାର୍କେଟର ଉଦ୍ଦେଶ୍ୟ ଥିଲା ରାସ୍ତା କଡ଼ରେ ଆମିଷ ବେପାରୀ ବ୍ୟବସାୟ ନ କରି ଆମିଷ ମାର୍କେଟରେ ବେପାର କଲେ ରାସ୍ତା ଚଳପ୍ରଚଳ ପାଇଁ ସୁଗମ ହୋଇପାରିବ। ମାତ୍ର ଉଦ୍ଦେଶ୍ୟ ଉଦ୍ଦେଶ୍ୟରେ ହିଁ ରହିଯାଉଛି। ବ୍ୟବସ୍ଥିତ ଢଙ୍ଗରେ ଆଜି ପର୍ଯ୍ୟନ୍ତ ସେଗୁଡ଼ିକର ଆବଣ୍ଟନ ହୋଇପାରିଲାନାହିଁ। ଖାଲି ପଡ଼ିଥିବା ପିଣ୍ଡି ସ୍ଥାନରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଜଣାପଡ଼ିଛି। ଏହି ଗୁଡ଼ିକରେ ଏବେ ଅବାଧରେ ମଦ, ଭାଙ୍ଗ ଭଳି ନିଶା କାରବାର ହେଉଥିବା ଅଭିଯୋଗ ହେଉଛି। ସେହିଭଳି ତାଳଚେର ଚାରି ନମ୍ବର ୱାର୍ଡ ବିରାଦର ପଡ଼ା ଅଙ୍ଗନବାଡି କେନ୍ଦ୍ର ସମ୍ମୁଖ ରାସ୍ତା କଡ଼ରେ ଛେଳି, ମାଛ, କୁକୁଡ଼ା ଅବାଧରେ କଟା ଚାଲୁଥିଲେ ମଧ୍ୟ ଏହାକୁ ରୋକିବାକୁ ପୌର ପରିଷଦ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଅଭିଯୋଗ ହେଉଛି। ଏହି ଅମାନିଆ ଆମିଷ ବ୍ୟବସାୟୀ କାହା ଛାତ୍ରଛାୟାରେ ରହି ପୌରପାଳିକା ନିୟମକୁ ମାନୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଏବେ ସରକାରକୁ ଦୁଇବର୍ଷ ପୂରିବାକୁ ବସିଥିଲେ ମଧ୍ୟ ତାଳଚେରର ବିକାଶ ବାଟବଣା ହେଲା ଭଳି ଦୃଶ୍ୟ ଦେଖାଯାଉଛି। ତାଳଚେରବାସୀଙ୍କ ପାଇଁ ରାଜ୍ୟ ସରକାର କେବେ ହେଲେ ଟଙ୍କାଟିଏ ଖର୍ଚ୍ଚ କରୁ ନ ଥିବାବେଳେ ଖଣି ଖାଦାନରୁ ଜିଲ୍ଲା ଖଣିଜ ପାଣ୍ଠିରେ କୋଟି କୋଟି ଟଙ୍କା ରହିଥିଲେ ମଧ୍ୟ ତାହା କାର୍ଯ୍ୟରେ ଆସୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ସେ ଯାହା ହେଉ ନା କାହିଁକି ଆଗାମୀ ଦିନରେ ଲୋକମାନେ ଏହାର ଠିକ୍ ଉତ୍ତର ଦେବେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

## ଲିଙ୍ଗ ନିରୁପଣ କେନ୍ଦ୍ରରେ ଚଢ଼ଉ

ତାଳଚେର, ୧୧।୩(ସମିସ): ତାଳଚେର କୋଲିୟରୀ ଥାନା ଅନ୍ତର୍ଗତ ଦେଉଳବେଡ଼ା ଅଞ୍ଚଳର ଏକ ବେଆଇନ ଘରୋଇ ଚିକିତ୍ସାଳୟରେ ଲିଙ୍ଗ ନିରୂପଣ ହେଉଥିବା ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଉକ୍ତ ଘରକୁ କିଛି ବ୍ୟକ୍ତି ଭଡ଼ାସୂତ୍ରରେ ନେଇ ଏହି ବେଆଇନ କାରବାର କରିଆସୁଥିବା ଅଭିଯୋଗ ହୋଇଛି। ଘଟଣାକ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅନ୍ତର୍ଯ୍ୟାମୀ ମିଶ୍ର, କୋଲିୟରୀ ପୁଲିସ ପକ୍ଷରୁ ଦେଉଳବେଡ଼ାରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଡା. ପୂର୍ଣ୍ଣ୍ୟଶ୍ଳୋକ ଦାସକୁ ଅଟକ ରଖାଯାଇଥିଲା। ଅନ୍ୟପଟେ ଡାକ୍ତରଙ୍କ ସହଯୋଗୀ ପୁଲିସ ଉପସ୍ଥିତିରେ ଚତୁରତାର ସହ ଉକ୍ତ ଅଲଟ୍ରା ସାଉଣ୍ଡ ମେସିନକୁ ନେଇ ଚମ୍ପଟ ମାରିଥିଲେ। ଏଠାରେ ପ୍ରଶ୍ନଉଠେ ଯେ, ପୁଲିସ୍ ଉପସ୍ଥିତିରେ କିଭଳି ଭାବେ ଅଲଟ୍ରା ସାଉଣ୍ଡ ମେସିନ ନେବାକୁ ସକ୍ଷମ ହେଲେ ତାକୁ ନେଇ ଅଞ୍ଚଳରେ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଇଛି। ତେବେ ବେଆଇନ ଲିଙ୍ଗ ନିରୁପଣ ଘଟଣାରେ ଡାକ୍ତର ଦାସଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯିବା ସହ ଡାକ୍ତରଙ୍କ ସହଯୋଗୀଙ୍କୁ ବର୍ତ୍ତମାନ ସୁଦ୍ଧା ପୁଲିସ ଗିରଫ କରିପାରି ନ ଥିବା ଜଣାପଡ଼ିଛି। ଅପରପକ୍ଷେ ଏହାକୁ ନେଇ ପୁଲିସର ପାରିବାପଣିଆ ପଦାରେ ପଡ଼ିଥିବା କୁହାଯାଉଛି। ତେବେ ତାଳଚେର ଅଞ୍ଚଳରେ ପୁଅ ସଂଖ୍ୟା ଅନୁସାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଉଥିବା ଉଦବେଗଜନକ ବିଷୟ ହୋଇଥିବାବେଳେ କିଛି କୁଚକ୍ରି ଗୋଷ୍ଠୀ ଅର୍ଥଲୋଭରେ ଏପରି ଘୃଣ୍ୟ କାର୍ଯ୍ୟ ଆପଣେଇବା କେବେ ଦୂର ଠିକ୍ ତାହା ଆଲୋଚନା ପରିସରକୁ ଆସିଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଜନବିରୋଧି ବିଦ୍ୟୁତ୍ ବିଲ୍ ବାତିଲ ଦାବିରେ ବିକ୍ଷୋଭ




କଣିହାଁ, ୧୧।୩(ସମିସ): ନ୍ୟାସନାଲ କୋଡିନେସନ କମିଟି ଅଫ ଇଲେକଟ୍ରିକସିଟି ଏମ୍ପ୍ଲୋଇଜ୍ ଏଣ୍ଡ ଇଞ୍ଜିନିୟର୍ସ ଆହ୍ୱାନରେ ଜନବିରୋଧି ବିଦ୍ୟୁତ୍ ସଂଶୋଧନ ବିଲ-୨୦୨୫ ବାତିଲ ଦାବିରେ ସାରା ଦେଶରେ ପ୍ରତିବାଦ ଦିବସ ଉପଲକ୍ଷେ ଏଆଇପିଏଫ ଓ ଏଆଇୟୁଟିୟୁସି ପକ୍ଷରୁ ଏନଟିପିସି ବାଇପାସ ଛକଠାରେ ଏକ ପ୍ରତିବାଦ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଆଇପିଏଫ ରାଜ୍ୟ ସମ୍ପାଦକ ଦୁଃଖିଶ୍ୟାମ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଏଆଇୟୁଟିୟୁସି ନେତା ଟୁନା ନାଏକ ଓ ପ୍ରଦୀପ ପ୍ରଧାନ ବକ୍ତବ୍ୟ ପ୍ରଦାନ କରି ଏହି ବିଲ ପାରିତ ହେଲେ ବିଦ୍ୟୁତ୍ ବିତରଣ ଘରୋଇ ହାତକୁ ଚାଲିଯିବ ଓ ସାଧାରଣ ଉପଭୋକ୍ତା ଶୋଷଣର ଶିକାର ହେବେ ବୋଲି ମତପୋଷଣ କରିଥିଲେ। ଏହାକୁ ବିରୋଧ କରି ଆନ୍ଦୋଳନ ଗଢ଼ି ତୋଳିବାକୁ ସେମାନେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ନରେଶ ପ୍ରଧାନ, ବୀରେନ୍ଦ୍ର ନାଏକ, ସୁରେଶ ବେହେରା, ସିଙ୍ଗେଶ୍ୱର ସାହୁ, ମନ୍ଦର ଭୁତିଆଙ୍କ ସମେତ ଶତାଧିକ ଶ୍ରମିକ ଯୋଗ ଦେଇଥିଲେ।

## ବୃଦ୍ଧାଙ୍କ ପରଲୋକ

କିଶୋରନଗର, ୧୧।୩(ସମିସ): ଆଠମଲ୍ଲିକ ବ୍ଲକ ପାଇକସାହିର ଫୁଲତୋମା ରାଉତଙ୍କ ତାଙ୍କ ବାସଭବନ ବିଡ଼ିସିଂହ ଗ୍ରାମରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ ହୋଇଛି। ଦୁଇ ପୁଅ ଓ ତିନି ଝିଅ ଉପସ୍ଥିତ ଥିଲେ। ଏ ନେଇ ପାଇକସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପାଇକସାହି ସରପଞ୍ଚ, ତାପଡୋଲ ସରପଞ୍ଚଙ୍କ ସହିତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ତାଙ୍କ ବସଭାବନରେ ଦର୍ଶନ କରିଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସେବା ନିବୃତ୍ତି ସମ୍ବର୍ଦ୍ଧନା

କଣିହାଁ, ୧୧।୩ (ସମିସ): କଣିହାଁ ବ୍ଲକ ଅଧୀନସ୍ଥ ରେଙ୍ଗାଳି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ରବିବାର ବିଦ୍ୟାଳୟର ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ମହାନ୍ତିଙ୍କୁ ସେବା ନିବୃତ୍ତି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ପହଲି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କଣିହାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜନ କୁମାର ସାହୁ ମୁଖ୍ୟଅତିଥି, ରେଙ୍ଗାଳି ସମିତି ସଭ୍ୟ ଦେବାଶିଷ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରୀ ତଥା ଅନୁଗୋଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଚ୍ୟୁତାନନ୍ଦ ସାମଲ, ଅବସରପ୍ରାପ୍ତ ପାଲଲହଡା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ବୀରବର ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କନ୍ଦର୍ପ ମହାନ୍ତି, ସୁରେଶ ଗଡ଼ନାୟକ, ହାତିଆଦଣ୍ଡା



ସିଆରସିସି ସନ୍ତୋଷ ସାମଲ, ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣାରାଣୀ ବେହେରା, ହାତିଆଦଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗରାଜ ବେହେରା, ସମାଜସେବୀ ବିପ୍ରବର ସାମଲ, ବସନ୍ତ ଗଡ଼ନାୟକ, ୟୁନିଅନ ବ୍ୟାଙ୍କ ବରମୁଣ୍ଡା ଶାଖା ମ୍ୟାନେଜର ସୁନୀଲ ବିଶ୍ୱାଳ, ବ୍ରାଇଟ୍ କ୍ୟାରିୟର କୋଚିଂ ସେଣ୍ଟରର ମୁଖ୍ୟ ପୁରାତନ ଛାତ୍ର ରବିଚନ୍ଦ୍ର ଗୌଡ଼ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରି ସେ ଜଣେ ସମୟାନୁବର୍ତ୍ତୀ, କର୍ତ୍ତବ୍ୟନିଷ୍ଠ, ଦୃଢ଼ମନା, ଛାତ୍ର ବତ୍ସଳ ବୋଲି ମତପୋଷଣ କରିଥିଲେ। ଶ୍ରୀ ମହାନ୍ତି ୧୯୯୦ ଜୁଲାଇ ୨୨ ତାରିଖରେ ହାତିଆଦଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି ୨୦୨୬ ଫେବୃଆରୀ ୨୮ ତାରିଖରେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରେଙ୍ଗାଳିରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ ଶିକ୍ଷକତା କାଳ ମଧ୍ୟରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବହୁ ଛାତ୍ରଛାତ୍ରୀ ବିଭିନ୍ନ ବୃତ୍ତି ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ତାଙ୍କର ଛାତ୍ରଛାତ୍ରୀଙ୍କ ପ୍ରତି ଉତ୍ସର୍ଗୀକୃତ ଓ ଆକର୍ଷଣୀୟ ଶୈକ୍ଷିକ କାର୍ଯ୍ୟ ପାଇଁ ତାଙ୍କୁ ୨୦୨୪ରେ କଣିହାଁ ବ୍ଲକର ଶ୍ରେଷ୍ଠ ଶିକ୍ଷକ ସମ୍ମାନ ଓ ୨୦୨୪-୨୫ ଶିକ୍ଷା ବର୍ଷରେ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପ୍ରଦାନ କରାଯାଇଥିବାରୁ ଅତିଥିମାନେ କୃତଜ୍ଞତା ଜ୍ଞାପନ କରିଥିଲେ। ବିଦାୟୀ ଶିକ୍ଷକ ଶ୍ରୀ ମହାନ୍ତିଙ୍କ ଅନେକ ପୁରାତନ ଛାତ୍ରଛାତ୍ରୀ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଞ୍ଜୟ ଦାସ, ସନ୍ତୋଷ ସାହୁ, ଅରୁଣ ଜେନା, ଗୀତାଞ୍ଜଳି ଗଡ଼ନାୟକ, ରୀନାରାଣୀ ମହାନ୍ତି, ଅର୍ଚ୍ଚନା ପ୍ରଧାନ, ରୁସୁନା ପ୍ରଧାନ ପ୍ରମୁଖ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ହାତିଆଦଣ୍ଡା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ବିଦାୟୀ ଶିକ୍ଷକଙ୍କୁ ଶୋଭାଯାତ୍ରାରେ ତାଙ୍କ ରେଙ୍ଗାଳିସ୍ଥ ବାସଗୃହକୁ ନେଇ ବିଦାୟ ଦେଇଥିଲେ।

## • ପାନୀୟଜଳ ପାଇଁ ଝିମିରିପାଲି ଗ୍ରାମବାସୀ ହନ୍ତସନ୍ତ

## ଜଳଯୋଗାଣ ପାଇଁ ଉପଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଫେରାଦ

ପାଲଲହଡ଼ା, ୧୧।୩(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଡିମିରିଆ ପଞ୍ଚାୟତ ଝିମିରିପାଲି ଗ୍ରାମର କଲୋନୀ ସାହି, ମହାନ୍ତ ସାହି, ବୁଡି ସାହି, ମୁଣ୍ଡାସାହି ଓ ଆନନ୍ଦ ସାହିର ଶତାଧିକ ମହିଳା ପାଲଲହଡ଼ା ଉପଜିଲ୍ଲାପାଳଙ୍କୁ ଭେଟି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପୂର୍ବରୁ ବସୁଧା ଯୋଜନାରେ ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ହୋଇଥିଲା। କିନ୍ତୁ ତାହାର ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହୋଇଯାଇଛି। ଉକ୍ତ ଜଳଯୋଗାଣ ସୁଚାରୁରୂପେ ନ ହୋଇପାରିବାରୁ ୫ଟି ସାହିରେ ବସବାସ କରୁଥିବା ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଲୋକ ପାଣି ଟୋପାଏ ପାଇଁ ହୀନସ୍ତା ହେଉଛନ୍ତି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଜଳ ସଙ୍କଟ ଏବେଠାରୁ ଦେଖାଦେଲାଣି। ତେଣୁ ହର ଘର ଜଳ ଯୋଜନାରେ ଗ୍ରାମବାସୀଙ୍କୁ ସାମିଲ କରି ଜଳଯୋଗାଣ କରାଯାଉ। ଅନ୍ୟଥା ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ରଶ୍ମିତା ବାରିକ, ଝରଣା ନାଏକ, ସୁଶୀଳା ମହାକୁଳ, ପ୍ରତୀମା ମହାନ୍ତ, ଇନ୍ଦିରା ମୁଣ୍ଡା ଓ ନାଦର ମୁଣ୍ଡାଙ୍କ ନେତୃତ୍ୱରେ ଶତାଧିକ ମହିଳା ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ବଁଥରପାଳ ସ୍ନାତକ କଲେଜରେ ଆଲୋଚନାଚକ୍ର




ବଁଥରପାଳ, ୧୧।୩(ସମିସ): ବଁଥରପାଳ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦ୍ଦେବ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବାର୍ଷିକ ସାରସ୍ୱତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଦ୍ମଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ମୁଖ୍ୟଅତିଥି, ପ୍ରାଧ୍ୟାପକ ଗୁରୁ ରାଉତରାୟ ମୁଖ୍ୟବକ୍ତା, ଡକ୍ଟର ସନ୍ତୋଷ ଭୋଇ ବିଶିଷ୍ଟ ବକ୍ତା, ୨୭ନଂ ଜୋନ୍ ଜିଲ୍ଲା ପରିଷଦ ଗୋପାଳ ନାଏକ, ବାଣିଜ୍ୟ ବିଭାଗ ଅଧ୍ୟାପକ ରାଜେଶ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅବସରରେ ବହୁ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ମନୋଜ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ବିଭାଗ ମୁଖ୍ୟ ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବର୍ଷ ଭୋଇଙ୍କୁ 'ରାଧାମୋହନ ଗଡ଼ନାୟକ ସ୍ମୃତି ସମ୍ମାନ' ଓ ମଧୁସ୍ମିତା ସାହୁଙ୍କୁ 'ସ୍ୱତନ୍ତ୍ର କବି ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବିଭାଗର ଛାତ୍ରଛାତ୍ରୀ, ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ।

## ପାଣ୍ଡୁରୀପଥର ମଠରେ ନାମଯଜ୍ଞ

କିଶୋରନଗର, ୧୧।୩(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ପଞ୍ଚାୟତର ପାଣ୍ଡୁରୀପଥର ମଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଆଜି ପ୍ରାତଃ ସମୟରୁ ବାବା ଶେଷଦେବ ଦାସ ମହାରାଜଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ପ୍ରସନ୍ନ ପ୍ରଧାନ ଓ ତାଙ୍କର ସହଧର୍ମିଣୀ ପଦ୍ମାବତୀ ଦାୟିତ୍ୱ ତୁଲାଇଥିଲେ। ଏଥିରେ ୧୦ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। କମିଟିର ସଭାପତି ବୀରେନ କୁମାର ତ୍ରିପାଠୀ, ସମ୍ପାଦକ ଟୁନା ପ୍ରଧାନ, ନବୀନ ସାହୁ, ଦିଲ୍ଲୀପ ସାହୁ, ଅଶୋକ ସାହୁ, ଭୁବନ ସାହୁ, ବିପିନ ପ୍ରଧାନ, ହେମନ୍ତ ସେଠୀ, ବୀରେନ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ସନ୍ତୋଷ ପ୍ରଧାନ, ଆନନ୍ଦ ପ୍ରଧାନ ପ୍ରମୁଖ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



## • ଆନ୍ଦୋଳନରେ ଯୋଗଦେବାକୁ ୩୦ ଅସ୍ଥାୟୀ କର୍ମଚାରୀଙ୍କ ସାମୂହିକ ଛୁଟି

## ଜଙ୍ଗଲ ଜଳୁଛି, ବୁଲୁଛନ୍ତି ହାତୀ ନିୟନ୍ତ୍ରଣ କରିପାରୁନି ବନ ବିଭାଗ

ପାଲଲହଡା, ୧୧।୩(ସମିସ): ପାଲଲହଡା ବନାଞ୍ଚଳର ପାଖାପାଖି ୨୫ କିଲୋମିଟର ଭିତରେ ୩୦୦୦ ହେକ୍ଟର ଜଙ୍ଗଲରେ ବର୍ତ୍ତମାନ ନିଆଁ ଲାଗିଛି। ଏ ନିଆଁକୁ ଆୟତ୍ତ କରିବା ପାଇଁ ନିଜିଗଡ଼, ଜମରଡିହ ଓ କନ୍ତଳା ଫରେଷ୍ଟ ସେକ୍ସନରେ ବର୍ତ୍ତମାନ ୩ ମାସ ପାଇଁ ଅସ୍ଥାୟୀ ଭାବେ ୧୦ ଜଣ ନିଆଁ ଲିଭାଳି ସ୍କ୍ୱାର୍ଡ ଅଛନ୍ତି। ସମୁଦ୍ରକୁ ଶଙ୍ଖେ ପାଣି ପରି ଏତେବଡ଼ ବିରାଟ ଅଞ୍ଚଳରେ ଲାଗୁଥିବା ନିଆଁକୁ ଆୟତ୍ତ କରିବାରେ ସ୍କ୍ୱାଡ ଦଳ ଅସହାୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ନାଗିରା, ବରଡ଼ିହ ଓ ମାଲ୍ୟଗିରି ସଂରକ୍ଷିତ ଜଙ୍ଗଲରେ ନିଆଁ ଆୟତ୍ତ ବାହାରେ ଥିବାବେଳେ ତା'ସହିତ ଯମରଡ଼ିହ, ଯୋକୋପାଣି, ଲକ୍ଷ୍ମୀପ୍ରିୟାପୁର ଓ ପେଚାମୁଣ୍ଡି ଜଙ୍ଗଲରେ ସାରା ବର୍ଷ ଦନ୍ତା ହାତୀଙ୍କ ଚଳପ୍ରଚଳ ଲାଗିରହିଛି। ଜଙ୍ଗଲ ଛାଡୁ ନାହାନ୍ତି ହାତୀ ପଲ। ଏହା ମଧ୍ୟରେ ରାଜ୍ୟ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର କର୍ମଚାରୀ ପାଲଲହଡା ରେଞ୍ଜରେ କାର୍ଯ୍ୟରତ ଥିବା ଜଙ୍ଗଲ ସୁରକ୍ଷା ଓ ହାତୀ ସ୍କ୍ୱାଡର ୩୦ ଜଣ କର୍ମଚାରୀ ରାଜ୍ୟସ୍ତରୀୟ ଆନ୍ଦୋଳନରେ ଯୋଗ ଦେବାକୁ ବୁଧବାର ସଂଘର ସଭାପତି ରଜତ କୁମାର ମିଶ୍ର ଓ ସମ୍ପାଦକ ରାଜୁ ନାଏକଙ୍କ ନେତୃତ୍ୱରେ ପାଲଲହଡା ବନ ବିଭାଗ ରେଞ୍ଜର ଶିରିଶ କୁମାର ଦଳେଇଙ୍କୁ ଭେଟି ସାମୂହିକ ଛୁଟିରେ ଯିବାକୁ ଦାବି ପୂରଣ ପର୍ଯ୍ୟନ୍ତ କାର୍ଯ୍ୟରେ ଅସହଯୋଗ କରିବା ପାଇଁ ଦାବିପତ୍ର ଦେଇଛନ୍ତି।

ଏଠି ପ୍ରଶ୍ନ ଉଠୁଛି ଜଙ୍ଗଲ ସୁରକ୍ଷା, ହାତୀ ଘଉଡାଇବା, ନିଆଁକୁ ଆୟତ୍ତ କରିବାରେ ବେକାବୁ ହୋଇଥିବା ବିଭାଗ କର୍ମଚାରୀଙ୍କ ଅନୁପସ୍ଥିତରେ କେମିତି ମୁକାବିଲା କରିବ ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କ ରେ ପାଲଲହଡା ରେଞ୍ଜର ଶିରିଶ କୁମାର ଦଳେଇଙ୍କୁ ପଚାରିବାରେ ମୁଁ ଡିଏଫ୍ଓଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବି ବୋଲି କହିଛନ୍ତି।

## ଆର୍‌ଏମ୍‌ସି ପକ୍ଷରୁ ନୂତନ ହାଟ ସ୍ଥାପନ



ତାଳଚେର, ୧୧।୩(ସମିସ): ଆଜି ତାଳଚେର ଆରଏମସି ପକ୍ଷରୁ ଗୋଡ଼ିବନ୍ଧ ଫାଣ୍ଡି ସମ୍ମୁଖରେ ରହିଥିବା ମେଲଣପଡ଼ିଆ ପରିସରରେ ଏକ ନୂତନ ହାଟର ଉଦଘାଟନ ହୋଇଯାଇଛି। ଏହି ହାଟଟି ବହୁ ଦିନରୁ ଆରଏମସି ପକ୍ଷରୁ ପରିକଳ୍ପନା କରାଯାଇଥିଲେ ମଧ୍ୟ ଆଜି ଏହାର ଉଦଘାଟନ ଅବସରରେ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଖୁସି ଖେଳିଯାଇଛି। ପ୍ରଥମ ଦିବସରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୩ ଜଣ ବ୍ୟବସାୟୀ ଆସି ତାଙ୍କର ପସରା ମେଲାଇଥିଲେ। ପାଖାପାଖି ଦେଢ଼ଲକ୍ଷ ଟଙ୍କା ବେପାର ହୋଇଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଯଦି ଏଭଳି ହାରରେ ହାଟଟି ଚାଲେ ତେବେ ଆଗାମୀ ଦିନରେ ଏକ ବଡ଼ ହାଟ ହେବାର ପରିକଳ୍ପନାକୁ ଏଡ଼ାଇ ଦିଆଯାଇ ନ ପାରେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ବିଭୁପ୍ରସାଦ ପତି, ନିୟନ୍ତ୍ରିତ ବଜାର କମିଟିର ଉପାଧ୍ୟକ୍ଷ ପେସ୍କାର ଗଡ଼ନାୟକ, ସମ୍ପାଦକ ଅଶୋକ ବେହେରା, ସଭ୍ୟ ଅଶୋକ ଶତପଥୀ, ସୁଶାନ୍ତ ପ୍ରଧାନ, ଦିବ୍ୟଲୋଚନ ପ୍ରଧାନ, ବଜାର କମିଟିର କର୍ମଚାରୀ ସତ୍ୟନାରାୟଣ ପଟ୍ଟନାୟକ, ବସନ୍ତ ମହାନ୍ତି, ମନମୋହନ ପତିଙ୍କ ସାହାଯ୍ୟ ସହଯୋଗରେ ଉକ୍ତ ହାଟର ଉଦଘାଟନ ହୋଇଛି। ଏହା ପାଖଆଖ ଅଞ୍ଚଳ ଗୋଡ଼ିବନ୍ଧ, ବେଲପଡ଼ା, ଲୁହୁଣ୍ଡି, ଗୁରୁଜାଙ୍ଗ, ଜନ୍ଦାବାହାଳ, ଦୁମଦୁମା, ହରିହରପୁର, ସମଲ, ଟିପୋ, ବିକଶର, ବ୍ରଜନାଥପୁର, କଣ୍ଡାଳ, ଅରଖପାଳ, ରଘୁନାଥପୁର, ଯଦୁନାଥପୁର, ତାଳବେଡ଼ା, ସୁନାଖଣି, କାଳନ୍ଦୀପ୍ରସାଦ ସମେତ ଅନେକ ଗ୍ରାମ ଉପକୃତ ହେବେ ବୋଲି ଜନସାଧାରଣ ମତ ଦେଉଛନ୍ତି।

## ବିପୁଳ ପରିମାଣର ବ୍ରାଉନସୁଗର ଜବତ

# ୧୦ ବେପାରୀ ଗିରଫ; ଟଙ୍କା, ମୋବାଇଲ ଓ ବାଇକ୍ ଜବତ

ଅନୁଗୋଳ, ୧୧।୩(ସମିସ)

ମଙ୍ଗଳବାର ରାତିରେ ତାଳଚେର ଜନ୍ଦାବହାଲ କେନାଲ ପାଖରେ ଥିବା ଏକ ବନ୍ଦ ଆଶ୍ରମ ଘର ପାଖରେ ବିପୁଳ ପରିମାଣର ବ୍ରାଉନସୁଗର କାରବାର ଖବର ପାଇ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏସଡିପିଓ ତାଳଚେରଙ୍କ ତତ୍ତ୍ୱାବଧାନରେ ଆଇଆଇସି ତାଳଚେର ଏକ ଟିମ ଗଠନ କରି ତୁରନ୍ତ ଘଟଣାର ସତ୍ୟାସତ୍ୟ ପରଖିବା ପାଇଁ ପଠାଇଥିଲେ। ଚଢ଼ଉ ସମୟରେ ବିପୁଳ ପରିମାଣର ବ୍ରାଉନସୁଗର ସହିତ ୧୦ ଜଣ ବେପାରୀଙ୍କୁ କାବୁ କରିଥିଲେ। ସେମାନଙ୍କ ନିକଟରୁ ୫୫.୬୪ ଗ୍ରାମ ବ୍ରାଉନସୁଗାର ଯାହାର ଆନୁମାନିକ ମୂଲ୍ୟ ୫, ୬୦, ୦୦୦ ଟଙ୍କା ସହିତ ୮ଟି ମୋବାଇଲ ଫୋନ, ନଗଦ ୧୨, ୦୦୦ ଟଙ୍କା ଓ ୪ଟି ବାଇକ୍ ଜବତ କରିଥିଲେ।




ଗତ କିଛି ମାସ ହେବ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏସଡିପି ଓ ତାଳଚେରଙ୍କ ତତ୍ତ୍ୱାବଧାନରେ ତାଳଚେର ଥାନା ପକ୍ଷରୁ ତାଳଚେର ସହରକୁ ବ୍ରାଉନସୁଗର (ଧଳା ଜହର) ମୁକ୍ତ କରିବା ପାଇଁ ତାଳଚେର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଏହି କେସ ପୂର୍ବରୁ ୧୦ଟି ବ୍ରାଉନସୁଗର କେସ କରାଯାଇଛି। ଏଥିରେ ୫୦ ଜଣଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଥିବାବେଳେ ୧୫୩.୨୬ ଗ୍ରାମ ବ୍ରାଉନସୁଗର ସହିତ ନଗଦ ୫୭, ୯୬୦ ଟଙ୍କା ଓ ୪୫ଟି ମୋବାଇଲ ଫୋନ ଜବତ ହୋଇଛି। ଗତକାଲି ରାତିର ସଫଳ ଚଢ଼ଉ ତାଳଚେରରେ ଥିବା ବ୍ରାଉନସୁଗର ବେପାରୀଙ୍କ ମଧ୍ୟରେ ନିଶ୍ଚିତ ଏକ ଭୟର ବାତାବରଣ ସୃଷ୍ଟି କରିବ। ଗିରଫ ବ୍ରାଉନସୁଗର ବେପାରୀ କିଶାନ ବାରିକ (୨୫) ବାଘୁଆବୋଲ, ଆଦିତ୍ୟ କୁମାର ସାହୁ (୨୬) ତାଳବେଡ଼ା, କୀର୍ତ୍ତି ଆଜାଦ ପ୍ରଧାନ (୨୫) ହାଟତୋଟା, ଅମର ଦେହୁରୀ (୩୨) କଙ୍କିଳି, ପୂର୍ଣ୍ଣାନନ୍ଦ ସାହୁ (୨୭) ହାଟତୋଟା ସୂର୍ଯ୍ୟନଗର କଲୋନୀ, ପ୍ରଶାନ୍ତ ନାହାକ (୨୪) କିଶୋରୀଗଞ୍ଜପାଟଣା, ସୁରଜ ଭଗତ (୨୮) ସାଉଥ ବଲଣ୍ଡା, ସୌରଭ ସିଂହ (୨୩) ସାଉଥ ବଲଣ୍ଡା, ପଣ୍ଡାଅ ମହାନ୍ତି, ନାଏକ ସାଗର ନାଏକ (୨୪) ସାଉଥ ବଲଣ୍ଡା, ସୁବ୍ରତ ନାଏକ (୨୨) ବାଘୁଆବୋଲ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ବୁଧବାର ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ପୁଣି ଫେରିବ କି 'କ୍ରାଇମ ସିଟି' ଛବି?

# କେନ୍ଦ୍ରାପଡ଼ାରେ ମାଳମାଳ ଲାଇସେନ୍ସପ୍ରାପ୍ତ ବନ୍ଧୁକ

**କେନ୍ଦ୍ରାପଡା,୧୧।୩(ସମିସ)**

**ଅଧାରୁ ଅଧିକ ହୋଇନି ନବୀକରଣ**

ଏକ ସମୟରେ ଅପରାଧ ଘଟଣାକୁ ନେଇ ଚର୍ଚ୍ଚାରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ପୁଣିଥରେ ସେହି "କ୍ରାଇମ ସିଟି" ଛବି ଦିଗକୁ ଯାଉଛି କି? ବୋଲି ପ୍ରଶ୍ନ ଉଠୁଛି। ଜିଲ୍ଲାରେ ସରକାରୀ ଅନୁମତିପ୍ରାପ୍ତ ବନ୍ଧୁକ ସମ୍ବନ୍ଧୀୟ ତଥ୍ୟ ସାମ୍ନାକୁ ଆସିବା ପରେ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ୨୦୨୫ ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ ଜିଲ୍ଲାରେ ଅନ୍‌ଲାଇନ୍ ଆବେଦନ ମାଧ୍ୟମରେ ୨୭୬ଟି ବନ୍ଧୁକକୁ ସରକାରୀ ଲାଇସେନ୍ସ ମିଳିଥିଲା। କିନ୍ତୁ ତାହାମଧ୍ୟରୁ ୧୮୩ଟି ବନ୍ଧୁକର ଲାଇସେନ୍ସ ସମୟସୀମା ବର୍ଷ ବର୍ଷ ପୂର୍ବରୁ ସରିଯାଇଛି। ଏହି ବନ୍ଧୁକଗୁଡ଼ିକର ଲାଇସେନ୍ସ ନବୀକରଣ ହୋଇନାହିଁ। ପ୍ରଶାସନ ମଧ୍ୟ ସେଗୁଡ଼ିକୁ ନିଜ ହେପାଜତକୁ ନେଇନାହିଁ। ଏହାର ଅର୍ଥ ହେଉଛି ଜିଲ୍ଲାରେ ଅଧାରୁ ଅଧିକ ବନ୍ଧୁକ ଏବେ ଲାଇସେନ୍ସ ବିନା ବୁଲୁଥିବା ସନ୍ଦେହ ସୃଷ୍ଟି ହୋଇଛି। ଏହି ୧୮୩ଟି ବନ୍ଧୁକ ଏବେ କେଉଁଠି ଓ କାହା ପାଖରେ ରହିଛି, ସେଥିପାଇଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିସ୍ଥିତି ଜିଲ୍ଲାର ଆଇନ-ଶୃଙ୍ଖଳା ପାଇଁ ଗୁରୁତର ଚିନ୍ତାର ବିଷୟ ହୋଇପଡ଼ିଛି। ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ଆର୍ମସ ଆକ୍ଟ ଅନୁସାରେ ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ଲାଇସେନ୍ସ ଦେବା ପୂର୍ବରୁ ତାଙ୍କର ପୂର୍ଣ୍ଣ ପରିଚୟ, ପୃଷ୍ଠଭୂମି ଓ ଆବଶ୍ୟକତା ବିଷୟରେ ପୁଲିସ ତଦନ୍ତ ହେବା ଆବଶ୍ୟକ। ସାଧାରଣତଃ ଅବସରପ୍ରାପ୍ତ ସେନା କର୍ମଚାରୀ, ପ୍ରତିଷ୍ଠିତ ବ୍ୟବସାୟୀ କିମ୍ବା ଜୀବନ ପ୍ରତି ବିପଦ ଆଶଙ୍କା ଥିବା ବ୍ୟକ୍ତିଙ୍କୁ ଏହି ଅନୁମତି ମିଳେ। କିନ୍ତୁ କେନ୍ଦ୍ରାପଡ଼ାରେ ଏହି ନିୟମରେ ବ୍ୟତିକ୍ରମ ଘଟିଥିବା ମଧ୍ୟ ଅଭିଯୋଗ ଉଠୁଛି। ସୂଚନା ଅନୁସାରେ ଛୋଟ ବଡ଼ ଠିକାଦାର, କିଛି ରାଜନେତା ଓ ତାଙ୍କ ପରିବାର ସଦସ୍ୟ, ଏପରିକି କିଛି ସରକାରୀ କର୍ମଚାରୀ ମଧ୍ୟ ବନ୍ଧୁକ ଲାଇସେନ୍ସ ନେଇଥିବା ଜଣାପଡ଼ିଛି। ଜିଲ୍ଲାର ବିଭିନ୍ନ ଥାନା ଅଧୀନରେ ଏହି ବନ୍ଧୁକଗୁଡ଼ିକ ଏବେ ବେଆଇନ ଭାବେ ରହିଥିବା ସନ୍ଦେହ ସୃଷ୍ଟି ହୋଇଛି। ସଚେତନ ଯୁବକ ଉମେଶ ପାଢ଼ୀ ମତ ପ୍ରକାଶ କରି କହିଛନ୍ତି ଯେ, ଯଦି ଲାଇସେନ୍ସ ସମୟସୀମା ସରିଯାଇଥାଏ ତେବେ ବନ୍ଧୁକ ଧାରୀମାନେ ତାହାକୁ ନବୀକରଣ କରିବା କିମ୍ବା ପ୍ରଶାସନଙ୍କୁ ଫେରାଇବା ଆବଶ୍ୟକ। ନଚେତ ଏହା ଆଇନ ଉଲ୍ଲଂଘନ ଭାବେ ଧରାଯାଏ।

ଏହି ଅଭିଯୋଗ ନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜିଲ୍ଲାପାଳ ରଘୁରାମ ଆର୍ ଆୟର କହିଛନ୍ତି ଯେ, ଯଦି ଏହି ତଥ୍ୟ ସତ୍ୟ ପ୍ରମାଣିତ ହୁଏ ତେବେ ନିଶ୍ଚିତ ଭାବେ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ପ୍ରଶ୍ନ ଉଠୁଛି, ଯଦି ଏହି ସବୁ ତଥ୍ୟ ଗଣମାଧ୍ୟମ ପାଖରେ ରହିଛି, ତେବେ ପ୍ରଶାସନ ଏପର୍ଯ୍ୟନ୍ତ କାହିଁକି ଚୁପ୍ ରହିଛି? ଏହା ସିଷ୍ଟମର ବିଫଳତା ନା ପ୍ରଶାସନର ଅସମର୍ଥତା ସେଥିପାଇଁ ଆଲୋଚନା ଚାଲିଛି। ଏବେ ଦେଖିବାକୁ ବାକି ରହିଗଲା, ଲାଇସେନ୍ସ ସମୟସୀମା ସରିଥିବା ବନ୍ଧୁକଗୁଡ଼ିକୁ ଜବତ କରିବା ଓ ଦାୟୀଙ୍କୁ ଧରିବାରେ ପୁଲିସ ଓ ଜିଲ୍ଲା ପ୍ରଶାସନ କେତେ ସଫଳ ହେଉଛି। ଯଦି ସମୟରେ କଠୋର ପଦକ୍ଷେପ ନ ନିଆଯାଏ, ତେବେ ଏହା ଆଗାମୀ ଦିନରେ ଜିଲ୍ଲାର ଆଇନ-ଶୃଙ୍ଖଳା ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିପାରେ।

## ଜମି ନାହିଁ ବୋଲି ଆବାସ ଯୋଜନାରୁ ବଞ୍ଚିତ ସୁକାନ୍ତି



**ପଞ୍ଚୁପାଣ୍ଡବ,୧୧।୩(ସମିସ):** ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ନୋଳସାହି ଗ୍ରାମର ସୁକାନ୍ତି ଜେନାଙ୍କ ଜମି ନ ଥିବାରୁ ସେ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସରକାର ଅସହାୟ ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରିଥିଲେ ସୁଦ୍ଧା ପ୍ରଶାସନ ଅଧିକାରୀଙ୍କ ଅବହେଳା ପାଇଁ କେତେକ ଗରିବ ଲୋକେ ଏଭଳି ଯୋଜନାରୁ ବଞ୍ଚିତ ହେଉଛନ୍ତି। ସୁକାନ୍ତି ଦୀର୍ଘଦିନ ହେଲା ଶଶୁର ଘର ଛାଡ଼ି ମାମୁଘର ଅଞ୍ଚଳରେ ଏକ ଅନାବାଦୀ ଜମିରେ ଚାଳ ଘର କରି ରହିଥିଲେ। କିଛି ଦିନ ପରେ କେହି ଦୁର୍ବୃତ୍ତ ଚାଳ ଘରେ ନିଆଁ ଲଗାଇ ଦେଇଥିଲେ। ଏହି ପଞ୍ଚାୟତରେ ପରିଚୟ ପତ୍ର, ଆଧାର କାର୍ଡ ଓ ରାସନ୍ କାର୍ଡ ଥାଇ ବି ଏ ପର୍ଯ୍ୟନ୍ତ ଆବାସ ଯୋଜନା, ସରକାରୀ ଭତ୍ତା ଏବଂ ଭୂମିହୀନ ପରିବାରକୁ ସରକାରୀ ଜମି ଯୋଜନାରୁ ବଞ୍ଚିତ ହୋଇଛନ୍ତି। କେବଳ ପାଞ୍ଚ କେଜି ଚାଉଳ ପାଉଥିବା ବେଳେ ସରକାରଙ୍କ ପକ୍ଷରୁ କୌଣସି ସୁବିଧା ନ ପାଇ ହଇରାଣ ହରକତ ହେଉଛନ୍ତି। ଏ ବିଷୟରେ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ବ୍ଲକ ପ୍ରଶାସନ ଅଧିକାରୀଙ୍କ ପାଖକୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି। ଶେଷରେ ସ୍ଥାନୀୟ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ଭକ୍ତିଲତା ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ତାଙ୍କର ନିଜସ୍ୱ ଜାଗା ନଥିବାରୁ ସରକାରଙ୍କ ନିୟମ ଅନୁଯାୟୀ ତାଙ୍କର ଆବାସ ଗୃହ ମିଳି ପାରୁନାହିଁ ଏବଂ ଭତ୍ତା ପାଇଁ ବ୍ଲକ୍‌ରେ ଯୋଗାଯୋଗ କରିଛୁ। ଏହାର ତଦନ୍ତ କରାଯାଇ ଅସହାୟ ମହିଳାଙ୍କୁ ଜମି ଦେବା ସହ ଆବାସ ଗୃହ ଓ ସରକାରୀ ଯୋଜନାର ସୁବିଧା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ତାଳଚୁଆରେ ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



**ରାଜନଗର,୧୧।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାର ୯ଟି ବ୍ଲକ୍‌ରେ ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜନଗର ବ୍ଲକ୍ ତାଳଚୁଆ ବାତ୍ୟା ଆଶ୍ରୟସ୍ଥଳୀରେ ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି ଶିବିରରେ ତାଳଚୁଆ ପଞ୍ଚାୟତର ଅଧିବାସୀଙ୍କ ଅଭିଯୋଗର ଶୁଣାଣି କରାଯାଇଥିଲା। ବିଡିଓ ଅଶୋକ କୁମାର ମହାନ୍ତିଙ୍କ ପୋରୌହିତ୍ୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଡେପୁଟି କଲେକ୍ଟର ନିତ୍ୟରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ନାୟକ, ସିଡିପି ଓ ଦୀପାଞ୍ଜଳି ମିଶ୍ର ପ୍ରମୁଖ ଯୋଗଦେଇ ୩୪ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ୩୦ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ ବ୍ଲକ୍‌ର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲିଙ୍ଗ ପରିବର୍ତ୍ତନ ଓ ବାଲ୍ୟ ବିବାହକୁ ରୋକିବା ପାଇଁ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିପି ଆଶିଷ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଅର୍ପଣ ମଲ୍ଲିକ, ବିପିଏମ୍ ଦୀପକ କୁମାର ମହାନ୍ତି, ପିଇଓ ଜିତେନ୍ଦ୍ର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମଧୁସାଗର ମହୋତ୍ସବ ଉଦ୍‌ଯାପିତ



**ଡେରାବିଶ,୧୧।୩(ସମିସ):** କେନ୍ଦ୍ରାପଡ଼ା ବ୍ଲକ୍ ଭାଗବତପୁର ପଞ୍ଚାୟତ ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଗତ ତିନିଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ମଧୁସାଗର ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ବଳଦେବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉଦ୍‌ଯାପନୀ ସଭାରେ କମିଟିର ସଭାପତି ଡଃ ବିଶ୍ୱପ୍ରକାଶ କାନୁନ୍‌ଗୋ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଜେପି ନେତ୍ରୀ ଗିତାଞ୍ଜଳି ସେଠୀ, ମୁଖ୍ୟବକ୍ତା ଭାବରେ ଅଏଲ ଇଣ୍ଡିଆ ପୂର୍ବାଞ୍ଚଳ ନିର୍ଦ୍ଦେଶକ ପୀତାମ୍ବର ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବରେ ଅଧ୍ୟାପକ ଦୀପକ କୁମାର ଓଝା, ଗାଳ୍ପିକ ହରେକୃଷ୍ଣ ବରାଳ, ବ୍ୟଙ୍ଗକବି ଶ୍ରୀଧର କୁମାର ମହାନ୍ତି, ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ, ଭାଗବତପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସମବାୟବିତ୍ ଧରଣୀଧର ଦାସ, କମିଟି କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ, ଉପସଭାପତି ପ୍ରାଣକୃଷ୍ଣ ସାମଲଙ୍କ ଗହଣରେ ମୁଖ୍ୟଅତିଥି ଶ୍ରୀମତୀ ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଦୁର୍ଗାମାଧବ ପଣ୍ଡା ବେଦପାଠ କରିଥିଲେ। କମିଟି ସମ୍ପାଦକ ମଦନ ମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଲିଆସ୍ଥିତ ବୀଣାପାଣି ସଙ୍ଗୀତ ସଦନର ଛାତ୍ରୀମାନେ ସମବେତ ସଙ୍ଗୀତ ଗାନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମଞ୍ଚାସୀନ ଅତିଥିମାନେ ଐତିହାସିକ, ପୌରାଣିକ ଓ ଲୋକକଥା ଆଧାରରେ ମଧୁସାଗରର ଉତ୍ପତ୍ତି ଓ ନାମକରଣ ସମ୍ପର୍କରେ ତଥ୍ୟ ସମ୍ବଳିତ ସୂଚନା ପ୍ରଦାନ କରିଥିଲେ। ନାଟ୍ୟଗୁରୁ ଶରତ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ ସହ ପ୍ରଭୁକୃପା ନୃତ୍ୟ ଶିକ୍ଷା କେନ୍ଦ୍ର ପରିଚାଳକଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରୀଙ୍କୁ ନେଇ ନୃତ୍ୟ ଓ କାଦୁଆ ଗ୍ରାମର ଦୁଇ ନୃତ୍ୟାଙ୍ଗନା ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ରମେଶ ଚନ୍ଦ୍ର ପତିଙ୍କ ନିର୍ଦ୍ଦେଶନାରେ ଘୋଡ଼ାନାଚ ପରିବେଷଣ କରାଯାଇଥିଲା। ଶେଷରେ କମିଟିର ଉପସଭାପତି ଡଃ ଡମ୍ବରୁଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କମିଟି କୋଷାଧ୍ୟକ୍ଷ ନାରାୟଣ ସ୍ୱାଇଁ, ପ୍ରଶାନ୍ତ କୁମାର ଦାସ, ଚିନ୍ମୟ ପ୍ରସାଦ ମହାନ୍ତି, ଜିତେନ୍ଦ୍ର କୁମାର ମହାନ୍ତି, ନିଗମ ଶେଖର ମହାନ୍ତି, ନିଶିକାନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। କମିଟିର ବୟୋଜ୍ୟେଷ୍ଠ ସଦସ୍ୟ କିଶୋର ଚନ୍ଦ୍ର ମହାନ୍ତି, କାର୍ତ୍ତିକ ଚରଣ ନାୟକ, ନିରଞ୍ଜନ ସ୍ୱାଇଁ, ପୁରୁଷୋତମ ସାହୁ, ଶରତ କୁମାର ସ୍ୱାଇଁଙ୍କ ଉପସ୍ଥିତି ଆୟୋଜକଙ୍କୁ ପ୍ରୋତ୍ସାହିତ କରିଥିଲା।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ରାଜନଗର,୧୧।୩(ସମିସ): ରାଜନଗରବ୍ଲକ୍ ସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୀୟ କୁମାର ଦାସ ସଭାପତିତ୍ୱ କରିଥିଲେ। ଏଥିରେ +୩ ଜାତୀୟ ସେବା ଯୋଜନା ସଂସ୍ଥାର ପ୍ରୋଗ୍ରାମ ଅଫିସର ଡକ୍ଟର ଆଲୋକ ବେହେରା ସଭା ପରିଚାଳନା କରିଥିଲେ। ସଡ଼କ ସୁରକ୍ଷାର ନିୟମାବଳୀ ଓ କିପରି ଦୁର୍ଘଟଣାକୁ ଏଡ଼ାଇ ପାରିବା ସେ ସମ୍ବନ୍ଧୀୟ ମତାମତ ରଖିଥିଲେ। ଉଚ୍ଚ ଶିକ୍ଷା ବିଭାଗ ତରଫରୁ ସଡ଼କ ସୁରକ୍ଷା ସଚେତନତାର ଏକ ଭିଡିଓ ଚଲାଇ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ନିୟମାବଳୀ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ସଡ଼କ ସୁରକ୍ଷାର ବିଭିନ୍ନ ଚିହ୍ନ ଓ ଟ୍ରାଫିକ ନିୟମ ପାଳନର ଗୁରୁତ୍ୱ ବିଷୟରେ ଆଲେଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଶତାଧିକ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ମନ୍ଦିର ବେଢ଼ା ସଫେଇ କାର୍ଯ୍ୟକ୍ରମ

**ଡେରାବିଶ,୧୧।୩(ସମିସ):** ଡେରାବିଶ ବ୍ଲକ୍ କୁଶିଆପାଳ ପଞ୍ଚାୟତ ପ୍ରଭୁ ଶ୍ରୀଲଛମନଜିଉଙ୍କ ମନ୍ଦିର ପରିସର ଓ ସମ୍ମୁଖ ଭାଗକୁ ଆଜି ସଫେଇ କରାଯାଇଛି। କୁଶିଆପାଳ ଓ ଗୁଆଳସିଂ ଗ୍ରାମପଞ୍ଚାୟତ ମଧ୍ୟରେ ଥିବା ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ୍ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା ପରିଚାଳକ ସୁବେଦାର ମେଜର ବ୍ରଜ କିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଏହି ସଫେଇ କାର୍ଯ୍ୟ କରାଯାଇଥିଲା। ମନ୍ଦିର ପରିସରରେ ପଞ୍ଚୁଦୋଳ ମେଳଣ ଅନୁଷ୍ଠିତ ହୋଇଥିଲା। ଏହି ମେଳଣ ଫଳରେ ମନ୍ଦରି ପରିସର ଓ ଏହାର ଚାରିପାଖରେ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆବର୍ଜନା ପଡ଼ିରହିଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅନୁଷ୍ଠିତ ଏହି ସଫେଇ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



## ଗହୀରମଥା ନିଷିଦ୍ଧାଞ୍ଚଳରେ କଇଁଛ ସୁରକ୍ଷାକୁ ଗୁରୁତ୍ୱ

**ରାଜନଗର,୧୧।୩(ସମିସ):** ଏବେ ଅଲିଭି ରିଡେଲ କଇଁଛଙ୍କ ଅଣ୍ଡା ଦେବାର ସମୟ। ନଭେମ୍ବର ଏକ ତାରିଖଠାରୁ ଆଗନ୍ତୁକ କଇଁଛମାନଙ୍କ ମିଳନ ପର୍ବ ପରେ ମା' କଇଁଛ ଏବେ କୂଳମୁହାଁ ହେବାରେ ଲାଗିଛନ୍ତି। ଆଉ ଦିନ କେଇଟା ପରେ ସମୂହ ଅଣ୍ଡାଦାନ ଅପେକ୍ଷାରେ ଥିବାବେଳେ ଗଭୀର ସମୁଦ୍ର ଭିତରେ ଶକ୍ତିଶାଳୀ ଟ୍ରଲର, ବୋଟ ଧକ୍କାରେ କଇଁଛ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ବିଭିନ୍ନ ଗଣମାଧ୍ୟମରେ କଇଁଛ ମରିବା ସଂଖ୍ୟାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇବାପରେ ବୁଧବାର ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଭୁବନେଶ୍ୱର ଆଞ୍ଚଳିକ ଅତିରିକ୍ତ ବନ ସଂରକ୍ଷକ ତଥା ଗହିରମଥା କଇଁଛ ସୁରକ୍ଷା ଦାୟିତ୍ୱରେ ଥିବା ଏମ. ଯୋଗ ଜଗଦାନନ୍ଦ ଟିଂଚିରି ମୁହାଣଠାରୁ ଏକକୁଳା କଇଁଛ ଅଣ୍ଡାଦେବା ସ୍ଥାନ ବୁଲି ଦେଖିବା ସହିତ ମୃତ କଇଁଛ ସମ୍ବନ୍ଧରେ ଅନୁଧ୍ୟାନ କରିଛନ୍ତି। ପରେ ରାଜନଗର ବନ ବିଭାଗର ସମ୍ମିଳନୀ କକ୍ଷରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ସେ କହିଛନ୍ତି ଯେ ଗହୀରମଥା ନିଷିଦ୍ଧାଞ୍ଚଳରେ କଇଁଛ ସୁରକ୍ଷାକୁ କଡ଼ାକଡ଼ି କରାଯାଉଛି। ନିଷିଦ୍ଧାଞ୍ଚଳ ସୀମା ବାହାରେ କଇଁଛମାନେ ମରିବା ସହିତ ଦକ୍ଷିଣା ପବନ ବହିଲେ ସେଗୁଡ଼ିକ ସାତଭାୟା ବେଳାଭୂମିରେ ଲାଗୁଛନ୍ତି। ନଭେମ୍ବର ମାସରୁ ଆଜି ସୁଦ୍ଧା ଶହେରୁ ଊର୍ଦ୍ଧ୍ୱ କଇଁଛ ମରିଛନ୍ତି ଏବଂ ସେଗୁଡ଼ିକର କ୍ରମାଙ୍କ ଚିହ୍ନିତ କରାଯାଉଛି। କଇଁଛ ସୁରକ୍ଷା ପାଇଁ ଷୋଳଟି ସୁରକ୍ଷା କ୍ୟାମ୍ପ କରାଯାଇଛି। ଆଗକୁ ଯେପରି କଇଁଛ ନ ମରିବେ ସେଥିପାଇଁ ବନ ବିଭାଗ ସଜାଗ ରହିଛି ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ଭରଦରାଜ ଗାଓଁକର, ଏସିଏଫ୍ ମାନସ ଦାସ, ଗଗନ ମଲ୍ଲିକ, ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, କପିଳେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଗ୍ରାମ ପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ଜନ ଅଭିଯୋଗ ଶୁଣାଣି ଶିବିର



**ଡେରାବିଶ,୧୧।୩(ସମିସ):** ଡେରାବିଶ ବ୍ଲକ୍ ବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଆଜି ଗ୍ରାମପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୮୦ଜଣ ଅଭିଯୋଗକାରୀ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ପଞ୍ଜୀକରଣ କରିଥିଲେ। ବିଡିଓ ନମିତା ବାରିକ, ଏବିଡିଓ ମୃଣ୍ମୟ ରାଉତ, ସରପଞ୍ଚ କଳ୍ପନା ବେହେରା ଓ ବ୍ଲକ୍ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସଙ୍କ ସମେତ ବ୍ଲକ୍ ପ୍ରଶାସନର ଅନ୍ୟ ଅଧିକାରୀ ଏହି ଶିବିରରେ ଉପସ୍ଥିତ ରହି ହିତାଧିକାରୀଙ୍କ ଅଭିଯୋଗ ଶୁଣିଥିଲେ। ତେବେ ପକ୍କା ଘର, ରାସନ କାର୍ଡ ଓ ଭତ୍ତା ସମ୍ପର୍କିତ ସର୍ବାଧିକ ଅଭିଯୋଗ ନେଇ ହିତାଧିକାରୀ ଅଧିକାରୀଙ୍କୁ ଗୁହାରି କରିଥିବା ବେଳେ ବିଦ୍ୟୁତ, ଜମିବାଡ଼ି ଓ ଛାତ୍ରବୃତ୍ତି ସମ୍ପର୍କିତ କେତେକ ଅଭିଯୋଗ ଏହି ଶୁଣାଣିରେ ସାମିଲ ରହିଥିଲା। ତେବେ ଆଜିଠାରୁ ଜିଲ୍ଲାର ୯ଟି ବ୍ଲକ୍ ଅଞ୍ଚଳରେ ଏହି ପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ଶୁଣାଣି ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନମାନଙ୍କରେ ପ୍ରତ୍ୟେକ ବୁଧବାର ବ୍ଲକ୍ ଅଧୀନ ଅନ୍ୟାନ୍ୟ ପଞ୍ଚାୟତରେ ବ୍ଲକ୍ ପ୍ରଶାସନ ପହଞ୍ଚି ଜନଶୁଣାଣି ଶିବିର କରି ଲୋକମାନଙ୍କ ସମସ୍ୟାର ସମାଧାନ କରିବାର ନିଷ୍ପତ୍ତି ହୋଇଥିବା ବିଡିଓ ଶ୍ରୀମତୀ ବାରିକ ସୂଚନା ଦେଇଛନ୍ତି।

## ଷ୍ଟୁଡେଣ୍ଟ-ପୁଲିସ ସଚେତନତା କାର୍ଯ୍ୟକ୍ରମ

**ଡେରାବିଶ,୧୧।୩(ସମିସ):** ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟସ୍ଥିତ ଡେରାବିଶ ହାଇସ୍କୁଲରେ ଆଜି ଷ୍ଟୁଡେଣ୍ଟ-ପୁଲିସ କ୍ୟାଡେଟ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୪ଜଣ କ୍ୟାଡେଟ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଗାଇଡ୍ ଶିକ୍ଷୟିତ୍ରୀ ସୋନାଲି ମିଶ୍ର ଓ ଗାଇଡ ଶିକ୍ଷକ ପ୍ରିୟଦର୍ଶୀ ଗଗନ ବିହାରୀ ବେହେରାଙ୍କ ନେତୃତ୍ୱରେ ସମସ୍ତ କ୍ୟାଡେଟ୍ ଏକ ଶୋଭାଯାତ୍ରାରେ ଡେରାବିଶ ଥାନାକୁ ପରିଦର୍ଶନରେ ଯାଇ ସେଠାକାର ପରିବେଶ ଓ ବ୍ୟବସ୍ଥା ବୁଲି ଦେଖିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ସଭାଗୃହରେ ପ୍ରଧାନ ଶିକ୍ଷୟିତ୍ରୀ ଟିକିଲି କୁମାରୀ ସ୍ୱାଇଁଙ୍କ ପୌରୋହିତ୍ୟ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିଭାବେ ଡିଏସ୍‌ପି ଲକ୍ଷ୍ମୀନାରାୟଣ ତିୱାରୀ, ସବ୍‌ଇନିସପେକ୍ଟର ଝରଣା ପ୍ରଧାନ ଓ ସବ୍‌ଇନିସପେକ୍ଟର ଅନସୂୟା ନାୟକ ଯୋଗଦେଇ କ୍ୟାଡେଟଙ୍କୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ କ୍ୟାଡେଟମାନଙ୍କୁ ସ୍କୁଲ ବ୍ୟାଗ ଓ ପାଣି ବୋତଲ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷକ ରାମଚନ୍ଦ୍ର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ଶିକ୍ଷକ ଚିତ୍ତରଞ୍ଜନ କର, ରାକେଶ କୁମାର ମଲ୍ଲିକ, ଚିତ୍ତରଞ୍ଜନ ଦାସ, ନରୋତ୍ତମ ସେଠୀ ଓ ଶିକ୍ଷୟିତ୍ରୀ ରୀତାଞ୍ଜଳି ସାହୁଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



**ଡେରାବିଶ,୧୧।୩(ସମିସ):** ଡେରାବିଶ ବ୍ଲକ୍ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ଗତ ୮ ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପିକା ଡଃ ସୁଷମା ଶତପଥି ଯୋଗଦେଇଥିଲେ। ପ୍ରଶିକ୍ଷିକା ଭାବେ ସୁଶ୍ରୀ ଆଦ୍ୟାଶା ଲେଙ୍କା ମହାବିଦ୍ୟାଳୟର ଛାତ୍ରୀଙ୍କୁ ପ୍ରଶିକ୍ଷିତ କରାଇଥିଲେ। ଆଜି ଛାତ୍ରୀମାନେ ଶିଖିଥିବା କିଛି କୌଶଳକୁ ଅତିଥିମାନଙ୍କ ସମ୍ମୁଖରେ ପ୍ରଦର୍ଶିତ କରିଥିଲେ। ଅଧ୍ୟାପିକା ସ୍ମୃତି ଶ୍ରାବଣୀ ସଭା ସଂଯୋଜନା କରିଥିଲେ। ଅଧ୍ୟାପିକା ମିନାକ୍ଷୀ ପ୍ରଧାନ ଅତିଥି ପରିଚୟ, ଅଧ୍ୟାପିକା ସୁକନ୍ୟା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ମେନକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଝରାଶ୍ରୀ ପରିଜା, ସ୍ମୃତିରେଖା ପଣ୍ଡା, ମନୀଷା ଦାସ, ଜ୍ୟୋତିର୍ମୟୀ ନାଥଶର୍ମା, ଶର୍ମିଷ୍ଠା ଦାସ, ଶାଶ୍ୱତୀ ପ୍ରଜ୍ଞା, ଅଧ୍ୟାପକ ଦିବ୍ୟକୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଧର୍ମପ୍ରଣା ମହିଳା ପ୍ରଭାତୀଙ୍କ ଦେହାନ୍ତ

**ପଞ୍ଚୁପାଣ୍ଡବ,୧୧।୩(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତର ସରପଞ୍ଚ ମୋହନ ଚରଣ ସାହୁଙ୍କ ପତ୍ନୀ ପ୍ରଭାତୀ ସାହୁ(୬୭) ଙ୍କ ଦେହାନ୍ତ ହୋଇଯାଇଛି। ପ୍ରଭାତୀଙ୍କ କିଛି ଦିନ ତଳେ ଦେହ ଅସୁସ୍ଥ ଥିଲା। ତାଙ୍କୁ କଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାୟ ୨୦ ଦିନ ପରେ ମଙ୍ଗଳବାର ଚିକିତ୍ସିତ ହେବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ଜଣାଶୁଣା ପରିଚିତ ଓ ଧର୍ମ ପ୍ରାଣୀ ମହିଳା ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିଲା। ବୁଧବାର ଦିନ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ବେଳେ ପୁଅ ଚିନ୍ମୟ ସାହୁ ମୁଖାଗ୍ନି ଦେଇଥିଲେ।

# ପାଳପାଟଣା-ମହାସାହାଣୀ ସେତୁ ନିର୍ମାଣରେ ବିଳମ୍ବ; ବଢ଼ୁଛି ଅସନ୍ତୋଷ

**ପଟ୍ଟାମୁଣ୍ଡାଇ,୧୧।୩(ସମିସ)**

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଶ୍ରୀରାମପୁର ପଞ୍ଚାୟତ ପାଳପାଟଣା ଠାରେ ବ୍ରାହ୍ମଣୀନଦୀ ଉପରେ ପାଳପାଟଣା-ମହସାହାଣୀ ସେତୁ ନିର୍ମାଣ ପାଇଁ ସରକାର ବର୍ଷେ ହେବ ସ୍ୱୀକୃତି ପ୍ରଦାନ କରିଥିଲେ ହେଁ ଏଯାଏଁ ଏହାର କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେତୁ ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଗ୍ରାମ୍ୟଉନ୍ନୟନ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିବାବେଳେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ନଥିବାରୁ ଲୋକେ ଆଶା ଆଶଙ୍କାରେ ରହିଛନ୍ତି। କେବେ ଏହାର ନିର୍ମାଣ କାମ ଆରମ୍ଭ ହେବ ସେ ନେଇ ମଧ୍ୟ ଅଞ୍ଚଳବାସୀ କୌଣସି ସୂଚନା ପାଇପାରୁନାହାନ୍ତି।

ପ୍ରତିବର୍ଷ ବନ୍ୟାରେ ଶ୍ରୀରାମପୁର ପଞ୍ଚାୟତ ସମ୍ପୂର୍ଣ୍ଣ ପାଣି ଘେରରେ ରହୁଥିବାବେଳେ ଚିଂବନ୍ଧ ମଧ୍ୟରେ ଥିବା ଡାମରପୁର, ବଳଭଦ୍ରପୁର ପଞ୍ଚାୟତ ଚତୁଃପାର୍ଶ୍ୱରେ ବନ୍ୟାଜଳ ଘେରି ରହୁଛି। ଫଳରେ ପଞ୍ଚାୟତ ଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଏ। ଅନ୍ୟପକ୍ଷରେ ବର୍ଷା ୪ ମାସ ଉକ୍ତ ପଞ୍ଚାୟତର ଅଧିବାସୀ ଯାତାୟାତ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ୍ ସଦର ମହକୁମା ଓ କେନ୍ଦ୍ରାପଡ଼ା ଜିଲ୍ଲା ସଦର ମହକୁମାକୁ ବିଭିନ୍ନ କାମନେଇ ଉକ୍ତ ପଞ୍ଚାୟତର ଲୋକମାନଙ୍କୁ ଯିବାକୁ ହେଲେ ଦୀର୍ଘ ପଥ ଅତିକ୍ରମ କରି ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟାବନ୍ଧ ରାସ୍ତା ପର୍ଯ୍ୟନ୍ତ ଯିବାକୁ ପଡ଼ିଥାଏ। ପାଳପାଟଣା-ମହାସାହାଣୀ ସେତୁ ନିର୍ମାଣ କରାଗଲେ ଉକ୍ତ ପଞ୍ଚାୟତର ଅଧିବାସୀ ଅଳ୍ପ ଦୂରତା ଅତିକ୍ରମ କରି ଆଳି ରିଂରୋଡ ରାସ୍ତା ପର୍ଯ୍ୟନ୍ତ ଯାଇ ସେଠାରୁ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଓ ଅନ୍ୟାନ୍ୟ ଅଞ୍ଚଳକୁ ସହଜରେ ଯା'ଆସ କରିପାରିବେ। ପୁନଶ୍ଚ ଆଳି ବ୍ଲକ୍ ସଦର ମହକୁମା ସହିତ ଏହା ଅନ୍ୟତମ ସଂଯୋଗୀକରଣ ରାସ୍ତା ହୋଇଥିବା ବେଳେ ଅଳ୍ପ ପଥ ଅତିକ୍ରମ କରି ଲୋକମାନେ ଆଳି ବଜାର ସମେତ ସିଙ୍ଗିରି ଓ ପତ୍ରପୁର ବଜାରକୁ ସହଜରେ ଯିବା ସଙ୍ଗେ ସଙ୍ଗେ ଆଳି ବରାହଜିଉଙ୍କ କ୍ଷେତ୍ରକୁ ଯାତାୟାତ ପାଇଁ ରାସ୍ତା ସୁଗମ ହୋଇପାରିବ। ପାଳପାଟଣା-ମହାସାହାଣୀ ସେତୁ ନିର୍ମାଣ କରାଗଲେ ଧୋୟାଞ୍ଚଳର ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ପଞ୍ଚାୟତ ସମେତ ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ସଂସାରଫଳ, ଚନ୍ଦନନଗର, ବିଲିକଣା, ଓଉପଦା, ଶାସନ, ଖଣତା, ଦୋଷିୟା ଆଦି ପଞ୍ଚାୟତ ସମେତ ରାଜନଗର ବ୍ଲକର ଦାଣ୍ଡି ସମେତ ଆଖପାଖ ଗ୍ରାମ ଏବଂ ଆଳି ବ୍ଲକ୍‌ର ମାଣିକପାଟଣା, ସିଙ୍ଗିରି, ଅରେହିକଣା, ନରେନ୍ଦ୍ରପୁର, ପତ୍ରପୁର ଆଦି ପଞ୍ଚାୟତର ଲକ୍ଷାଧିକ ଲୋକ ବିଶେଷ ଭାବେ ଉପକୃତ ହେବେ।



ରାଜ୍ୟସରକାରଙ୍କ ପ୍ରସ୍ତାବିତ ପାଳପାଟଣା-ମାହାସାହାଣୀ ସେତୁ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ନଦୀ ପାର ହେବାକୁ ଲୋକମାନେ ଡଙ୍ଗାକୁ ଆଶ୍ରା କରିଥିବାବେଳେ ବିପଜ୍ଜନକ ଭାବେ ଲୋକମାନେ ଦୈନିକ ଡଙ୍ଗାରେ ନଦୀ ପାର ହେଉଥିବା ଦେଖିବାକୁ ମିଳିଥାଏ। ପଟ୍ଟାମୁଣ୍ଡାଇ ବ୍ଲକ୍ ସଦର ମହକୁମା ଓ କେନ୍ଦ୍ରାପଡ଼ା ଜିଲ୍ଲା ସଦର ମହକୁମାକୁ ବିଭିନ୍ନ କାମନେଇ ଉକ୍ତ ପଞ୍ଚାୟତର ଲୋକମାନଙ୍କୁ ଯିବାକୁ ହେଲେ ଦୀର୍ଘ ପଥ ଅତିକ୍ରମ କରି ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟାବନ୍ଧ ରାସ୍ତା ପର୍ଯ୍ୟନ୍ତ ଯିବାକୁ ପଡ଼ିଥାଏ। ପାଳପାଟଣା-ମହାସାହାଣୀ ସେତୁ ନିର୍ମାଣ କରାଗଲେ ଉକ୍ତ ପଞ୍ଚାୟତର ଅଧିବାସୀ ଅଳ୍ପ ଦୂରତା ଅତିକ୍ରମ କରି ଆଳି ରିଂରୋଡ୍ ରାସ୍ତା ପର୍ଯ୍ୟନ୍ତ ଯାଇ ସେଠାରୁ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଓ ଅନ୍ୟାନ୍ୟ ଅଞ୍ଚଳକୁ ସହଜରେ ଯାଇପାରିବେ। ପୁନଶ୍ଚ ଆଳି ବ୍ଲକ୍ ସଦର ମହକୁମା ସହିତ ଏହା ଅନ୍ୟତମ ସଂଯୋଗୀକରଣ ରାସ୍ତା ହୋଇଥିବା ବେଳେ ଅଳ୍ପ ପଥ ଅତିକ୍ରମ କରି ଲୋକମାନେ ଆଳି ବଜାର ସମେତ ସିଙ୍ଗିରି ଓ ପତ୍ରପୁର ବଜାରକୁ ଯାଇପାରିବେ।

# ସମ୍ପାଦକୀୟ



ବର୍ଷରେ ଏମିତି ଦୁଇଟି ଦିନ ଅଛି, ଯେଉଁ ଦିନ ଆମେ କୌଣସି କାମ କରିପାରିବା ନାହିଁ, ଗତକାଲି ଏବଂ ଆସନ୍ତା କାଲି।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ରାଜ୍ୟପାଳ ଓ ରାଜନୀତି

ସଂଘୀୟ ଢାଞ୍ଚା ଓ କ୍ଷମତାକେନ୍ଦ୍ର ସାମ୍ବିଧାନିକ ବ୍ୟବସ୍ଥା ଦୃଷ୍ଟିରୁ ଏକ ବୃହତ୍ତର ଦିଗକୁ ଇଙ୍ଗିତ କରୁଥିଲେ ମଧ୍ୟ ଆବଶ୍ୟକତା ଦୃଷ୍ଟିରୁ କର୍ତ୍ତୃତ୍ୱ ଓ ସ୍ୱାୟତ୍ତତା ପ୍ରୟୋଗ କରିଆସିଛି। ତେବେ ଏ କ୍ଷେତ୍ରରେ କ୍ଷମତାର କ୍ଷଣଭଙ୍ଗୁରତାକୁ ଦୃଷ୍ଟିରେ ରଖି ସନ୍ତୁଳନ ରକ୍ଷା କରିନପାରିଲେ ସଂଘୀୟ ବ୍ୟବସ୍ଥା ଭୁଷୁଡ଼ି ପଡ଼ିବାର ସମ୍ଭାବନା ମଧ୍ୟ ଅଛି। ସେ ଦୃଷ୍ଟିରୁ କେନ୍ଦ୍ରରେ କ୍ଷମତାସୀନ ଦଳ ବିରୋଧୀ ଶାସିତ ରାଜ୍ୟ ସରକାରଙ୍କ ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିବାରେ ତୃତୀୟ କ୍ଷମତା କେନ୍ଦ୍ରକୁ ପ୍ରୟୋଗ କରିଥାନ୍ତି। ସମ୍ବିଧାନିକ ବ୍ୟବସ୍ଥା ଦୃଷ୍ଟିରୁ ରାଜ୍ୟପାଳଙ୍କ ସୀମିତ କ୍ଷମତା ସତ୍ତ୍ୱେ ତାଙ୍କ ପଦ ମର୍ଯ୍ୟାଦାର ଦୁରୂପଯୋଗ ଏକାଧିକ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ରାଜ୍ୟବାସୀଙ୍କ ବହୁମତରେ ନିର୍ବାଚିତ ସରକାରଙ୍କ ଉପରେ ଅଙ୍କୁଶ ପ୍ରୟୋଗ ପ୍ରସଙ୍ଗ ଅଦାଲତି ହସ୍ତକ୍ଷେପ ପର୍ଯ୍ୟନ୍ତ କଥା ଯାଇଥିଲେ ମଧ୍ୟ ରାଜ୍ୟପାଳଙ୍କ ରାଜନୀତି ଉପରେ କଟକଣା ଲାଗିପାରିନି। ନିକଟରେ ରାଷ୍ଟ୍ରପତି ୭ଟି ରାଜ୍ୟରେ ରାଜ୍ୟପାଳ ନିଯୁକ୍ତି ଓ ଅଦଳବଦଳ କରିଛନ୍ତି। ଏକ୍ଷେତ୍ରରେ ରାଜ୍ୟରେ କ୍ଷମତାସୀନ ସରକାରଙ୍କ ସହ ପରାମର୍ଶ କରିବାର ଆବଶ୍ୟକତାକୁ ମଧ୍ୟ ଏଡ଼ାଇ ଦିଆଯାଇଛି। ରାଜ୍ୟପାଳଙ୍କ ନିଯୁକ୍ତି ଓ କ୍ଷମତା ପ୍ରୟୋଗ ଏବଂ କେନ୍ଦ୍ରର ଭୂମିକା ନେଇ ଯେତେ ଯାହା ବିତର୍କ ହେଉନା କାହିଁକି ଏକ୍ଷେତ୍ରରେ ସମ୍ବିଧାନିକ ବ୍ୟବସ୍ଥା ଅସ୍ପଷ୍ଟ, ବରଂ ପ୍ରଚଳିତ ବ୍ୟବସ୍ଥା ପ୍ରତି ନିରବ ସମର୍ଥନ ରହିଛି। ଆମକୁ ଏଠାରେ କହିବାକୁ ହେଉଛି ଯେ ବ୍ୟବସ୍ଥା ଓ ପରମ୍ପରାକୁ ସଂପୂର୍ଣ୍ଣ ରୂପେ ଅଣଦେଖା କରାଯାଇନଥିବାରୁ ଏନେଇ ଉଠୁଥିବା ଆପତ୍ତି ଅର୍ଥହୀନ ହୋଇପଡ଼ିଛି।

ଯେକୌଣସି ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ରାଜନୈତିକ ଦୃଶ୍ୟପଟରେ ରାଜ୍ୟପାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସଂଖ୍ୟା ଗରିଷ୍ଠ ଦଳ ବା ମେଣ୍ଟରେ ନେତାଙ୍କୁ ସେ ସରକାର ଗଠନ ପାଇଁ ଆମନ୍ତ୍ରଣ କରିଥାନ୍ତି। ବହୁ ଦଳୀୟ ମେଣ୍ଟରେ କ୍ଷମତା ରାଜନୀତିକୁ ନେଇ ଅସନ୍ତୋଷ ଥିଲେ ସେଭଳି କ୍ଷେତ୍ରରେ ରାଜ୍ୟପାଳଙ୍କ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗର ସୁଯୋଗ ରହିଛି। ଏସବୁ ବାଦ ସରକାର ଗଢିବାର ସୁଯୋଗ ପାଇଥିବା ବହୁଦଳୀୟ ମେଣ୍ଟକୁ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ଅଧିକ ଦିନ ସେ ସମୟ ଦେଇପାରିବେ। ଏହି ସୁଯୋଗ କ୍ଷମତା କେନ୍ଦ୍ରକୁ ରାଜନୈତିକ ସ୍ଥିରତା ସୃଷ୍ଟି ପାଇଁ ସହାୟକ ହୋଇଥାଏ। ସେହିଭଳି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କ୍ଷେତ୍ରରେ ମଧ୍ୟ ରାଜ୍ୟପାଳଙ୍କ ରିପୋର୍ଟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ସୀମିତ ଭୂମିକା ସତ୍ତ୍ୱେ ବିଧାନସଭାରେ ଗୃହୀତ ବିଲ୍‌କୁ ଦୀର୍ଘଦିନ ଧରି ଅଟକ ରଖି ସରକାରଙ୍କୁ ସାଧାରଣରେ ଅପଦସ୍ଥ କରିବା ମଧ୍ୟ ଅନ୍ୟ ଏକ ଦିଗ। ରାଜ୍ୟପାଳଙ୍କ ସରକାର ବିରୋଧୀ ଅଭିମୁଖ୍ୟର ସୁଯୋଗ ନେଇଥାଏ ରାଜ୍ୟର ବିରୋଧୀ ଦଳ। ଏକାଧିକ କ୍ଷେତ୍ରରେ ସେମାନେ ଉତ୍ସାହିତ ହୋଇ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି କରିଥାନ୍ତି। ତାମିଲନାଡୁ ଓ କେରଳ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣକୁ ନେଇ ମଧ୍ୟ ନୂଆ ବିବାଦ ସୃଷ୍ଟି ହୋଇଥିଲା। ପରମ୍ପରା ଅନୁଯାୟୀ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣକୁ ରାଜ୍ୟପାଳ ପାଠ କରିବାର ଥିଲେ ମଧ୍ୟ ସେଥିରେ ଆପତ୍ତି ଉଠାଇ ଗୃହତ୍ୟାଗ କରିବା ଘଟଣା ମଧ୍ୟ ଆଲୋଚନା ପରିସରକୁ ଆସିଛି।

ନିକଟରେ ତାମିଲନାଡୁ ରାଜ୍ୟପାଳ ଆର.ଏନ.ରବିଙ୍କୁ ପଶ୍ଚିମ ବଙ୍ଗରେ ଅବସ୍ଥାପିତ କରାଯାଇଛି। ସେଠାରେ ଥିବା ରାଜ୍ୟପାଳ ସି.ଭି ଆନନ୍ଦ ବୋଷ ଇସ୍ତଫା ଦେଇଛନ୍ତି। ତାମିଲନାଡୁ ଭଳି ପଶ୍ଚିମବଙ୍ଗରେ ଆଗକୁ ବିଧାନସଭା ନିର୍ବାଚନ ହେଉଥିବାରୁ ରବିଙ୍କ ନୂତନ ଦାୟିତ୍ୱ ବିଭିନ୍ନ ମହଲରେ ଘୋର ସନ୍ଦେହର ବାତାବରଣ ସୃଷ୍ଟି କରିଛି। ରାଷ୍ଟ୍ରପତି ଶାସନ ଜାରି କରି ପଶ୍ଚିମବଙ୍ଗରେ ନିର୍ବାଚନ ପରିଚାଳନା କରାଯିବାର ସମ୍ଭାବନା ନେଇ ଚାଲିଥିବା ବିଚାର ବିମର୍ଷ ପଛରେ ସେଭଳି ଯଥେଷ୍ଟ ଯୁକ୍ତିଥିବା ଭଳି ମନେ ହେଉନି। ତଥାପି ଆର.ଏନ.ରବି ଅବସ୍ଥାପିତ କରି ତାଙ୍କ ମାଧ୍ୟମରେ କେହି କିଛି ନୂଆ ଖେଳ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ରାଜେନ୍ଦ୍ର ଆଲେକରଙ୍କୁ କେରଳ ସହ ତାମିଲନାଡୁ ରାଜ୍ୟପାଳ ଦାୟିତ୍ୱ ଆପତତଃ ତୁଲାଇବାକୁ ପଡ଼ିବ। ବିହାର ବିଧାନସଭା ନିର୍ବାଚନ ବେଳେ କେରଳ ରାଜ୍ୟପାଳ ଅରିଫମହମ୍ମଦ ଖାଁଙ୍କୁ ଅବସ୍ଥାପିତ କରାଯାଇଥିଲା। ସେ ଅବ୍ୟାହତି ନେଇଥିବାରୁ ତାଙ୍କ ସ୍ଥାନରେ ଲେଫ୍ଟନେଣ୍ଟ ଜେନେରାଲ ସୟଦ ଆତା ହାସଦେନଙ୍କୁ ନୂତନ ନିଯୁକ୍ତି ମିଳିଛି। ସେହିଭଳି ବିହାରରେ ବରିଷ୍ଠ ବିଜେପି ନେତା ନନ୍ଦ କିଶୋର ଯାଦବଙ୍କୁ ନାଗାଲାଣ୍ଡ ରାଜ୍ୟପାଳ ପଦରେ ଅବସ୍ଥାପିତ କରାଯାଇଛି। ତେଲେଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମାଙ୍କୁ ମହାରାଷ୍ଟ୍ରରେ, ଶିବ ପ୍ରସାଦ ଶୁକ୍ଲଙ୍କୁ ହିମାଚଳ ପ୍ରଦେଶରୁ ତେଲେଙ୍ଗାନା ଏବଂ କବିନ୍ଦ୍ର ଗୁପ୍ତାଙ୍କୁ ହିମାଚଳରେ ରଜ୍ୟପାଳ ରୂପେ ଅବସ୍ଥାପିତ କରାଯାଇଛି। ଏହି ଅଦଳ ବଦଳ ଓ ନୂତନ ନିଯୁକ୍ତି ପଛରେ ଯେ କେନ୍ଦ୍ରର ଦୂରଦୃଷ୍ଟି ନ ରହିଛି ଏକଥା ନୁହେଁ। ବିଶେଷ କରି ଆର.ଏନ. ରବିଙ୍କ ଭୂମିକା ଏବଂ ମମତାଙ୍କ ପ୍ରାଧାନ୍ୟ ଆଗାମୀ ଦିନରେ କ'ଣ ହେବ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି।

କେନ୍ଦ୍ରରେ କ୍ଷମତାସୀନ ସରକାର ଦଳପ୍ରତି ଆନୁଗତ୍ୟକୁ ବିଚାର କରି ସକ୍ରିୟ ରାଜନୀତିରୁ ଓହରି ଯାଇଥିବା ବରିଷ୍ଠ ନେତାଙ୍କୁ ସାଧାରଣତଃ ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଯାଇଥାଏ। କଂଗ୍ରେସ ସମୟରୁ ପ୍ରଚଳିତ ଏହି ବ୍ୟବସ୍ଥାକୁ ବିଜେପି ମଧ୍ୟ ଗ୍ରହଣ କରିଆସିଛି। ବିଶେଷ କରି ସଂଘ ପରିବାର ସହ ସଂପୃକ୍ତ କିମ୍ବା ଆଦର୍ଶ ଓ ବିଚାରଗତ ଆନୁଗତ୍ୟକୁ ଏ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଇଛି। ସମୟକ୍ରମେ ସରକାରଙ୍କ ଅଧୀନରେ କାର୍ଯ୍ୟକରିଥିବା ଅବସରପ୍ରାପ୍ତ ପ୍ରଶାସକ ଓ ସେନା ଅଧିକାରୀଙ୍କୁ ରାଜ୍ୟପାଳ ପଦ ପାଇଁ ମନୋନୀତ କରାଗଲା। ଏପରିକି ଅବସର ନେଇଥିବା ବିଚାରପତି ମଧ୍ୟ ଏହି ନିଯୁକ୍ତି ପରିସରକୁ ଆସିଛନ୍ତି। ସଂସଦର କ୍ଷମତାକେନ୍ଦ୍ର ଯେ ଦେଶର ସବୁ ରାଜ୍ୟରେ ପ୍ରାଧାନ୍ୟ ଜାହିର କରିପାରିବ ଏକଥା ନୁହେଁ। ଏବେ ବି ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଦଳର ପ୍ରାଧାନ୍ୟ ଓ ପତିଆରା ରହିଛି। ସେଠାରେ ଦଳ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଥିବା ବିରୋଧୀଙ୍କୁ କେନ୍ଦ୍ର ସମସ୍ତ ସୁବିଧା ଓ ସୁଯୋଗ ପ୍ରଦାନ କରୁଥିଲେ ହେଁ ରାଜ୍ୟପାଳଙ୍କ ଭୂମିକା ଏ ଦିଗରେ ସହାୟକ ହେଉଥିବା ସଂପର୍କରେ ବିଭିନ୍ନ ମହଲରୁ ଅଭିଯୋଗ କରାଯାଇଛି। ଏପ୍ରକାର ପରମ୍ପରା ଯେ ନୂଆ ଏକଥା ନୁହେଁ। କେନ୍ଦ୍ର ସରକାର ରାଜ୍ୟପାଳଙ୍କୁ ନିଜ ହିସାବରେ ପ୍ରୟୋଗ କରୁଥିବା ଘଟଣା ଇନ୍ଦିରାଙ୍କ ସମୟରୁ ପ୍ରଚଳିତ। ତେବେ ଏବର ପରିସ୍ଥିତି ସ୍ଥଳ ବିଶେଷରେ ମାତ୍ରାଧିକ ହେଉଥିବାର ପରିଲକ୍ଷିତ ହୋଇଛି।

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ସଂଘୀୟ ଢାଞ୍ଚା ଅବକ୍ଷୟ ସ୍ଥିତିରେ ପହଞ୍ଚିଥିବା ନେଇ ହେଉଥିବା ସ୍ୱର ଉତ୍ତୋଳନ ଯେ ସଂପୂର୍ଣ୍ଣ ଭୁଲ ଏକଥା ନୁହେଁ। ସ୍ଥଳ ବିଶେଷରେ କିଛିଟା ମାତ୍ରାଧିକ କାର୍ଯ୍ୟ ପ୍ରଚଳିତ ବ୍ୟବସ୍ଥାର ପରିପନ୍ଥୀ। କେନ୍ଦ୍ର ରାଜ୍ୟ ସଂପର୍କକୁ ନେଇ ବିବାଦ ଉପୁଜୁଥିଲେ ମଧ୍ୟ ଏବେବି କିଛିଟା ସଂଯମତା ରକ୍ଷାକୁ ପ୍ରଧାନ୍ୟ ଦିଆଯାଉଛି। ରାଜ୍ୟର ସାମ୍ବିଧାନିକ କ୍ଷମତା ଏବେ ମଧ୍ୟ ଅତୁଟ ରହିଛି। ରାଜ୍ୟପାଳଙ୍କ ସୀମିତ କ୍ଷମତା ମଧ୍ୟରେ ରାଜ୍ୟ ସରକାରଙ୍କୁ ଓପାଡ଼ି ଫୋପାଡ଼ି ଦିଆଯିବା ସମ୍ଭବ ନୁହେଁ। ସୃଷ୍ଟି ହେଉଥିବା ତଥାକଥିତ ବିଭ୍ରାଟକୁ ରାଜନୈତିକ ଉପାୟରେ ମୁକାବିଲା କରାଯାଇପାରିବ। ●

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ବିଶ୍ୱ ତୈଳ ବଜାରରେ ଅସ୍ଥିରତା

ଡ. ରଜନୀକାନ୍ତ ଖୁଣ୍ଟିଆ

ଆଧୁନିକ ବିଶ୍ୱ ଅର୍ଥନୀତିରେ କଚ୍ଚା ପେଟ୍ରୋଲିୟମ ତୈଳକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉର୍ଜା ସମ୍ପଦ ଭାବେ ବିବେଚନା କରାଯାଏ । ଯାତାୟାତ, ଶିଳ୍ପ, କୃଷି, ପେଟ୍ରୋକେମିକାଲ୍ ଶିଳ୍ପ, ବିଦ୍ୟୁତ୍ ଉତ୍ପାଦନ, ଆନ୍ତର୍ଜାତୀୟ ବ୍ୟବସାୟ ଆଦି ସବୁଠି ପେଟ୍ରୋଲିୟମ ତୈଳ ଉତ୍ପାଦନର ଭୂମିକା ଅପରିହାର୍ଯ୍ୟ। ଯଦିଓ ବିଶ୍ୱରେ ନବୀକରଣ ଉର୍ଜାର ବ୍ୟବହାର ଦ୍ରୁତ ଭାବରେ ବଢୁଛି, ତଥାପି ବିଶ୍ୱ ଅର୍ଥନୀତି ଏପର୍ଯ୍ୟନ୍ତ ଏହା ଉପରେ ଗଭୀର ଭାବରେ ନିର୍ଭରଶୀଳ। ଆଜି ବିଶ୍ୱରେ ପ୍ରତିଦିନ ପ୍ରାୟ ୧୦୦ରୁ ୧୦୨ ମିଲିୟନ ବ୍ୟାରେଲ ତୈଳ ଉପଯୋଗ ହୁଏ। ବିଶ୍ୱ ଅର୍ଥନୀତିର ବୃଦ୍ଧି, ଶିଳ୍ପୀକରଣ ଓ ଯାନବାହନ ସଂଖ୍ୟା ବଢ଼ିବା ସହିତ ଏହି ଚାହିଦା ଦିନକୁ ଦିନ ବଢୁଛି। ତୈଳ ଉତ୍ପାଦନ ଓ ଚାହିଦା ପ୍ରାୟ ସମାନ ଥିବାରୁ ବଜାରରେ ଅତିରିକ୍ତ ମହଜୁଦ ବହୁତ କମ୍। ଏହି ପରିସ୍ଥିତିରେ ଯଦି ବିଶ୍ୱ ଯୋଗାଣରେ କେବଳ ୧ କିମ୍ବା ୨ ମିଲିୟନ ବ୍ୟାରେଲ ହ୍ରାସ ହୁଏ, ତେବେ ମଧ୍ୟ ତୈଳ ମୂଲ୍ୟ ହଠାତ୍ ବଢ଼ିଯାଏ। ଏହି କାରଣରୁ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ପ୍ରଭାବ କେବଳ ଉର୍ଜା ବଜାରରେ ସୀମିତ ରହେନାହିଁ, ସମଗ୍ର ବିଶ୍ୱ ଅର୍ଥନୀତି ଉପରେ ତାହାର ଗଭୀର ପ୍ରଭାବ ପଡ଼େ। ବର୍ତ୍ତମାନ ଇରାନ–ଇସ୍ରାଏଲ୍ ଓ ଆମେରିକା ମଧ୍ୟରେ ବଢୁଥିବା ସଂଘର୍ଷ ଓ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନାର ପରିସ୍ଥିତି ବିଶ୍ୱ ତୈଳ ବଜାରକୁ ପୁଣିଥରେ ଅନିଶ୍ଚିତତାର ମୁହଁକୁ ଠେଲି ଦେଇଛି। ବର୍ତ୍ତମାନ ବିଶ୍ୱ ତୈଳ ବଜାର ଅତ୍ୟନ୍ତ ସଂବେଦନଶୀଳ ଓ ଅସ୍ଥିର ଅବସ୍ଥାରେ ରହିଛି। ଭୂ-ରାଜନୈତିକ ଉତ୍ତେଜନା, ଯୁଦ୍ଧ, ଉତ୍ପାଦନ ହ୍ରାସ, ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ କିମ୍ବା ତୈଳ ଯାତାୟାତ ପଥରେ ବାଧା ଆଦି ଏହି ସମସ୍ତ କାରଣ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି କରୁଛି। ସମ୍ପ୍ରତି ଇରାନ–ଇସ୍ରାଏଲ୍ ଓ ଆମେରିକା ମଧ୍ୟରେ ସଂଘର୍ଷ ଏହି ଅସ୍ଥିରତାକୁ ଆହୁରି ଗଭୀର କରିଦେଇଛି ଓ ବିଶ୍ୱ ଉର୍ଜା ସୁରକ୍ଷା ପାଇଁ ଗୁରୁତର ଚିନ୍ତା ସୃଷ୍ଟି କରିଛି।

ବିଶ୍ୱ ତୈଳ ଉତ୍ପାଦନ କେତେକ ଦେଶରେ ଅଧିକ କେନ୍ଦ୍ରୀଭୂତ। ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିଦିନ ପ୍ରାୟ ୨୦ ମିଲିୟନ ବ୍ୟାରେଲ ପେଟ୍ରୋଲିୟମ ଉତ୍ପାଦନ କରି ସର୍ବାଧିକ ଉତ୍ପାଦକ ଭାବେ ରହିଛି। ସେହିପରି ସୌଦି ଆରବ ଓ ରୁଷ ପ୍ରତିଦିନ ପ୍ରାୟ ୧୦–୧୧ ମିଲିୟନ ବ୍ୟାରେଲ ତେଲ ଉତ୍ପାଦନ କରୁଛନ୍ତି। କାନାଡା, ଇରାକ, ଚୀନ ଓ ଯୁକ୍ତ ଆରବ ଏମିରେଟ୍ସ ପରି ଦେଶମାନେ ମଧ୍ୟ ତେଲ ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ବିଶ୍ୱର ଶୀର୍ଷ ୧୦ ଦେଶ ମିଶି ମୋଟ ତେଲ ଉତ୍ପାଦନର ପ୍ରାୟ ୭୦ ପ୍ରତିଶତ ଯୋଗାଣ କରନ୍ତି। ତେଣୁ ଏହି ଦେଶମାନଙ୍କର ରାଜନୀତିକ ଓ ଆର୍ଥିକ ପରିସ୍ଥିତି ବିଶ୍ୱ ତେଲ ବଜାରରେ ଅତ୍ୟଧିକ ପ୍ରଭାବ ପକାଏ। ଏହା ସହିତ ଓ.ପି.ଇ.ସି (Organization of Petroleum Exporting Countries) ଏବଂ ଓ.ପି.ଇ.ସି ପ୍ଲସ ଗୋଷ୍ଠୀଗୁଡିକ ତେଲ ଉତ୍ପାଦନ ଓ ମୂଲ୍ୟ ନିୟନ୍ତ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଓ.ପି.ଇ.ସି ଦେଶମାନେ ପ୍ରାୟ ୩୫ ପ୍ରତିଶତ ବିଶ୍ୱ ତେଲ ଉତ୍ପାଦନ କରୁଥିବାବେଳେ ଓ.ପି.ଇ.ସି ପ୍ଲସ ମିଶି ପ୍ରାୟ ୬୦ ପ୍ରତିଶତ ବିଶ୍ୱ ଯୋଗାଣକୁ ନିୟନ୍ତ୍ରଣ କରନ୍ତି ।

ବିଶ୍ୱ ଇତିହାସରେ ଅନେକ ସମୟରେ ତେଲ ଯୋଗାଣ ସଙ୍କଟ ଗଭୀର ଆର୍ଥିକ ପରିଣାମ ସୃଷ୍ଟି କରିଛି। ୧୯୭୩ ମସିହାର ତେଲ ସଙ୍କଟ ସେଥିରେ ସବୁଠାରୁ ଚର୍ଚ୍ଚିତ ଉଦାହରଣ। ଆରବ–ଇସ୍ରାଏଲ୍ ଯୁଦ୍ଧ ପରେ ଆରବ ତେଲ ଉତ୍ପାଦକ ଦେଶମାନେ ଆମେରିକା ଓ ପଶ୍ଚିମ ଦେଶମାନଙ୍କ ଉପରେ ତେଲ ନିଷେଧ ଲାଗୁ କରିଥିଲେ। ତାହାର ପରିଣାମରେ କେବଳ କିଛି ମାସ ମଧ୍ୟରେ ତେଲ ମୂଲ୍ୟ ପ୍ରାୟ ଚାରିଗୁଣା ବଢ଼ିଗଲା। ୧୯୭୯ ମସିହାର ଇରାନ ବିପ୍ଳବ ସମୟରେ ମଧ୍ୟ ବିଶ୍ୱ ତେଲ ବଜାରରେ ଭୟଙ୍କର ଅସ୍ଥିରତା ଦେଖାଦେଇଥିଲା। ଇରାନର ରାଜନୀତିକ ଅସ୍ଥିରତା କାରଣରୁ ତେଲ ଉତ୍ପାଦନ ହ୍ରାସ ପାଇଥିଲା ଓ ବିଶ୍ୱ ବଜାରରେ ତେଲ ମୂଲ୍ୟ ବଢ଼ିଗଲା। ଏହି ଦୁଇଟି ଘଟଣା ପ୍ରମାଣ କରିଦେଇଛି ଯେ ତୈଳ ଯୋଗାଣରେ ପ୍ରତିବନ୍ଧକ ସମଗ୍ର ବିଶ୍ୱ ଅର୍ଥନୀତିକୁ କିପରି ଗଭୀର ଭାବରେ ପ୍ରଭାବ ପକାଇପାରେ।

ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ବିଶ୍ୱ ବଜାରରେ କଚ୍ଚା ତୈଳର ମୂଲ୍ୟ ତୁଳନାମୂଳକ ଭାବେ ସ୍ଥିର ଥିଲା। ୨୦୨୫ ମସିହାର ଶେଷ ଭାଗ ଓ ୨୦୨୬ ମସିହାର ଆରମ୍ଭ ସମୟରେ ବ୍ରେଣ୍ଟ କଚ୍ଚା ତୈଳର ମୂଲ୍ୟ ପ୍ରାୟ ୬୫ ରୁ ୭୦ ଡଲାର ପ୍ରତି ବ୍ୟାରେଲ ମଧ୍ୟରେ ରହିଥିଲା। ସେହିପରି



ଆମେରିକାର ଡବ୍ଲୁ.ଟି.ଆଇ (West Texas Intermediate) କଚ୍ଚା ତୈଳର ମୂଲ୍ୟ ମଧ୍ୟ ପ୍ରାୟ ୬୩ ରୁ ୬୭ ଡଲାର ପ୍ରତି ବ୍ୟାରେଲ ମଧ୍ୟରେ ରହିଥିଲା। ଏହି ସମୟରେ ବିଶ୍ୱ ତୈଳ ବଜାରରେ ଯୋଗାଣ ଓ ଚାହିଦା ମଧ୍ୟରେ ଏକ ପ୍ରକାର ସନ୍ତୁଳନ ରହିଥିଲା। ଓ.ପି.ଇ.ସି ଏବଂ ଓ.ପି.ଇ.ସି ପ୍ଲସ୍ ଦେଶମାନଙ୍କ ଉତ୍ପାଦନ ନୀତି, ଆମେରିକାର ଉତ୍ପାଦନ ଓ ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ଆଦି କାରଣରୁ ତୈଳ ମୂଲ୍ୟ ବହୁତ ବେଶି ଉପରକୁ ଯାଇ ନ ଥିଲା। କିନ୍ତୁ ୨୦୨୬ ମସିହାରେ ମଧ୍ୟପ୍ରାଚ୍ୟରେ ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନା ବଢ଼ିବା ଆରମ୍ଭ ହେବା ସହିତ ବିଶ୍ୱ ତୈଳ ବଜାରରେ ଚିନ୍ତା ଦେଖାଦେଲା। ଯୁଦ୍ଧର ସମ୍ଭାବନା ବଢ଼ିବା ସହିତ ତୈଳ ଯୋଗାଣ ବାଧା ହେବାର ଆଶଙ୍କା ବଢ଼ିଗଲା। ଏହାର ପ୍ରଥମ ପ୍ରଭାବ ତୈଳ ମୂଲ୍ୟ ଉପରେ ପଡ଼ିଲା। ବଜାରରେ ଅନିଶ୍ଚିତତା ବଢ଼ିବା ସହିତ କଚ୍ଚା ତୈଳର ମୂଲ୍ୟ ଦ୍ରୁତ ଭାବରେ ୮୦ ରୁ ୯୦ ଡଲାର ପ୍ରତି ବ୍ୟାରେଲ ପର୍ଯ୍ୟନ୍ତ ବଢ଼ିଗଲା। ପରବର୍ତ୍ତୀ ସମୟରେ ଇରାନ–ଇସ୍ରାଏଲ୍ ସଂଘର୍ଷ ମଧ୍ୟରେ ଆମେରିକାର ଯୋଗଦାନ ଓ ମଧ୍ୟପ୍ରାଚ୍ୟରେ ସାମରିକ କାର୍ଯ୍ୟକଳାପ ବୃଦ୍ଧି ସହ ବିଶ୍ୱ ବଜାରରେ କଚ୍ଚା ତୈଳର ମୂଲ୍ୟ ୧୦୦ ଡଲାର ପ୍ରତି ବ୍ୟାରେଲ ଉପରେ ପହଞ୍ଚିଗଲା। କେତେକ ସମୟରେ ବ୍ରେଣ୍ଟ କଚ୍ଚା ତୈଳର ମୂଲ୍ୟ ପ୍ରାୟ ୧୧୫ ରୁ ୧୧୮ ଡଲାର ପ୍ରତି ବ୍ୟାରେଲ ପର୍ଯ୍ୟନ୍ତ ବଢ଼ିଥିବା ଦେଖାଗଲା। ଯଦି ସଂଘର୍ଷ ଦୀର୍ଘସ୍ଥାୟୀ ହୁଏ, ତେବେ ତୈଳ ମୂଲ୍ୟ ୧୩୦ ରୁ ୧୫୦ ଡଲାର ପ୍ରତି ବ୍ୟାରେଲ ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଏହି ଆକସ୍ମିକ ମୂଲ୍ୟ ବୃଦ୍ଧିର ଅନେକ କାରଣ ରହିଛି । ପ୍ରଥମତଃ ସୌଦି ଆରବ, ଇରାକ, କୁଏତ, ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ) ଓ ଇରାନ ପରି ଦେଶମାନେ ବିଶ୍ୱ ତୈଳ ଯୋଗାଣର ଏକ ବଡ଼ ଅଂଶ ପ୍ରଦାନ କରନ୍ତି। ଏହି ଅଞ୍ଚଳରେ ଯଦି ଯୁଦ୍ଧ ହୁଏ କିମ୍ବା ତୈଳ ଉତ୍ପାଦନ ଭିତ୍ତିଭୂମି ଉପରେ ଆକ୍ରମଣ ହୁଏ, ତେବେ ବିଶ୍ୱ ତୈଳ ଯୋଗାଣ ତୁରନ୍ତ ପ୍ରଭାବିତ ହୋଇପାରେ। ଦ୍ୱିତୀୟତଃ, ଇରାନର ଭୌଗୋଳିକ ସ୍ଥିତି ବିଶ୍ୱ ତୈଳ ବଜାର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ନିକଟରେ ଅବସ୍ଥିତ, ଯାହା ବିଶ୍ୱର ସର୍ବପ୍ରମୁଖ ତୈଳ ଯାତାୟାତ ପଥମାନଙ୍କ ମଧ୍ୟରୁ ଗୋଟିଏ। ପର୍ସିଆ ଉପସାଗରରୁ ବିଶ୍ୱ ବଜାରକୁ ଯାଉଥିବା ତୈଳର ମୁଖ୍ୟ ମାର୍ଗ ହେଉଛି ଏହି ସଙ୍କୀର୍ଣ୍ଣ ସମୁଦ୍ରପଥ। ପ୍ରତିଦିନ ପ୍ରାୟ ୨୦ ରୁ ୨୧ ମିଲିୟନ ବ୍ୟାରେଲ ତୈଳ ଏହି ପଥ ଦ୍ୱାରା ଯାତାୟାତ ହୁଏ, ଯାହା ବିଶ୍ୱ ତୈଳ ଯୋଗାଣର ପ୍ରାୟ ୨୦ ପ୍ରତିଶତ। ତେଣୁ ଯଦି ଏହି ମାର୍ଗରେ ଯୁଦ୍ଧ, ନୌସେନା ମୁକାବିଲା କିମ୍ବା ଅବରୋଧ ସୃଷ୍ଟି ହୁଏ, ତେବେ ବିଶ୍ୱ ତୈଳ ବଜାରରେ ଗଭୀର ସଙ୍କଟ ସୃଷ୍ଟି ହୋଇପାରେ। ତୃତୀୟତଃ, ମଧ୍ୟପ୍ରାଚ୍ୟର କେତେକ ତୈଳ କ୍ଷେତ୍ର ଓ ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ ଘଟିଥିବା ଖବର ମଧ୍ୟ ତୈଳ ମୂଲ୍ୟ ବୃଦ୍ଧିର ଏକ ପ୍ରମୁଖ କାରଣ ହୋଇଥିଲା। ଡ୍ରୋନ ଓ ମିସାଇଲ ଆକ୍ରମଣର ଭୟରୁ କେତେକ ତୈଳ କୂପ, ପାଇପଲାଇନ୍ ଓ ଶୋଧନାଳୟର କାର୍ଯ୍ୟକଳାପ ସାମୟିକ ଭାବରେ ବନ୍ଦ କିମ୍ବା କମାଇ ଦିଆଯାଇଥିଲା। ଏହାର ପରିଣାମରେ କେତେକ ଅଞ୍ଚଳର ତୈଳ ଉତ୍ପାଦନ ହ୍ରାସ ପାଇଥିଲା। ଏପରି ହ୍ରାସ ବିଶ୍ୱ ତୈଳ ଯୋଗାଣକୁ ସିଧାସଳଖ ପ୍ରଭାବିତ କରେ ଓ ବଜାରରେ ଭୟ ସୃଷ୍ଟି କରେ। ଏହା ସହିତ ତୈଳ ଟ୍ୟାଙ୍କର ଯାତାୟାତ ଉପରେ ମଧ୍ୟ ପ୍ରଭାବ ପଡ଼ିଥିଲା। ମଧ୍ୟପ୍ରାଚ୍ୟରେ ସୁରକ୍ଷା ସମସ୍ୟା ବଢ଼ିବା ସହିତ ଅନେକ ଆନ୍ତର୍ଜାତୀୟ ଜାହାଜ କମ୍ପାନୀ ଏହି ଅଞ୍ଚଳରେ ଚଳାଚଳ କରିବାରେ ସତର୍କ ହୋଇପଡ଼ିଥିଲେ। କେତେକ ଜାହାଜ ବିକଳ୍ପ ମାର୍ଗ ବ୍ୟବହାର କରୁଥିବାରୁ ଯାତ୍ରା ସମୟ ଓ ଖର୍ଚ୍ଚ ଦୁହେଁ ବଢ଼ିଯାଇଥିଲା। ଏହି ସମସ୍ତ କାରଣ ବିଶ୍ୱ ତୈଳ ବଜାରରେ ଅସ୍ଥିରତାକୁ ଆହୁରି ବୃଦ୍ଧି କରିଛି ।

ତୈଳ ମୂଲ୍ୟ ବୃଦ୍ଧିର ପ୍ରଭାବ କେବଳ ଉର୍ଜା ବଜାରରେ ସୀମିତ ରହେନାହିଁ। ତୈଳ ମୂଲ୍ୟ ବଢ଼ିଲେ ପରିବହନ ଖର୍ଚ୍ଚ ବଢ଼ିଯାଏ, ଶିଳ୍ପ ଉତ୍ପାଦନ ମହଙ୍ଗା ହୋଇଯାଏ ଓ ସାଧାରଣ ଲୋକଙ୍କ ଉପରେ ମହଙ୍ଗାଇର ଭାର ପଡ଼େ। ବିମାନ ସେବା, ଜାହାଜ ଯାତାୟାତ, ପେଟ୍ରୋକେମିକାଲ୍ ଶିଳ୍ପ, ପ୍ଲାଷ୍ଟିକ ଓ ସାର ଶିଳ୍ପ ପରି ଅନେକ କ୍ଷେତ୍ର ଏହାର ପ୍ରଭାବରେ ପଡ଼ନ୍ତି। ଏହି ପ୍ରଭାବ ଏସିଆ ଦେଶମାନଙ୍କ ଉପରେ ଅଧିକ ପଡ଼ିପାରେ। କାରଣ ପର୍ସିଆ ଉପସାଗରରୁ ରପ୍ତାନି ହେଉଥିବା ତୈଳର ପ୍ରାୟ ୭୫ ଶତଂଶ ଏସିଆ ଦେଶମାନଙ୍କୁ ଯାଏ। ଚୀନ, ଭାରତ, ଜାପାନ ଓ ଦକ୍ଷିଣ କୋରିଆ ପରି ଦେଶ ଏହି ଅଞ୍ଚଳର ତୈଳ ଉପରେ ଅଧିକ ନିର୍ଭର କରନ୍ତି।

ଭାରତ ପାଇଁ ଏହି ସ୍ଥିତି ଆହୁରି ଗୁରୁତର। ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ତୈଳ ଉପଭୋକ୍ତା ଦେଶ। ଦେଶର ଦୈନିକ ତୈଳ ଚାହିଦା ପ୍ରାୟ ୫.୪ ମିଲିୟନ ବ୍ୟାରେଲ ଥିବାବେଳେ ଦେଶୀୟ ଉତ୍ପାଦନ କେବଳ ୦.୭ ମିଲିୟନ ବ୍ୟାରେଲ ପ୍ରତିଦିନ ହୋଇଥାଏ। ତେଣୁ ଭାରତ ନିଜର ଆବଶ୍ୟକ ତୈଳର ପ୍ରାୟ ୮୫ ଶତଂଶ ବିଦେଶରୁ ଆମଦାନି କରେ। ତୈଳ ମୂଲ୍ୟ ବଢ଼ିଲେ ଭାରତର ଆମଦାନି ମୂଲ୍ୟ ବହୁତ ବଢ଼ିଯାଏ ଓ ଦେଶର ଅର୍ଥନୀତି ଉପରେ ଚାପ ପଡ଼େ। ଭାରତକୁ ଆସୁଥିବା ତୈଳର ପ୍ରାୟ ୪୦ ପ୍ରତିଶତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ମାର୍ଗରେ ଆସେ। ତେଣୁ ଏହି ଅଞ୍ଚଳରେ ଯଦି ଯୁଦ୍ଧ ବଢ଼ିଯାଏ, ତେବେ ଭାରତର ତୈଳ ଯୋଗାଣ ଓ ଅର୍ଥନୀତି ଉପରେ ସିଧା ପ୍ରଭାବ ପଡ଼ିପାରେ। ଏହି ପ୍ରକାରର ସଙ୍କଟକୁ ମୁକାବିଲା କରିବା ପାଇଁ ଭାରତ ଏସ.ପି.ଆର (Strategic Petroleum Reserve) ସୃଷ୍ଟି କରିଛି। ବିଶାଖାପଟ୍ଟଣମ, ମାଙ୍ଗାଲୋର ଓ ପାଦୁରରେ ଥିବା ଏହି ଭଣ୍ଡାରଗୁଡ଼ିକରେ ପ୍ରାୟ ୫.୩ ମିଲିୟନ ଟନ୍ କଚ୍ଚା ତୈଳ ମହଜୁଦ ରଖାଯାଇପାରେ। ତୈଳ କମ୍ପାନୀମାନଙ୍କର ମହଜୁଦ ମିଶି ଭାରତ ପ୍ରାୟ ୭୦ ଦିନର ତୈଳ ଆବଶ୍ୟକତା ପାଇଁ ସଂଚୟ ରଖିପାରେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯଦି ବିଶ୍ୱ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୁଏ, ତେବେ ଏହି ମହଜୁଦ ମଧ୍ୟ ପର୍ଯ୍ୟାପ୍ତ ହେବ ନାହିଁ।

ଦୀର୍ଘମିଆଦି ସମାଧାନ ଭାବେ ବିଶ୍ୱ ଓ ଭାରତ ଉଭୟଙ୍କୁ ଉର୍ଜାର ବିବିଧୀକରଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ସୌର ଶକ୍ତି, ଜଳ ଶକ୍ତି, ବାୟୁ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ ପରି ନବୀକରଣ ଯୋଗ୍ୟ ଉର୍ଜାର ବିକାଶ ଦ୍ୱାରା ତୈଳ ଉପରେ ନିର୍ଭରତା କମାଇହେବ। ବିଶ୍ୱ ତୈଳ ବଜାରର ଅସ୍ଥିରତା କେବଳ ଏକ ଆର୍ଥିକ ପ୍ରସଙ୍ଗ ନୁହେଁ; ଏହା ଭୌଗୋଳିକ ରାଜନୀତି, ଯୁଦ୍ଧ ଓ ଉର୍ଜା ସୁରକ୍ଷା ସହିତ ଗଭୀର ଭାବରେ ସଂପୃକ୍ତ। ଇରାନ–ଇସ୍ରାଏଲ୍ ସଂଘର୍ଷ ଆମକୁ ପୁଣିଥରେ ସ୍ମରଣ କରାଉଛି ଯେ ବିଶ୍ୱ ଅର୍ଥନୀତି ଏପର୍ଯ୍ୟନ୍ତ ତୈଳ ଉପରେ କେତେ ନିର୍ଭରଶୀଳ। ଯଦି ଉର୍ଜା ବ୍ୟବସ୍ଥାକୁ ଆହୁରି ସୁସ୍ଥିର ଓ ବିବିଧ କରାଯିବ ନାହିଁ, ତେବେ ଏପରି ତୈଳ ଝଟକା ଆଗାମୀ ଦିନରେ ମଧ୍ୟ ବିଶ୍ୱ ଅର୍ଥନୀତିକୁ କମ୍ପିତ କରିବ। ●

ସହକାରୀ ପ୍ରଫେସର,
ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ,
ମୋ- ୯୯୩୭୨୮୫୬୭୨

# ଯୁବପିଢ଼ିଙ୍କ ଅବସାଦ

ପ୍ରବୀର କୁମାର ସାହୁ

ଯୁବପିଢ଼ିଙ୍କ ମଧ୍ୟରେ ଦେଖାଯାଉଥିବା ସବୁଠାରୁ ବଡ଼ ସମସ୍ୟା ହେଉଛି ମାନସିକ ଅବସାଦ। କୋଭିଡ୍ ପରବର୍ତ୍ତୀ ସମୟରେ ମାନସିକ ଅବସାଦ ଦ୍ରୁତ ଗତିରେ ବୃଦ୍ଧି ପାଇବାକୁ ଲାଗିଛି। ଲକ୍ଷ୍ୟ କଲେ ଜଣା ଯାଏ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଯୁବପିଢି ଯେତେ ମାତ୍ରାରେ ସଚେତନ,



ମାନସିକ ସ୍ୱାସ୍ଥ୍ୟ ପ୍ରତି ସେତେ ସଚେତନ ନୁହନ୍ତି। ମାନସିକ ଅବସାଦ ଯେ ଅନେକଗୁଡ଼ିଏ ରୋଗ ସହ ବ୍ୟକ୍ତିତ୍ୱ ବିପଥଗାମୀର ମୁଖ୍ୟ କାରଣ ତାହା ଜାଣନ୍ତି ନାହିଁ। ଫଳ ସ୍ୱରୂପ ମାନସିକ ଚାପ ଏବଂ ଅବସାଦର ସଠିକ୍ ପରିଚାଳନା କିମ୍ବା ଚିକିତ୍ସା ନ ଦ୍ୱାରା ଆତ୍ମହତ୍ୟା ପ୍ରବଣତା ମାତ୍ରାଧିକ ବୃଦ୍ଧି ଘଟି ଚାଲିଛି। ଅନେକ କ୍ଷେତ୍ରରେ ନିଶା ସେବନ ମଧ୍ୟ ମାନସିକ ଚାପ କିମ୍ବା ଅବସାଦ ପାଖରୁ ଆରମ୍ଭ ହେଇ ଥାଏ। ବିଦ୍ୟାର୍ଥୀ ହେଇଥିଲେ ପାଠପଢ଼ାରେ କୁପ୍ରଭାବ ପଡ଼େ। ତତ୍ ସହିତ କର୍ମ କ୍ଷେତ୍ରରେ ନକାରାତ୍ମକ ପ୍ରଭାବକୁ ମଧ୍ୟ ଏଡାଇ ଦିଆ ଯାଇ ନ ପାରେ।

ଯେଉଁ କେତୋଟି ମୁଖ୍ୟ କାରଣ ଯାହା ମାନସିକ ଚାପ ସହ ଅବସାଦ ସୃଷ୍ଟି କରାଏ ତାହା ପାଠପଢ଼ା ଜନିତ, ନିଯୁକ୍ତି ଜନିତ କିମ୍ବା ପ୍ରେମ ସମ୍ପର୍କ ଜନିତ। ପାଠପଢା ଜନିତ ଚାପ ମୁଖ୍ୟତଃ ଅଧ୍ୟୟନରତ ଯୁବପିଢିଙ୍କ ଭିତରେ ଦେଖିବାକୁ ମିଳେ। ପାଠଜନିତ ଜନିତ ଚାପର ମୁଖ୍ୟ ଅଂଶ ପ୍ରାକ୍ ପରୀକ୍ଷା ଜନିତ, ପରୀକ୍ଷା ଫଳାଫଳ ଜନିତ ଇତ୍ୟାଦି। ନିଯୁକ୍ତି ଜନିତ ସମସ୍ୟା ହିଁ ମାନସିକ ଅବସାଦର ଅନ୍ୟ ଏକ ପ୍ରମୁଖ କାରଣ। ଭାରତରେ ବୃଦ୍ଧି ଘଟୁଥିବା ବେକାରୀ ସମସ୍ୟା ହିଁ ଅନେକ କ୍ଷେତ୍ରରେ ଯୁବପିଢ଼ିଙ୍କ ମାନସିକ ଅବସାଦକୁ ଦ୍ୱିଗୁଣିତ କରୁଛି। ସମାଜରେ ମୁଖ୍ୟତଃ ଏଇ ଦୁଇ ପ୍ରକାର ଅବସାଦ ସମସ୍ତଙ୍କ ନଜରରେ ସହଜରେ ଦୃଶ୍ୟମାନ ହୁଏ। କିନ୍ତୁ ପ୍ରେମ ସମ୍ପର୍କ ଜନିତ ମାନସିକ ଅବସାଦର କୁପରିଣାମ ସୁଦୂର ପ୍ରସାରି। ଯୁବପିଢ଼ିଙ୍କ ମଧ୍ୟରେ ଦେଖା ଯାଉଥିବା ଆତ୍ମହତ୍ୟାର କାରଣ ଅଧିକାଂଶରେ ପ୍ରେମ ସମ୍ପର୍କ ଜନିତ। ଏ ସମ୍ପର୍କ ଜନିତ ମାନସିକ ସ୍ଥିତି ସହଜରେ ଯୁବପିଢ଼ି ପ୍ରକାଶ କରି ପାରନ୍ତି ନାହିଁ।

ଯୁବପିଢ଼ିଙ୍କ ମଧ୍ୟରେ ଏକଲାପଣ ମଧ୍ୟ ଅନୁରୂପ ଭାବେ ବୃଦ୍ଧି ଘଟିଛି। ଯାହା ଦ୍ୱାରା ସେମାନଙ୍କ ଜୀବନରେ ଘଟୁଥିବା ସମସ୍ୟା ଏବଂ ଚାପକୁ ସହଜରେ ପ୍ରକାଶ କରି ପାରନ୍ତି ନାହିଁ। ଖୁବ୍ କମ୍ ଲୋକ ଅଥବା ଅତି ନିଜର ବ୍ୟକ୍ତି ମାନଙ୍କ ସହ ବ୍ୟକ୍ତିଗତ ମାନସିକ ସ୍ଥିତି ପରିପ୍ରକାଶ କରନ୍ତି। ଅଧିକାଂଶରେ ଅତି ନିଜର ବ୍ୟକ୍ତି ମାନଙ୍କ ଭିତରେ ପ୍ରକାଶ କରନ୍ତି। ଅନେକ ସମୟରେ ପରିବାର ମଧ୍ୟରେ ପ୍ରକାଶ କରି ପାରି ନଥାନ୍ତି , କାରଣ ଏ ସମୟରେ ଅନେକ କିଛି ସମସ୍ୟା ଥାଏ ଯାହା ପରିବାର ସହ କଥା ହେବାକୁ ଯୁବପିଢ଼ି ସଙ୍କୋଚ ଲାଭ କରନ୍ତି। ଅନେକ ମାତ୍ରାରେ ମଧ୍ୟ ଏହା ମଧ୍ୟ ଏକ ଭୟ, ହୁଏତ ନିଜ ଅସୁବିଧା ବା ସମସ୍ୟା ଜଣାଇଲେ ଅପର ବ୍ୟକ୍ତି ଆମକୁ ଭୂଲ ବୁଝି ପାରେ। ଏ ପ୍ରକାରାନ୍ତ କାରଣ ଯୋଗୁଁ ସେମାନେ ଏକୁଟିଆ ମାନସିକ ଚାପ ଏବଂ ଅବସାଦ ସହ ଲଢ଼ନ୍ତି। ଏ ଲଢ଼େଇରେ ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟେ। ସୀମିତ ସମୟ ପାଇଁ ମାନସିକ ଚାପ ଠାରୁ ଦୂରେଇ ରହିବା ପାଇଁ ନିଶାର ସାହାଯ୍ୟ ନିଅନ୍ତି। ଯାହା ପରବର୍ତ୍ତୀ ମୁହୂର୍ତ୍ତରେ ଅଭ୍ୟାସରେ ପରିବର୍ତ୍ତନ ହେଇ ଯାଏ।

ମାନସିକ ଅବସାଦର ଲକ୍ଷଣ ଅନେକ କ୍ଷେତ୍ରରେ ଯୁବପିଢ଼ିଙ୍କ ଦ୍ୱାରା ଅବହେଳା ହୁଏ। ମାନସିକ ଅବସାଦର ଲକ୍ଷଣ ଭାବନାତ୍ମକ, ଆଚରଣ ସମ୍ବନ୍ଧୀୟ ,ଚିନ୍ତା ଓ ବୁଦ୍ଧିଗତ, ଶାରୀରିକ ଭାବରେ ପ୍ରକାଶ ପାଏ। ଭାବନାତ୍ମକ ଭାବରେ ଦୀର୍ଘ ସମୟ ଧରି ଦୁଃଖୀ ଅନୁଭବ କରିବା, ଆଶାହୀନତା, ହୀନ ବୋଧ କରିବା, ପୂର୍ବରୁ ପସନ୍ଦ କରୁଥିବା କାମରେ ଆଗ୍ରହ ହ୍ରାସ ଏବଂ ଆଚରଣ ସମ୍ବନ୍ଧୀୟ ଲକ୍ଷଣଗୁଡ଼ିକ ମଧ୍ୟରେ ସାମାଜିକ କାର୍ଯ୍ୟରୁ ଦୂରେଇ ରହିବା, କାର୍ଯ୍ୟଦକ୍ଷତାର ହ୍ରାସ,ମାଦକ ଦ୍ରବ୍ୟ ଦିଗକୁ ଆକର୍ଷଣ ଇତ୍ୟାଦି ପ୍ରକାଶ ପାଏ। ତତ୍ସହିତ ନିଷ୍ପତ୍ତି ନେବାରେ ସମସ୍ୟା, ନିଜ ଜୀବନ ଓ ଭବିଷ୍ୟତ ପ୍ରତି ନକାରାତ୍ମକ ଚିନ୍ତା କିମ୍ବା ଆତ୍ମହତ୍ୟା ବିଷୟରେ ବାରମ୍ବାର ଭାବନା ପ୍ରକାଶ ପାଏ। ଭବିଷ୍ୟତ ଗଢୁଥିବା ବୟସ ଭିତରେ ଯୁବପିଢ଼ିମାନେ ମାନସିକ ଅବସାଦ ଏବଂ ଚାପକୁ ଅବରୋଧ କରିବା ଜରୁରୀ। ଜୀବନଶୈଳୀରେ ପରିବର୍ତ୍ତନ, ଚାପବିହୀନ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାରେ ଆବଶ୍ୟକତା ରହିଛି। ତତ୍‌ସହିତ ପରିବାରର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ସମସ୍ୟା ଶୁଣିବା ସହିତ ମାନସିକ ସମର୍ଥନ ଦେବା ଦରକାର। ସବୁ ସମସ୍ୟାର ସମାଧାନ ସମ୍ଭବ। ଏବଂ ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ। ଏହା ହିଁ ମାନସିକ ଅବସାଦ ଲଢ଼ିବାର ମନ୍ତ୍ର ହେବା ଉଚିତ୍। ଯୁବପିଢିଙ୍କ ଭିତରେ ବୃଦ୍ଧି ଘଟୁଥିବା ମାନସିକ ଅବସାଦ, ଭାରତରେ ନୂତନ ଯୁବଶକ୍ତି ଅଭ୍ୟୁଦୟ ପାଇଁ ଏକ ଅବରୋଧ। ଶାରୀରିକ ସ୍ୱାସ୍ଥ୍ୟ ସହ ମାନସିକ ସ୍ୱାସ୍ଥ୍ୟ ବି ଜରୁରୀ, ଏ ସମ୍ପର୍କିତ ଶିକ୍ଷା ଏବଂ ସଚେତନତା ବର୍ତ୍ତମାନ ସମୟରେ ନିତ୍ୟାନ୍ତ ଆବଶ୍ୟକ। ଯୁବପିଢ଼ିମାନଙ୍କ ମଧ୍ୟରେ ବୁଝାଇବାକୁ ହେବ ଯେ ସାହାଯ୍ୟ ମାଗିବା ଦୁର୍ବଳତାର ଲକ୍ଷଣ ନୁହେଁ, ବରଂ ଏହା ଏକ ଜୀବନ ଜିଇବାର ଶକ୍ତି । ●

କଣିପାଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ- ୯୮୬୧୦୬୮୪୫୬



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନବରଙ୍ଗପୁର ଓ ଜଟଣୀ ବାର ଆସୋସିଏସନ ନିର୍ବାଚନ ସ୍ଥଗିତ

କଟକ,୧୧।୩(ସମିସ): ଚଳିତ ୨୦୨୬-୨୭ ବର୍ଷ ପାଇଁ ଆସନ୍ତା ମାର୍ଚ୍ଚ ୨୮ ତାରିଖ ଏକ ସମୟରେ ସମସ୍ତ ଅନୁବନ୍ଧିତ ୧୫୮ ଟି ବାର ଆସୋସିଏସନ୍‌ର ନିର୍ବାଚନ ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ତେବେ କେତେକ ଅନିବାର୍ଯ୍ୟ କାରଣ ପାଇଁ

### ଆଇନଜୀବୀ ପରିଷଦର ଦୃଷ୍ଟାନ୍ତମୂଳକ ପଦକ୍ଷେପ

ନବରଙ୍ଗପୁର ଓ ଜଟଣୀ ବାର ଆସୋସିଏସନ ନିର୍ବାଚନକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ନବରଙ୍ଗପୁର ବାର ଆସୋସିଏସନ୍ର ନିର୍ବାଚନ ଅଧିକାରୀ ଇସ୍ତଫା ପ୍ରଦାନ କରିଥିବା ବେଳେ ନୂତନ ଅଧିକାରୀଙ୍କ ନିଯୁକ୍ତି ପାଇଁ ସାଧାରଣ ବୈଠକରେ ସଦସ୍ୟ ମାନେ ଅନୁପସ୍ଥିତ ରହିଥିଲେ। ଫଳରେ ଆଉ ଜଣେ ନିର୍ବାଚନ ଅଧିକାରୀଙ୍କର ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇନଥିବା ଅଭିଯୋଗ ହୋଇଥିଲା। ଏଣୁ ନବରଙ୍ଗପୁର ବାର ଆସୋସିଏସନ୍ର ନିର୍ବାଚନକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିଛି ଆଇନଜୀବୀ ପରିଷଦ। ସେହିଭଳି ଜଟଣୀ ବାର ଆସୋସିଏସନ୍‌ର ନିର୍ବାଚନ ଅଧିକାରୀ ଗତ ମାର୍ଚ୍ଚ ୭ରେ ହେବାକୁ ଥିବା ନାମାଙ୍କନ ଦାଖଲ ପ୍ରକ୍ରିୟା ସମୟରେ ବାର ଆସୋସିଏସନ ଅଫିସ୍ ବନ୍ଦ ରଖିବା ସହିତ ନିଜେ ଅନୁପସ୍ଥିତ ରହିଥିଲେ ବୋଲି ସଦସ୍ୟ ଅକ୍ଷୟ ସାହୁ ଓ ଅନ୍ୟ ୧୧ ଜଣ ଆଇନଜୀବୀ ଚିଠି ଲେଖି ପରିଷଦରେ ଅଭିଯୋଗ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅନ୍ୟାଦେଶ ପର୍ଯ୍ୟନ୍ତ ଜଟଣୀ ବାର ଆସୋସିଏସନ ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ନେଇ ଆଇନଜୀବୀ ପରିଷଦ ପକ୍ଷରୁ କୁହାଯାଇଛି। ଏକ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ହେବାରେ ଯେଉଁମାନେ ବାଧକ ହେବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ବାଚନ ଅଧିକାରୀ ମାନେ ଉକ୍ତ ନିର୍ବାଚନ ନିମିତ୍ତ ପ୍ରଣୀତ ଆଇନର ଅନୁପାଳନ ପୂର୍ବକ ନିର୍ବାଚନକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ବିଜେପିରେ ସାମିଲ ହେଲେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା

ବାଲେଶ୍ୱର,୧୧।୩ (ସମିସ): ବାଲେଶ୍ୱର ଜିଲ୍ଲାର ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜୁ ଜନତା ଦଳର ପୂର୍ବତନ ସଭାପତି ରବୀନ୍ଦ୍ର କୁମାର ଜେନା ନିଜର ଶତାଧିକ ସମର୍ଥକମାନଙ୍କ ସହିତ ଆଜି ବିଧିବଦ୍ଧ ଭାବରେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ ପୁଷ୍ପଗୁଚ୍ଛ ଏବଂ ଟୋପି ପିନ୍ଧାଇ ଶ୍ରୀ ଜେନାଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ସମୟରେ ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଭୁବନେଶ୍ୱର ମଧ୍ୟମ ବିଧାୟକ ବାବୁ ସିଂ, ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ, ସିପ୍ରା ବାଜପେୟୀ, ରାଜ୍ୟ ସମ୍ପାଦକ ସରୋଜ କର, ବିଜେପି ଯୁବନେତା ପ୍ରବୀର ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଓଏଚ୍‌ଆରସି ଅଧ୍ୟକ୍ଷ ଓ କର୍ମଚାରୀ ପଦ ଖାଲି

କଟକ,୧୧।୩(ସମିସ): ଓଡ଼ିଶା ମାନବାଧିକାର କମିସନ (ଓଏଚ୍‌ଆରସି) ରେ ଅଧ୍ୟକ୍ଷ, ସଦସ୍ୟ, ସଚିବ, ତଦନ୍ତ ନିର୍ଦ୍ଦେଶକ ସମେତ ୨୭ କର୍ମଚାରୀ ପଦ ଖାଲି ପଡ଼ିଛି। ଏ ନେଇ ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାର ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ପ୍ରାରମ୍ଭିକ ଶୁଣାଣି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖକୁ ଧାର୍ଯ୍ୟ ହୋଇଛି।

### ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ମାମଲାରୁ ପ୍ରକାଶ ଯେ ମାନାବାଧିକାର ସୁରକ୍ଷା ଅଧିନିୟମ, ୧୯୯୩ର ଧାରା ୨୧ ଅନୁସାରେ ଜଣେ ଅଧ୍ୟକ୍ଷ ଓ ଦୁଇଜଣ ସଦସ୍ୟଙ୍କୁ ନେଇ ଓଡ଼ିଶା ମାନବାଧିକାର କମିସନ ଗଠିତ ହୋଇଛି। ଗତ ଫେବ୍ରୁଆରୀ ୯ ତାରିଖରେ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କ କାର୍ଯ୍ୟକାଳ ପୂରଣ ହେତୁ ଏବେ କେବଳ ଜଣେ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ନେଇ କମିସନ କାର୍ଯ୍ୟ କରୁଛି। କମିସନରେ ଅନୁମୋଦିତ କର୍ମଚାରୀ ପଦରୁ ୨୭ଟି ଖାଲି ପଡ଼ିଥିବାରୁ ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ପ୍ରାର୍ଥନା କରାଯାଇଛି। କମିସନରେ ବର୍ତ୍ତମାନ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ମାମଲା ଶୁଣାଣି ପାଇଁ ପଡ଼ିରହିଛି। ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଶୁଣାଣି ବେଳେ ଉପସ୍ଥିତ ରହି ଉପରୋକ୍ତ ପଦ ପୂରଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉଛି ବୋଲି ଦର୍ଶାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କ୍ଷେପଣାସ୍ତ୍ର ମାଡ଼ରେ...

ଜାହାଜରେ ଥିବା ୨୩ରୁ ୨୦ କ୍ରୁ ସଦସ୍ୟଙ୍କୁ ଓମାନ ନୌସେନା ଉଦ୍ଧାର କରିଛି। ଏଥିରେ ଦୁଇ ଜଣ ଭାରତୀୟ ନାବିକ ପ୍ରାଣ ହରାଇଥିବା ବେଳେ ଆଉ ଜଣେ ନିଖୋଜ ଥିବା ଭାରତ ପକ୍ଷରୁ କୁହାଯାଇଛି। ଏହି ଜାହାଜର ନାମ 'ମୟୁରୀ ନାରୀ'। ଏହା ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ରୁ ଭାରତ ଅଭିମୁଖେ ବାହାରି ଥିଲା। ହର୍ମୁଜ ଦେଇ ଆସିବା ସମୟରେ ଜାହାଜର ପଛ ଭାଗରୁ ଆକ୍ରମଣ ହୋଇଥିଲା। ଏହାଦ୍ୱାରା ଇଞ୍ଜିନ ରୁମରେ ନିଆଁ ଲାଗିଯାଇଥିଲା। ତିନି କ୍ରୁ ସଦସ୍ୟ ଏହି ଇଞ୍ଜିନ ରୁମ୍‌ରେ ଥିଲେ। କ୍ୟାପ୍‌ଟେନଙ୍କ ନିର୍ଦ୍ଦେଶରେ ଅନ୍ୟ କ୍ରୁ ସଦସ୍ୟ ଏହି ଜାହାଜକୁ ଛାଡ଼ି ଦେଇଥିଲେ। ସେମାନେ ଲାଇଫବୋଟରେ ବାହାରି ପଳାଇ ଆସିଥିଲେ। ଓମାନ ନୌସେନା ସମସ୍ତଙ୍କୁ ଉଦ୍ଧାର କରି ଖସାବ ସହରକୁ ଆଣିଥିଲା। ଥାଇଲାଣ୍ଡ ଅଧିକାରୀଙ୍କ ଅନୁଯାୟୀ, ଥାଇ ନୌସେନା ଏବେ ସ୍ଥିତି ଉପରେ ନଜର ରଖିଛି। ଉଦ୍ଧାରକାର୍ଯ୍ୟ ପାଇଁ ଅନ୍ତର୍ଜାତୀୟ ଏଜେନ୍ସି ସହ ମିଶି କାମ କରାଯାଉଛି। ଏହି ଆକ୍ରମଣ ପାଇଁ ଇରାନ ନିଜକୁ ଦାୟୀ କରିଛି। ଏହା ପୂର୍ବରୁ ବ୍ରିଟେନର ସାମୁଦ୍ରିକ ବାଣିଜ୍ୟ କେନ୍ଦ୍ର ପକ୍ଷରୁ କୁହାଯାଇଥିଲା ଯେ ହର୍ମୁଜରେ ମଙ୍ଗଳବାର ତିନି ଜାହାଜ ଉପରେ ଆକ୍ରମଣ ହୋଇଥିଲା। ମାତ୍ର ଏଥିରେ ମୟୁରୀ ନାରୀ ସାମିଲ ଥିଲା କି ନାହିଁ ତାହା ଜଣାପଡ଼ିନି। ଥାଇ ନୌସେନା ଅନୁଯାୟୀ, ଏହି ଜାହାଜର ଲମ୍ବ ୧୭୮ ମିଟର। ଏଥିରେ ୩୦ ହଜାର ଟନ୍‌ର ସାମଗ୍ରୀ ଥିଲା।

ଉପସାଗରୀୟ ଅଞ୍ଚଳରୁ ତୈଳ ପରିବହନ ପାଇଁ ହର୍ମୁଜ ଗୁରୁତ୍ୱପୂର୍ଣ୍ଣ ସମୁଦ୍ରପଥ ହୋଇଥିବାରୁ ଜାହାଜ ଉପରେ ଇରାନର ଆକ୍ରମଣ ଯୁଦ୍ଧ ପରିସ୍ଥିତିକୁ ଆହୁରି ଭୟଙ୍କର କରିଛି। ବିନା ଅନୁମତି ଏହି ପଥ ଯାଉଥିବା ଜାହାଜ ଉପରେ ଆକ୍ରମଣ ପାଇଁ ଇରାନ ଧମକ ଦେଇଥିବା ବେଳେ ଏଭଳି ଜାହାଜକୁ ସୁରକ୍ଷା ଦେବାଲାଗି ଆମେରିକା ଘୋଷଣା କରିଛି। ତେଣୁ ହର୍ମୁଜ ଏବେ ଇରାନ ଓ ଆମେରିକା ପାଇଁ ରଣକ୍ଷେତ୍ର ପାଲଟିବା ନିଶ୍ଚିତ ବୋଲି କୁହାଯାଉଛି। ହର୍ମୁଜରେ ଆକ୍ରମଣ ନେଇ ଭାରତର ବୈଦେଶିକ ବିଭାଗ ଉଦବେଗ ପ୍ରକାଶ କରିଛି। ଏଭଳି ଆକ୍ରମଣରୁ ନିର୍ବୃତ୍ତ ରହିବା ଲାଗି ଇରାନକୁ ପରାମର୍ଶ ଦେଇଛି।

ଇତିମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଯୁଦ୍ଧରେ ଆମେରିକାକୁ ଅପେକ୍ଷାରୁ ଅଧିକ ସଫଳତା ମିଳିଛି। ଇରାନର ସମସ୍ତ ଟାର୍ଗେଟକୁ ଧ୍ୱଂସ କରାଯାଇଛି। ଆକ୍ରମଣ ପାଇଁ ଆଉ କିଛି ଟାର୍ଗେଟ ରହିନାହିଁ। ତେଣୁ ସେ ଚାହିଁଲେ ଏହି ଯୁଦ୍ଧକୁ ଯେକୌଣସି ମୁହୂର୍ତ୍ତରେ ବନ୍ଦ କରିଦେବେ ବୋଲି କହିଛନ୍ତି।

### ରନ୍ଧନ ଗ୍ୟାସ୍‌କୁ...

ଯୋଗାଣ ବନ୍ଦ କରିଦେଇଛନ୍ତି, ଯାହା ଫଳରେ ହୋଟେଲ ଏବଂ ରେସ୍ତୋରାଁଗୁଡିକ ବନ୍ଦ ହେବାରେ ଲାଗିଛି। ସମୟରେ, ଏଲପିଜି ସିଲିଣ୍ଡର ଅଭାବ ଯୋଗୁଁ ଅଯୋଧ୍ୟାର ରାମ ରସୋଇ ବନ୍ଦ ହୋଇଯାଇଛି। ଆଠ ବର୍ଷ ମଧ୍ୟରେ ଅଯୋଧ୍ୟାସ୍ଥିତ ରାମ ମନ୍ଦିରର ରୋଷଶାଳାକୁ ବନ୍ଦ କରିଦିଆଯାଇଛି। ଏଭଳିସ୍ଥିତିରେ ଟ୍ରେନରେ ଖାଦ୍ୟ ସେବାକୁ ରେଳବାଇ ବନ୍ଦ କରିଦେବାର ଆଶଙ୍କା ଦେଖାଦେଇଛି। ଆହୁରିମଧ୍ୟ ଦିଲ୍ଲୀ ହାଇକୋର୍ଟ କ୍ୟାଣ୍ଟିନରେ ମେନ୍‌କୋର୍ସକୁ ବନ୍ଦ କରିଦିଆଯାଇଛି। ଏଭଳି ସମୟରେ ସରକାର ଦେଶରେ ରନ୍ଧନ ଗ୍ୟାସ ଅଭାବ ସମ୍ପର୍କିତ ରିପୋର୍ଟକୁ ନକଲି ବୋଲି କହି ଖାରଜ କରିଦେଇଛନ୍ତି। ଏତେ ସବୁ ପରେ ବୁକିଂର ଅଢ଼େଇ ଦିନ ମଧ୍ୟରେ ଗ୍ରାହକଙ୍କୁ ଗ୍ୟାସ୍ ଯୋଗାଇଦେବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

ମଧ୍ୟପ୍ରାଚ୍ୟରେ ସଙ୍କଟ କାରଣରୁ ଏଲପିଜି ଗ୍ୟାସ୍ ଅଭାବକୁ ନେଇ ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ସମୟରେ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଲାଗୁ କରିବା ସହ ରିଫାଇନାରୀ ଗୁଡ଼ିକୁ ଏଲପିଜି ଉତ୍ପାଦନ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସମୟରେ ଭାରତ ସରକାର ବିକଳ୍ପ ମାର୍ଗ ଦେଇ ଏଲପିଜି ଏବଂ ଏଲଏନଜି ଯୋଗାଣ ସୁନିଶ୍ଚିତ କରିବା ଉପରେ ଜୋର ଦେଉଥିବା କହିଛନ୍ତି। ଏଥିସହ ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ଘରୋଇ ଏଲପିଜି ଉତ୍ପାଦନ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ଜଣାପଡିଛି। ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କହିବାନୁଯାୟୀ, ଆଗାମୀ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଦୁଇଟି ବଡ଼ ଏଲ୍‌ଏନ୍‌ଜି ଜାହାଜ ଭାରତରେ ପହଞ୍ଚିବାର ଯୋଜନା ରହିଛି। ଗ୍ୟାସ ଯୋଗାଣକୁ ନିୟନ୍ତ୍ରଣ କରିବା ପାଇଁ, କେନ୍ଦ୍ର ସରକାର ସାରା ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ 1955 ଲାଗୁ କରିଛନ୍ତି। ରନ୍ଧନ ଗ୍ୟାସ୍‌ର ଅଭାବ ଏବେ ରେଳଯାତ୍ରୀଙ୍କ ଉପରେ ମଧ୍ୟ ପଡିଛି। ରେଳବାଇ ପକ୍ଷରୁ ଟ୍ରେନରେ ଖାଦ୍ୟ ସେବା ବନ୍ଦ କରିଦିଆଯାଇଛି। ଆଇଆର୍‌ସିଟିସି ଏହାର କ୍ୟାଟରିଂରେ ଖାଦ୍ୟ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇପାରେ। ଟିକଟ ସହିତ ଖାଦ୍ୟ ବୁକ୍ କରିଥିବା ଯାତ୍ରୀମାନଙ୍କୁ ଟଙ୍କା ଫେରସ୍ତ କରାଯାଇପାରେ। ଆଇଆର୍‌ସିଟିସି ମଧ୍ୟ ସମ୍ଭାବ୍ୟ ଏଲ୍‌ପିଜି ଅଭାବର ମୁକାବିଲା ପାଇଁ କ୍ୟାଟରିଂ ୟୁନିଟଗୁଡ଼ିକୁ ମାଇକ୍ରୋୱେଭ୍ ଏବଂ ଇଣ୍ଡକ୍ସନ୍ କୁକ୍‌ଟପ୍ ବ୍ୟବହାର କରିବାକୁ କହିଛି।

ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଯୋଗାଣରେ ବାଧା ସୃଷ୍ଟି ହେବା ଯୋଗୁଁ ଓଡ଼ିଶାର ବିଶେଷ କରି ଭୁବନେଶ୍ୱର, ପୁରୀ ଏବଂ କଟକରେ ଛୋଟ ଛୋଟ ହୋଟେଲ ଏବଂ ରେସ୍ତୋରାଁ ବନ୍ଦ ହୋଇଯାଇଛି। ରାସ୍ତାକଡ଼ରେ ଠେଲା ଲଗାଇ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀ ଇତିମଧ୍ୟରେ ତାଙ୍କର ବେପାର ବନ୍ଦ କରିଦେଇଛନ୍ତି। ଗ୍ୟାସ୍ ସିଲିଣ୍ଡର ମିଳିବା ଆଶଙ୍କାରେ ଗ୍ୟାସ ଏଜେନ୍ସି ବାହାରେ ଦିନକୁ ଦିନ ଗ୍ରାହକଙ୍କ ଲମ୍ବା ଧାଡ଼ି ବଢ଼ିବାରେ ଲାଗିଛି। ଦିଲ୍ଲୀ ହାଇକୋର୍ଟରେ ଓକିଲଙ୍କ କ୍ୟାଣ୍ଟିନରେ ଏଲପିଜି ସିଲିଣ୍ଡର ଅଭାବ ଯୋଗୁଁ ମେନ୍ କୋର୍ସ ଖାଦ୍ୟ ପରିବେଷଣକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି। କ୍ୟାଣ୍ଟିନ ପରିଚାଳନାକାରୀ କହିଛି ଯେ ସେମାନଙ୍କ ପାଖରେ ଏଲପିଜି ସିଲିଣ୍ଡର ନାହିଁ ଏବଂ ଗ୍ୟାସ ଯୋଗାଣ କେବେ ପୁନଃସ୍ଥାପିତ ହେବ ତାହା ସ୍ପଷ୍ଟ ନୁହେଁ।

ରନ୍ଧନ ଗ୍ୟାସ୍‌ର ସଙ୍କଟକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଯୋଗାଣ ସ୍ଥିତି ସମୀକ୍ଷା କରିବା ପାଇଁ ତିନୋଟି ତୈଳ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛି। ଘରୋଇ ସିଲିଣ୍ଡର ବୁକିଂ ପାଇଁ ନିୟମରେ ପରିବର୍ତ୍ତନ କରାଯାଇଛି। ଗ୍ରାହକମାନେ ଗୋଟିଏ ସିଲିଣ୍ଡର ପାଇବାର ୨୫ ଦିନ ପରେ ହିଁ ପରବର୍ତ୍ତୀ ସିଲିଣ୍ଡର ବୁକ୍ କରିପାରିବେ। ଡେଲିଭରି ଏଜେଣ୍ଟମାନଙ୍କ କଡ଼ାକଡ଼ି ଓଟିପି କିମ୍ବା ବାୟୋମେଟ୍ରିକ୍ ଯାଞ୍ଚ ବାଧ୍ୟତାମୂଳକ କରାଯାଇଛି।

### ବିଧାନସଭା କମ୍ପାଇଲେ...

ମାନସିକତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ; ତେଣୁ ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା ନେଇ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ବିଜେଡି ସଦସ୍ୟ ଦାବି କରିଛି। କଂଗ୍ରେସ ମଧ୍ୟ ଏହି ଘଟଣାକୁ ନେଇ ଗୃହରେ ଉଦବେଗ ପ୍ରକାଶ କରିବା ସହ ବାଚସ୍ପତିଙ୍କ କାର୍ଯ୍ୟାନୁଷ୍ଠାନ ପାଇ ଦାବି ରଖିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ରାଜ୍ୟରେ ଜନପ୍ରତିନିଧିଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି। ଗତକାଲି ଶେରଗଡ଼ ବ୍ଲକ୍ ଅଧ୍ୟକ୍ଷଙ୍କ ଉପରେ ଆକ୍ରମଣ ହୋଇଛି। ୨୦ ଜଣ ସରକାରୀ ଦଳର ଗୁଣ୍ଡା ତାଙ୍କ କାର୍ଯ୍ୟାଳୟରେ ପଶି ମାଡ ମାରିଛନ୍ତି। ତାଙ୍କ ଚେତା ବୁଡ଼ିବା ପରେ ଛାଡ଼ି ପଳାଇଥିଲେ। ଯଦି ସରକାରୀ ଦଳ ଏପରି ଆତଙ୍କରାଜ କରିବ, ତାହେଲେ ଜନ ପ୍ରତିନିଧି ନିଜ କାର୍ଯ୍ୟାଳୟକୁ ଆସିବେ ନାହିଁ ବୋଲି ସରକାର କହିଦିଅନ୍ତୁ। ତେଣୁ ଏ ପ୍ରସଙ୍ଗରେ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ବିଧାୟକ ସାରଦା ପ୍ରସନ୍ନ ଜେନା କହିଥିଲେ ଯେ ଏ ସରକାରରେ ଯେ ଜନ ପ୍ରତିନିଧିମାନେ ଅସୁରକ୍ଷିତ, ତାହା ଶେରଗଡ଼ ଘଟଣାକୁ ସ୍ପଷ୍ଟ। ଶାସକ ଦଳର ଲୋକ ଗୁଣ୍ଡା ଲଗାଇ ଧମକ ଦେଉଛନ୍ତି। ଶେରଗଡ଼ ବ୍ଲକ ଅଧ୍ୟକ୍ଷ ନିଜ କାର୍ଯ୍ୟାଳୟରେ ଥିବାବେଳେ ଜଣେ ସରପଞ୍ଚ ଓ ନିରଞ୍ଜନ ଜେନା ନାମକ ଜଣେ ଗ୍ୟାଙ୍ଗଷ୍ଟାର୍ ଏହି ଆକ୍ରମଣରେ ସାମିଲ ଅଛନ୍ତି। ଏହି ଘଟଣାରେ ବିଜେପି ମଣ୍ଡଳ ସଭାପତିଙ୍କୁ ଗିରଫ କରାଯାଇଛି। ବାଚସ୍ପତି ଏନେଇ ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ ଯେ ଘଟଣାକୁ ନିନ୍ଦା କରିବା ବଦଳରେ ବିଜେପି ବିଧାୟକମାନେ ବିଜେଡି ସମୟରେ କେତେ ଅପରାଧ ହୋଇଥିଲା ବଖାଣୁଛନ୍ତି। ଏହା ଦୁର୍ଭାଗ୍ୟଜନକ; ବିଏମସି ଅଧିକାରୀଙ୍କୁ ମାଡ଼ ମାରିଲେ। ରାଜନଗର ବିଡିଓଙ୍କୁ ବିଜେପି ନେତା ମାଡ଼ ମାରିଲେ। କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଓଲଟି ବିଡିଓଙ୍କ ବଦଳି କରିଦେଲେ। ଏହା ହେଉଛି ସରକାରଙ୍କ ନ୍ୟାୟ। ଶେରଗଡ଼ ଘଟଣାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ ସରକାରଙ୍କୁ ବୋଲି ସେ ଦାବି କରିଥିଲେ। ଦଳର ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା କହିଥିଲେ ଯେ ଜନପ୍ରତିନିଧିଙ୍କ ସୁରକ୍ଷା ବଦଳରେ ଗୃହରେ ଅପରାଧିକ ଘଟଣାକୁ ନେଇ ବାଦ ବିବାଦ ଚାଲିଛି। ଅତୀତରେ ହୋଇଛି, ମାନେ ଏବେ ବି ହବ? ସରକାର ଏଭଳି ଘଟଣାକୁ ନିନ୍ଦା କରିବା କଥା। ଶେରଗଡ଼ ଘଟଣା ପାଇଁ ସରକାର ଦୁଃଖ ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ ଏହି ପ୍ରସଙ୍ଗକୁ ସମର୍ଥନ ଜଣାଇ ବାଚସ୍ପତିଙ୍କ ରୁଲିଙ୍ଗ ଦାବି କରିଥିଲେ। ଅଶୋକ ଦାସ ମଧ୍ୟ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପାଇଁ ସରକାର ଉତ୍ତରଦାୟୀ ବୋଲି କହିଥିଲେ।

ଅପରପକ୍ଷେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ ଶେରଗଡ଼ରେ ଘଟିଥିବା ଘଟଣା ନିନ୍ଦନୀୟ। ଏଥିପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଜେଡି ସରକାର ସମୟରେ ଜଣେ ପୂର୍ବତନ ବିଧାୟକ ଥାନାରେ ପଶି ପୁଲିସଙ୍କୁ ମାଡ ମାରିଥିଲେ, ମାତ୍ର ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଶାସକ ଦଳର ଅନ୍ୟତମ ବିଧାୟକ ବିଧାୟକ ସନାତନ ବିଜୁଳି ଓ ବାବୁ ସିଂ ମଧ୍ୟ ପୂର୍ବ ସରକାରଙ୍କୁ ସମାଲୋଚନା କରିବା ସହ ବିଜେପି ସରକାରରେ ଲୋକ ନ୍ୟାୟ ପାଉଛନ୍ତି। ଏ ସରକାରରେ ଉଭୟ ଅପରାଧ ଓ ଅପରାଧୀଙ୍କୁ ଆଦୌ ସୁରକ୍ଷା ଦିଆଯାଉ ନାହିଁ ବୋଲି କହିଥିଲେ।

### କୃଷ୍ଣଚନ୍ଦ୍ରଙ୍କୁ ଦେଖିବାକୁ...

ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ମୋ ନିର୍ବାଚନମଣ୍ଡଳୀର ଜଣେ ବ୍ଲକ ଅଧ୍ୟକ୍ଷ ବିଜେପି ଗୁଣ୍ଡାଙ୍କ ଦ୍ୱାରା ଆକ୍ରମଣ ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି; ଏପରି ଖବର ମୋତେ ଚକିତ କରିଛି। ବିରୋଧୀ ଦଳ ନେତାଙ୍କ ନିର୍ବାଚନମଣ୍ଡଳୀରେ ଯଦି ଏପରି ଅବସ୍ଥା ହେଉଛି, ତାହେଲେ ରାଜ୍ୟବ୍ୟାପୀ କଣ ଘଟୁଛି ଆପଣ ଏଥିରୁ ସହଜରେ ଅନୁମାନ କରିପାରିବେ।

ମଧ୍ୟପ୍ରାଚ୍ୟରେ ଲକ୍ଷ ଲକ୍ଷ ଓଡ଼ିଆ ଯୁଦ୍ଧରେ ଫସିରହିଥିବା ବେଳେ ସେମାନଙ୍କୁ ଉଦ୍ଧାର କରିବାକୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମୁଁ ଅନୁରୋଧ କରିଥିଲି। ମାତ୍ର ସରକାର ଏହାକୁ ଗୁରୁତ୍ୱ ଦେଲେ ନାହିଁ । ଓଲଟି ଆଗାମୀ ରାଜ୍ୟସଭା ନିର୍ବାଚନରେ ବିଜୟ ପାଇଁ ବିଜେପି ଘୋଡ଼ା ବେପାର ଉପରେ ଧ୍ୟାନ କେନ୍ଦ୍ରୀତ କରିଛି। ରାଜ୍ୟର ସ୍ଥିତି କେତେ ଖରାପ ହୋଇପଡ଼ିଛି, ଆପଣ ମାନେ ଏଥିରୁ ଦେଖିପାରୁଥିବେ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମୟରେ ନବୀନଙ୍କ ସହ ଗଞ୍ଜାମ ଜିଲ୍ଲା ବିଜେଡିର ବହୁ ନେତା ଉପସ୍ଥିତ ଥିଲେ।

### ଲୋକସଭା ବାଚସ୍ପତି...

ଅନାସ୍ଥା ପ୍ରସ୍ତାବ ୪ ଦଶନ୍ଧି ପରେ ଆସିବା କୌଣସି ମାମୁଲି କଥା ନୁହେଁ। ବାଚସ୍ପତିଙ୍କ ସଚ୍ଚୋଟତା ଉପରେ ବିରୋଧୀ ପ୍ରଶ୍ନ ଉଠାଇବା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ସେ କହିଲେ ଯେ ବାଚସ୍ପତିଙ୍କ ସଚ୍ଚୋଟତା ପ୍ରତି ପ୍ରଶ୍ନ ଉଠାଇବା ହେଉଛି ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ପ୍ରଶ୍ନ ଉଠାଇବା ସହ ସମାନ। ବିଜେପି ଦୀର୍ଘ ବର୍ଷ ଧରି ବିରୋଧୀ ଦଳରେ ଥିଲେ ମଧ୍ୟ କେବେହେଲେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିନଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ତାଙ୍କ ଭାଷଣରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ସଂସଦରେ ତାଙ୍କର ଅନୁପସ୍ଥିତି ଜାତୀୟ ହାର ଠାରୁ ବି କମ୍ ବୋଲି କହିଥିଲେ। ସଂସଦ ଅଧିବେଶନ ବେଳେ ରାହୁଲଙ୍କ ବିଦେଶ ଗସ୍ତକୁ ସେ ସମାଲୋଚନା କରିଥିଲେ।

ତେବେ ଶାହଙ୍କର କିଛି ମନ୍ତବ୍ୟକୁ ବିରୋଧୀ ଦଳ ବିରୋଧ କରିବା ସହିତ ତାଙ୍କ ଠାରୁ କ୍ଷମା ପ୍ରାର୍ଥନା ଦାବି କରିଥିଲେ। ଏହାକୁ ନେଇ ଗୃହରେ ହଟ୍ଟଗୋଳ ଚାଲିଥିବା ବେଳେ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ସଭ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯିବା ଲାଗି କହିଥିଲେ। ଏହାପରେ ଅନାସ୍ଥା ଉପରେ ମତଦାନ କରାଯିବ। କିନ୍ତୁ ବିରୋଧୀ ଦଳ ହଟ୍ଟଗୋଳ ଜାରି ରଖିବାରୁ ବାଚନିକ ଭୋଟ ଦ୍ୱାରା ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଗଲା ବୋଲି ସେ ଘୋଷଣା କରିଥିଲେ।

ଅନାସ୍ଥା ଉପରେ ଆଲୋଚନା ଏବଂ ମତଦାନ ବେଳେ ବାଚସ୍ପତି ଓମ୍ ବିର୍ଲା ଗୃହରେ ଉପସ୍ଥିତ ନଥିଲେ।

### ନାବାଳିକାକୁ ଅପହରଣ...

ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ବୁଧବାର ଅପରାହ୍ନରେ ନାବାଳିକାର ଘରଠାରୁ ପ୍ରାୟ ୩ କିମି ଦୂର ପାହାଡ଼ ଉପରେ ଏକ ପଥର ତଳେ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସେମାନେ ପୁଲିସକୁ ଖବର ଦେବା ପରେ ରାଜଗାଙ୍ଗପୁର ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲା। ତଦନ୍ତ ସମୟରେ ନାବାଳିକା ଖେଳୁଥିବା ଘର ନିକଟକୁ କିଛି ଯୁବକ ସେଠାକୁ ଆସିଥିବା ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ସେମାନଙ୍କୁ ଅଟକ ରଖି ତଦନ୍ତ କରୁଥିବା ବେଳେ ମାଇକେଲ କିଣ୍ଡୋ ସେଠାରୁ ଖସି ଯାଇଥିଲା। ଆଜି ପୁଲିସ ତାକୁ ଜଙ୍ଗଲରୁ ଧରି ଥାନାକୁ ଆଣିବା ପରେ ସେ ଛାତ୍ରୀକୁ ଖେଳୁଥିବା ସ୍ଥାନରୁ ଅପହରଣ ଏବଂ ହତ୍ୟା କରିଥିବା ସ୍ୱୀକାର କରିଛି। ଗୁରୁବାର ଶବ ବ୍ୟବଚ୍ଛେଦ କରିବା ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି କୁହାଯାଉଛି। ଏ ଘଟଣାକୁ କେନ୍ଦ୍ରକରି ଆଜି ସନ୍ଧ୍ୟା ସମୟରେ ଅଭିଯୁକ୍ତକୁ କଠୋର ଦଣ୍ଡ ଦାବିକରି ଡୁଡି ଗ୍ରାମବାସୀ ଥାନାରେ ଏକତ୍ର ହୋଇଥିଲେ।

### ଇଚ୍ଛାମୃତ୍ୟୁ ପାଇଁ...

ଆହତ ହୋଇଥିଲେ। ସେବେଠାରୁ ସେ କୋମାରେ ଅଛନ୍ତି। ତାଙ୍କ ଶରୀରର ନିମ୍ନ ଅଂଶ ପକ୍ଷାଘାତ ଦ୍ୱାରା ଆକ୍ରାନ୍ତ। ସେ କିଛି କହିପାରିନ୍ତି ନାହିଁ କିମ୍ବା ଅନୁଭବ କରିପାରନ୍ତି ନାହିଁ। ଖାଦ୍ୟ ନଳୀ ଓ ଭେଣ୍ଟିଲେଟର ଉପରେ ସେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ। ହରିଶଙ୍କ ବାପା ଅଶୋକ ରାଣା ଓ ମା ନିର୍ମଳା ରାଣା ପୁଅର ଚିକିତ୍ସା ପାଇଁ ସବୁ ସମ୍ପତ୍ତି ବିକ୍ରି କରିସାରିଛନ୍ତି। ପୁଅର ଯନ୍ତ୍ରଣା ଦେଖି ନପାରି ଓ ଆର୍ଥିକ ଅଭାବ ଯୋଗୁଁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଜେବି ପାର୍ଦିୱାଲା ଓ ଜଷ୍ଟିସ୍ କେଭି ବିଶ୍ୱନାଥଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଏମ୍ସକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ହରିଶଙ୍କ ଲାଇଫ୍ ସପୋର୍ଟ ସିଷ୍ଟମକୁ ପର୍ଯ୍ୟାୟକ୍ରମେ ହଟାଯାଉ ଓ ଏହି ପ୍ରକ୍ରିୟା ସମୟରେ ରୋଗୀର ଅର୍ଥାତ ହରିସଙ୍କ ମର୍ଯ୍ୟାଦା ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଉ। ନ୍ୟାୟାଧିଶ ସେକ୍ସପିୟରଙ୍କ ପ୍ରସିଦ୍ଧ ନାଟକ 'ହାମଲେଟ୍'ର ଫକ୍ତି 'ଟୁ ବି ଅର ନଟ୍ ଟୁ ବି'ର ଉଦାହରଣ ଦେଇ କହିଛନ୍ତି ଯେ, ଯେତେବେଳେ ରୋଗୀ ସୁସ୍ଥ ହେବାର କୌଣସି ଆଶା ନଥାଏ, ସେତେବେଳେ ତାଙ୍କୁ କଷ୍ଟରୁ ମୁକ୍ତି ଦେବା ଏବଂ ସମ୍ମାନର ସହ ମୃତ୍ୟୁବରଣ କରିବା ତାଙ୍କର ଅଧିକାର ରହିଛି ଅର୍ଥାତ ଜୀବନ ରକ୍ଷାକାରୀ ଚିକିତ୍ସା ବନ୍ଦ କରିବା ରୋଗୀର ସର୍ବୋତ୍ତମ ସ୍ୱାର୍ଥ ହୋଇପାରେ। ଏହି କ୍ରମରେ ସୁପ୍ରିମକୋର୍ଟ ସମ୍ବିଧାନର ଧାରା ୨୧କୁ ଉଲ୍ଲେଖ କରିଛନ୍ତି। କୋର୍ଟଙ୍କ ଅନୁଯାୟୀ, ସମ୍ମାନର ସହ ବଞ୍ଚିବା ଭଳି ସମ୍ମାନର ସହ ମରିବା ମଧ୍ୟ ସମ୍ବିଧାନର ଧାରା ୨୧ର ଅନ୍ତର୍ଗତ ଏକ ମୌଳିକ ଅଧିକାର। ଇଚ୍ଛାମୃତ୍ୟୁକୁ ନେଇ ଭାରତରେ କୌଣସି ଆଇନ ନାହିଁ। ତେବେ ଏସଂପର୍କରେ ଆବଶ୍ୟକ ଆଇନ ଆଣିବା ଲାଗି କୋର୍ଟ ଭାରତ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୮ରେ ସୁପ୍ରିମକୋର୍ଟ 'ଲିଭିଂ ଉଇଲ'କୁ ମାନ୍ୟତା ଦେଇଥିଲେ। ଯଦି ଜଣେ ବ୍ୟକ୍ତି ପୂର୍ବରୁ ଲେଖଥାନ୍ତି ଯେ, ଅସୁସ୍ଥତା ବେଳେ ତାଙ୍କୁ ମେସିନ ସାହଯ୍ୟରେ ବଞ୍ଚାଯିବ ନାହିଁ, ତେବେ ତାହା କାର୍ଯ୍ୟକାରୀ ହୋଇପାରିବ।


**AFFIDAVIT**

By virtue of an affidavit sworn before EXECUTIVE MAGISTRATE, DHAMNAGAR, BHADRAK, Affidavit No. 1421 dated 11-03-2026. **I SK NAWAB ALLI,** Address At- Habibnagar, PO- Dhamnagar, Bhadrak, Odisha, 756117 declare that I have changed my name from **SEK NABO to SK NAWAB ALLI.** Henceforth, I shall be known as SK NAWAB ALLI for all purposes.

**SK NAWAB ALLI**

**AFFIDAVIT**

I, Phul Singh, S/o- Bhuban Singh resident of Vill.- Dumadai, Po.- Kodinga, Ps.- Kodinga, Dist.- Nabarangpur state vide affidavit no. 26/2008 Dtd.05.01.2008 that, I want to change my name from **Phul Singh** to **Prafulla Singh**. Henceforth I shall be known as **Prafulla Singh** for all future purposes.

**AFFIDAVIT**

I, Sandip Guha Roy, aged about 59 years, S/o- Late Ashok Guha Roy, resident of Assotech World, Flat No: B1-1308, Avenue 01, Plot No.274, NH-16, Rudrapur, Bhubaneswar, Balianta, Khorda, Pin-752101, Odisha declared by this affidavit Sl No. 536, dtd- 09/03/2026 that now onwards I shall be known as **SANDEEP GUHA ROY** for all future purposes.

**AFFIDAVIT**

By virtue of an affidavit (CF No. 106, dtd. 12/01/2026) sworn before The Executive Magistrate, Sambalpur. I, **Dikhya Agrawal,** W/o- Atul Agrawal, permanent & current resident of At Flat No. 303, Block-D2-A, Green Park Residency, Opposite Mahila Thana, PO-Sambalpur, PS-Sadar, Dist- Sambalpur, State- Odisha, PIN- 768001 declare that I have changed my name from **Dikhya Balodia** to **Dikhya Agrawal.** Henceforth, I shall be known as **Dikhya Agrawal** (new name) for all purposes.

**Dikhya Agrawal**

**OFFICE OF THE MUNICIPAL COUNCIL: BALANGIR**
**Address:-Office of the Municipal Council, Balangir, Opp of Rajendra Park, Balangir, Pin-767001,**
**Ph. No.06652-232790 E-Mail id-bgrme1972@gmail.com**

13001/576/2526

**Letter No. 1527/BM** **Date. 07.03.2026**

The Executive Officer, BALANGIR MUNICIPALITY, BALANGIR, (Odisha) on behalf of Balangir Municipality invites Expression of Interest (EOI) for "Conducting drone aided survey and preparation of orthomosaic drawings for storm water drainage master plan of BALANGIR MUNICIPALITY area" from the engineering consultants/Consulting registered architectural firms that have requisite experience in drone aided Arial survey and preparation of orthomosaic drawing for preparation of drainage/Sewerage network plan.

1. Intending bidders have to download the documents from the District Web portal i.e. https://balangir.odisha.gov.in or municipality Web portal i.e. http://www.balangirmunicipality.in. and submit their bids through regd. Post / speed post to the office of the undersigned.
2. The bid documents is to be submitted offline from 10.30 A.M of Dt. 07.03.2026 to 5.00 P.M of Dt. 17.03.2026 through Regd. Post/speed post to the office of the undersigned.
3. Bids received through offline mode will be opened at 11.00 A.M on Dt. 18.03.2026 in the office of the undersigned.

**Executive Officer**
**Balangir Municipality**

**OIPR-13001/13169/1/25-26/0009**

ସମଗ୍ର ଶିକ୍ଷା समग्र शिक्षा Samagra Shiksha

27001/35/2526

**DISTRICT PROJECT OFFICE**
**SAMAGRA SHIKSHA, KORAPUT, ODISHA, PIN-764020**
**E-mal:- dpckoraputssa.opepa@nic.in**

**Letter No. 1311/2026** **XII-PLG-09/26** **Date. 10/03/2026**

**SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2025-26)**

Sealed Tenders are invited in prescribed format from reputed firms / Individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools for the year 2025-26. The Quotation papers containing detailed specification with terms and conditions can only be downloaded from the district website i.e. https://koraput.odisha.gov.in and OPEPA website https://osepa.odisha.gov.in, The Firms/ Bidders are to submit their Bid documents in the prescribed format in the envelope duly superscribed "Tender for Printing and Supply of Identity Cards for Teachers and Students of PM-SHRI Schools (2025-26)" and must be sent to the District Project Coordinator, Samagra Shiksha, Koraput through Regd. Post / Speed Post/Courier on or before 25/03/2026 by 5:30 PM (No tender paper will be received by hand). Any tender received after the stipulated date & time shall not be entertained and the authority will not be held responsible for any type of delay, if any. in the delivery of the documents or non-receipt of the same. The Bid documents will be opened on 26/03/2026 at 11:00 AM in the Office chamber of the District Project Coordinator, Samagra Shiksha, Koraput in presence of the members of District Purchase Committee, Bidders or their authorized Agents /Representatives, for finalisation of bid. The authority reserves every right to accept/reject/cancel in full/part, this tender without assigning any reasons thereof.

**Collector-cum-Chairman,**
**Samagra Shiksha, Koraput**

**OIPR-27001/27207/1/25-26/0007**

ସମଗ୍ର ଶିକ୍ଷା समग्र शिक्षा Samagra Shiksha

27001/36/2526

**DISTRICT PROJECT OFFICE**
**SAMAGRA SHIKSHA, KORAPUT, ODISHA, PIN-764020**
**E-mal:- dpckoraputssa.opepa@nic.in**

**Letter No. 1305/2026** **XII-PLG-09/26** **Date: 10/03/2026**

**SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2025-26)**

Sealed Tenders are invited in prescribed format from reputed firms / Individuals having valid GST Registration No and valid PAN for printing and supply of PM SHRI Logo Badge for Teachers and Students of PM-SHRI Schools for the year 2025-26. The Quotation papers containing detailed specification with terms and conditions can only be downloaded from the district website i.e. https://koraput.odisha.gov.in and OPEPA website https://osepa.odisha.gov.in, The Firms/ Bidders are to submit their Bid documents in the prescribed format and to be submitted in shield envelop duly superscribed "Tender for Printing and Supply of PM SHRI Logo Badge for Teachers and Students of PM-SHRI Schools (2025-26)" and must be sent to the District Project Coordinator, Samagra Shiksha, Koraput through Regd. Post/Speed Post/Courier on or before 25/03/2026 by 5:30 PM (No tender paper will be received by hand). Any tender received after the stipulated date & time shall not be entertained and the authority will not be held responsible for the postal delay, if any, in the delivery of the documents or non-receipt of the same. The Bid documents will be opened on 26/03/2026 at 11:00 AM in the Office chamber of the District Project Coordinator, Samagra Shiksha, Koraput in presence of the members of District Purchase Committee, Bidders or their authorized Agents /Representatives, if they desire, for finalisation of bid. The authority reserves every right to accept/reject/cancel in full/part, this tender without assigning any reasons thereof.

**Collector-cum-Chairman,**
**Samagra Shiksha, Koraput**

**OIPR-27001/27207/1/25-26/0008**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, Vide no- 471, dated. 09.03.2026 **I, AITI BHATRA,** W/o- Sanyasi Bhatra, Permanent Resident of Village - Dhanadangari, Po.- Mokiya, Ps.- Papadahandi , Dist- Nabarangpur, Odisha, Pin - 764071, declare that I have changed my name from **AYATI MAJHI to AITI BHATRA.** Henceforth, I shall be known as **AITI BHATRA** for all purposes.

**Sd/- Aiti Bhatra**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, Vide no- 496, dated. 11.03.2026 **I, BASANTA KUMAR SETHY,** S/o- Purna Chandra Sethy, Permanent Resident of - Balipada, Po.- Binayakpur, Ps.- Pipli, Dist- Puri, Odisha, Pin - 752104, declare that I have changed my name from **BASANTA SETHY to BASANTA KUMAR SETHY.** Henceforth, I shall be known as **BASANTA KUMAR SETHY** for all purposes.

**Sd/- Basanta Kumar Sethy**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 474, dated 09.03.2026 **I, BHISMA BISOI,** S/o - Lokanatha Bisoi, Permanent Resident of Village - Churahandi, Po- Chirma , Ps- Kodinga, Dist- Nabarangpur, Odisha, Pin - 754058, declare that I have changed the name of my Son from **SAHAM BISOI to NITENDRO BISOI.** Henceforth, he shall be known as **NITENDRO BISOI** for all purposes.

**Sd/- Bhisma Bisoi**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 467, dated 09.03.2026 **I, CHANDINI RAO,** W/o - Subash Chandra Rao, Permanent Resident of Village - Padalguda, Po-Majhiguda , Ps- Nabarangpur, Dist- Nabarangpur, Odisha, Pin - 754059, declare that I have changed the name of my Son from **PRAKASH CHANDRA RAO to A PRAKASH RAO.** Henceforth, he shall be known as **A PRAKASH RAO** for all purposes.

**Sd/- Chandini Rao**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 477, dated 09.03.2026 **I, MADHURI RANI HIAL,** W/o - Mahesh Hial, Permanent Resident of - Tota Sahi, Nabarangpur, Po- Nabarangpur , Ps- Nabarangpur , Dist- Nabarangpur, Odisha, Pin - 754059, declare that I have changed the name of my Son from **JAMES HARIJAN to JAMES HIAL.** Henceforth, he shall be known as **JAMES HIAL** for all purposes.

**Sd/- Madhuri Rani Hial**

**AFFIDAVIT**

By virtue of an affidavit **No. 544, dtd. 05.03.2026** before the **Executive Magistrate, Danagadi,** I, Sanjaya Kumar Prusty, S/o Chaitan Charan Prusty, At- Tolkani, Po- Chitri, Ps- Tomka, Dist.- Jajpur- 755019 hereby declare that my correct name as per my HSC Certificate Sanjaya Kumar Prusty but in my Aadhaar Card No.: 991378750612, wrongly recorded as Sanjay Kumar Prusty. Henceforth, I shall be known as **Sanjaya Kumar Prusty** for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, Vide no- 972, dated. 06.11.2025 **I, SURYA PAIK,** W/o- Chandra Sekhar Paik, Permanent Resident of - Soura Street, Nabarangpur, Po.- Nabarangpur , Ps.- Nabarangpur, Dist- Nabarangpur, Odisha, Pin - 764059, declare that I have changed my name from **SURJYA PAIK to SURYA PAIK.** Henceforth, I shall be known as **SURYA PAIK** for all purposes.

**Sd/- Surya Paik**

**AFFIDAVIT**

By virtue of an affidavit sworn before the Executive Magistrate, Nimapara Affidavit No. 08, dated 10/03/2026, I **RAJESH MANGARAJ** S/o Prashan Kumar Mangaraj resident of Village At/Po- Garhchandapur, Ps- Balanga Dist- Puri, Odisha, declare that the name of my father has been denoted as **HARI MANGARAJ** S/o Jita Mangaraj in the R.O.R. Mouza Garhchandapur Khata No. 323 instead of **PRASHAN KUMAR MANGARAJ** S/o Jita Mangaraj. **HARI MANGARAJ & PRASHAN KUMAR MANGARAJ** S/o Jita Mangaraj of above noted address is one and same person.

**Sd- RAJESH MANGARAJ**

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, Vide no- 458, dated. 06.03.2026 **I, P SIVA KESHAB RAO,** S/o- P S PATI RAO, Permanent Resident of - Dora Sahi, Nabarangpur, Po.- Nabarangpur , Ps.- Nabarangpur, Dist- Nabarangpur, Odisha, Pin - 764059, declare that I have changed my name from **P. SHIVAKESWAR RAO to P SIVA KESHAB RAO.** Henceforth, I shall be known as **P SIVA KESHAB RAO** for all purposes.

**Sd/- P Siva Keshab Rao**

## ଧାନ କିଣାରେ ସରକାରଙ୍କ ବିଫଳତା

# ଖୋଲା ଆକାଶ ତଳେ ପଡ଼ିରହିଛି ଶହ ଶହ ବସ୍ତା ଧାନ

କୁଜଙ୍ଗ,୧୧ା୩(ସମିସ)

ଚାଷୀଙ୍କଠାରୁ ଖରିଫ ଧାନ କିଣିବାର ଶେଷ ତାରିଖ ଚଳିତ ମାର୍ଚ୍ଚ ମାସ ୩୧ ତାରିଖ ନିର୍ଦ୍ଧାରଣ କରିଥିବା ବେଳେ ଅଦ୍ୟାବଧି ୫୦ ଭାଗ ଧାନ କିଣିବାରେ ସଫଳ ନହେବା ସରକାରଙ୍କ ବିଫଳତା ହାଟରେ ପଡ଼ି ଦାଣ୍ଡରେ ଗଡ଼ିବା ଆରମ୍ଭ କଲାଣି । ଚାଷୀ ମାନେ ଶହ ଶହ ବସ୍ତା ଧାନ ନେଇ ଖୋଲା ଆକାଶ ତଳେ ଖରା, ବରଷାକୁ ଖାତିର ନକରି ମଣ୍ଡିରେ ଦିନ ଦିନ ଧରି ପକେଇ ରଖିଥିଲେ ବି ମିଲରର ଦେଖା ନ ମିଳିବାରୁ ହତାଶ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଯାହାକୁ ନେଇ ଚାଷୀ ମାନେ ସେମାନଙ୍କ ଧାନ ବିକ୍ରୟ ଉପରେ ସନ୍ଦୀହାନ ହୋଇ ପଡ଼ିଛନ୍ତି ।

ଏଭଳି ଅବସ୍ଥା ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକରେ ଦେଖିବାକୁ ମିଳିଛି । ପ୍ରକାଶ ଯେ କୁଜଙ୍ଗର ୧୭ଟି ପାକ୍‌ସରେ ଖରିଫ ଧାନ କିଣିବା ପାଇଁ ମଣ୍ଡି ଖୋଲିଥିଲେ ବି ଧାନ କ୍ରୟ ଆଶାନୁରୂପ ହୋଇପାରିନାହିଁ । ଅଧିକାଂଶ ମଣ୍ଡିରେ ୫୦ ଭାଗ ଧାନ କ୍ରୟ ହୋଇପାରିନାହିଁ । ଯେଉଁ ଚାଷୀଙ୍କର ଜାନୁଆରୀ ୨୮ ତାରିଖରେ ଧାନ ଦେବା ପାଇଁ ଟୋକନ ମିଳିଥିଲା; ମିଲର ନ ଆସିବାରୁ ସେମାନଙ୍କ ମଧ୍ୟରୁ କେତେକ ଚାଷୀ ମାର୍ଚ୍ଚ ପ୍ରଥମ ସପ୍ତାହ ଅତିକ୍ରାନ୍ତ ହୋଇଥିଲେ ବି ଧାନ ଦେଇ ପାରିନଥିବା ଜଣାପଡ଼ିଛି । ଉଦାହରଣ ସ୍ୱରୂପ ଜଗନ୍ନାଥପୁର ପାକସ୍‌ରେ ୬୭୫୭ କ୍ୱିଣ୍ଟାଲ ଧାନ ବିକିବା ପାଇଁ ୨୫୬ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜିକୃତ କରିଥିଲେ । ଜାନୁଆରୀ ମାସରୁ ଫେବୃଆରୀ ୨୮ ତାରିଖ ସୁଦ୍ଧା ୮୫ ଜଣ ଚାଷୀଙ୍କ ଠାରୁ ମାତ୍ର ୨୬୫୫ କ୍ୱିଣ୍ଟାଲ ଧାନ କିଣାଯାଇଛି । ଆହୁରି ୪ ହଜର କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ବିକିବା ପାଇଁ ୧୭୧ ଜଣ ଚାଷୀ ଟୋକନ ପାଇ ଅପେକ୍ଷାରେ ଅଛନ୍ତି ।

**ମିଲରର ଦେଖା ନାହିଁ; ସନ୍ଦେହରେ ଚାଷୀ**

ଜଗନ୍ନାଥପୁର ପାକ୍‌ସରେ ଫେବୃଆରୀ ୨୮ ତାରିଖରେ ଶେଷ ଧାନ କିଣା ହୋଇଥିଲା । ଇତି ମଧ୍ୟରେ ଏକ ସପ୍ତାହ ଅତିକ୍ରାନ୍ତ କରିଥିଲେ ବି ଆଉ ମିଲରଙ୍କ ଦେଖାନାହିଁ । ଏ ସଂପର୍କରେ ଜଗନ୍ନାଥପୁର ପାକ୍‌ସର ସମ୍ପାଦକ ରାଜକିଶୋର ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ ମିଲର ଠିକ୍ ସମୟରେ ନ ଆସିବାରୁ ଧାନ କିଣାରେ ବାଧା ଉପୁଜିଛି । ସରକାର ଆହୁରି ୧୫ ଦିନ ଅର୍ଥାତ୍ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଧାନ କିଣା ସମୟ ବୃଦ୍ଧି କରିବାର ଅଛି । ମିଲର ନିୟମିତ ନ ଆସିବା ସମ୍ପର୍କରେ ସମ୍ପାଦକ ପରିଡ଼ା କହିଥିଲେ ସେମାନେ କହୁଛନ୍ତି ଧାନ ଗଚ୍ଛିତ ରଖିବା ପାଇଁ ଗୋଦାମରେ ଯାଗା ନଥିବାରୁ କିଣାରେ ବିଳମ୍ବ ହେଉଛି । ସରକାର ଗୋଟିଏ ମିଲରର ସମସ୍ତ ପରିସ୍ଥିତି ସର୍ଜମିନ କରି ତାଙ୍କ ସହ ଧାନ କିଣିବା ପାଇଁ ଚୁକ୍ତି କରିଥିବେ । କିନ୍ତୁ ପରବର୍ତ୍ତୀ ସମୟରେ ଧାନ ନ କିଣି ଗୋଦାମ ଭର୍ତ୍ତି ହେବା ନିଶ୍ଚିତ ଆଶ୍ଚର୍ଯ୍ୟ ଲାଗୁଛି । ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି ମିଲରମାନେ କମ ଦାମରେ କଳାବେପାରୀଙ୍କ ଠାରୁ ଧାନ କିଣୁଛନ୍ତି । ଚାଷୀ ତଥା ମାଟି ସୁରକ୍ଷା ମଞ୍ଚ ସଂଯୋଜକ ହୃଷୀକେଶ ନାଥ କହିଛନ୍ତି ସରକାରଙ୍କ ଦୁର୍ବଳ ଓ ଦୁର୍ନୀତିଖୋର୍ ପରିଚାଳନା ଯୋଗୁ ଚାଷୀଙ୍କ ଧାନ କିଣା ହୋଇପାରୁନାହିଁ । ଗୋଟିଏ ପଟେ ଚାଷୀଙ୍କୁ ଅଖା ଯୋଗାଇ ଦିଆଯାଉନାହିଁ । ଅନ୍ୟପଟେ କ୍ୱିଣ୍ଟାଲ ପ୍ରତି ୪ ରୁ ୫ କିଗ୍ରା କଟ୍‌ନୀ ଛଟନୀରେ ନେଉଛନ୍ତି । ଚାଷୀଙ୍କ ପ୍ରତି ସରକାରଙ୍କ ଦରଦ ନାହିଁ । ଚାଷୀ ନବଘନ ନାଥ କହିଛନ୍ତି ତାଙ୍କ ଧାନ ମଣ୍ଡିରେ ଯିବା ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ସେ ନିରାଶ ହୋଇ କହିଛନ୍ତି ଯଦି ମଣ୍ଡି ଧାନ ନ ନେବ ବାଧ ହୋଇ କ୍ୱିଣ୍ଟାଲ ୧୬ ଶହ ଟଙ୍କାରେ କଳା ବେପାରୀକୁ ବିକିବୁ । ଯଦି ଏହା ହୁଏ ସେ ଆସନ୍ତା ବର୍ଷ ଆଉ ଚାଷ କରିବେ ନାହିଁ ଓ ତାଙ୍କ ପରି ଅନେକ ଚାଷୀ ଚାଷ କରିବେ ନାହିଁ ବୋଲି ସେ କହିଥିଲେ ।

## ୬୯ ନୋଡାଲ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

### ମାର୍ଚ୍ଚ ମାସର ଦରମା ବନ୍ଦ

**ଜଗତସିଂହପୁର,୧୧ା୩(ସମିସ):** ଜଗତସିଂହପୁର ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ କ୍ରୟ ପ୍ରକ୍ରିୟା ଚାଲିଥିବା ବେଳେ ଅନେକ ମଣ୍ଡିରେ ଅନିୟମିତତା ପରିଲକ୍ଷିତ ହେଉଛି । ଏହାକୁ ନେଇ ଚାଷୀମାନେ ଏବଂ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଛି । ଏହାସତ୍ତ୍ୱେ ପରିସ୍ଥିତିରେ ସେପରି କିଛି ସୁଧାର ଆସି ପାରିନାହିଁ । ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ଫେବୃଆରୀ ମାସରେ ସ୍ୱତନ୍ତ୍ର ଟିମ ଜିଲ୍ଲାର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରିଥିଲେ । ବିଶେଷ କରି ଫେବୃଆରୀ ୧୨ ତାରିଖ ଠାରୁ ୨୦ ତାରିଖ ମଧ୍ୟରେ ଜିଲ୍ଲାର ଧାନ ମଣ୍ଡି ତନଖି ବେଳେ ଧାନ କ୍ରୟ ପ୍ରକ୍ରିୟା ପାଇଁ ନିଯୁକ୍ତ ୬୯ ଜଣ ନୋଡ଼ାଲ ଅଧିକାରୀ ଅନୁପସ୍ଥିତ ଥିବା ଦେଖା ଯାଇଥିଲା । ଏଭଳି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱକୁ ଉପଲବ୍‌ଧି କରି ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ଉକ୍ତ ୬୯ ଜଣ ନୋଡାଲ ଅଧିକାରୀଙ୍କ ମାର୍ଚ୍ଚ ମାସର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହିତ ୩ ଦିନ ମଧ୍ୟରେ ଉତ୍ତର ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ଧାନ କିଣା ସମସ୍ୟା ନେଇ ଉଦ୍‌ବେଗ



କୁଜଙ୍ଗ,୧୧ା୩(ସମିସ): କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ପରିଷଦ ବୈଠକ କୁଜଙ୍ଗ ଲୋକନାଥ ଭବନଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାର ଧାନ ମଣ୍ଡିରେ ଧାନ କିଣାରେ କିଭଳି ଭାବରେ ବ୍ୟାପକ ଭାବରେ ଅବ୍ୟବସ୍ଥା କରୁଛନ୍ତି, ତାହା ବିରୋଧରେ ଆଲୋଚନା ହୋଇ ଉଦ୍‌ବେଗ ପ୍ରକାଶ ପାଇଛି । ଏହି ବୈଠକରେ ଅଖିଳ ଭାରତୀୟ କୃଷକ ସଭାର ରାଜ୍ୟ ସଭାପତି ଶଶୀଭୂଷଣ ସ୍ୱାଇଁ ତୁରନ୍ତ ସମସ୍ତ ଚାଷୀଙ୍କର ସମସ୍ତ ଧାନ ଉଠାଇବାର ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ । ଏହି ବୈଠକରେ ସିପିଆଇର ଜିଲ୍ଲା ସମ୍ପାଦକ ଅଜୟ ବେହେରା, ରାଜ୍ୟ ପରିଷଦ ସଦସ୍ୟ ସିପିଆଇର ଶରତ ଚନ୍ଦ୍ର ବେହେରା, ବସନ୍ତ ସାମଲ, ରାମଚନ୍ଦ୍ର ମୁଦୁଲି, ଦେବାଶିଷ ପରିଜା, ରବୀନ୍ଦ୍ର ମହାପାତ୍ର, ନାରାୟଣ ଭୋଳ, ରବୀନ୍ଦ୍ର ମାଝୀ, ନିମାଇଁ ମହାପାତ୍ର, ବିଷ୍ଣୁଚରଣ ମୁଦୁଲି, ଗୌରାଙ୍ଗ ବୋଷ, ଶରତ ଚନ୍ଦ୍ର ବଳିୟାରସିଂ, ରବୀନ୍ଦ୍ର ପାଇଟାଲ, ପ୍ରଭାତ କୁମାର ଦାସ, ବିଷ୍ଣୁ ଦଳେଇ, ଜିନ୍ମୟୀ ସାହାଣୀ, ପ୍ରଶାନ୍ତ ପ୍ରଧାନ ଆଦି ପ୍ରମୁଖ ସାଥୀ ମାନେ ବୈଠକରେ ଉପସ୍ଥିତ ଥିଲେ ।

## ଓଡ଼ିଆ ଭାଷା ଶାସ୍ତ୍ରୀୟ ଦିବସ

**ଜଗତସିଂହପୁର,୧୧ା୩(ସମିସ):** ଉତ୍କଳ ସମ୍ମିଳନୀ ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ବାବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଜିଲ୍ଲା ସଭାପତି ଆଇନିଜୀବୀ ଶିବ ପ୍ରସାଦ ମାଝୀ, ଉପ ସଭାପତି ଗୋବିନ୍ଦ ଓଝା, କୋଷାଧକ୍ଷ ରବି ମହାନ୍ତି, ବରିଷ୍ଠ ଆଇନୀଜୀବୀ ସୁରେନ୍ଦ୍ରନାଥ ମିଶ୍ର, ବିଶ୍ୱଜିତ ମହାନ୍ତି, ଅନିରୁଦ୍ଧ ସାବତ ଭାଗିରଥି ଦଲେଇ, ବିଜୟିନୀ ମହାପାତ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ସରକାରୀ ସ୍ତରରେ ମଧ୍ୟ କଡ଼ାକଡ଼ି ଭାବେ ଓଡ଼ିଆ ଭାଷାର ପ୍ରଚଳନ ସହିତ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଓଡ଼ିଆରେ ନାମ ଫଳକ ଲେଖିବା ପାଇଁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି । ଆଇନୀଜୀବୀ ନବୀନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିଶୁ କନ୍ୟାକୁ ଦୁଷ୍କର୍ମ ଅଭିଯୋଗ; ଅଭିଯୁକ୍ତ ଗିରଫ

**ତିର୍ତ୍ତୋଲ,୧୧ା୩(ସମିସ):** ତିର୍ତ୍ତୋଲ ଥାନା ଅନ୍ତର୍ଗତ ରାହାମା ଅନୁସୂଚିତ ଜନଜାତି ବସ୍ତି ଅଞ୍ଚଳରେ ୫ ବର୍ଷର ନାବାଳିକା ଶିଶୁ କନ୍ୟାକୁ ଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ସୋମବାର ବିଳମ୍ବିତ ରାତିରେ ବସ୍ତି ଅଞ୍ଚଳର ମନୋଜ ଦାସ ଶିଶୁ କନ୍ୟାକୁ ଦୁଷ୍କର୍ମ କରିଥିଲା । ପରେ ପୁଲିସ ଖବର ପାଇ ରାହାମା ଅଞ୍ଚଳରୁ ମନୋଜକୁ ଗିରଫ କରିବାକୁ ସକ୍ଷମ ହୋଇଥିଲା । ଅନ୍ୟ ପକ୍ଷରେ ଶିଶୁ କନ୍ୟାଟିକୁ ଗୁରୁତର ଅବସ୍ଥାରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଶିଶୁ କନ୍ୟାର ଚିକିତ୍ସା ଚାଲିଥିବା ଜଣାପଡିଛି । ପୁଲିସ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ମନୋଜକୁ ଅଦାଲତ ଚାଲାଣ କରିଥିବା ଥାନା ସୂତ୍ରରୁ ଜଣାପଡିଛି ।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ରଘୁନାଥପୁର,୧୧ା୩(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ସ୍ୱାମୀ ଅରୂପାନନ୍ଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟରଅଧ୍ୟକ୍ଷମୋହନଚରଣରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରଯାଇଥିଲା । ଏଥିରେ ଅଧ୍ୟାପକ ରମେଶଚନ୍ଦ୍ର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ରାଜନୀତି ବିଜ୍ଞାନର ଅଧ୍ୟାପକ ଅଭୟ କୁମାର ମହାରଣା ଅତିଥି ପରିଚୟ କରିଥିଲେ । ପୂର୍ବତନ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି, ସୁମନ୍ତଚନ୍ଦ୍ର ଦାସ, ଅଧ୍ୟକ୍ଷ ଦୟାନିଧି ରାଉତରାୟ, ଅଧ୍ୟାପକ ଅଜିତ କୁମାର ଭୂୟାଁ, କମଳ ଲୋଚନ ଆଚାର୍ଯ୍ୟ, ପୁଷ୍ପଲତା ଦାଶ, କୁମୁଦିନୀ ଦ୍ୱିବେଦୀ, ରବୀନ୍ଦ୍ର କୁମାର ଓଝା, ବାସନ୍ତୀଲତା ସାହୁ, ତ୍ରିଲୋଚନ ମହାପାତ୍ର, ବିଭୁତି ମହାପାତ୍ର, ପ୍ରତିଭାରାଣୀ ପଣ୍ଡା ଏବଂ ଅନ୍ୟାନ୍ୟ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ମିଟୁ ରାଉତ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ସମାପନ କରିଥିଲେ ।

## ରାସ୍ତା ଉପରେ ମୃତଦେହ ରଖି ପ୍ରତିବାଦ



**ରଘୁନାଥପୁର,୧୧ା୩(ସମିସ):** ମୋ ପୁଅକୁ ଜୀବନରୁ ମାରି ଗଛରେ ଝୁଲାଇ ଦିଆଯାଇଛି । ଯାହାକି ପୁଲିସ ଏହାକୁ ଆତ୍ମହତ୍ୟା ରୂପ ଦେଇ ସହଯୋଗ କରୁନି ବୋଲି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ରଘୁନାଥପୁର ଥାନା ଖଣ୍ଡତରି ଗ୍ରାମର ଚିତ୍ତରଞ୍ଜନ ମଲ୍ଲିକ । ବୁଧବାର ପୁଅ ଶୁଭମର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ କଟକ ପାରାଦୀପ ରାସ୍ତାର ଖଣ୍ଡତରି ଠାରେ ମୃତଦେହ ରଖି ସ୍ଥାନୀୟ ଗ୍ରାମବାସୀ ପ୍ରତିବାଦ କରିଥିଲେ । ଫଳରେ ଅପରାହ୍ନ ୩ ଠାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା । ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ ଦାସ ଓ ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠୀ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ଅଭିଯୋଗ ଅନୁଯାୟୀ ଆସନ୍ତା ଏକ ସପ୍ତାହ ଭିତରେ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବା ପାଇଁ ପୁଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା । ଏହାଛଡ଼ା ରେଡ୍‌କ୍ରସ ପକ୍ଷରୁ ୧୦ ହଜାର ଟଙ୍କାର ଚେକ୍ ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ କି ମଙ୍ଗଳବାର ଶୁଭମକୁ ଗୁରୁତର ଭାବେ ସ୍ଥାନୀୟ ମହାନଦୀ ପଠାରେ ଗଛ ଉପରେ ହୋଇଥିବା ମଞ୍ଚାରୁ ବେକରେ ଗାମୁଛା ବନ୍ଧା ହୋଇ ବସିବା ଅବସ୍ଥାରେ ମିଳିଥିଲା । ତୁରନ୍ତ ତାକୁ ରଘୁନାଥପୁର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା । ତେବେ ସେଠାରେ ଶୁଭମକୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷେ ଶୁଭମ ବେକରେ ଥିବା ଗାମୁଛାଟା ତାଙ୍କର ନ ଥିବା ବାପା ଚିତ୍ତରଞ୍ଜନ ପ୍ରକାଶ କରିଛନ୍ତି । ଏହାଛଡା ଅଭିଯୋଗରେ ଦର୍ଶା ଯାଇଥିବା ୩ ଜଣଙ୍କ ନାମକୁ ତଦନ୍ତ ପରିସରଭୁକ୍ତ କରି ଅନୁଧ୍ୟାନ କଲେ ସତ୍ୟତା ମିଳିବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ଆର୍ଯ୍ୟ ସମାଜ ପକ୍ଷରୁ ବୈଦିକ ଆଲୋଚନା ଚକ୍ର

**ଜଗତସିଂହପୁର,୧୧ା୩(ସମିସ):** ଜଗତସିଂହପୁର ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ହାଟବଜାର ସ୍ଥିତ ଜୟହିନ୍ଦ ଭବନ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବୈଦିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ପ୍ରବଚକ ଭାବରେ ଯୋଗ ଦେଇ ଈଶ୍ୱରଙ୍କ ଦାନ ସମ୍ପର୍କରେ ସାର ଗର୍ଭକ ଆଲୋଚନା କରିଥିଲେ । ବୈଦିକ ବିଚାରଧାରା ଏବଂ ଆଧ୍ୟାତ୍ମିକତାକୁ ନିଜ ଜୀବନର ବ୍ରତ କରିବା ପାଇଁ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଆର୍ଯ୍ୟ ସମାଜର ସଭାପତି ରଶ୍ମି ରଞ୍ଜନ ମିଶ୍ର, ଉପସଭାପତି ସୋମନାଥ ମହାରଣା, ସମ୍ପାଦକ ବିଜୟ ରଥ, କୋଷାଧକ୍ଷ ଦୁଃଶାସନ ଦାସ, ସଦସ୍ୟ ଚନ୍ଦ୍ରଜିତ ପରିଜା, ସୁଚିତ୍ରା ମହାରଣା, ସୁଶ୍ରୀ ଆଞ୍ଜୁଷା, ପ୍ରବୀର ମିଶ୍ର, ନବଘନ ମୁଦୁଲି, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଶିକ୍ଷାବିତ ଈଶ୍ୱରଚନ୍ଦ୍ର ନନ୍ଦ ଆଦି ଶତାଧିକ ଆର୍ଯ୍ୟ ଶ୍ରଦ୍ଧାଳୁ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଆର୍ଯ୍ୟ ସମାଜ ଜଗତସିଂହପୁର ଆନୁକୂଲ୍ୟରେ ସାପ୍ତାହିକ ବୈଦିକ ଯଜ୍ଞ ଓ ସତସଙ୍ଗ କାର୍ଯ୍ୟକ୍ରମ ଚାଲୁ ରହିଛି । ସନାତନ ସଂସ୍କୃତିର ପ୍ରଚାର ପ୍ରଚାର ନିମନ୍ତେ ସମସ୍ତଙ୍କ ସାଦର ଉପସ୍ଥିତି ଏଥିରେ କାମ୍ୟ ବୋଲି ମୁଖ୍ୟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଆହ୍ୱାନ ପ୍ରଦାନ କରିଥିଲେ ।




## ଡାକ୍ତରଖାନା ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

**ଜଗତସିଂହପୁର,୧୧ା୩(ସମିସ):** ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସେମାନଙ୍କର ପ୍ରମୁଖ ଦାବି ଗୁଡ଼ିକ ହେଲା- ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି ଏବଂ ଆଉଟସୋର୍ସିଂ ପ୍ରଥା ଉଚ୍ଛେଦ ଇତ୍ୟାଦି । ପୂର୍ବରୁ ମଧ୍ୟ ସମାନ ଦାବିରେ ଏହି ବର୍ଗର କର୍ମଚାରୀମାନେ ଅନେକ ଥର ଆନ୍ଦୋଳନ କରିଛନ୍ତି । ସରକାରୀ ସ୍ତରରେ ସେମାନଙ୍କୁ କେବଳ ପ୍ରତିଶ୍ରୁତି ମିଳିଛି ସତ ହେଲେ ଦାବି ପୂରଣ ହୋଇନାହିଁ । ତେଣୁ ତୁରନ୍ତ ରାଜ୍ୟ ସରକାର ସେମାନଙ୍କର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ କର୍ମଚାରୀମାନେ ନିବେଦନ କରିଛନ୍ତି । ନଚେତ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ସୂଚନା ଦେଇଛନ୍ତି ।

## ରାଜ୍ୟସ୍ତରୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟ: ପାରାଦୀପ ଚାମ୍ପିଅନ

**ପାରାଦୀପ, ୧୧ା୩ (ସମିସ):** ଭୁବନେଶ୍ୱର ଗଲ୍ଫ କ୍ଲବ ପକ୍ଷରୁ ଇଣ୍ଡିଆ ଇନସିଓର ସେଭ ରିକ୍ସ ଓପେନ ଟ୍ରଫି-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶାରୁ ୧୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଏହି ଓପନ ଟ୍ରଫିରେ ପାରାଦୀପ ଗଲ୍ଫ କ୍ଲବ ଚାମ୍ପିଅନ ହୋଇଛି । ପାରାଦୀପ ବନ୍ଦରର ସୁପରିଟେଣ୍ଡେଟ ଦିଲ୍ଲୀପ କୁମାର ବେହେରା ଚାମ୍ପିଅନ୍ ହୋଇଛନ୍ତି । ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ୧୭ରୁ ୨୪ ହ୍ୟାଣ୍ଡିକ୍ୟାପରେ ବ୍ୟକ୍ତିଗତ ଭାବେ ଚାମ୍ପିଅନ ହୋଇଥିଲେ । ଓଏସଏଲର ହରିହର ଦାସ ବେଷ୍ଟ ଆଉଟ ଷ୍ଟେସନ ପ୍ରତିଯୋଗି ହୋଇଥିଲେ । ଏନେଇ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପିଏଲ ହରନାଦ ଦିଲ୍ଲୀପ ବେହେରାଙ୍କୁ ବନ୍ଦର ପ୍ରଶାସନିକ ଭବନରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

## ‘ମୈନାକ’ର ଚଇତି କବିତା ଆସର

**ପାରାଦୀପ,୧୧ା୩(ସମିସ):** ପାରାଦୀପ ପୌରପରିଷଦ ସମ୍ମିଳନୀ କକ୍ଷରେ ବନ୍ଦର ନଗରୀ ପାରାଦୀପର ପୁରାତନ ସାହିତ୍ୟ ଅନୁଷ୍ଠାନ ମୈନାକ ସାହିତ୍ୟ ସଂସଦର ଚଇତି ସାରସ୍ୱତ କବିତା ଆସର ସଭାପତି ଡ. ସନ୍ତୋଷ ସାମଲଙ୍କ ସଭାପତିତ୍ୱ ଅନୁଷ୍ଠିତ ହାଇଥିଲା । ସଂସଦ ତରଫରୁ ଆୟୋଜିତ ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଅନୁଷ୍ଠିତ ଚଇତି କବିତା ଆସରକୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଉଦଘାଟନ କରିଥିଲେ । ଉକ୍ତ ସାରସ୍ୱତ ଆସରରେ ପାରାଦ୍ୱୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେବାବୁରାମ ଚୌଧୁରୀ, କବି ତଥା ଶ୍ରମିକ ନେତା ଅନନ୍ତ କୁମାର ଦାସ ଯୋଗ ଦେଇଥିଲେ । କବି ଟୁନିଲତା ବିଶ୍ୱାଳଙ୍କ କବିତା ସଂଯୋଜନାରେ ଧ୍ରୁବ ଚରଣ ମହାପାତ୍ର, ରମେଶ ତ୍ରିପାଠୀ, ଗୋଲାପରାଣୀ ସାହୁ, ନଳିନୀ ପ୍ରଭା ସାହୁ, ନବୀନ ପ୍ରଧାନ, ମୀରାଙ୍ଗିନୀ ଦେଇ, ନିମାଇଁ ମହାପାତ୍ର, ଆରତୀ ଦାଶ, ନିହାରିବାଳା ବାରିକ, ବିଷ୍ଣୁପ୍ରିୟା ମହାନ୍ତି, ଭାଗ୍ୟଶ୍ରୀ ପ୍ରଧାନ, ଧରିତ୍ରୀ ସାମଲ, କୁନି କବି ଲଗ୍ନଜିତ ରାଉତ, ଶୁଭେନ୍ଦୁ ତ୍ରୀପାଠୀଙ୍କ ସମେତ ତିରିଶ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସଂସଦର ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୃନ୍ଦାବନ ବିହାରୀ ଉଚ୍ଚ ମାଧ୍ୟମିକ ସ୍କୁଲ

# ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ଜଗତସିଂହପୁର,୧୧ା୩(ସମିସ):** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ସ୍ଥିତ ବୃନ୍ଦାବନ ବିହାରୀ ଉଚ୍ଚ ମାଧ୍ୟମିକ ସ୍କୁଲରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନେତାଜୀ ସଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବୈଜ୍ଞାନିକ ପଦ୍ମଭୂଷଣ ପ୍ରାଣକୃଷ୍ଣ ପରିଜାଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା । ଉତ୍କଳ ସ୍ୱାଭିମାନ ମଞ୍ଚ ସହଯୋଗିତାରେ ମଞ୍ଚର ସଦସ୍ୟ ତଥା ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ସତ୍ୟକାମ ମିଶ୍ର, ଗୋଡ଼ାର ପଞ୍ଚାନନ ନାୟକ ଓ କଲେଜର ପ୍ରାକ୍ତନ ଛାତ୍ରୀ ସ୍ୱର୍ଣ୍ଣଲତା ଲେଙ୍କାଙ୍କ ପ୍ରଦତ୍ତ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ ଓ ଅନାବରଣ ଉତ୍ସବରେ ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଞ୍ଚର ସଭାପତି ରମାକାନ୍ତ ଦାଶ ସଭା ପରିଚାଳନା କରିଥିଲେ । ଉକ୍ତ ସଭାରେ ପ୍ରାକ୍ତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଓ ଶିକ୍ଷାବିତ ପ୍ରଫେସର ସତ୍ୟକାମ ମିଶ୍ର, ଶିକ୍ଷାବିତ ଓ ଶିକ୍ଷା ନିର୍ଦ୍ଦେଶକ ଗଣଶିକ୍ଷା ବିଭାଗ ନିମାଇଁ ଚରଣ ସ୍ୱାଇଁ, ମୁଖ୍ୟ ଗଣକ ଜ୍ୟୋତିର୍ବିଦ ବୈକୁଣ୍ଠ ନାଥ ନାୟକ (ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା), ଉତ୍କଳ ସ୍ୱାଭିମାନ ମଞ୍ଚ ସଭ୍ୟ ଇଂ. ସୁବାସ ଚନ୍ଦ୍ର ମହାପାତ୍ର ଓ ସଭ୍ୟା ସୁଶ୍ରୀ ହରପ୍ରିୟା କର ଯୋଗ ଦେଇଥିଲେ । ଅଧ୍ୟାପକ ସୁକାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।




## ଚମ୍ପେଶ୍ୱର ବିଦ୍ୟାଳୟରେ ଛାତ୍ର ସମ୍ମିଳନୀ

**ଏରସମା,୧୧ା୩(ସମିସ):** ଏରସମା ବ୍ଲକ ଅଧୀନ ପଏଦା ପଞ୍ଚାୟତ ସ୍ଥିତ ଚମ୍ପେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୦୪ ମାଟ୍ରିକ୍ ବ୍ୟାଚରସ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ଧର୍ମାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରମୋଦ ବାରିକ ସଭା ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ବର୍ତ୍ତମାନର ପ୍ରଧାନ ଶିକ୍ଷକ ତାପସ କୁମାର ମହାନ୍ତି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ତଥା- ଧର୍ମାନନ୍ଦ ଦାସ, ଗୁରୁଚରଣ ବେହେରା, ପ୍ରଶନ୍ନ ସ୍ୱାଇଁ, ଆର୍ତ୍ତତ୍ରାଣ ବେଉରା, ବୀରବର ନାୟକ, ରମେଶ ଚନ୍ଦ୍ର ଲେଙ୍କା, ବିପିନ୍ ବିହାରୀ ପରିଡ଼ା, ବସନ୍ତ ଦେବତା, ସ୍ମୃତିରଞ୍ଜନ ସ୍ୱାଇଁ, ମଦନ ଦାସ ଯୋଗ ଦେଇଥିଲେ । ଷ୍ଟେପି ଶର୍ମିଳି, ହରପ୍ରିୟା ପରିଡ଼ା, ସୋନାଲି ପରିଡ଼ା, ସୌଦାମିନୀ ସ୍ୱାଇଁ, କୃଷ୍ଣପ୍ରିୟା ପରିଡ଼ା, ଚିନ୍ମୟୀ ପରିଡ଼ା, ସୁଶ୍ରିସ୍ମିତା ସ୍ୱାଇଁ, ଆଶିଷ ଗୋଛାୟତ, ଅମିତ୍ ରାଉତ, ଜଗନ୍ନାଥ୍ ବିଶ୍ୱାଳ, ବିଭୂତି ସାହୁ, ଆକୁଳି ନାୟକ, ପ୍ରିୟ ରଞ୍ଜନ ସ୍ୱାଇଁ, ଶୀତଳ ପରିଡ଼ା, ବିମଳ ପଟ୍ଟନାୟକ, ଦୀପକ ବିଶ୍ୱାଳ, ସୁନିଲ୍ ରାଉତ, ପ୍ରଭାସ ଖଟୁଆ, ରବୀନ୍ଦ୍ର ସ୍ୱାଇଁ, ନୃସିଂହ ଚରଣ ରାଉତ, ସମୀର ସେଠୀ, ସଞ୍ଜୟ ସ୍ୱାଇଁ, ରାଜେଶ ସ୍ୱାଇଁ, ଆଶିଷ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ରାଜକିଶୋର ଭୋଇ, ମହେନ୍ଦ୍ର ମଲ୍ଲିକ, ଅର୍ପିତା ଦାସ, ଝରଣା ସାହୁ, ଯସ୍ମିନି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ଓକିଲ ସଂଘ ନିର୍ବାଚନ

# ସଭାପତି ଦୌଡ଼ରେ ୩ ବରିଷ୍ଠ ଆଇନଜୀବୀ

ଜଗତସିଂହପୁର,୧୧ା୩(ସମିସ)

ରାଜ୍ୟ ଆଇନଜୀବୀ ପରିଷଦ, ଓଡ଼ିଶାଙ୍କ ନିର୍ଦ୍ଦେଶନାମା ଅନୁସାରେ ଆସନ୍ତା ମାର୍ଚ୍ଚ ୨୮ ତାରିଖ ଦିନ ଜିଲ୍ଲା ଓକିଲ ସଂଘ, ଜଗତସିଂହପୁର ସମେତ ସାରା ରାଜ୍ୟରେ ଥିବା ସମସ୍ତ ବାର୍ ଆସୋସିଏସନ୍ ନିର୍ବାଚନ ଅନୁଷ୍ଠିତ ହେବ । ୨୦୨୬-୨୭ ବର୍ଷ ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ନିର୍ବାଚନ ପାଇଁ ଜିଲ୍ଲା ଓକିଲ ସଂଘ ଗୃହରେ ମାର୍ଚ୍ଚ ୭ରୁ ୯ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରାଯିବା ପରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଏଥର ସଭାପତି ପଦ ପାଇଁ ୩ ବରିଷ୍ଠ ଆଇନଜୀବୀ ସୁବ୍ରତ ଶତପଥୀ, ରବୀନ୍ଦ୍ର କୁମାର ସ୍ୱାଇଁ ଓ ସଲିଲ୍ କୁମାର ଘୋଷ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିପରି ଉପସଭାପତି ପଦ ପାଇଁ ସୂର୍ଯ୍ୟନାରାୟଣ ଦାସ ଓ ଉମାଶଙ୍କର ସ୍ୱାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସଂପାଦକ ପଦବୀ ପାଇଁ ସରୋଜ କୁମାର ବିଶ୍ୱାଳ ଓ ଶାରଦା ପ୍ରସାଦ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଥିବା ବେଳ ଯୁଗ୍ମ ସମ୍ପାଦକ ପାଇଁ ଦୁର୍ଯ୍ୟୋଧନ ରାଉତ ଓ ପ୍ରଭାତ ରଞ୍ଜନ ପଲାଉରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ । ସେହିପରି କୋଷାଧକ୍ଷ ପଦ ପାଇଁ ଗୋପବନ୍ଧୁ ଚୌଧୁରୀ, ସୌରଭ କୁମାର ମଲ୍ଲିକ୍ ଓ ପ୍ରକାଶ ଚନ୍ଦ୍ର ରାୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଛି । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରୋଜାଲିନ୍ ସାହୁ, ରାଜଶ୍ରୀ ମହାନ୍ତି, କସ୍ତୁରୀ ପ୍ରିୟଦର୍ଶିନୀ ମଲ୍ଲ, ତେଜସ୍ୱିନୀ ପଣ୍ଡା, ରୋଜାଲିନ୍ ଲେଙ୍କା, ଆଦିତ୍ୟ ବେହେରା, ବିଭୁପ୍ରସାଦ ନନ୍ଦ, ରାଜେଶ୍ ମହାନ୍ତି, ଅଜିତ୍ ନାରାୟଣ ରାଉତରାୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ମାର୍ଚ୍ଚ ୧୩ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ ରହିଥିବା ବେଳେ ମାର୍ଚ୍ଚ ୧୪ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ମାର୍ଚ୍ଚ ୨୮ ତାରିଖ ସକାଳ ୭.୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଦାନ ସମୟ ରହିଛି । ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇ ବିଜୟୀ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯିବ ।

## କୁଜଙ୍ଗ ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ

କୁଜଙ୍ଗ,୧୧ା୩(ସମିସ): କୁଜଙ୍ଗ ଓକିଲ ସଙ୍ଗର ନିର୍ବାଚନ ପାଇଁ ମନୋନୟନ ପତ୍ର ଦାଖଲ ଶେଷ ହୋଇଯାଇଛି । ଗତକାଲି ଅନ୍ତିମ ଦିନ ମଧ୍ୟରେ ସଭାପତି ପଦ ପାଇଁ ଅନ୍ତର୍ଯ୍ୟାମୀ ନାରାୟଣ ଦାସ, ସଂଜୟ କୁମାର ବେହେରା, କରୁଣାକର ସାହୁ ମନୋନୟନ ପତ୍ର ଦାଖଲ କରିଛନ୍ତି । ସେହିପରି ସମ୍ପାଦକ ପଦ ପାଇଁ କିଶୋର କୁମାର ଶତପଥୀ ଓ ରଞ୍ଜିତ ବିଶ୍ୱାଳ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସହ ସମ୍ପାଦକ ସେଲିନାମୟୀ ବିଶ୍ୱାଳ ଓ ପ୍ରିୟମ୍ବଦା ପାଣି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହା ବ୍ୟତୀତ ଅନ୍ୟ ସମସ୍ତ ପଦବୀ ପାଇଁ ଏକକ ମନୋନୟନ ପତ୍ର ଦାଖଲ ହୋଇଥିବା ନିର୍ବାଚନ ଅଧିକାରୀ ସତ୍ୟାନନ୍ଦ ବିଶ୍ୱାଳ ପ୍ରକାଶ କରିଛନ୍ତି । ତେବେ ଆସନ୍ତା ୧୪ ତାରିଖରେ ମନୋନୟନ ପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି । ୧୫ ତାରିଖ ପରେ ନିର୍ବାଚନ ନେଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ଏକାଧିକ ମନୋନୟନ ପତ୍ର ଦାଖଲ ହୋଇଥିବା ପଦିରେ ନିର୍ବାଚନ ହେବ କି ନାହିଁ ସ୍ପଷ୍ଟ ହେବ ବୋଲି ଶ୍ରୀଯୁକ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଏହା ପୂର୍ବରୁ ୨୧ ଥର କୁଜଙ୍ଗ ଓକିଲ ସଙ୍ଘ ନିର୍ବାଚନରେ ଭାଗ ନେଇଥିବା ବେଳେ ଚଳିତ ନିର୍ବାଚନ ତାଙ୍କର ୨୨ତମ ନିର୍ବାଚନ ହେବ । ଯାହା କୁଜଙ୍ଗ ଓକିଲ ସଂଘ ନିର୍ବାଚନରେ ଏକ ରେକର୍ଡ ବୋଲି ସେ ପ୍ରକାଶ କରିଛନ୍ତି ।

● ହିନ୍ଦୋଳ ଏନଏସିରୁ କଲ୍ୟାଣ ମଣ୍ଡପ ଅନ୍ୟତ୍ର ଉଠାଇନେବାକୁ ମସୁଧା

# ଆନ୍ଦୋଳନ ପାଇଁ ସହରବାସୀଙ୍କ ସଜବାଜ



ହିନ୍ଦୋଳ/ଖଜୁରିଆକଟା,୧୧ ।୩(ସମିସ): ହିନ୍ଦୋଳ ଏନଏସିରେ ଶୁଭ ପଡ଼ିସାରିଥିବା କଲ୍ୟାଣମଣ୍ଡପ ଅନ୍ୟତ୍ର ଉଠାଇନେବାକୁ ହେଉଥିବା ଚକ୍ରାନ୍ତ ପାଇଁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବିଗତ ବିଜେଡି ସରକାରଙ୍କ ସମୟରେ ଅନୁମୋଦନ ଲାଭ କରି ଆରଡି ବିଭାଗ ଦ୍ୱାରା ୪ କୋଟିର ଟେଣ୍ଡର ହୋଇ ଦୁଇଟି କଲ୍ୟାଣମଣ୍ଡପ ଗୋଟିଏ ୱାର୍ଡନଂ ୧୨ ଓ ଆଉ ଗୋଟିଏ ୱାର୍ଡ ନଂ୮ରେ ଗତ ୪।୨।୨୦୨୪ରେ ତତ୍କାଳୀନ ସାଂସଦ ଓ ବିଧାୟିକାଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା । ୱାର୍ଡ ନଂ୧୨ରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ବର୍ତ୍ତମାନର ସରକାରଙ୍କ ସମୟରେ ସ୍ଥାନାଭାବ ଆଳଦେଖାଇ ସହରର ମଧ୍ୟସ୍ଥଳୀରେ ୱାର୍ଡ ନଂ୮ରେ ହେବାକୁ ଥିବା କଲ୍ୟାଣମଣ୍ଡପର ଅର୍ଥକୁ ନେଇ ଅନ୍ୟତ୍ର କରାଇଦେବାକୁ ହୋଇଛି ବଡ଼ଯୋଜନା । ସତେ ଯେମିତି ବୈମାତୃକ ଭାବ ରଖି କିଛି ରାଜନୈତିକ କୁଚକ୍ରୀ ହିନ୍ଦୋଳ ଏନଏସିରେ କୌଣସି କାର୍ଯ୍ୟ ନ କରାଇ ଏହାକୁ ଅନିଶ୍ଚିତା ମଧ୍ୟକୁ ଠେଲି ଦେବାକୁ ପଣ କରିଛନ୍ତି । ପ୍ରାୟତଃ ସ୍ଥାନ ଅଭାବ ପାଇଁ ଏହି କଲ୍ୟାଣମଣ୍ଡପ ପାଇଁ ହିନ୍ଦୋଳ ଏନଏସି ଅଧ୍ୟକ୍ଷ, ପାରିଷଦ ବୃନ୍ଦ, ନିର୍ବାହୀ ଅଧିକାରୀ ସରକାର ଓ ଜିଲ୍ଲାପାଳଙ୍କୁ ସେହି ସ୍ଥାନ ଅନୁଯାୟୀ ରିଭାଇଜ ଏଷ୍ଟିମେଣ୍ଟ କରାଇ କାମ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ ହେଁ ଜନସାଧାରଣଙ୍କ ସ୍ୱାର୍ଥକୁ ଏଡାଇ ଦିଆଯାଇ ଏହି କଲ୍ୟାଣମଣ୍ଡପ କାର୍ଯ୍ୟ ବନ୍ଦକୁ ନେଇ ହିନ୍ଦୋଳ ଏନଏସିରେ ବୁଦ୍ଧିଜୀବୀ, ସବୁବର୍ଗର ଜନସାଧାରଣ ତୀବ୍ର ନିନ୍ଦା କରିବା ସହ ଏହି କଲ୍ୟାଣମଣ୍ଡପ ସମ୍ପୃକ୍ତ ସ୍ଥାନ କିମ୍ବା ହିନ୍ଦୋଳ ଏନଏସି ଭିତରେ କରାଇବାକୁ ରାଜ୍ୟ ସରକାର, ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ, ହିନ୍ଦୋଳ ଏନଏସି ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି । ନିର୍ମାଣ ସ୍ଥଳ ଦେଖିସାରି ସମସ୍ତ ପ୍ରସ୍ତୁତି କରି ଉଦଘାଟନ କରିସାରିଲା ପରେ ଏବେ ଆଳଦେଖାଇ କଲ୍ୟାଣମଣ୍ଡପ ନିର୍ମାଣକୁ ମନା କରୁଥିବାକୁ ନେଇ ଅସନ୍ତୁଷ୍ଟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେନି ବୋଲି ଚେତାବନୀ ଦେଇଛନ୍ତି ।

## ଜଙ୍ଗଲ ସୁରକ୍ଷା ପାଇଁ ପରିବେଶ ସୁରକ୍ଷା ମଞ୍ଚର ବୈଠକ

ଖଜୁରିଆକଟା,୧୧ ।୩(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ପ୍ରସିଦ୍ଧ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଜଙ୍ଗଲ ପରିବେଶ ସୁରକ୍ଷା ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି ।



ପ୍ରଥମେ ସିଏଫଆରର ସ୍ଥିତି ଅନୁଧ୍ୟାନ କରାଯିବା ସହ ଏହାର ଅଗ୍ରଗତି ନିମନ୍ତେ ଆଗାମୀ ଦିନରେ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ନିଷ୍ପତ୍ତି ନିଆଗଲା । ଜଙ୍ଗଲରେ ନିଆଁ ନିବାରଣ ନିମନ୍ତେ ଲୋକଙ୍କୁ ସଚେତନ କରାଯିବା ପାଇଁ ବୈଠକରେ ଆଲୋଚନା କରାଗଲା । ଜଙ୍ଗଲୀ ଜୀବଜନ୍ତୁ ଓ ମନୁଷ୍ୟ ମଧ୍ୟରେ ସହାବସ୍ଥାନ କରାଯିବା ନିମିତ୍ତ ନିଷ୍ପତ୍ତି ନିଆଗଲା । ହିନ୍ଦୋଳ ବନାଞ୍ଚଳ ରେଞ୍ଜର ତ୍ରିଲୋଚନ ଦେହୁରୀ ବୈଠକରେ ଉପସ୍ଥିତ ରହିବା ସହ ଏସବୁ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ମତପ୍ରକାଶ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପିଏଚଡି ଛାତ୍ର ରାକେଶ ରୋସନ ସାହୁ (ପରିବେଶ ବିଭାଗ) ଏହି ବୈଠକରେ ଯୋଗଦେଇ ପିଏଚଡି ଗବେଷଣାରେ ଆବଶ୍ୟକ ତଥ୍ୟ ପଚାରି ବୁଝିଥିଲେ । ପରିବେଶ ସୁରକ୍ଷା ମଞ୍ଚ ସଭାପତି ତ୍ରିନାଥ ବେହେରା, ମଞ୍ଚର ସମ୍ପାଦକ ସୂର୍ଯ୍ୟନାରାୟଣ ସିଂହ, ବିଜୟ ଜେନା, ଦୀପକ ନାଏକ, ବିମଳ ବିଶ୍ୱାଳ, ସୁମନ୍ତ ବେହେରା, ସାମ୍ବାଦିକ ପ୍ରଦ୍ୟୁମ୍ନ ବେହେରା, ଗୀତାଞ୍ଜଳି ସାହୁ, ଲତା ଦେହୁରୀ, ଏଫ୍‌ଇଏସ୍‌ର କର୍ମୀ ଜଗନ୍ନାଥ ନାୟକ ଓ ଆନନ୍ଦବର୍ଦ୍ଧନ ଶତପଥୀଙ୍କ ସମେତ ମଞ୍ଚର ବିଭିନ୍ନ ଫେଡେରେସନ ମୁଖ୍ୟ ଯୋଗ ଦେଇଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର



ଓଡାପଡା ,୧୧ ।୩(ସମିସ): ଓଡାପଡ଼ା ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୬୪ ଜଣ ହିତାଧିକାରୀ ନାମ ପଞ୍ଜୀକରଣ କରିଥିବାବେଳେ ସେଥିମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ ୭୪ ଜଣ, ଚକ୍ଷୁ ବିଭାଗରେ ୧୬ ଜଣ, କର୍ଣ୍ଣ ନାଶା ଗଳା ବିଭାଗରେ ୨୪ ଜଣ, ମାନସିକ ଅନଗ୍ରସରରେ ୩୪ ଜଣ, କୃତ୍ରିମ ଅଙ୍ଗ ଉପକରଣ ପ୍ରଦାନରେ ୫୧ ଜଣ ଓ ଅନନ୍ୟା ବିଭାଗ ପାଇଁ ୧୬ ଜଣକୁ ସହାୟତା ପ୍ରଦାନ ସହିତ ୭୦ ଜଣ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଓଡାପଡା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ ସାହୁ, ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ସ୍ୱାଇଁ, ଓଡାପଡା ସାମାଜିକ ସୁରକ୍ଷା ଅଧିକାରିଣୀ ସେଫାଳି ସ୍ୱେତାପଦ୍ମା ବେହେରା ପରିଚାଳନା କରିଥିବାବେଳେ ଓଡାପଡା ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ମୁକେଶ ରଥ ଓ ବ୍ଲକ୍‌ର କର୍ମଚାରୀ ସହଯୋଗ କରିଥିଲେ ।

ସହରର ବିକାଶ ପାଇଁ ୧୩୦ କୋଟି ଟଙ୍କାର ଉଚ୍ଚାକାଂକ୍ଷୀ ଯୋଜନା

# ସମଗ୍ର ସହରରେ ସିସିଟିଭି ବ୍ୟବସ୍ଥା କରାଯିବ



ଢେଙ୍କାନାଳ,୧୧ ।୩(ସମିସ):

ଢେଙ୍କାନାଳ ପୌରାଞ୍ଚଳ ପାଇଁ ୧୩୦ କୋଟି ଟଙ୍କାର ଉଚ୍ଚାକାଂକ୍ଷୀ ଯୋଜନା କରାଯାଇଥିବା ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସୂଚନା ଦେଇଛନ୍ତି । ପୌରାଧ୍ୟକ୍ଷାଙ୍କ ପ୍ରକୋଷ୍ଠରେ ଶ୍ରୀମତୀ ପାତ୍ର ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥଙ୍କୁ ସହରାଞ୍ଚଳର ବିକାଶ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ସେ ଜଣେ ମହିଳା ହୋଇଥିବାରୁ ତାଙ୍କର ବ୍ୟକ୍ତିଗତ ବ୍ୟବହାର, ବିଶ୍ରାମ ଓ ବିଶେଷ ସାକ୍ଷାତ ଆଲୋଚନା ପାଇଁ ଏହି ପ୍ରକୋଷ୍ଠ ଉଦ୍ଦିଷ୍ଟ । ସହରାଞ୍ଚଳର ବିକାଶ ପାଇଁ ଉତ୍ତର ଦିଗରେ ସିମିଳିଆ, ଦକ୍ଷିଣରେ ବଳରାମ ମନ୍ଦିର ସନ୍ନିକଟ ଏଏନଏମ୍ କେନ୍ଦ୍ର ସମ୍ମୁଖ ରାସ୍ତା, ପୂର୍ବରେ କଲେଜ ବାଇପାସ ଛକ ଓ ପଶ୍ଚିମରେ କୋରିଆଁ ବାଇପାସ ଛକରେ ସ୍ୱତନ୍ତ୍ର ପ୍ରବେଶ ତୋରଣ ପୂର୍ତ୍ତ ବିଭାଗ ସହଯୋଗରେ ନିର୍ମିତ ହେଉଛି । ଏଥିପାଇଁ ତୋରଣ ପିଛା ପ୍ରାୟ ୯୦ ଲକ୍ଷ ଟଙ୍କାର ବ୍ୟୟବରାଦ ରହିଛି । କୋରିଆଁ ବାଇପାସ ଛକର ଟ୍ରାଫିକ କେନ୍ଦ୍ର ସ୍ଥଳରେ ଅଶ୍ୱାରୋହୀ ଛତ୍ରପତି ଶିବାଜୀଙ୍କ ଏକ ଭବ୍ୟ ପ୍ରତିକୃତି ନିର୍ମାଣ ହୋଇ ଲୋକାର୍ପିତ କରାଯିବ । ଏଥିପାଇଁ ୪୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆ ସଲଗ୍ନ ସ୍ଥାନରେ ଏକ ସ୍ମାର୍ଟ ପାର୍କ ୪ କୋଟି ୭୦ ଲକ୍ଷ ଟଙ୍କାରେ ଆଗେଇ ଚାଲିଛି । ଏହି ପାର୍କରେ ଆଲୋକ ସହ ମୃଦୁ ସଙ୍ଗୀତ ଝଙ୍କାରର ସମନ୍ୱୟ ଦେଖିବାକୁ ମିଳିବ ବୋଲି ପୌରାଧ୍ୟକ୍ଷା ଶ୍ରୀମତୀ ପାତ୍ର ପ୍ରକାଶ କରିଥିଲେ ।

ଯାଉଁଳି ପୋଖରୀର ରଥଗଡା ପାର୍ଶ୍ୱରେ ଚାରିଚକିଆ ଯାନର ରହଣି ବ୍ୟବସ୍ଥା କରାଯାଇ ସେଠାରୁ ବାଜିଚୌକ ଛକ ପର୍ଯ୍ୟନ୍ତ ନିରନ୍ତର ମାଗଣା ବ୍ୟାଟେରୀ ଗାଡିର ବ୍ୟବସ୍ଥା କରାଯିବ । ଏହାଦ୍ୱାରା ସହରର ମୁଖ୍ୟ ରାସ୍ତାରେ ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ସହ ମହିଳା, ଶିଶୁ ଓ ବୟସ୍କ ବ୍ୟକ୍ତି ନିଜ ନିଜର ଆବଶ୍ୟକ ଜିନିଷପତ୍ର କିଣାକିଣି କରି ପୁନର୍ବାର ଗାଡି ପାର୍କିଂ ସ୍ଥାନକୁ ଫେରିପାରିବେ । ଏହା ଢେଙ୍କାନାଳବାସୀଙ୍କୁ ଏକ ନୂତନ ଅନୁଭୂତି ପ୍ରଦାନ କରିବ । ବରିଷ୍ଠ ନାଗରିକଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ଚିତ୍ତବିନୋଦନ କେନ୍ଦ୍ର ଓ ଇ-ପାଠାଗାର ଓ ପାଠାଗାର ବ୍ୟବସ୍ଥା ଥାଇ ଲିଫ୍ଟ ସଞ୍ଯୋଗ ଥିବା ଏକ ତିନିମହଲା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ୧ କୋଟି ୬୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ମୋଟ ୧୧ କୋଟି ଟଙ୍କା ବ୍ୟୟରେ ସହରବାସୀଙ୍କ ସାମାଜିକ ଉତ୍ସବ ପାଳନ ଉଦ୍ଦେଶ୍ୟରେ ସହରର ଜୁବୁଲି ଟାଉନ ବୁଢୀ ଠାକୁରାଣୀଙ୍କ ନିକଟତମ ସ୍ଥାନ, କାଲଟାକ୍ସ ରତ୍ନବଜାର ଅଞ୍ଚଳ, ସିମିଳିଆ ଓ ମହିଷାପାଟଠାରେ ସାମାଜିକ ମଣ୍ଡପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ରଥଗଡାଠାରେ ତିନିମହଲା ବିଶିଷ୍ଟ ଅଟଳ ବିହାରୀ ବାଜପେୟୀ ସ୍ମାରକୀ ମାର୍କେଟ କମ୍ପ୍ଲେକ୍ସ ପ୍ରାୟ ୫ କୋଟି ଟଙ୍କାରେ ନିର୍ମାଣାଧୀନ ରହିଛି । ଲିଫ୍ଟ ସୁବିଧା ଥାଇ ୩୦ଟି ଦୋକାନ ଗୃହ ଓ ବାଣିଜ୍ୟ ମଲ୍ ପାଇଁ ଏକ ବଡ ହଲ୍ ଏହି ମାର୍କେଟ୍ କମ୍ପ୍ଲେକ୍ସରେ ସ୍ଥାନ ପାଇବ ।

ସେହିପରି ୧୨ କୋଟି ଟଙ୍କାରେ ଭୂତଳ ପାର୍କିଂ ସୁବିଧା ଓ ଲିଫ୍ଟ ସଂଯୋଗ ବିଶିଷ୍ଟ ତିନିମହଲାର ନୂତନ ଟାଉନ୍ ହଲ୍ ନିର୍ମାଣ କାର୍ଯ୍ୟ କରାଯାଉଛି । ସିମିଳିଆ ଓଭରବ୍ରିଜ୍ ଛକରେ ବୀର ବୈଷ୍ଣବ ପଟ୍ଟନାୟକଙ୍କ ଭବ୍ୟ ପ୍ରତିମୂର୍ତ୍ତି ୨୦ ଲକ୍ଷ ଟଙ୍କାରେ ପ୍ରତିଷ୍ଠା କରାଯିବ । କୁଞ୍ଜକାନ୍ତ ପୁଷ୍କରିଣୀ ବା ଅନ୍ନପୂର୍ଣ୍ଣା ସରୋବରର ଉନ୍ନତିକରଣ ପାଇଁ ୮୭ ଲକ୍ଷ ଟଙ୍କା, ଶୁଆଗୀ, ସିମିଳିଆ, ବଡଯୋର ଓ ଦକ୍ଷିଣକାଳୀ ଶ୍ମଶାନର ଉନ୍ନତିକରଣ ଦିଗରେ ୨ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ କରାଯିବ । ସହରର ନୂଆଶାସନ ଛକ, ବାଜିଚୌକ ଛକ, ଜବାହର ଚୌକ ଛକ, ହନୁମାନ ବଜାର ଛକ ଓ ଗଣେଶ ବଜାର ଛକ ଆଦି ୫ଟି ସ୍ଥାନରେ ସୌନ୍ଦର୍ଯ୍ୟକରଣ ସହ ଉଜ୍ୱଳ ଆଲୋକର ବ୍ୟବସ୍ଥା କରାଯିବ । କଲେଜ ବାଇପାସ ଛକସ୍ଥ ପୁରୁଣା ପୁଷ୍କରିଣୀର ପୁନରୁଦ୍ଧାର ସହ ସେଠାରେ ଉଦ୍ୟାନ ପ୍ରତିଷ୍ଠା କରାଯିବ । ଏଥିପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି । ସମଗ୍ର ସହରରେ ପୌର ସଂସ୍ଥା ପକ୍ଷରୁ ସିସିଟିଭିର ବ୍ୟବସ୍ଥା କରାଯାଉଛି । ସହରର କେନ୍ଦ୍ରସ୍ଥଳରେ ଥିବା ନୂଆପୋଖରୀ ବା ଭାଗୀରଥି ସାଗରରେ ମହାରାଜା ଭଗିରଥଙ୍କ ପୂର୍ଣ୍ଣାବୟବ ପ୍ରତିକୃତି ପ୍ରତିଷ୍ଠା ସହ ଏଠାରେ ସୁରମ୍ୟ ଉଦ୍ୟାନ ଓ ରଙ୍ଗୀନ ଆଲୋକୀକରଣ ସହ ଲାଇଟ ଏଣ୍ଡ ସାଉଣ୍ଡ ଶୋ' ବ୍ୟବସ୍ଥା ପାଇଁ ଟାଟାଷ୍ଟିଲ ସହଯୋଗରେ ୧୪ କୋଟି ଟଙ୍କା ବ୍ୟୟବରାଦ ଅନୁମୋଦିତ ହୋଇଛି । ରାଜପ୍ରାସାଦ ସମ୍ମୁଖ ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ଓ ଉଦ୍ୟାନ ପ୍ରତିଷ୍ଠା ସହ ରାଜପ୍ରାସାଦ ଓ ଗଡଜାତ ରାଜ୍ୟର ପ୍ରତିଷ୍ଠାତା ହରିସିଂହ ବିଦ୍ୟାଧରଙ୍କ ପ୍ରତିକୃତି ପ୍ରତିଷ୍ଠା କରାଯିବ ବୋଲି ମଧ୍ୟ ପୌରାଧ୍ୟକ୍ଷା ଶ୍ରୀମତୀ ପାତ୍ର ଓ ସମାଜସେବୀ ବିଜେପିର ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ । ସହରର ଐତିହାସିକ କୁଟୁଣିଆ ପାହାଡ ଶୀର୍ଷରେ ଢେଙ୍କାଶବରଙ୍କ ଏକ ବିଶାଳ ସ୍ମାରକୀ ମୂର୍ତ୍ତି ପ୍ରତିଷ୍ଠା ସହ ଉପରକୁ ଯିବା ପାଇଁ ପକ୍କା ବୁଲାଣି ରାସ୍ତା ଓ ମନୋରମ ଉଦ୍ୟାନ ଆଦି ପ୍ରତିଷ୍ଠା ବାବଦକୁ ପ୍ରାୟ ୭୦ କୋଟି ଟଙ୍କାର ଉଚ୍ଚାକାଂକ୍ଷୀ ଯୋଜନା କରାଯାଇଛି । ଏଥିପାଇଁ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ସହଯୋଗ ନିଆଯିବ ବୋଲି ଶ୍ରୀମତୀ ପାତ୍ର କହିଥିଲେ । ଏହି ଉଚ୍ଚାକାଂକ୍ଷୀ ଯୋଜନାର ସମୟଭିତ୍ତିକ ସଫଳ ରୂପାୟନ ସହ ଗୁଣାତ୍ମକ ନିର୍ମାଣ କାର୍ଯ୍ୟ କରାଯାଉ ବୋଲି ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ଦାବି କରିଛି । ଏଥିସହ ରଥଗଡାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିକୃତି ଓ ବାଜିଚୌକସ୍ଥ ବାଜି ରାଉତଙ୍କ ଶହୀଦ ସ୍ତମ୍ଭ ନିକଟରେ ଥିବା ରଙ୍ଗୀନ ଜଳଫୁଆରାକୁ ଅବିଳମ୍ବେ କାର୍ଯ୍ୟକାରୀ କରାଯାଉ ବୋଲି ପରିଷଦ ଦାବି ଜଣାଇଛି । ଭାଗୀରଥି ସାଗରର ବିଳମ୍ବିତ ଉନ୍ନୟନ କାର୍ଯ୍ୟକୁ ଅବିଳମ୍ବେ ତ୍ୱରାନ୍ୱିତ କରିବାକୁ ପରିଷଦ ପୌରାଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଛି ।

ବମ୍ପା ଗ୍ରାମରେ ମହିଳା ଦିବସ

## ଜୁଆଙ୍ଗ ଆଦିବାସୀଙ୍କୁ ସଶକ୍ତ କରିବାକୁ ପରାମର୍ଶ



ଢେଙ୍କାନାଳ,୧୧ ।୩(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍‌ର ବମ୍ପା ଜୁଆଙ୍ଗ ସାହିରେ ସାମାଜିକ ସେବା ସଦନ ପକ୍ଷରୁ ଆୟୋଜିତ ଓ ଲିନସି ଫାଉଣ୍ଡେସନ ସହାୟତାରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଆଇଆଇଏମସିର ସହଯୋଗୀ ପ୍ରଫେସର ଡଃ ବିରଞ୍ଚି ନାରାୟଣ ସେଠ, ବମ୍ପା ଗ୍ରାମର ସମାଜସେବୀ ପ୍ରଭାତ ବେହେରା, ସରକାରୀ ଶିକ୍ଷକ ଗୋବିନ୍ଦ ପ୍ରଧାନ, ସମାଜସେବା ସଦନର ସେକ୍ରେଟେରୀ ଭିରୁନିକା ଡୁଙ୍ଗଡୁଙ୍ଗ, ନିର୍ଦ୍ଦେଶକ ଇମାନୁଏଲ ପଟେଲ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ସଭାକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୁଆଙ୍ଗ ଆଦିବାସୀ ମହିଳା ଓ ପୁରୁଷ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ । ଏହି ଦିବସରେ ସାମାଜିକ ସେବା ସଦନ ସଂସ୍ଥା ତରଫରୁ ମହିଳାଙ୍କ ଭିତରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଥିଲା । ସେହିପରି ଶାଳ ପତରରେ ତିଆରି ଖଲି ଚଉପତି ପ୍ରତିଯୋଗିତା ଜୁଆଙ୍ଗ ସାମ୍ପ୍ରଦାୟିକ ମହିଳାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସାମାଜିକ ସେବା ସଦନ ସଂସ୍ଥାର ସେକ୍ରେଟେରୀ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ କରି କହିଲେ, ମହିଳାଙ୍କୁ ସଶକ୍ତ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କରିଛନ୍ତି । ଗ୍ରାମାଞ୍ଚଳର ଉନ୍ନତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜୁଆଙ୍ଗ କମ୍ୟୁନିଟି ଲୋକଙ୍କ ଉନ୍ନତି ପାଇଁ ସରକାର ସ୍ୱତନ୍ତ୍ର ଏଜେନ୍ସି ତିଆରି କରୁଛନ୍ତି । ବିଶେଷକରି ଗାଁରୁ ନିଶା ନିବାରଣ କରିବା ପାଇଁ ମହିଳାମାନେ ନେତୃତ୍ୱ ନେବା ଦରକାର । ନିଶା ନିବାରଣ କରିପାରିଲେ ଗାଁ ବିକଶିତ ହେବ । ମହିଳାଙ୍କୁ ସାମ୍ବିଧାନିକ ଅଧିକାର ସରକାର ଦେଇଛନ୍ତି । ହାଇସ୍କୁଲ ସରକାରୀ ଶିକ୍ଷକ ଗୋବିନ୍ଦ ପ୍ରଧାନ ଜୁଆଙ୍ଗ ସମ୍ପ୍ରଦାୟର ଲୋକଙ୍କୁ ପରାମର୍ଶ ଦେଇ କହିଥିଲେ, ପିଲାଙ୍କୁ ବିଦ୍ୟାଳୟ ପଠାଇବା ପାଇଁ ଗୁରୁତ୍ୱ ଦେବା ଉଚିତ୍ । ଆଦିବାସୀମାନେ ଶିକ୍ଷିତ ଓ ସଚେତନ ହୋଇପାରିଲେ ସମୁଦାୟର ବିକାଶ ସମ୍ଭବ ହୋଇପାରିବ । ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଆଇଆଇଏମସିର ସହଯୋଗୀ ପ୍ରଫେସର ଡଃ ବିରଞ୍ଚି ନାରାୟଣ ସେଠ କହିଥିଲେ, ଆଦିବାସୀଙ୍କ ଅଧିକାର, ଜୁଆଙ୍ଗ ସମ୍ପ୍ରଦାୟଙ୍କ ପାଇଁ ହୋଇଥିବା ଜୁଆଙ୍ଗ ଡେଭଲପମେଣ୍ଟ ଏଜେନ୍ସି ସଂଗଠନ ଗଠନ ହୋଇଛି । ତା'ର ସେମାନେ ଲାଭ ନେବା ଦରକାର । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଯୋଜନା, କ୍ରିମସ ଓ ପିଏମ ଜନମନ ବିଷୟରେ ଉପସ୍ଥାପନା କରିଥିଲେ । ଏସବୁ ବିଷୟରେ ସଚେତନ ହୋଇପାରିଲେ ଜୁଆଙ୍ଗ ସମ୍ପ୍ରଦାୟ ବିକାଶ ହୋଇପାରିବ ବୋଲି ମତ ଦେଇଥିଲେ । ସମାଜ ସେବା ସଦନର ନିର୍ଦ୍ଦେଶକ ଇମାନୁଏଲ ପାଟିଲ ଏହି ଲିନସି ଫାଉଣ୍ଡେସନ ଦ୍ୱାରା ହିନ୍ଦୋଳରେ ଆଦିବାସୀ ସମ୍ପ୍ରଦାୟ ଓ ମହିଳାଙ୍କ ଉନ୍ନତି ପାଇଁ ସହଯୋଗ ଦିଆଯାଇଛି ଓ କାର୍ଯ୍ୟକାରୀ କରାଯାଇଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଆଇଆଇଏମସି ର ଇଂରାଜୀ ଓ ଓଡିଆ ସାମ୍ବାଦିକ ବିଭାଗର ଛାତ୍ରଛାତ୍ରୀ ଯୋଗଦେଇ ପ୍ରେସ ବିଜ୍ଞପ୍ତି, ନ୍ୟୁ ଲେଟର ଓ ଫଟୋ ଶୁଟ ଆଦି କାମ କରିଥିଲେ । ହୋଇଥିବା ରଙ୍ଗୋଲି ଓ ଖଲି ଚଉପତି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପରିଶେଷରେ ଯୁଆଙ୍ଗ ଆଦିବାସୀ ମହିଳାମାନେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ପାଣି ସମସ୍ୟା ଓ ସୋଲାର ସିଷ୍ଟମର ମରାମତି ନିମନ୍ତେ ନିବେଦନ କରିଥିଲେ ।

## ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଢେଙ୍କାନାଳ,୧୧ ।୩(ସମିସ): ସ୍ଥାନୀୟ ମହିଷାପାଟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଡିଆରଡିଏଠାରେ ଜନଗଣନା ପାଇଁ କ୍ଷେତ୍ର ପ୍ରଶିକ୍ଷକଙ୍କ ନିମନ୍ତେ ଚାଲିଥିବା ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଆଗାମୀ ଜନଗଣନା ୨୦୨୭କୁ କମ୍ପ୍ୟୁଟର ଓ ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଡିଜିଟାଲ୍ ପଦ୍ଧତିରେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କ୍ଷେତ୍ର ପ୍ରଶିକ୍ଷକଙ୍କୁ ଗୃହ ତାଲିକାକରଣ ହାଉସଲିଷ୍ଟିଂ ଓ ଗୃହ ଗଣନା ପ୍ରକ୍ରିୟା, ଡିଜିଟାଲ ଯନ୍ତ୍ରପାତିର ବ୍ୟବହାର, ଜନଗଣନା କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ମୋବାଇଲ ଆପ୍ଲିକେସନର ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା । ତଥ୍ୟ ସଂଗ୍ରହରେ ସଠିକତା ବଜାୟ ରଖିବା, ସମସ୍ତ ଜନଗଣନା କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା । ଦୁଇଜଣ ଜିଲ୍ଲାସ୍ତରୀୟ ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଟ୍ରେନର କାମାକ୍ଷାନଗର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ ଓଏସ ଏବଂ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସୁମନ୍ତ ଗଡନାୟକ, କ୍ଷେତ୍ର ପ୍ରଶିକ୍ଷକଙ୍କୁ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ସେଠୀ ଉପସ୍ଥିତ ରହି କ୍ଷେତ୍ର ପ୍ରଶିକ୍ଷକଙ୍କୁ ନିଷ୍ଠା ଓ ସଚ୍ଚୋଟତାର ସହ ନିଜର ଦାୟିତ୍ୱ ନିର୍ବାହ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ସମଗ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷକମାନଙ୍କୁ ମାର୍ଗଦର୍ଶନ କରିବା ସହ ଜିଲ୍ଲାରେ ଜନଗଣନାକୁ ସଫଳ କରିବା ପାଇଁ ଉପଯୁକ୍ତ ପ୍ରଶିକ୍ଷଣର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ପ୍ରଶିକ୍ଷଣ ସମାପ୍ତ ହେବା ପରେ ଏହି କ୍ଷେତ୍ର ପ୍ରଶିକ୍ଷକମାନେ ଜିଲ୍ଲା ସାରା ଜନଗଣନା କାର୍ଯ୍ୟର ସୁଚାରୁ ରୂପେ ପରିଚାଳନା ପାଇଁ ଚାର୍ଜ ସ୍ତରରେ ଗଣନାକାରୀ ଏନୁମେରାଟରସ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ ।

୫୦୦ କୋଟିର ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣରେ ଅନିୟମିତତା

# ଏବେ ପାଣି ଟାଙ୍କିରୁ ଅନବରତ ଗଳୁଛି ପାଣି

ହିନ୍ଦୋଳ,୧୧ ।୩(ସମିସ):



ଗ୍ରାମାଞ୍ଚଳରେ ଗୁଣାତ୍ମକ ଭାବେ ସମସ୍ତ ପ୍ରକାର ସରକାରୀ ଯୋଜନାର ସେବା ଯୋଗାଇ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଜକୋଷରୁ ବାର୍ଷିକ କୋଟି କୋଟି ଟଙ୍କା ବଜେଟ ପ୍ରସ୍ତୁତ କରୁଥିବା ସମୟରେ ବାସ୍ତବରେ ଏହି ସେବା ଗ୍ରାମାଞ୍ଚଳରେ କେମିତି ଉପଲବ୍ଧ ହେଉଛି ଏକଥା ହିନ୍ଦୋଳ ଉପଖଣ୍ଡର ଗାଁ ଗହଳିରେ ବୁଲି ସେଗୁଡିକୁ ଅନୁଧ୍ୟାନ କଲେ ଜଣାପଡ଼ିବ । ଅଧିକାରୀ କାଗଜକଲମରେ ସଫଳତା ଦର୍ଶାଇ ଉପରିସ୍ଥ ଅଧିକାରୀଙ୍କ ପ୍ରିୟ ପାତ୍ର ହୋଇ ଅସାଧୁ ଉପାୟରେ ସରକାରୀ ଯୋଜନାର ଅର୍ଥକୁ ନିଜ ତଥା ନିଜ ସମ୍ପର୍କୀୟଙ୍କ ବ୍ୟକ୍ତିଗତ ରାଜକୋଷ ବୃଦ୍ଧି କରୁଥିବା ଲକ୍ଷ୍ୟ କରାଯାଉଛି । ଦୁର୍ନିତୀର ଚେର ତଳଠୁ ଉପର ପର୍ଯ୍ୟନ୍ତ ବଢି ଚାଲିଛି । ଅଭିଯୋଗ କଲେ ମଧ୍ୟ ଅଭିଯୋଗକୁ ଖାତିର କରୁନାହାନ୍ତି ବିଭାଗୀୟ ଅଧିକାରୀ । ଯଦ୍ୱାରା ଦୁର୍ନୀତି କମିବା ପରିବର୍ତ୍ତେ ଉପଖଣ୍ଡରେ ଦିନକୁ ଦିନ ଦୁର୍ନୀତି ବଢ଼ିବାରେ ଲାଗିଛି । ଉପଖଣ୍ଡରେ ଆରମ୍ଭରୁ ୫୦୦ କୋଟି ଟଙ୍କାର ମେଗା ପାନୀୟଜଳ ପ୍ରକଳ୍ପ ବାଟବଣା ହୋଇଛି । ପ୍ରକଳ୍ପଟି ୨୦୧୯ରେ ଆରମ୍ଭ ହୋଇଥିଲା । ୨୦୨୧ ନଭେମ୍ବର ମାସରେ କାର୍ଯ୍ୟ ସାରିବାର ଅବଧି ରହିଥିବାବେଳେ ୨ ବର୍ଷ ଭିତରେ କିଛି କାର୍ଯ୍ୟ ହୋଇପାରିଲା ନାହିଁ । ଠିକାଦାର ପୁନର୍ବାର ୨୦୨୪ ନଭେମ୍ବର ମାସ ଭିତରେ କାର୍ଯ୍ୟ ସରିବା ପାଇଁ ସମୟ ନେଇଥିଲେ । ତେବେ ୨୦୨୪ ମସିହା ସରି ୨୦୨୬ ସରିଗଲେ ମଧ୍ୟ କାର୍ଯ୍ୟ ସରିବ କି ନାଁ ଏବେ ସନ୍ଦେହ ସୃଷ୍ଟି ହୋଇଛି । ଉପଖଣ୍ଡରେ ପ୍ରାୟ ବିଭାଗ ଦ୍ୱାରା ବିଭିନ୍ନ ଜାଗାରେ ତିରିଶରୁ ଉର୍ଦ୍ଧ ଓଭରହେଡ ପାଣି ଟାଙ୍କି ନିର୍ମାଣ ହେଉଥିବାବେଳେ କିଛି ପାଣି ଟାଙ୍କି ଏବେ ପୂର୍ଣ୍ଣାଙ୍ଗ ହୋଇଥିବା ଦେଖିବାକୁ ମିଳିଛି । ପୂର୍ଣ୍ଣାଙ୍ଗ ହୋଇଯାଇଛି ଦର୍ଶାଇ ଠିକାଦାରଙ୍କ ଦ୍ୱାରା ଟାଙ୍କିର ଉଭୟ ପାର୍ଶ୍ୱରେ ଷ୍ଟିଲ ବାଡ ଲଗାଇବା ସହିତ ପାଣି ଟାଙ୍କିରେ ରଙ୍ଗ ଦିଆଯାଇଛି । ହେଲେ ଟାଙ୍କି ଭିତରେ ପାଣି ପୂରାଇଲା ବେଳକୁ ଟାଙ୍କିରୁ ଅନବରତ ଗଳୁଛି ପାଣି । ଏଭଳି ଘଟଣା ଉପଖଣ୍ଡର ସାତମାଇଲ ନିକଟ ଶାଳ ଜଙ୍ଗଲ ନିକଟରେ ହୋଇଥିବା ୨ଟି ଟାଙ୍କି କ୍ଷେତ୍ରରେ ଦେଖିବାକୁ ମିଳିଛି ।

ରାସୋଳ ନିକଟରେ ଗୋଟିଏ ପାଣି ଟାଙ୍କି ସମ୍ପୂର୍ଣ୍ଣ ହୋଇ ପାଣି ଟେଷ୍ଟ ହେବା ବେଳକୁ ଅନବରତ ପାଣି ଗଳୁଥିବା ଦେଖିବାକୁ ମିଳିଛି । ଏପରିକି ବିଭାଗ ଦ୍ୱାରା ତଦାରଖ ପରେ ଠିକାଦାରଙ୍କ ଦ୍ୱାରା ବାରମ୍ବାର ମରାମତି କରାଯାଉଥିଲେ ମଧ୍ୟ ପାଣି ଟାଙ୍କିରୁ ଅନବରତ ପାଣି ଗଳୁଛି । କିଛିଦିନ ପୂର୍ବରୁ ନୂଆବାଗ ପଞ୍ଚାୟତର ବାଘଧରିଆ ଗ୍ରାମରେ ବିଭାଗ ପକ୍ଷରୁ ଗ୍ରାମକୁ ପାଣି ଦେବା ପାଇଁ ନିକଟସ୍ଥ ଟାଙ୍କିରୁ ପାଣି ଛାଡିବା ବେଳେ ଗ୍ରାମରେ ସବୁ ପାଇପ ଫାଟି ପାଣି ବୋହିବା ଫଳରେ ଗ୍ରାମ ରାସ୍ତା ପୋଖରୀର ଭ୍ରମ ସୃଷ୍ଟି ହୋଇଥିଲା । ସଙ୍ଗେ ସଙ୍ଗେ ବିଭାଗ ପକ୍ଷରୁ ଗ୍ରାମକୁ ପାଣି ଦେବା ବନ୍ଦ କରିଦିଆଯାଇଥିଲା । ଏଠାରେ ପ୍ରଶ୍ନ ଉଠେ କାର୍ଯ୍ୟ ହେବା ବେଳେ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁଥିଲେ କି, ଏବେ କୋଟି କୋଟି ଟଙ୍କା ବ୍ୟୟରେ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୋକ ଉପକାର ପାଇପାରିବେ । କେବଳ ଠିକାଦାର ପ୍ରୀତି ଯୋଗୁଁ ହିନ୍ଦୋଳବାସୀଙ୍କ ମୌଳିକ ଅଧିକାର ପାନୀୟଜଳ ଯୋଗାଣ ପ୍ରକଳ୍ପର ଭବିଷ୍ୟତ ଏବେ ଅନ୍ଧାରକୁ ଠେଲି ହୋଇଯାଇଛି । ପୂର୍ବରୁ ଆବର୍ଜନାମୟ ଡ୍ରେନ ଭିତରେ ବିଛାହୋଇଛି ଜଳଯୋଗାଣ ପାଇପ ଓ କଙ୍କ୍ରିଟ ରାସ୍ତାର ୬ ଇଞ୍ଚ ଭିତରେ ବିଛଯାଇଛି । ପ୍ଲାଷ୍ଟିକ ପାଇପ ୩ ଫୁଟ ଗଭୀର ଖୋଳି ପାଇପ ବିଛଯିବା ପାଇଁ ସରକାରୀ ନିୟମ ରହିଥିବାବେଳେ ଉପଖଣ୍ଡର ଗ୍ରାମାଞ୍ଚଳରେ କେବଳ ୬ ଇଞ୍ଚ ମାଟି ଖୋଳି କିପରି ପାଇପ ସବୁ ବିଛାଗଲା, ଏ ନେଇ ସାଧାରଣରେ ଅଭିଯୋଗ ହେବା ସହିତ ବାରମ୍ବାର ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଆସୁଥିଲା ହେଲେ ଠିକାଦାରଙ୍କ ସହିତ ସାଲାସୁତୁରା ହୋଇ ପରୋକ୍ଷରେ ନିମ୍ନମାନର କାର୍ଯ୍ୟରେ ସହଯୋଗ କରୁଥିଲେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ । ଏଠାରେ ପ୍ରଶ୍ନ ଉଠେ ୫୦୦ କୋଟି ଟଙ୍କାର ମେଗା ପାନୀୟ ପ୍ରକଳ୍ପ ଅତ୍ୟନ୍ତ ନିମ୍ନମାନର ଓ କେବଳ କମ୍ ମାଟି ଖୋଳି ଠିକାଦାର ପାଇପ ବିଛାଇ ଥିଲେ ସୁଦ୍ଧା କିପରି ବିଭାଗୀୟ ଯନ୍ତ୍ରୀ ଉକ୍ତ କାର୍ଯ୍ୟରେ ବିଲ ପାସ କଲେ ବୋଲି ପ୍ରଶ୍ନ ଉଠିଛି । ଏବେ ଜନସାଧାରଣ କିପରି ନିର୍ମଳ ଜଳ ପାଇପାରିବେ ଓ ପ୍ରକଳ୍ପର ସ୍ଥାୟିତ୍ୱ ଉପରେ ଉଠିଛି ପ୍ରଶ୍ନବାଚୀ ? ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତଦାରଖ କରିବା ପାଇଁ ଗୋଟିଏ ଦିନ କାର୍ଯ୍ୟ ସ୍ଥଳକୁ ବିଭାଗୀୟ ଯନ୍ତ୍ରୀ ଯାଆନ୍ତି ନାହିଁ । ଉକ୍ତ କାର୍ଯ୍ୟକୁ ତଦାରଖ କରିବା ପାଇଁ ୩ ଜଣ ଯନ୍ତ୍ରୀ ଦାୟିତ୍ୱରେ ଥିବାବେଳେ କେବଳ କାଗଜ କଲମରେ ସେମାନେ ଦାୟିତ୍ୱ ନେଇଥିବା ଜଣାପଡିଛି । ଏମାନେ କାର୍ଯ୍ୟ ସ୍ଥଳକୁ ଗୋଟିଏ ଦିନ ମଧ୍ୟ ତଦାରଖ କରିବା ପାଇଁ ଯାଉନଥିବା ଦେଖିବାକୁ ମିଳିଛି । ଯଦି ଏଥିପ୍ରତି ରାଜ୍ୟରେ ଆସିଥିବା ନୂତନ ସରକାର ଦୃଷ୍ଟି ନ ଦିଅନ୍ତି ତେବେ ୫୦୦ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭରୁ ଝୁଣ୍ଟି ପଡି ଦିଗହରା ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏବେ ବିଧାନସଭା ଚାଲୁଥିବାବେଳେ ଗତକାଲି ଖୋଦ ବିଭାଗୀୟ ମନ୍ତ୍ରୀ କହିଛନ୍ତି, ଯେଉଁ ସଂସ୍ଥା ମେଗା ପାନୀୟ ଜଳ ପ୍ରକଳ୍ପ ନିମ୍ନମାନର କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଆବଶ୍ୟକ ସ୍ଥଳେ ଚାର୍ଜସିଟ ହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିବାବେଳେ ହିନ୍ଦୋଳ ଉପଖଣ୍ଡରେ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଆସୁଛି । କେବେ ସରକାର ଏହାର ତଦନ୍ତ କରି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି, ଦେଖିବାକୁ ବାକି ରହିଲା ।

## ଡୁରୁମୁ ପଞ୍ଚାୟତରେ ମହିଳା ଦିବସ




ଢେଙ୍କାନାଳ,୧୧ ।୩(ସମିସ): ଫଂସା ଢେଙ୍କାନାଳ ଶାଖା, ଆଇଆଇୟାଇଡି ଭୁବନେଶ୍ୱର ଓ ବିଶ୍ୱ ଯୁବକ କେନ୍ଦ୍ର ନୂଆଦିଲ୍ଲୀ ପକ୍ଷରୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅନ୍ତର୍ଗତ ଡୁରୁମୁ ଗ୍ରାମ ପଞ୍ଚାୟତର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବିଶ୍ୱ ମହିଳା ଦିବସ ଉପରେ ଏକ ଡ୍ରଇଁ ପୋଷ୍ଟର ପ୍ରତିଯୋଗିତା ଓ ସଚେତନ ରାଲି ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଜାମୁଲେଇ, କଇଁଆ ସାହି, ବଡଦାଣ୍ଡ ସାହି, ନୂଆ ଡୁରୁମୁ, ବେରୁଆଁ ବାଡି, ସୋରିଷମୁଲି, କାଠଚିରା, ଢୋଲପିଟା, ଜଡା ଘାଟୁଣୀ ଗ୍ରାମର ୬୦ରୁ ଅଧିକ ମହିଳା ଭାଗ ନେଇଥିଲେ । ନାରୀ ଜାଗରଣ ଉପରେ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ନୂଆ ଡୁରୁମୁର ବିନୋଦିନୀ ଗୌଡଙ୍କ ଡ୍ରଇଁ ଶ୍ରେଷ୍ଠ ବିବେଚିତ ହୋଇ ପ୍ରଥମ ପୁରସ୍କାର ପାଇଥିଲେ । ଏହି କାର୍ଯ୍ୟକ୍ରମରେ ଡୁରୁମୁ ପଞ୍ଚାୟତ ସ୍ତରୀୟ ମହାସଂଘର ସଭାନେତ୍ରୀ ସଞ୍ଜୁକ୍ତା ପ୍ରଧାନ ମୁଖ୍ୟଅତିଥି ଓ ରାଜ୍ୟସ୍ତରୀୟ ତାଲିମିଦାତା ଅମ୍ବିକା ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହିଳାଙ୍କ ଆତ୍ମସମ୍ମାନ ନିଜ ହାତରେ କହି ପ୍ରତ୍ୟେକ ଅନ୍ୟାୟ ଅତ୍ୟାଚାରକୁ ପ୍ରତିରୋଧ କରିବାକୁ ଶିଖିବା ଓ ଆତ୍ମବଳ ବୃଦ୍ଧି କରିବା ସାହସର ସହିତ ପରିସ୍ଥିତିକୁ ମୁକାବିଲା କରିବାକୁ ପରାମର୍ଶ ଓ ଆହ୍ୱାନ ଦେଇଥିଲେ । ପଞ୍ଚାୟତର ପଲ୍ଲିସଭା, ଗ୍ରାମସଭାରେ ସକ୍ରିୟ ଭାଗ ନେଇ ନିଜର ଓ ଅସହାୟଙ୍କ ନାର୍ଯ୍ୟ ଦାବି ଉପସ୍ଥାପନା କରିବାକୁ ପରାମର୍ଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ଲାଜ ଛାଡି ପୁଲିସ ଓ ଆଇନର ସାହାଯ୍ୟ ନେବାକୁ ନ ପଛାଇବାକୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ସିଆରପି ସସ୍ମିତା ଦାଶ, ଝିଲ୍ଲୀ ପ୍ରଧାନ, ସାବିତ୍ରୀ ପ୍ରଧାନ, ସୁଭଦ୍ରା ବେହେରା, ଶୁଭଲକ୍ଷ୍ମୀ ଗୌଡ ସହଯୋଗ କରିଥିଲେ । ଏମବିକେ ରାଜେଶ୍ୱରୀ ସ୍ୱାଇଁ ଏହାକୁ ପରିଚାଳନା କରିଥିବାବେଳେ ସିଆରପି ଭାରତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ସକାଳ THE SAKALA



## ବିଧାନସଭାରେ 'ମଧ୍ୟପ୍ରାଚ୍ୟ' ମୁଲତବୀ ଆଲୋଚନାରେ ବିରୋଧୀଙ୍କ କ୍ଷୋଭ

# ଫସିଛନ୍ତି ଲକ୍ଷ ଲକ୍ଷ ଓଡ଼ିଆ; ସରକାରଙ୍କ ଖାମଖିଆଲି ମନୋଭାବ

■ କଥାରେ ନୁହେଁ; କାମରେ ଦମ୍ ଦେଖାଉ ଡବଲ ଇଞ୍ଜିନ
■ ତୁରନ୍ତ ଓଡ଼ିଆଙ୍କୁ ରାଜ୍ୟକୁ ଫେରାଇ ଆଣନ୍ତୁ ସରକାର
■ ସରକାର ସମ୍ବେଦନଶୀଳ ଅଛନ୍ତି: ଶାସକ ଦଳ ବିଧାୟକ
■ ବିଧାନସଭା ଗୃହ କମିଟି ଗଠନ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୧।୩(ସମିସ): ମଧ୍ୟପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ମଧ୍ୟରେ ସେଠାରେ ଲକ୍ଷ ଲକ୍ଷ ଓଡ଼ିଆ ଫସି ରହିଛନ୍ତି। ଓଡ଼ିଶାର ସେମାନଙ୍କ ପରିବାର ଲୋକେ ଭୟ ଏବଂ ଦୁଃଖରେ କାଳ କାଟୁଛନ୍ତି। କରୋନା ମହାମାରୀ ସମୟରେ ତତ୍କାଳୀନ ବିଜେଡି ସରକାରଙ୍କ ପଦକ୍ଷେପକୁ ଦେଶବ୍ୟାପୀ ପ୍ରଶଂସା ମିଳିଥିଲା; ମାତ୍ର ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଫସି ରହିଥିବା ଓଡ଼ିଆଙ୍କୁ ଫେରାଇ ଆଣିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନୀତି ଏବଂ କାର୍ଯ୍ୟକଳାପ ଦୁଃଖଦାୟକ। ରାଜ୍ୟ ସରକାର ସବୁକଥାରେ ଡବଲ ଇଞ୍ଜିନର ନାରା ଦେଉଛନ୍ତି। ଡବଲ ଇଞ୍ଜିନ କଥାରେ ନୁହେଁ; କାମରେ କରି ଦେଖାଉ। ତୁରନ୍ତ ମଧ୍ୟପ୍ରାଚ୍ୟରେ ଫସି ରହିଥିବା ଓଡ଼ିଆଙ୍କୁ ସରକାର ଫେରାଇ ଆଣନ୍ତୁ ବୋଲି ମୁଲତବୀ ଆଲୋଚନାରେ ଦାବି କରିଛନ୍ତି ବିରୋଧୀ। ଏପଟେ ଶାସକ ଦଳ ବିଧାୟକମାନେ ଆଲୋଚନାରେ ଭାଗ ନେଇ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବଂ ଓଡ଼ିଆଙ୍କ ସ୍ଥିତି ବାବଦରେ ରାଜ୍ୟ ସରକାର ସମ୍ବେଦନଶୀଳ ଅଛନ୍ତି ବୋଲି କହିଛନ୍ତି। ସେମାନଙ୍କ ଭଲ ମନ୍ଦ ଜାଣିବା ସହ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା ପାଇଁ ରାଜ୍ୟ ସରକାର ନିରନ୍ତର କେନ୍ଦ୍ର ସହ ଯୋଗାଯୋଗରେ ଅଛନ୍ତି।

ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିଜେଡି ବିଧାୟକ ଡ. ଅରୁଣ କୁମାର ସାହୁ କହିଥିଲେ ଯେ ମଧ୍ୟପ୍ରାଚ୍ୟକୁ କାମ ଅନ୍ୱେଷଣରେ ଯାଇଥିବା ଲକ୍ଷ୍ୟ ଲକ୍ଷ୍ୟ ଓଡ଼ିଆ ଫସି ରହିଛନ୍ତି; ମାତ୍ର ସରକାର କ'ଣ ପଦକ୍ଷେପ ନେଇଛନ୍ତି, ସେନେଇ ସଂକ୍ଷେପରେ ଉତ୍ତର ରଖିଛନ୍ତି। ଓଡ଼ିଶାର ହଜାର ହଜାର ପରିବାର ଯୁଦ୍ଧ କାରଣରୁ ଭୟ, ଦୁଃଖରେ କାଳ କାଟୁଛନ୍ତି। ମାତ୍ର ସରକାର ହାତ ବାନ୍ଧି ବସି ରହିଛନ୍ତି। ସେମାନଙ୍କୁ ନା ଫେରାଇ ଆଣିବାକୁ ଉଦ୍ୟମ ହେଉଛି, ନା କୌଣସି କଣ୍ଟ୍ରୋଲ ରୁମ୍ ଖୋଲାଯାଉଛି। ରାଜ୍ୟ ସରକାର ଏପରି ସମ୍ବେଦନଶୀଳ ଘଟଣାରେ ଖାମଖିଆଲି ଆଚରଣ କରୁଛନ୍ତି ବୋଲି ଡ. ସାହୁ କହିଥିଲେ। ଏପରିକି ଆମ ବାହାଦୂର ସରକାର ପୂର୍ବରୁ ଚାଲୁଥିବା ଦୁବାଇକୁ ସିଧାସଳଖ ବିମାନ ସେବାକୁ ବନ୍ଦ କରିଦେଲେ। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବେ କେଉଁ ଅବସ୍ଥାରେ ଅଛି। ସବୁ ସରକାରୀ ସଂସ୍ଥାକୁ ପଙ୍ଗୁ, ସ୍ଥାଣୁ କରିଦିଆଗଲା ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ଯୁଦ୍ଧ ଯୋଗୁଁ ରନ୍ଧନ ଗ୍ୟାସ ମିଳୁ ନ ଥିବା ବେଳେ ଖାଇବା ତେଲର ସାମଗ୍ରୀ ବୃଦ୍ଧି ପାଇଲାଣି। ଭୁବନେଶ୍ୱରରେ ଅନେକ ହୋଟେଲ ବନ୍ଦ ହୋଇଗଲାଣି। ଏଲପିଜି ଗ୍ୟାସ ବୁକ୍ କଲେ ୨୫ ଦିନ ପରେ ମିଳୁଛି। ସରକାର ସଙ୍କଟ ଉପୁଜିଥିବା ଭାବିପାରୁନାହାନ୍ତି ବୋଲି ସେ କହିଥିଲେ।

ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ ଯେ ଗତ ୨ ବର୍ଷରେ ୩୦୫ ଜଣ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏନଏଚଆରସି ଏନେଇ ଉଦବେଗ ପ୍ରକାଶ କରିଛନ୍ତି। ମଧ୍ୟପ୍ରାଚ୍ୟରେ ଥିବା ଓଡ଼ିଆ ଲୋକଙ୍କ ପରିବାର ଆତଙ୍କିତ ଅବସ୍ଥାରେ ଅଛନ୍ତି। ତାଙ୍କୁ ସୁରକ୍ଷିତ ଉଦ୍ଧାର ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ହେବା କଥା। ଡବଲ ଇଞ୍ଜିନ ନାରା ଦେଉଥିବା ସରକାର କଥାରେ ନୁହେଁ, କାମରେ କରି ଦେଖାନ୍ତୁ। ସୁରକ୍ଷିତ ଭାବରେ ସବୁ ଓଡ଼ିଆଙ୍କୁ ଉଦ୍ଧାର କରନ୍ତୁ ବୋଲି ସେ ଦାବି କରିଥିଲେ। ବିଧାୟକ ଦିବ୍ୟଶଙ୍କର ମିଶ୍ର ମଧ୍ୟ ରାଜ୍ୟ ସରକାରଙ୍କ ମନୋଭାବ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ। ଓଡ଼ିଆଙ୍କ ଉଦ୍ଧାର ପାଇଁ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ତାହାର ଠୋସ୍ ଉତ୍ତର ନାହିଁ। ଓଡ଼ିଶାର କାମ କରିବାର ସୁଯୋଗ ନାହିଁ। ସେଥିପାଇଁ ଓଡ଼ିଆ ବାହାରକୁ କାମ କରିବାକୁ ଯାଉଛନ୍ତି। ରାଜ୍ୟ ସରକାର କେନ୍ଦ୍ର ଉପରେ ଚାପ ସୃଷ୍ଟି କରନ୍ତୁ। ଫସିଥିବା ଶ୍ରମିକଙ୍କୁ ଓଡ଼ିଶାକୁ ଫେରାଇ ଆଣନ୍ତୁ। ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ପାଇଁ ବିଧାନସଭା ଗୃହ କମିଟି ଗଠନ କରିବାକୁ ସେ ଦାବି କରିଥିଲେ।

ଶାସକ ଦଳ ପକ୍ଷରୁ ଆଲୋଚନାରେ ଭାଗ ନେଇ ବିଧାୟକ ପଦ୍ମଲୋଚନ ପଣ୍ଡା, ସନ୍ତୋଷ ଖଟୁଆ, ପୂର୍ଣ୍ଣଚନ୍ଦ୍ର ସେଠୀ, ଉମା ଚରଣ ମଲ୍ଲିକ ପ୍ରମୁଖ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ସରକାର ନେଇଥିବା ଏକାଧିକ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ।

ବିଧାୟକ ସନ୍ତୋଷ ଖଟୁଆ କହିଥିଲେ ଯେ ଓଡ଼ିଆ ପରିବାରରେ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀଙ୍କୁ ମଧ୍ୟପ୍ରାଚ୍ୟରେ ଓଡ଼ିଆଙ୍କ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ହ୍ୱାଟ୍ସଆପ ନମ୍ବର, ଟୋଲ୍-ଫ୍ରି ନମ୍ବର ଜାରି କରାଯାଇଛି। ଆମ ସରକାର ଆସିବା ପରେ ରାଜ୍ୟରେ ୨୧୫ ସହକାରୀ ଶ୍ରମ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି କହିଥିଲେ। ଭାଜପା ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସେଠୀ ୨୯ଟି ଶ୍ରମ ଆଇନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ବିଦେଶରେ ଯେଉଁ ଓଡ଼ିଆମାନେ ଅଛନ୍ତି, ସେମାନେ ସମସ୍ତେ ଶ୍ରମିକ ଶ୍ରେଣୀର ନୁହନ୍ତି; ସେମାନଙ୍କ ମଧ୍ୟରେ ବହୁ ଉଚ୍ଚ ଏବଂ ଦକ୍ଷତାସମ୍ପନ୍ନ ରହିଛନ୍ତି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ମଧ୍ୟପ୍ରାଚ୍ୟରେ ଅଟକିଛନ୍ତି ଓଡ଼ିଆ

# ଫେରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

■ ପରିସ୍ଥିତି ସମ୍ପର୍କରେ ଟ୍ରାକ୍ ରଖିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ
■ ମଧ୍ୟପ୍ରାଚ୍ୟରୁ ୨୦୦ ଓଡ଼ିଆଙ୍କ ଆସିଛି କଲ୍

ଭୁବନେଶ୍ୱର,୧୧।୩(ସମିସ): ମଧ୍ୟପ୍ରାଚ୍ୟରେ ସମ୍ପ୍ରତି ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ସେଠାରେ ଅନେକ ଓଡ଼ିଆ ଲୋକ ଅଟକି ରହିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଘଟଣା ଉପରେ ଟ୍ରାକ୍ ରଖିବାକୁ ଏବଂ ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ମାର୍ଚ୍ଚ ୨ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏହି ବୈଠକରେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ (ଓଏସ୍‌ଡି) ପ୍ରୀତିଶ ପଣ୍ଡାଙ୍କୁ ଏହାର ନୋଡାଲ ଅଫିସର ନିଯୁକ୍ତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ପରିବାରକୁ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଓଡ଼ିଆ ଲୋକମାନଙ୍କ ପକ୍ଷରୁ ପ୍ରାୟ ୨୦୦ ଟେଲିଫୋନ ଆସିଛି। ନିର୍ଦ୍ଦେଶାଳୟ ପକ୍ଷରୁ ବୈଦେଶିକ ମନ୍ତ୍ରାଳୟ ସହ ଯୋଗାଯୋଗ କରାଯାଇ ସେମାନଙ୍କ ଫେରିବା ସମ୍ପର୍କରେ ସହାୟତା କରାଯାଉଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲରୁମ୍ କରାଯାଇ ଟୋଲଫ୍ରି ନମ୍ବର ୧୮୦୦-୧୧୮-୭୯୭ ଜାରି କରାଯାଇଛି। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁବାଇ, ଆବୁଧାବି ଓ ବାହାରିନରେ ଥିବା ଓଡ଼ିଆ ଆସୋସିଏସନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରାଯାଇ ସେଠାକାର ବାସ୍ତବ ପରିସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି।

ସୂଚନାଯୋଗ୍ୟ ଯେ, ଦୁବାଇରେ ୩୫ ଜଣ ଓଡ଼ିଆ ପର୍ଯ୍ୟଟକ ଫସି ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣ କେରଳର କୋଚି ଦେଇ ମାର୍ଚ୍ଚ ୭ ତାରିଖ ଦିନ ଭୁବନେଶ୍ୱର ଫେରିଛନ୍ତି। ବାକି ପର୍ଯ୍ୟଟକମାନେ ମୁମ୍ବାଇ ଦେଇ ଏକ ସ୍ୱତନ୍ତ୍ର ଏୟାର ଇଣ୍ଡିଆ ଏକ୍ସପ୍ରେସ ଫ୍ଲାଇଟ ଜରିଆରେ ୮ ତାରିଖ ଦିନ ଭୁବନେଶ୍ୱର ଫେରିଛନ୍ତି ବୋଲି ରାଜ୍ୟ ସରକାର କହିଛନ୍ତି।

## ଆଲୁ ଖୋଲୁଖୋଲୁ ମହାଦେବ

# ପୁଲିସ କବ୍‌ଜାରେ ମ୍ୟୁଲ୍ ଆକାଉଣ୍ଟ ସର୍ଦ୍ଦାର

ବ୍ରହ୍ମପୁର,୧୧।୩(ସମିସ): ପୁଲିସ କବ୍‌ଜାରେ ମ୍ୟୁଲ ଆକାଉଣ୍ଟ ସର୍ଦ୍ଦାର। ପାଖାପାଖି ୬୦ଟି ମ୍ୟୁଲ ଆକାଉଣ୍ଟ ଚଳାଉଥିବା ଯୁବକକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ରମ୍ଭା



ଥାନା କଣ୍ଟିଆଗଡ଼ର ଜ୍ୟୋତି ଓରଫ ରୋହନ ପ୍ରଧାନ। ବ୍ରହ୍ମପୁର ସାଇବର ଥାନା ପୁଲିସ ଚଢ଼ଉ କରି ରୋହନକୁ ଗିରଫ କରିଛି। ସେ ଗଞ୍ଜାମରେ ରହି ଦେଶର ୧୧ଟି ରାଜ୍ୟରେ ନେଟୱାର୍କ ଚଳାଇଥିଲା। ୨କୋଟି ଟଙ୍କାର ଏକ ସାଇବର ଠକେଇର ଚେର ଖୋଜିଖୋଜି ପୁଲିସ ରୋହନ ନିକଟରେ ପହଞ୍ଚିଛି। ସେ ୨ଜଣ ସହଯୋଗୀଙ୍କୁ ଧରି ମ୍ୟୁଲ ଆକାଉଣ୍ଟକୁ କବଜା କରୁଥିଲା। ଖାତାଧାରୀଙ୍କ ପାଖରୁ ପାସବୁକ୍, ଏଟିଏମ୍ ଆଦି ନେଇ ନିଜେ ଆକାଉଣ୍ଟ ଚଳାଉଥିଲେ। ଏଭଳି ୧୦ଟି ଆକାଉଣ୍ଟରେ ୨କୋଟି ଟଙ୍କାର କାରବାର ହୋଇଥିବା ପୁଲିସ ଜାଣିବାକୁ ପାଇଛି। ସେହିପରି ମହାରାଷ୍ଟ୍ର,

### ୨କୋଟିର କାରବାର ଖୋଜିଖୋଜି ପହଞ୍ଚିଲା

ଗୁଜୁରାଟ, ଉତ୍ତରପ୍ରଦେଶ, ହରିୟାଣା, ପଞ୍ଜାବ, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ, ତେଲେଙ୍ଗାନା, ତାମିଲନାଡୁ, କର୍ଣ୍ଣାଟକ, କେରଳ ଓ ଆନ୍ଧ୍ରପ୍ରଦେଶକୁ ଏହି ଠକେଇର ଚେର ଲମ୍ବିଥିବା ଜଣାପଡ଼ିଛି। ଆହୁରି ୫୦ରୁ ଅଧିକ ମ୍ୟୁଲ ଆକାଉଣ୍ଟ ସେମାନଙ୍କ ନିକଟରେ ଥିବାନେଇ ପୁଲିସ ସୂଚନା ପାଇ ତଦନ୍ତ ଜାରି ରଖିଛି। ଆବଶ୍ୟକ ସ୍ଥଳେ ରୋହନକୁ ରିମାଣ୍ଡରେ ଅଣାଯାଇପାରେ ବୋଲି ଜଣାପଡ଼ିଛି।

# ସମ୍ପତ୍ତି ପାଇଁ ମହିଳାଙ୍କୁ ଶିଳରେ ଛେଚି ହତ୍ୟା

ବ୍ରହ୍ମପୁର,୧୧।୩(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସିଦ୍ଧାର୍ଥନଗର ଦ୍ୱିତୀୟ ଲାଇନରେ ଜଣେ ମହିଳାଙ୍କୁ ଶିଳରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ସ୍ୱର୍ଗତ ମୂରଲୀ ସେଠୀଙ୍କ ପତ୍ନୀ ଅଶାନ୍ତି ସେଠୀ(୪୭)। ମୃତ ଅଶାନ୍ତିଙ୍କ ନଣନ୍ଦ ଓ ବୋହୂ ମିଶି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ମୃତଦେହ ଜବତ କରିବା ସହ ଘଟଣା ସ୍ଥଳରୁ ଏକ ଶିଳ ଜବତ କରିଛି।

ସୂଚନା ପ୍ରକାରେ, ଭଞ୍ଜନଗରର ମୂରଲୀ ସେଠୀ ୨୨ବର୍ଷ ପୂର୍ବେ ବୁଗୁଡ଼ା ନିମପଦରର ଖଦାଳ ସେଠୀଙ୍କ ଝିଅ ଅଶାନ୍ତିଙ୍କୁ ବିବାହ କରିଥିଲେ। ମୁରଲୀ ଚାକିରି କରୁଥିବାରୁ ସିଦ୍ଧାର୍ଥନଗର ୨ୟ ଲାଇନରେ ଘର ନିର୍ମାଣ କରି ସ୍ତ୍ରୀଙ୍କ ସହ ରହୁଥିଲେ। କିଛିବର୍ଷ ପୂର୍ବେ ମୂରଲୀଙ୍କ ଦେହାନ୍ତ ହୋଇଥିଲା। ଏହାପରେ ତାଙ୍କ ପୁଅ, ବୋହୂ ଓ ଝିଅ ମିଳିମିଶି ପେନସନ ଟଙ୍କା, ଘର ଜମିବାଡିକୁ ନେଇ ଅଶାନ୍ତିଙ୍କ ସହ ଝଗଡ଼ା କରି ଆସୁଥିଲେ। ଏପରିକି ଅଶାନ୍ତିଙ୍କୁ ମାର୍‌ପିଟ କରୁଥିବା ଅଭିଯୋଗ ରହିଛି। ଏନେଇ ଉଭୟ ପକ୍ଷରୁ କୁଳସମାଜରେ ଅଭିଯୋଗ ପରେ ବୈଠକ ହୋଇଥିଲା। ତେବେ ଆଜି ସକାଳେ ଅଶାନ୍ତିଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବାପା ଖଦାଳ ସୂଚନା ପାଇଥିଲେ। ସେ ତୁରନ୍ତ ବ୍ରହ୍ମପୁରରେ ପହଞ୍ଚି ଝିଅର ମୃତଦେହ ଚିହ୍ନଟ କରିବା ସହ ଘଟଣା ସମ୍ପର୍କରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସାଇଣ୍ଟିଫିକ ଟିମ୍ ଜରିଆରେ ତଦନ୍ତ ଚଳାଇଛି।

# ବ୍ଲକ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣା: ଥାନା ଘେରିଲା ବିଜେଡି

ଶେରଗଡ଼,୧୧।୩(ସମିସ): ଶେରଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କୁ ଆକ୍ରମଣ ଘଟଣାରେ ଧବଳପୁର ବିଜେପି ମଣ୍ଡଳ ସଭାପତିଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି ଶେରଗଡ଼ ପୁଲିସ। ଏହାର ପ୍ରତିବାଦରେ ଜିଲ୍ଲା ବିଜେଡି ବୁଧବାର ଥାନା ଘେରାଉ କରିବା ସହ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବର୍ଷିଥିଲା।



ପ୍ରକାଶ ଯେ, ଶେରଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଆକ୍ରମଣ କରାଯାଇଥିଲା। ଗୁରୁତର କୃଷ୍ଣଚନ୍ଦ୍ରଙ୍କୁ ପ୍ରଥମେ ଶେରଗଡ଼ ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ଅଧିକ ଚିକିତ୍ସା ଲାଗି ବିଳମ୍ବିତ ରାତିରେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ମଙ୍ଗଳବାର ବିଳମ୍ବିତ ରାତିରେ ବ୍ଲକ ଅଧ୍ୟକ୍ଷଙ୍କ ପୁଅ ଅଶୋକ କୁମାର ନାୟକ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ନଂ.୮୧/୨୦୨୬ରେ ମାମଲା ରୁଜୁ କରି ଆକ୍ରମଣରେ ସାମିଲ ୧୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ବୁଧବାର ସନ୍ଧ୍ୟା ସୁଦ୍ଧା ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି। ସେମାନେ ହେଲେ ବିଜେପି ଦଳର ଧବଳପୁର ମଣ୍ଡଳ ସଭାପତି ଜିତେନ୍ଦ୍ର ମହାରଣା, ଶେରଗଡ଼ ଥାନା ଧନନ୍ତର ପଞ୍ଚାୟତ ଅଶୋକପୁର ଗ୍ରାମର ଶିବାନନ୍ଦ ଗୌଡ଼, ରାଜା ବରାଡ, ଅରୁଣ ବରାଡ଼ଙ୍କ ପୁଅ କାହ୍ନା ବରାଡ଼ ଏବଂ ଅରୁ ବରାଡ଼ଙ୍କ ପୁଅ କାହ୍ନା ବରାଡ଼। ଆକ୍ରମଣରେ ସାମିଲ ଅନ୍ୟ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି। ମଙ୍ଗଳବାର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି।

ଅପରପକ୍ଷେ ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କ ଆକ୍ରମଣ ଘଟଣାକୁ ଦୃଢ ନିନ୍ଦା କରି ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ତଥା ପୂର୍ବତନ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶେରଗଡ଼ ଥାନା ଘେରଉ କରିଥିଲେ। ଏଥିରେ ବିଜେଡି ପକ୍ଷରୁ ଆସିକା ଲୋକସଭା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ, ଆସିକା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ନେତା ନଚିକେତା ସ୍ୱାଇଁ, ହିଞ୍ଜିଳି ବିଧାୟକଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ହିଞ୍ଜିଳି ବିଧାୟକଙ୍କ ମ୍ୟୁନିସିପାଲିଟି ପ୍ରତିନିଧି ପ୍ୟାରୀମୋହନ ପାଢୀ, ହିଞ୍ଜିଳି ବିଧାୟକଙ୍କ ଶେରଗଡ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ, ହିଞ୍ଜିଳି ମ୍ୟୁନିସିପାଲିଟିର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ, ଶେରଗଡ଼ ବ୍ଲକ ବିଜେଡି

### ଧବଳପୁର ବିଜେପି ମଣ୍ଡଳ ସଭାପତିଙ୍କ ସମେତ ୫ ଗିରଫ

ସଭାପତି ଶରତଚନ୍ଦ୍ର ପାତ୍ର, ଶେରଗଡ ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି କାହ୍ନୁ ଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ଶହ ଶହ ଦଳୀୟ କର୍ମୀ, ସରପଞ୍ଚ, ସମିତି ସଭ୍ୟ ଏବଂ ନିର୍ବାଚିତ ପ୍ରତିନିଧି ସାମିଲ ହୋଇଥିଲେ। ଖବର ପାଇ ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା ବିଜେଡି ପ୍ରତିନିଧି ଦଳ ଏବଂ ଅଧ୍ୟକ୍ଷଙ୍କ ପୁଅ ଅଶୋକଙ୍କ ସହିତ ଆଲୋଚନା କରିଥିଲେ। ଏସ୍‌ଡିପିଓ ଘଟଣାରେ ସମ୍ପୃକ୍ତ ସମସ୍ତ ଆସାମୀଙ୍କୁ ସିସିଟିଭି ଫୁଟେଜ ଆଧାରରେ ଯଥାଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଥାନା ଘେରଉ ହଟିଥିଲା।

# ଦ୍ରୁତ ଓ ସୁନିଶ୍ଚିତ ନ୍ୟାୟ ପ୍ରଦାନ କରୁଛି ବିଏନ୍‌ଏସ୍: ଡିଜିପି

ଭୁବନେଶ୍ୱର, ୧୧।୩ (ସମିସ): ସମ୍ବିଧାନ ସଂଶୋଧନ ପ୍ରକ୍ରିୟାରେ ଶତାବ୍ଦୀ ପୁରୁଣା ଆଇନକୁ ହଟାଯାଇ ଅଣାଯାଇଥିବା ତିନି ନୂତନ ଆପରାଧିକ ଆଇନ ବ୍ୟବସ୍ଥାରେ ପୀଡ଼ିତଙ୍କୁ ଦ୍ରୁତ ଓ ସୁନିଶ୍ଚିତ ନ୍ୟାୟ ପ୍ରଦାନ କରାଯିବା ସହିତ ତଦନ୍ତ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପ୍ରଯୁକ୍ତି ନିର୍ଭର ଓ ପ୍ରଭାବଶାଳୀ କରାଯାଇଛି ବୋଲି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମତବ୍ୟକ୍ତ କରିଛନ୍ତି। ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ନ୍ୟାୟ ସଂହିତା ପ୍ରଦର୍ଶନୀ' ପରିଦର୍ଶନ ଅବସରରେ ଗଣମାଧ୍ୟମ ସଂପାଦକମାନଙ୍କ ସହ ଆଲୋଚନା ବେଳେ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି, ଆପରାଧିକ ତଦନ୍ତ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ ଓ ପ୍ରଭାବୀ କରିବା ଲକ୍ଷ୍ୟରେ ଫୋରେନ୍‌ସିକ ତଦନ୍ତ, ଡିଜିଟାଲ୍ ପ୍ରମାଣର ସ୍ୱୀକୃତି ଓ ସମୟସୀମା ମଧ୍ୟରେ ତଦନ୍ତ ଶେଷ କରିବାକୁ ଏହି ଆଇନର ପରିସରଭୁକ୍ତ କରାଯାଇଛି।



'ନ୍ୟାୟ ସଂହିତା ପ୍ରଦର୍ଶନୀ'ର ଷଷ୍ଠ ଦିନରେ ବୁଧବାର ରାଜ୍ୟର ବିଭିନ୍ନ ସମ୍ବାଦପତ୍ର ତଥା ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକ ଓ ବ୍ୟୁରୋ ଚିଫ୍‌ମାନେ ପ୍ରଦର୍ଶନୀ ବୁଲିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ। ଏଥିସହିତ ଭିନ୍ନ ଭିନ୍ନ ସମୟରେ ନ୍ୟାୟିକ ବିଭାଗର ଅଧିକାରୀ ଓ କର୍ମଚାରୀ, ଗୃହ ବିଭାଗର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର କ୍ରୀଡ଼ାବିତମାନେ ପ୍ରଦର୍ଶନୀକୁ ପରିଦର୍ଶନ କରି ଭାରତର ନୂତନ ଆପରାଧିକ ଆଇନ ସମ୍ପର୍କରେ ଅବଗତ ହୋଇଛନ୍ତି।

ପ୍ରଦର୍ଶନୀରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ନୂତନ ଆପରାଧିକ ଆଇନରେ ତଦନ୍ତ ପ୍ରକ୍ରିୟା, ପୀଡ଼ିତଙ୍କ ଅଧିକାର, ବୈଜ୍ଞାନିକ କୌଶଳ ପ୍ରୟୋଗ ଓ ଶୀଘ୍ର ନ୍ୟାୟ ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କୁ ସଚେତନ କରାଯାଉଛି। କଳାକାରମାନେ 'ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ' ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶୈକ୍ଷିକ ଶୈଳୀରେ ପ୍ରଦର୍ଶିତ କରୁଛନ୍ତି। ଅପରାଧ ଘଟଣାରୁ ଆରମ୍ଭ କରି ପୁଲିସ ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ପର୍ଯ୍ୟନ୍ତ ସମଗ୍ର ଘଟଣାକୁ ନାଟକ ମାଧ୍ୟମରେ ଦେଖାଯାଉଥିବାରୁ ଦର୍ଶକମାନେ ସହଜରେ ନୂତନ ଆଇନର ବିଭିନ୍ନ ପ୍ରାସଙ୍ଗିକତା ବୁଝିପାରୁଛନ୍ତି।

# ଏଲ୍‌ପିଜି ଦରବୃଦ୍ଧି ପ୍ରତିବାଦରେ ବିଜେଡିର ବିଶାଳ ବିକ୍ଷୋଭ

## ରନ୍ଧନ ଗ୍ୟାସ୍ ସମସ୍ୟା ସମାଧାନ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ଧମକ

ଭୁବନେଶ୍ୱର,୧୧।୩(ସମିସ): ଏଲପିଜି ସିଲିଣ୍ଡର, ଖାଇବା ତେଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଦୃଢ଼ ପ୍ରତିବାଦ କରିଛି ବିଜେଡି। ବୁଧବାର ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଏହି ସମସ୍ୟା ସମାଧାନ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ଧମକ ଦେଇଛି ।

ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର କର୍ମୀ, ମହିଳା, ଯୁବ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଏହି ପ୍ରତିବାଦ ସାମିଲ ହୋଇଥିଲେ। ବିଜେପି ସରକାରଙ୍କ ଅବହେଳା ଓ ନିଷ୍କ୍ରିୟତା ବିରୋଧରେ ସ୍ଲୋଗାନ୍ ଦେଇ ରାସ୍ତା ଉପରେ କାଠ ଚୁଲାରେ ରୋଷେଇ କରି ପ୍ରତିବାଦ କରିଥିଲା ବିଜେଡି । ଗତ ମାର୍ଚ୍ଚ ୭ ତାରିଖରୁ ସାରା ଦେଶରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ବାଣିଜ୍ୟିକ ସିଲିଣ୍ଡର ଦର ୧୧୫ ଟଙ୍କା ବୃଦ୍ଧି ପାଇଛି। ଏହି ଦରବୃଦ୍ଧି ସାଧାରଣ ଜନତା, ଛୋଟ ବ୍ୟବସାୟୀ ଓ ବାଣିଜ୍ୟିକ ସଂସ୍ଥାମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ପକାଇଛି। ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ସୁଭଦ୍ରା ଯୋଜନା ନାମରେ ମହିଳାମାନଙ୍କୁ ୫୦,୦୦୦ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ମାତ୍ର ୫,୦୦୦ ଟଙ୍କା ଦେଇ ଠକିଛି



ବିଜେପି ସରକାର । ମହିଳାମାନଙ୍କ ଆର୍ଥିକ ସୁରକ୍ଷାକୁ ମଜବୁତ କରିବା ପରିବର୍ତ୍ତେ ସରକାର ଦରବୃଦ୍ଧି ମାଧ୍ୟମରେ ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ ଯେ ଆଗରୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର କମିଥିବା ସତ୍ତ୍ୱେ ସେହି ଲାଭ ସାଧାରଣ ଲୋକଙ୍କୁ ଦିଆଯାଇ ନଥିଲା । ଡବଲ୍ ଇଞ୍ଜିନ ସରକାର ତେଲ କମ୍ପାନୀମାନଙ୍କ ସ୍ୱାର୍ଥରେ କାମ କରୁଛି ଓ ସରକାର ତେଲ ବ୍ୟବସାୟକୁ ସଠିକ୍ ଭାବେ ପରିଚାଳନା କରିବାରେ ବିଫଳ ହୋଇଛନ୍ତି। ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ଲକ୍ଷାଧିକ ଛାତ୍ରଛାତ୍ରୀ ହଷ୍ଟେଲରେ ରହୁଥିବାରୁ କମନ୍ ମେସ ଖର୍ଚ୍ଚ ବଢ଼ିବ ଏବଂ ମାସିକ ଖର୍ଚ୍ଚର ଭାର ବଢ଼ିଯିବ। ଛାତ୍ରଛାତ୍ରୀମାନେ ଏହାଦ୍ୱାରା ବେଶୀ ପ୍ରଭାବିତ ହେବେ। ଏଲପିଜି ଯୋଗାଣ ସୁନିଶ୍ଚିତ କରିବାକୁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସାରା ରାଜ୍ୟରେ ବିଶାଳ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ।

ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଟୁକୁନି ସାହୁ, ସୁଲୋଚନା ଦାସ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ଲେଖାଶ୍ରୀ ସାମନ୍ତସିଂହାର, ଡ. ପ୍ରିୟବ୍ରତ ମାଝୀ, ମୀନତି ବେହେରା, ଲୋପାମୁଦ୍ରା ବକ୍ସିପାତ୍ର, ଗୀତାଞ୍ଜଳି ବସ୍ତିଆ, ଅସୀମା ମହାନନ୍ଦ, ସୁନୀତି ସିଂହ, ମଞ୍ଜୁଲତା କହଁର, ରିଜୱାନା ବେଗମ, ଭାରତୀ ସିଂହ, ମାନସୀ ସୁନ୍ଦରରାୟଙ୍କ ସହ ହଜାର ହଜାର କର୍ମୀ ଯୋଗ ଦେଇଥିଲେ ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଅଚାନକ ଖୁସି ଖବର ପାଇବେ। ଚାକିରିରେ ବଦଳି ହୋଇପାରେ। ରାଜନୀତିରେ ସଫଳ ହେବେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ବୃଷ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଧୈର୍ଯ୍ୟ ଧରି କାମ କରନ୍ତୁ। ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ବୁଝି ବିଚାରି କାମ କରନ୍ତୁ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ନିବେଶରୁ ଲାଭ ପାଇବେ। ଅପ୍ରିୟ ସତ କଥା କହି ସମସ୍ୟାରେ ପଡ଼ିପାରନ୍ତି। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**କନ୍ୟା:** ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ।

**ତୁଳା:** ପୁରୁଣା ବନ୍ଧୁ ସହ ସାକ୍ଷାତ ହୋଇପାରେ। ବୈବାହିକ ଜୀବନ ସୁଖମୟ ହେବ। ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ।

**ମକର:** ଅଚାନକ ଖୁସି ଖବର ପାଇପାରନ୍ତି। ନୂତନ ଯାନବାହନ କ୍ରୟ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ।

**କୁମ୍ଭ:** ଆୟ ଅନୁସାରେ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହିତ ଖୁସିର ସମୟ ଅତିବାହିତ କରିବେ। ବନ୍ଧୁଙ୍କଠାରୁ ଉପହାର ପାଇପାରନ୍ତି। ଘର ପାଇଁ ନୂଆ ଜିନିଷ କିଣିବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୦୪- ବ୍ରିଟେନ୍‌ରେ ପ୍ରଥମ ଥର ପାଇଁ ଇଲେକ୍ଟ୍ରିକ୍ ଟ୍ରେନ୍ ଚାଲିଲା।
- ୧୯୩୦-ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମରୁ ଦାଣ୍ଡି ଯାତ୍ରା ଆରମ୍ଭ କଲେ।
- ୧୯୫୪- ଭାରତ ସରକାର ସାହିତ୍ୟ ଅକାଦେମୀର ଆରମ୍ଭ କଲେ।
- ୧୯୬୭- ଇନ୍ଦିରା ଗାନ୍ଧୀ ଦ୍ୱିତୀୟ ଥର ଭାରତର ପ୍ରଧାନମନ୍ତ୍ରୀ ହେଲେ।

## ଅଜବ ଗଜବ

# ଖାଆନ୍ତି କାର୍ଡବୋର୍ଡ



ଆମେରିକାର ଲୋକପ୍ରିୟ ଟେଲିଭିଜନ ଶୋ' 'ମାଇଁ ଷ୍ଟ୍ରେଞ୍ଜ ଆଡ୍‌କିସନ୍'ରେ ଏକ ଆଶ୍ଚର୍ଯ୍ୟ କଲା ଭଳି କାହାଣୀ ସାମ୍ନାକୁ ଆସିଛି। ଏହି ଶୋ'ରେ ଏପରି ଲୋକମାନଙ୍କୁ ଦେଖାଯାଏ ଯେଉଁମାନଙ୍କର ଅଭ୍ୟାସ ସାଧାରଣ ଲୋକଙ୍କଠାରୁ ଭିନ୍ନ ହୋଇଥାଏ। ନିକଟରେ ଏହି ଶୋ'ରେ ଟେରି ନାମକ ଜଣେ ଲୋକଙ୍କ କାହାଣୀକୁ ଦେଖାଯାଇଥିଲା, ଯାହାଙ୍କର କାର୍ଡବୋର୍ଡ ଖାଇବା ଅଭ୍ୟାସ ରହିଛି। ଏନେଇ ଟେରିଙ୍କ କହିବା କଥା, ଛଅ ବର୍ଷ ବୟସରେ ସେ ପ୍ରଥମେ କାର୍ଡବୋର୍ଡ ଖାଇବା ଆରମ୍ଭ କଲେ। ସେ କାର୍ଡବୋର୍ଡର ଏକ ଛୋଟ ଖଣ୍ଡକୁ ପାଟିରେ ପୂରାଇବାରୁ ଏହା ତାଙ୍କୁ ଭଲ ଲାଗିଥିଲା। ସେବେଠାରୁ ଟେରି ଏହି ଅଭ୍ୟାସକୁ ଆଉ ଛାଡ଼ି ପାରି ନ ଥିଲେ। ଶୋ'ରେ ଟେରିଙ୍କୁ ରୋଷେଇ କରୁଥିବାର ଦେଖାଯାଇଥିଲା। ସେ ଜଳଖିଆ ପାଇଁ ପ୍ରଥମେ ଅଣ୍ଡାକୁ ସିଝାଇ ଭାଜିଥିଲେ। ଏହାପରେ ସେ ଏକ ପ୍ଲାଷ୍ଟିକ୍ ବ୍ୟାଗ୍ ମଧ୍ୟରୁ ଛୋଟ ଛୋଟ କାର୍ଡବୋର୍ଡ ବାହାର କରି ଏହାକୁ ଅଣ୍ଡା ଉପରେ ପକାଇ ଦେଇଥିଲେ। ଘରର ସମସ୍ତ ସଦସ୍ୟ ଶୋଇଥିବାବେଳେ ସେ ସକାଳ ଜଳଖିଆ ପ୍ରସ୍ତୁତ କରୁଥିବା ଟେରି କହିଛନ୍ତି। କାରଣ କେହି ତାଙ୍କୁ କାର୍ଡବୋର୍ଡ ଖାଉଥିବାର ନ ଦେଖୁ ବୋଲି ଟେରି ଚାହାନ୍ତି। ଯଦି କାର୍ଡବୋର୍ଡରେ ଧୂଳିମଳି ଜମିଯାଇଥାଏ ସେ ଏହାକୁ ଧୋଇ ଶୁଖାଇ ଦିଅନ୍ତି ଓ ପରେ ଏହାକୁ ଖାଆନ୍ତି। କାର୍ଡବୋର୍ଡ ଶୁଖିବା ପରେ ଏହାର ସ୍ୱାଦ ଅଲଗା ହୋଇଯାଏ ବୋଲି ଟେରି କହିଛନ୍ତି। ଟେରି ନିଜକୁ କାର୍ଡବୋର୍ଡ କିଙ୍ଗ୍ କହିବା ସହ ଏହାକୁ ଖାଇବା ପରେ ତାଙ୍କ ପାଖକୁ ଏକ ଅଦ୍ଭୁତ ଶକ୍ତି ଆସି ଯାଉଥିବା କହିଛନ୍ତି। ତେବେ ତାଙ୍କର ଏପରି ଅଭ୍ୟାସକୁ ଲୋକେ ସହଜରେ ଗ୍ରହଣ କରିବେ ନାହିଁ ବୋଲି ଟେରିଙ୍କ ମନରେ ଭୟ ରହିଛି। ଡାକ୍ତରୀ ଭାଷାରେ ଏହାକୁ ପିକା ରୋଗ କୁହାଯାଏ। ଏହି ରୋଗରେ ପୀଡ଼ିତ ବ୍ୟକ୍ତି ଅଖାଦ୍ୟ (ମାଟି, କାଗଜ, କେଶ, ପ୍ଲାଷ୍ଟିକ୍ ଆଦି) ଖାଇବା ପ୍ରତି ଆଗ୍ରହ ପ୍ରକାଶ କରିଥାଏ। ତେବେ ନିୟମିତ କାର୍ଡବୋର୍ଡ ଖାଇବା ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ ହୋଇଥାଏ। ଏହାକୁ ନିୟମିତ ଖାଇବା ଦ୍ୱାରା ଦାନ୍ତ ଖରାପ ହେବା ସହ ପେଟରେ ବ୍ଲକେଜ୍, ଅନ୍ତନଳୀ କିମ୍ବା ଯକୃତରେ ସମସ୍ୟା ଦେଖାଯିବା ଆଶଙ୍କା ଥାଏ।

# 'ନାଗଜିଲା' ସେଟ୍‌ରୁ ଫଟୋ ସେୟାର୍ କଲେ କାର୍ତ୍ତିକ୍





ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ୍ ଆର୍ୟନ୍ ତାଙ୍କର ଆଗାମୀ ଫିଲ୍ମ 'ନାଗଜିଲା'ର ସୁଟିଂ ଆରମ୍ଭ କରି ଦେଇଛନ୍ତି। 'ତୁ ମେରି ମେଁ ତେରା ମେଁ ତେରା ତୁ ମେରି'ର ବିଫଳତା ପରେ କାର୍ତ୍ତିକ୍‌ଙ୍କୁ 'ନାଗଜିଲା'ରୁ ବାଦ୍ ଦିଆଗଲା ବୋଲି ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ଏସବୁ ଗୁଜବ ଥିଲା ବୋଲି ଏବେ ତାହା ପ୍ରମାଣିତ ହୋଇଛି। କାରଣ କାର୍ତ୍ତିକ୍ 'ନାଗଜିଲା' ସେଟ୍‌ରୁ ନିକଟରେ ଫଟୋ ସେୟାର୍ କରିଛନ୍ତି। ଏଥିରୁ ସେ ଏହି ଫିଲ୍ମ ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। କରନ୍ ଜୋହର୍ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ସେହିଭଳି ମୃଗଦୀପ ସିଂହ ଲାମ୍ବା ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଏହା ଏଇବର୍ଷ ଅଗଷ୍ଟ ୧୪ରେ ପରଦାକୁ ଆସିବ। ଦର୍ଶକେ କାର୍ତ୍ତିକ୍‌ଙ୍କୁ ଇଚ୍ଛାଧାରୀ ନାଗ ଭୂମିକାରେ ଦେଖିବା ପାଇଁ ବେଶ୍ ଉତ୍ସାହିତ ଅଛନ୍ତି। କାର୍ତ୍ତିକ୍ 'ନାଗଜିଲା' ବାଦ୍ ସାଉଥ୍ ସୁନ୍ଦରୀ ଶ୍ରୀଲୀଲାଙ୍କ ସହ ଏକ ରୋମାଣ୍ଟିକ୍ ଥ୍ରିଲର୍ ଫିଲ୍ମରେ ମଧ୍ୟ ନଜର ଆସିବେ। ଏହାର ଟାଇଟଲ ରହିଛି 'ତୁ ମେରି ଜିନ୍ଦେଗି ହେ'। ଅନୁରାଗ ବସୁ ଏହାର ନିର୍ଦ୍ଦେଶନା ଦେଉଛନ୍ତି।

## ଫେରିଲା ୫୦ ବର୍ଷ ତଳର ପରମ୍ପରା

# ୨୫ ଶଗଡ଼ ଗାଡ଼ିରେ ୨୦୦ ବରଯାତ୍ରୀ





ଉତ୍ତର ପ୍ରଦେଶ ହମିର୍‌ପୁରରେ ୫୦ ବର୍ଷ ତଳର ଏକ ପୁରୁଣା ପରମ୍ପରାକୁ ପୁର୍ନଜୀବିତ କରାଯାଇଛି। ହମିର୍‌ପୁର ଜିଲ୍ଲା ଗୁଡ଼ା ଗ୍ରାମର ବାସିନ୍ଦା ଜାଗେନ୍ଦ୍ର ଦ୍ୱିବେଦୀଙ୍କ ପୁଅ ମୋହିତ୍ ଦ୍ୱିବେଦୀଙ୍କ ବିବାହ ଭେଡି ଜଲାଲାପୁର ନିବାସୀ ବିବେକ ପାଠକଙ୍କ ଝିଅ ମୋହିନୀ ପାଠକଙ୍କ ସହ ସ୍ଥିର ହୋଇଥିଲା। ଉଭୟ ପରିବାର ବର ଓ ବରଯାତ୍ରୀମାନେ ଶଗଡ଼ ଗାଡ଼ିରେ ଆସନ୍ତୁ ବୋଲି ଇଚ୍ଛା କରିଥିଲେ। ଏଥିପାଇଁ ୨୫ଟି ଶଗଡ଼ଗାଡ଼ି ପୂର୍ବରୁ ବୁକ୍ କରାଯାଇଥିଲା। ବିବାହ ଦିନ (ଫେବୃଆରୀ ୨୫) ବର, ବରଯାତ୍ରୀଙ୍କ ସହ ଶଗଡ଼ଗାଡ଼ିରେ ବସି ପୂରାପୂରି ଦେଶୀ ଅନ୍ଦାଜରେ ରୋଷଣି କରି ଯାଇଥିଲା। ତିନି କିଲୋମିଟର ଯାଏଁ ରୋଷଣି ଚାଲିଥିଲା। ବର ଶଗଡ଼ଗାଡ଼ିରେ ୨୦୦ ବରଯାତ୍ରୀଙ୍କ ସହ ବିବାହସ୍ଥଳରେ ପହଞ୍ଚିଥିଲା। ପୂରାପୂରି ପାରମ୍ପରିକ ଭାବେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରୋଷଣି ସମୟରେ ମହିଳାମାନେ ବୁନ୍ଦେଲଖଣ୍ଡି ଗୀତ ଗାଇବା ସହ ତମ୍ବୁରା ଭଜନ ମଧ୍ୟ ଗାନ କରିଥିଲେ। ବରଯାତ୍ରୀଙ୍କୁ ପତ୍ର ଉପରେ ଖାଦ୍ୟ ପରସା ଯାଇଥିଲା। ଏଥିରେ କଖାରୁ ତରକାରି, ଆଳୁ ବାଇଗଣ ତରକାରି ସହ ଅନେକ ପାରମ୍ପରିକ ବ୍ୟଞ୍ଜନ ପରଷା ଯାଇଥିଲା। ବିବାହ ପୂରାପୂରି ନିରାଡମ୍ବର ଭାବେ କରାଯାଇଥିଲା। ବିବାହ ସରିବା ପରେ କନିଆ ଶଗଡ଼ ଗାଡ଼ିରେ ଶାଶୂଘରକୁ ଫେରିଥିଲା।

# ତନ୍ତରୁ ସ୍ୱାବଲମ୍ବୀ



**ବର୍ତ୍ତମାନ ସମୟରେ ମହିଳାମାନେ ଖାଲିରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି। କିଏ ଚାଷ କାର୍ଯ୍ୟ ତ କିଏ, କୁଟୀର ଶିଳ୍ପ ଏବଂ ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହାଦ୍ୱାରା ନିଜ ଖର୍ଚ୍ଚ ତୁଲାଇବା ସହ ପରିବାର ପ୍ରତିପୋଷଣ ଭାର ସେମାନେ ନିଜ କାନ୍ଧକୁ ନେଇଥାନ୍ତି। ସେମିତି ଜଣେ ମହିଳା ହେଲେ, ମଧ୍ୟ ପ୍ରଦେଶ ଭରତପୁର ଗାଁର ଗୁଡ୍ଡୁ ରାୱତ୍। ଯେ କି ତନ୍ତରେ ଭଳିକି ଭଳି ଲୁଗାବୁଣି ସ୍ୱାବଲମ୍ବୀ ହୋଇଛନ୍ତି। ଏଥିସହ ଅନ୍ୟ ମହିଳାଙ୍କୁ ଲୁଗାବୁଣା ତାମିଲ ପ୍ରଦାନ କରି ସେମାନଙ୍କୁ ରୋଜଗାରକ୍ଷମ କରୁଛନ୍ତି।**

ମାତ୍ର ୧୪ ବର୍ଷ ବୟସରେ ଗୁଡ୍ଡୁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଏହାପରେ ସେ ପରିବାରର ଦାୟିତ୍ୱ ବହନ କରିଥିଲେ। ତାଙ୍କ ସ୍ୱାମୀ ଜଣେ ଟ୍ରକ୍ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାରୁ ସୀମିତ ଆୟରେ ଘର ଖର୍ଚ୍ଚ ତୁଲାଇବା ତାଙ୍କ ପାଇଁ ଖୁବ୍ କଠିନ ହୋଇପଡ଼ିଥିଲା। ଫଳରେ ସେ ପରିବାରକୁ ସାହାଯ୍ୟ କରିବା ପାଇଁ କ୍ଷେତରେ ଶ୍ରମିକ ଭାବେ କାର୍ଯ୍ୟ କଲେ। କ୍ଷେତରେ ଦିନସାରା କଠିନ ପରିଶ୍ରମ କଲେ ଏହା ବାବଦକୁ ୪ କିଲୋ ଗହମ ମିଳୁଥିଲା। ଏତିକିରେ ପରିବାରର ଆବଶ୍ୟକତା ମେଣ୍ଟାଇବା ଖୁବ୍ କଠିନ ଥିଲା। ହେଲେ ଏଥିରେ ସେ ହାର ନ ମାନି ନୂଆ ବିକଳ୍ପ ଖୋଜିଥିଲେ। ସେତେବେଳେ ଭରତପୁର ଗାଁରେ ଜୀବିକା ମିଶନ ଅନୁଯାୟୀ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସମବାୟ ସମିତି ଆରମ୍ଭ ହୋଇଥିଲା। ସମିତି ପ୍ରବନ୍ଧକ ଶୈଳେନ୍ଦ୍ର ସିଂହଙ୍କ ମାର୍ଗଦର୍ଶନରେ ଗୁଡ୍ଡୁ ଏଥିରେ ଯୋଡ଼ି ହୋଇଥିଲେ। ଏଠାରେ ସେ ତନ୍ତରେ ଲୁଗାବୁଣା ତାଲିମ୍ ନେଇଥିଲେ। ପ୍ରାରମ୍ଭରେ ସେ ସାଧାରଣ ସୂତାରୁ ଲୁଗା ବୁଣିବା ଶିଖିଲେ। ହେଲେ ଧୀରେ ଧୀରେ ସେ ଏହି କାର୍ଯ୍ୟରେ ସଫଳ ହୋଇଥିଲେ। ଏବେ ସେ ସୂକ୍ଷ୍ମ ସୂତାରୁ ସୁନ୍ଦର ଏବଂ ଲୁଗା ପ୍ରସ୍ତୁତ କରୁଛନ୍ତି।

ହସ୍ତତନ୍ତ ଏକ ପାରମ୍ପରିକ କଳା ଭାବେ ଜଣାଯାଏ। ଏଥିରେ ବିନା ବିଦ୍ୟୁତରେ ହାତରେ କପଡ଼ା ବୁଣି ଲୁଗା ପ୍ରସ୍ତୁତ କରାଯାଏ। ସେ କଠିନ ପରିଶ୍ରମ କରି ଏହାକୁ ଶିଖି ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଏବେ ସେ ଭରତପୁର ୧୫୦ ମହିଳାଙ୍କୁ ଏହି ହସ୍ତତନ୍ତ ପ୍ରଶିକ୍ଷଣ ଦେଉଛନ୍ତି। କାଠନିର୍ମିତ ଏହି ତନ୍ତରେ ମହିଳାମାନେ ହାତରେ କପଡ଼ା ବୁଣି ତାକୁ ସୁନ୍ଦର ଡିଜାଇନ୍ କରିଥାନ୍ତି। ଏପରି କରି ଦୈନିକ ୯ ରୁ ୧୦ ମିଟର କପଡ଼ା ବୁଣନ୍ତି। ଏଥିରୁ ଦୈନିକ ୫୦୦ - ୭୦୦ ରୋଜଗାର ହୋଇଥାଏ।

## ସୁଶ୍ରୀ

# ପିସ୍ତା ଖୋଳରୁ ସଜାନ୍ତୁ ବୋତଲ



ସାଧାରଣତଃ ପିସ୍ତା ବାଦାମ ଖାଇବା ପରେ ଲୋକେ ଏହାର ଖୋଳକୁ ଅଦରକାରୀ ଭାବି ଏଣେତେଣେ ଫୋପାଡ଼ି ଦିଅନ୍ତି। ହେଲେ ଚାହିଁଲେ ଏହାକୁ ନ ଫୋପାଡ଼ି ଏଥିରୁ ସୁନ୍ଦର ଘରସଜ୍ଜା ଉପକରଣ ଏବଂ ପାଣି ବୋତଲକୁ ନୂଆ ଡିଜାଇନରେ ସଜାଇ ପାରିବେ ଜାଣିବା ସେ ବିଷୟରେ...

- ପ୍ରଥମେ ଘରେ ଥିବା କାଚ ବୋତଲକୁ ସଫା କରି ଶୁଖାନ୍ତୁ। ଏହାପରେ ବାଦାମ ଖୋଳକୁ ପରିଷ୍କାର କରି ଧୁଅନ୍ତୁ।
- ଏହାପରେ ବୋତଲକୁ ନିଜ ପସନ୍ଦ ମୁତାବକ ନାଲି, ହଳଦିଆ, ହାଲୁକା କିମ୍ବା ଗୋଲାପୀ ଆକ୍ରେଲିକ୍ ରଙ୍ଗ କରନ୍ତୁ।
- ବୋତଲ ରଙ୍ଗ କରିବା ପରେ ଅଠା ସାହାଯ୍ୟରେ ପିସ୍ତା ଖୋଳଗୁଡ଼ିକୁ ବୋତଲ ଉପରେ ଚିପ୍‌କାନ୍ତୁ। ଏହାକୁ ଗୋଟିଏ ସ୍ଥାନରେ ନ ରଖି, ସମ୍ପୂର୍ଣ୍ଣ ବୋତଲରେ ଲଗାନ୍ତୁ।
- ଏହାକୁ ରଙ୍ଗ କରି ଏହା ଉପରେ ନିଜ ପସନ୍ଦ ଅନୁସାରେ ଫଳ ତଥା ଷ୍ଟ୍ରବେରୀ, ସପୁରୀ ଆଦି ଚିତ୍ର କରିପାରିବେ। ଏହା ବୋତଲକୁ ଖୁବ୍ ସୁନ୍ଦର କରିଥାଏ।

## ମୋ ହାଣ୍ଡିଶାଳରୁ...

# ମାଣ୍ଡିଆ ଲସି



### ଆବଶ୍ୟକ ସାମଗ୍ରୀ

ମାଣ୍ଡିଆ -ଏକ କପ୍, ଦହି – ଏକ କପ୍, ପାଚିଲା କଦଳୀ– ଦୁଇଟି, କାଜୁ – ଦୁଇଟି, ଗୁଡ଼ ପାଉଡର୍ – ଦୁଇ ଚାମଚ, ବରଫ – ଚାରି ପାଞ୍ଚଖଣ୍ଡ, କିସ୍‌ମିସ୍- ଚାରୋଟି, କୋରା ନଡ଼ିଆ – ଏକ ଚାମଚ, ଡାଳିମ୍ବ – ଏକ ଚାମଚ, ଲୁଣ– ଅଧା ଚାମଚରୁ ଅଳ୍ପ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗୋଟିଏ ପାତ୍ରରେ ମାଣ୍ଡିଆ ନେଇ ସେଥିରେ ଅଳ୍ପ ପାଣି ଦେଇ ଘାଣ୍ଟି ଦିଅନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଅଳ୍ପ ପାଣି ଦେଇ ଫୁଟାନ୍ତୁ। ଏହାପରେ ସେଥିରେ ଗୋଳାଇ ରଖିଥିବା ମାଣ୍ଡିଆ ଦିଅନ୍ତୁ। ଏହାକୁ ଫେଣ୍ଟି ବହଳିଆ କରନ୍ତୁ। ପରେ ଏହାକୁ ଗ୍ରାଇଣ୍ଡିଙ୍ଗ୍ ଜାର୍‌ରେ ଦେଇ ସେଥିରେ ଅଳ୍ପ ଦହି, କଦଳୀ, ଗୁଡ଼ ପାଉଡର ସମେତ ବରଫ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ ଏହାକୁ ଏକ କାଚ ଗ୍ଲାସ୍‌ରେ କାଢ଼ି ସେଥିରେ କାଜୁ, କିସ୍‌ମିସ୍, ଡାଳିମ୍ବ ସମେତ ବନ୍‌ଭିଟା ଗୁଣ୍ଡ ଦେଇ ପରଷନ୍ତୁ ଖରାଦିନିଆ ସ୍ୱାଦିଷ୍ଟ 'ମାଣ୍ଡିଆ ଲସି'।

# ଜେନ୍ ଜି ଟ୍ରାଉଜର୍

ବର୍ତ୍ତମାନ ସମୟରେ ଜେନ୍ ଜି ଷ୍ଟାଇଲ୍‌ଠୁ ଅଧିକ ଆରାମକୁ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ଟ୍ରାଉଜର୍ ପିନ୍ଧିବାକୁ ଅଧିକ ପସନ୍ଦ କରୁଛନ୍ତି। ବୟସ୍କ ପିନ୍ଧୁଥିବା ଏହି ଟ୍ରାଉଜର ଏବେ ଯୁବପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟ ରହିଛି। ଏହା ଆରାମଦାୟକ ହେବା ସହ ପିନ୍ଧିଲେ ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ମର୍ଣ୍ଣିଙ୍ଗ୍‌ୱାକ୍‌ରୁ ନେଇ ଆଉଟିଙ୍ଗ୍ ସବୁ ସ୍ଥାନକୁ ଏହାକୁ ସହଜରେ ପିନ୍ଧି ଯାଇପାରିବେ। ଜାଣିବା ସେ ବିଷୟରେ...



### ଟେଲାଇ ଟ୍ରାଉଜର

ଅଫିସ୍ ତଥା କାର୍ଯ୍ୟସ୍ଥଳୀକୁ ପାଇଁ ଏହି ଟ୍ରାଉଜର୍ ଭଲ ହୋଇଥାଏ। ହାଇୱେଷ୍ଟ, ପ୍ଲେଟେଡ୍ ୱାଇଡ୍ ଲେଗ୍, ଏବଂ ଷ୍ଟ୍ରେଟ୍ କଟ୍ ଭଳି ପ୍ୟାଣ୍ଟ ଭଲ ମାନିଥାଏ। ଏହାକୁ ଉଭୟ ଏନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରୁ କିଣିପାରିବେ।

### କାଜୁଆଲ୍ ୱେୟାର୍ ପାଇଁ କାର୍ଗୋ

ସାଧାରଣତଃ ଦିନପିନ୍ଧା କରିବାକୁ ଚାହୁଁଥିଲେ ଢିଲା ତଥା କାର୍ଗୋ ପ୍ୟାଣ୍ଟ ପିନ୍ଧିପାରିବେ। କଟନ, ହାଲୁକା ଫ୍ୟାବ୍ରିକ୍ ଏହି ଟ୍ରାଉଜର ପ୍ରତିଦିନ ଧାଦୌଡ଼ ପାଇଁ ଭଲ ହୋଇଥାଏ। ଏହା ଆରାମଦାୟ ଲାଗିବା ସହ ଖରାଦିନ ପାଇଁ ଭଲ।

### ଟ୍ରାଭେଲ୍ ପାଇଁ ବାଗି ଟ୍ରାଉଜର୍

ବ୍ୟାଗି ଟ୍ରାଉଜର୍ ଢିଲା ହେବା ସହ ଏଥିରେ ଅଧିକ ପକେଟ୍ ଥାଏ। ତେଣୁ ଏହା ଟ୍ରାଭେଲ ପାଇଁ ଖୁବ୍ ଭଲ ହୋଇଥାଏ। ଏହା ପୂର୍ବରୁ ଷ୍ଟ୍ରିଟ୍ ଷ୍ଟାଇଲ୍ ଭାବେ ଜଣାଯାଉଥିବାବେଳେ ଏବେ ଏହା ଟ୍ରାଭେଲ୍ ପାଇଁ ଖୁବ୍ ଆରାମଦାୟକ ହୋଇଛି। ପକେଟ୍ ଏହାର ଡିଜାଇନକୁ ଆକର୍ଷଣୀୟ କରିଥାଏ।

## ଆଇପିଏଲ୍-୧୯ : ପ୍ରଥମ ୨୦ ମ୍ୟାଚ୍‌ର କାର୍ଯ୍ୟସୂଚୀ ଜାରି

# ବେଙ୍ଗାଲୁରୁ-ହାଇଦରାବାଦ୍ ଉଦ୍‌ଘାଟନୀ ଲଢ଼େଇ

ମୁମ୍ବାଇ, ୧୧ ।୩ (ଏଜେନ୍ସି)



ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ସନରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଆଇପିଏଲ୍-୨୦୨୬ର ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ମାର୍ଚ୍ଚ ୨୮ ତାରିଖରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏହି ମ୍ୟାଚ୍ ସହ ଆଇପିଏଲ୍‌ର ୧୯ତମ ସଂସ୍କରଣ ଆରମ୍ଭ ହେବ। ଏକାଧିକ ରାଜ୍ୟ



(ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଓ ଆସାମ)ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଏହାକୁ ନଜରରେ ରଖି ବିସିସିଆଇ ପକ୍ଷରୁ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ଜାରି କରାଯାଇଛି। ଯେଉଁଥିରେ ଏପ୍ରିଲ ୧୨ ପର୍ଯ୍ୟନ୍ତ ପ୍ରଥମ ୨୦ଟି ମ୍ୟାଚ୍‌ର କାର୍ଯ୍ୟସୂଚୀ ରହିଛି। ପରବର୍ତ୍ତୀ ସମୟରେ ନିର୍ବାଚନ ତାରିଖ ସ୍ପଷ୍ଟ ହୋଇଗଲେ ଏହାକୁ ଧ୍ୟାନରେ ରଖି ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଘୋଷଣା କରାଯିବ।

ସର୍ବାଧିକ ପାଞ୍ଚଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମାର୍ଚ୍ଚ ୨୯ ଅର୍ଥାତ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ରବିବାର ସାମ୍ନାସାମ୍ନି ହେବେ। ୱାଙ୍ଖେଡେ ଷ୍ଟାଡିୟମରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବ। ସେହିଭଳି ସୋମବାର (ମାର୍ଚ୍ଚ ୩୦) ଘରୋଇ ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ ମଧ୍ୟରେ ଗୌହାଟୀରେ ଲଢ଼େଇ ହେବ। ଯେଉଁଥିରେ ସଞ୍ଜୁ ସାମସନ ଓ ରବୀନ୍ଦ୍ର ଜାଡେଜା ସେମାନଙ୍କ ପୂର୍ବ ଦଳ ବିପକ୍ଷରେ ଖେଳିବେ। ବିସିସିଆଇ ପକ୍ଷରୁ ଜାରି ହୋଇଥିବା ପ୍ରଥମ ୨୦ଟି ମ୍ୟାଚ ମଧ୍ୟରୁ ୪ଟି ଡବଲ୍ ହେଡର (ଗୋଟିଏ ଦିନରେ ଦୁଇଟି) ମ୍ୟାଚ୍ ରହିଛି। ଏପ୍ରିଲ ୪ ତାରିଖ (ଶନିବାର)ରେ ଅପରାହ୍ଣ ୩ଟା ୩୦ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ପ୍ରଥମେ ଖେଳାଯିବ। ସେହିଦିନ ରାତି ୭ଟା ୩୦ରେ ଗୁଜରାଟ ଟାଇଟାନ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ। ଡବଲ୍ ହେଡରର ବ୍ୟତୀତ ଅନ୍ୟଦିନେ ରାତି ୭ଟା ୩୦ରୁ ମ୍ୟାଚ୍ ଖେଳାଯିବ। ରାଜସ୍ଥାନ ଏହାର ଦ୍ୱିତୀୟ ଘରୋଇ ଭେନ୍ୟୁ ଗୌହାଟୀର ବର୍ଷାପରା ଷ୍ଟାଡିୟମରେ ୩ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅନ୍ୟ ୪ଟି ଘରୋଇ ମ୍ୟାଚ୍ ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ଖେଳିବ।

### ପ୍ରଥମ ୨୦ଟି ମ୍ୟାଚର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ | ଭେନ୍ୟୁ |
|---|---|---|---|
| ୨୮ ।୩ | ବେଙ୍ଗାଲୁରୁ-ହାଇଦରାବାଦ | ରାତି ୭ଟା ୩୦ | ବେଙ୍ଗାଲୁରୁ |
| ୨୯ ।୩ | ମୁମ୍ବାଇ-କୋଲକାତା | ରାତି ୭ଟା ୩୦ | ମୁମ୍ବାଇ |
| ୩୦ ।୩ | ରାଜସ୍ଥାନ-ଚେନ୍ନାଇ | ରାତି ୭ଟା ୩୦ | ଗୌହାଟୀ |
| ୩୧ ।୩ | ପଞ୍ଜାବ-ଗୁଜରାଟ | ରାତି ୭ଟା ୩୦ | ମୁଲାନପୁର |
| ୧ ।୪ | ଲକ୍ଷ୍ନୌ-ଦିଲ୍ଲୀ | ରାତି ୭ଟା ୩୦ | ଲକ୍ଷ୍ନୌ |
| ୨ ।୪ | କୋଲକାତା-ହାଇଦରାବାଦ୍ | ରାତି ୭ଟା ୩୦ | କୋଲକାତା |
| ୩ ।୪ | ଚେନ୍ନାଇ-ପଞ୍ଜାବ | ରାତି ୭ଟା ୩୦ | ଚେନ୍ନାଇ |
| ୪ ।୪ | ଦିଲ୍ଲୀ-ମୁମ୍ବାଇ | ଅପରାହ୍ଣ ୩ଟା ୩୦ | ଦିଲ୍ଲୀ |
| ୪ ।୪ | ଗୁଜରାଟ-ରାଜସ୍ଥାନ | ରାତି ୭ଟା ୩୦ | ଅହମ୍ମଦାବାଦ |
| ୫ ।୪ | ହାଇଦରାବାଦ୍-ଲକ୍ଷ୍ନୌ | ଅପରାହ୍ଣ ୩ଟା ୩୦ | ହାଇଦରାବାଦ୍ |
| ୫ ।୪ | ବେଙ୍ଗାଲୁରୁ-ଚେନ୍ନାଇ | ରାତି ୭ଟା ୩୦ | ବେଙ୍ଗାଲୁରୁ |
| ୬ ।୪ | କୋଲକାତା-ପଞ୍ଜାବ | ରାତି ୭ଟା ୩୦ | କୋଲକାତା |
| ୭ ।୪ | ରାଜସ୍ଥାନ-ମୁମ୍ବାଇ | ରାତି ୭ଟା ୩୦ | ଗୌହାଟୀ |
| ୮ ।୪ | ଦିଲ୍ଲୀ-ଗୁଜରାଟ | ରାତି ୭ଟା ୩୦ | ଦିଲ୍ଲୀ |
| ୯ ।୪ | କୋଲକାତା-ଲକ୍ଷ୍ନୌ | ରାତି ୭ଟା ୩୦ | କୋଲକାତା |
| ୧୦ ।୪ | ରାଜସ୍ଥାନ-ବେଙ୍ଗାଲୁରୁ | ରାତି ୭ଟା ୩୦ | ଗୌହାଟୀ |
| ୧୧ ।୪ | ପଞ୍ଜାବ-ହାଇଦରାବାଦ୍ | ଅପରାହ୍ଣ ୩ଟା ୩୦ | ମୁଲାନପୁର |
| ୧୧ ।୪ | ଚେନ୍ନାଇ-ଦିଲ୍ଲୀ | ରାତି ୭ଟା ୩୦ | ଚେନ୍ନାଇ |
| ୧୨ ।୪ | ଲକ୍ଷ୍ନୌ-ଗୁଜରାଟ | ଅପରାହ୍ଣ ୩ଟା ୩୦ | ଲକ୍ଷ୍ନୌ |
| ୧୨ ।୪ | ମୁମ୍ବାଇ-ବେଙ୍ଗାଲୁରୁ | ରାତି ୭ଟା ୩୦ | ମୁମ୍ବାଇ |

## ସିଜନରେ ସମସ୍ତ ମ୍ୟାଚ୍ ଖେଳିବେ ଧୋନି

ଚେନ୍ନାଇ, ୧୧ ।୩ (ଏଜେନ୍ସି): ଆଇପିଏଲ୍‌ର ୧୯ତମ ସଂସ୍କରଣ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ। ଏଥିଲାଗି ବିସିସିଆଇ ପକ୍ଷରୁ ବୁଧବାର ପ୍ରଥମ ୨୦ଟି ମ୍ୟାଚ୍‌ର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ତେବେ ଏଥିପୂର୍ବରୁ ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ)ର ଅଗଣିତ ପ୍ରଶଂସକଙ୍କ ଲାଗି ଖୁସି ଖବର। ସିଏସ୍‌କେର ପୂର୍ବତନ ଅଧିନାୟକ ତଥା ତାରକା ଖେଳାଳି ମହେନ୍ଦ୍ର ସିଂ ଧୋନି ଏଥର ସମ୍ପୂର୍ଣ୍ଣ ସିଜନ ଦଳ ପାଇଁ ଉପଲବ୍ଧ ରହିବେ। ସିଏସ୍‌କେର ସିଇଓ କାଶି ବିଶ୍ୱନାଥନ ବୁଧବାର ଏହି ସୂଚନା ଦେଇଛନ୍ତି। ତେବେ ସଞ୍ଜୁ ସାମସନଙ୍କ ଭଳି ଇନଫର୍ମ ୱିକେଟ୍‌କିପର ରହିଥିବାରୁ ଧୋନିଙ୍କ ଭୂମିକା କ'ଣ ହେବ ବୋଲି ପ୍ରଶ୍ନର ଉତ୍ତରରେ ବିଶ୍ୱନାଥନ କହିଛନ୍ତି ଯେ ଏହା ବିଷୟରେ ମୁଁ କହିପାରିବି ନାହିଁ। ଧୋନି କେବଳ ବ୍ୟାଟର ଭାବେ ଖେଳିବେ କି ୱିକେଟ୍‌କିପିଂ କରିବେ ତାହା ଦଳର ମ୍ୟାନେଜମେଣ୍ଟ, କୋଚ୍ ଓ ଅଧିନାୟକ ନିଷ୍ପତ୍ତି ନେବେ। ତେବେ ସେ ସମ୍ପୂର୍ଣ୍ଣ ସିଜନ୍ ଖେଳିବେ ବୋଲି କାଶି ସୂଚନା ଦେଇଛନ୍ତି। ସିଏସକେ ଏହାର ପ୍ରଥମ ମ୍ୟାଚରେ ମାର୍ଚ୍ଚ ୩୦ରେ ରାଜସ୍ଥାନ ରୟାଲ୍ସ ସହ ଖେଳି ଅଭିଯାନ ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ ଏଥର ନିଲାମୀ ପୂର୍ବରୁ ଖେଳାଳି ଅଦଳବଦଳ ଜରିଆରେ ରାଜସ୍ଥାନ ରୟାଲ୍ସ ନିକଟରୁ ସଞ୍ଜୁ ସାମସନଙ୍କୁ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଆଣିଥିଲା। ସେହିଭଳି ଚେନ୍ନାଇର ତାରକା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ରାଜସ୍ଥାନ ଦଳକୁ ଡିଲ୍‌ରେ ଯାଇଥିଲେ।

## ■ ଆଇସିସି ଟି-୨୦ ର୍ୟାଙ୍କିଂ

# ୧୮ଟି ସ୍ଥାନ ଉଠିଲେ ସାମସନ

ଦୁବାଇ, ୧୧ ।୩ (ଏଜେନ୍ସି): ସଦ୍ୟ ବିଶ୍ୱକପ୍ ବିଜୟୀ ଭାରତୀୟ ଖେଳାଳିଙ୍କ ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍‌ରେ ଦବ୍‌ଦବା ଦେଖିବାକୁ ମିଳିଛି। ବୁଧବାର ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ଅଭିଷେକ ଶର୍ମା ପୂର୍ବଭଳି ଏକ ନମ୍ବର ସ୍ଥାନରେ ସ୍ଥିର ରହିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୮୭୫ ରହିଛି। ସେହିଭଳି ଇଶାନ କିଶାନ ୨ଟି ପାହାଚ ଉପରକୁ ଉଠି ୨ୟ ସ୍ଥାନ ଲାଭ କରିଛନ୍ତି। ବ୍ୟାଟିଂ ତାଲିକାର ଟପ୍-୧୦ରେ ଅନ୍ୟ ଦୁଇ ଭାରତୀୟ ଭାବେ ତିଲକ ବର୍ମା ୭ମ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୯ମ ସ୍ଥାନରେ ରହିଛନ୍ତି। ତେବେ ତିଲକ ଓ ସୂର୍ଯ୍ୟକୁମାର ଯଥାକ୍ରମେ ଗୋଟିଏ ଓ ଦୁଇଟି ସ୍ଥାନ ହରାଇଛନ୍ତି। ବିଶ୍ୱକପ୍ ଉପବିଜେତା ନ୍ୟୁଜିଲାଣ୍ଡ ଦଳର ଷ୍ଟାର ଓପନର୍ ଟିମ୍ ସେଇଫର୍ଟ ୧୦ମରୁ ୬ଷ୍ଠ ସ୍ଥାନକୁ ଲମ୍ଫ ମାରିଛନ୍ତି। ପାକିସ୍ତାନର ଶାହିବଜାଦ ଫରହାନ ଓ ଇଂଲଣ୍ଡର ଫିଲ୍ ସଲ୍ଟ ଗୋଟିଏ ଲେଖାଏ ସ୍ଥାନ ହରାଇ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କାର ପାଥୁମ ନିଶାଙ୍କ ପୂର୍ବଭଳି ୫ମ ସ୍ଥାନରେ ସ୍ଥିର ରହିଛନ୍ତି। ତେବେ ବିଶ୍ୱକପ୍‌ରେ ମୋଟ୍ ୩୨୧ ରନ ସହ 'ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ପୁରସ୍କାର ଜିତିଥିବା ସଞ୍ଜୁ ସାମସନ ଏକାଥରକେ ୧୮ଟି ପାହାଚ ଉପରକୁ ଉଠି ୨୨ତମ ସ୍ଥାନରେ ରହିଛନ୍ତି। ସେହିଭଳି ଇଂଲଣ୍ଡର ଜାକବ ବେଥେଲ ୩୩ରୁ ଏକାଥରକେ ୧୬ତମ ସ୍ଥାନକୁ ଉଠିଛନ୍ତି। ତେବେ ଟି-୨୦ ବୋଲିଂ ତାଲିକାରେ ଭାରତରୁ ଦୁଇଜଣ ବୋଲର ଟପ୍-୧୦ରେ ରହିଛନ୍ତି। ବରୁଣ ଚକ୍ରବର୍ତ୍ତୀ ଶୀର୍ଷସ୍ଥାନ ହରାଇ ଦ୍ୱିତୀୟକୁ ଖସିଯାଇଛନ୍ତି। ତେବେ ଯଶପ୍ରୀତ ବୁମ୍‌ରା ୭ମରୁ ୬ଷ୍ଠ ସ୍ଥାନକୁ ଉଠିଛନ୍ତି।

# ଭାରତକୁ ୨୧.୯ କୋଟି, ପାକିସ୍ତାନକୁ ୪.୩୪

ନୂଆଦିଲ୍ଲୀ,୧୧ ।୩(ଏଜେନ୍ସି): ସଦ୍ୟ ସମାପ୍ତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି-୨୦ ବିଶ୍ୱକପ୍‌ର ପୁରସ୍କାର ରାଶି ବଣ୍ଟନର ଚୂଡ଼ାନ୍ତ ତାଲିକା ପ୍ରକାଶିତ ହୋଇଛି। ଚାମ୍ପିଅନ ଭାରତୀୟ ଦଳକୁ ସର୍ବାଧିକ ପୁରସ୍କାର ରାଶି ମିଳିଛି। ବିଶ୍ୱକପ୍‌ର ମୋଟ୍ ପୁରସ୍କାର ରାଶି ୯୩.୩୭ କୋଟି ଟଙ୍କା ଥିଲା। ଟାଇଟଲ ହାସଲ କରିଥିବା ଭାରତୀୟ ଦଳ ୨୧. ୯୧ କୋଟି ଟଙ୍କା ପୁରସ୍କାର ହାସଲ କରିଛି। ଏହାକୁ ବାଦ୍ ଦେଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତୀୟ ଦଳକୁ ୧୩୧ କୋଟି ଟଙ୍କା ଅଲଗା ପୁରସ୍କାର ପ୍ରଦାନ କରିଛି। ବିସିସିଆଇ ତରଫରୁ ଦଳର ୧୫ ଖେଳାଳି ପ୍ରତ୍ୟେକଙ୍କୁ ୬ କୋଟି ଟଙ୍କା ମିଳିବ। ବାକି ୪୧ କୋଟି କୋଚିଂ ସପୋର୍ଟ ଷ୍ଟାଫ୍‌ଙ୍କ ମଧ୍ୟରେ ବଣ୍ଟାଯିବ। ଆଇସିସି ନିକଟରୁ ଆର୍ଥିକ ପୁରସ୍କାର ହାସଲ କରିଥିବା ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଉପ-ବିଜେତା ନ୍ୟୁଜିଲାଣ୍ଡ ଦଳକୁ ୧୧.୮୧ କୋଟି ଟଙ୍କା ମିଳିବ। ସେହିପରି ସେମିଫାଇନାଲର ଦୁଇ ପରାଜିତ ଦଳ ଦକ୍ଷିଣ ଆଫ୍ରିକା ୮.୩୫ ଓ ଇଂଲଣ୍ଡ ୮.୦୯ କୋଟି ଟଙ୍କା ପାଇବେ। ଅପରପକ୍ଷରେ ୱେଷ୍ଟଇଣ୍ଡିଜକୁ ୪.୪୭, ପାକିସ୍ତାନକୁ ୪.୩୪, ଜିମ୍ବାୱେକୁ ୪.୦୮, ଶ୍ରୀଲଙ୍କାକୁ ୩.୯୫ କୋଟି ଟଙ୍କା ଆର୍ଥିକ ପୁରସ୍କାର ମିଳିବ। ସେହିପରି ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିବା ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଆମେରିକା ଦଳକୁ ୨.୫୭ କୋଟି ଟଙ୍କା ଲେଖାଏ ମିଳିବ। ବିଶ୍ୱକପ୍‌ର ପ୍ରତ୍ୟେକ ଦଳକୁ ୧.୮୭ କୋଟି ମୂଳ ଭାଗୀଦାରି ପୁରସ୍କାର ରାଶି ଦିଆଯାଇଥିଲା।

# ଓଡ଼ିଶା ଦୃଷ୍ଟିହୀନ ଦଳ ଆଗୁଆ ସିରିଜ ବିଜୟୀ



ସୁଖରାମ ମାଝି

ଭୁବନେଶ୍ୱର, ୧୧ ।୩ (ସମିସ): ବେଙ୍ଗାଲୁରୁରେ ଘରୋଇ କର୍ଣ୍ଣାଟକରେ ବିପକ୍ଷରେ ଚାଲିଥିବା ସମର୍ଥନ କପ୍ ଦୃଷ୍ଟିହୀନ ଏକଦିବସୀୟ କ୍ରିକେଟ୍ ସିରିଜର ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ବିଜୟୀ ହୋଇଛି। ବୁଧବାର ଅଲଟୋର କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧୨୮ ରନରେ କର୍ଣ୍ଣାଟକକୁ ପରାସ୍ତ କରିଥିଲା। ଏହି ବିଜୟ ସହ ଗୋଟିଏ ମ୍ୟାଚ୍ ବାକି ଥାଇ ଓଡ଼ିଶା ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ବୁଧବାର ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ପ୍ରଥମେ ବ୍ୟାଟିଂ କିର ୫୦ ଓଭରରେ ୮ ୱିକେଟ୍ ହରାଇ ୪୩୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଖରାମ ମାଝି ସର୍ବାଧିକ ଅପରାଜିତ ୧୨୯ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଙ୍କଜ ଭୁଏ ୯୮, ଲିଙ୍ଗରାଜ ରାଉତରାୟ ୬୮ ଓ ଧନପତି ଗୌଡ଼ ୪୦ ରନ କରିଥିଲେ। ଜବାବରେ କର୍ଣ୍ଣାଟକ ୩୮.୫ ଓଭରରେ ୩୦୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। କର୍ଣ୍ଣାଟକର ଭାସ୍କର ୧୧୨ ରନ କରିଥିଲେ। ବିଜୟୀ ଓଡ଼ିଶା ପକ୍ଷରୁ ସୁଖରାମ ଓ ପଙ୍କଜ ୨ଟି ଲେଖାଏ ଏବଂ ଲିଙ୍ଗରାଜ, ଧନପତି, ଦେବରାଜ ବେହେରା ଓ ଅନିଲ ମଲ୍ଲିକ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ସୁଖରାମ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଗୁରୁବାର ଅନ୍ତିମ ତଥା ୩ୟ ମ୍ୟାଚ୍ ଖେଳାଯିବ।

# ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ସେମିରେ ଭାରତ

ହାଇଦରାବାଦ, ୧୧ ।୩ (ସମିସ): ତେଲଙ୍ଗାନାରେ ଚାଲିଥିବା ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଘରୋଇ ଭାରତୀୟ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଭାରତ ଏହାର ଶେଷ ତଥା ୩ୟ ଗ୍ରୁପ୍ ମ୍ୟାଚରେ ୪-୧ ଗୋଲରେ ୱେଲ୍ସକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ନବନୀତ କୌର ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ଏଥିପୂର୍ବରୁ ଭାରତୀୟ ଦଳ ପ୍ରଥମ ମ୍ୟାଚରେ ୪-୦ ଗୋଲରେ ଉରୁଗୁଏକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ସ୍କଟଲାଣ୍ଡ ସହ ୨-୨ ଗୋଲରେ ଡ୍ର ରଖିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ୩ ମ୍ୟାଚରୁ ୭ ପଏଣ୍ଟ ପାଇ ଭାରତ ସେମିରେ ସ୍ଥାନ ପକ୍କା କରିଛି। ଶୁକ୍ରବାର ଇଟାଲୀକୁ ସେମିଫାଇନାଲରେ ଭେଟିବ ଭାରତ।

## ■ ୨୩ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ ଟ୍ରଫି

# ରଞ୍ଜନାଙ୍କ ଶତକ ବୃଥା; ଓଡ଼ିଶା ବିଦା



ଭୁବନେଶ୍ୱର, ୧୧ ।୩ (ସମିସ): ବିସିସିଆଇ ଆନୁକୂଲ୍ୟରେ ପୁନେରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଜାତୀୟ ଦିନିକିଆ ଟ୍ରଫିରେ ଓଡ଼ିଶା ୩ୟ ପରାଜୟ ସହ ବିଦାୟ ନେଇଛି। ବୁଧବାର ପୁନେର ପିୱାଇସି ଜିମଖାନା ଗ୍ରାଉଣ୍ଡରେ ଓଡ଼ିଶା ଖେଳିଥିବା ଏହାର ଅନ୍ତିମ ତଥା ୫ମ ଗ୍ରୁପ୍ ମ୍ୟାଚରେ ୨ ୱିକେଟରେ କେରଳ ନିକଟରୁ ହାରିଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମହିଳା ଦଳ ଓପନର୍ ତଥା ୱିକେଟ୍‌ରକ୍ଷକ ତନ୍ୱି ରଞ୍ଜନାଙ୍କ ଶତକ ବଳରେ ୫୦ ଓଭରରେ ୨୫୬ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ରଞ୍ଜନା ୧୧୮ ବଲରେ ସର୍ବାଧିକ ୧୦୧ ରନ କରିଥିଲେ। ଯେଉଁଥିରେ ୧୬ ଚୌକା ଓ ଗୋଟିଏ ଛକା ସାମିଲ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଚିସ୍ମିତା ପଣ୍ଡା ଓ ଜି. ଅଳକାନନ୍ଦା ୩୨ ରନ ଲେଖାଏ କରିଥିଲେ। ଜବାବରେ କେରଳ ୭ ନମ୍ବର ବ୍ୟାଟର ନିତ୍ୟା ଲୋରଧଙ୍କ ଅପରାଜିତ ୭୩ ରନ ବଳରେ ୫ଟି ବଲ୍ ବଳକା ଥାଇ ୮ ୱିକେଟ ହରାଇ ବିଜୟୀ ହୋଇଥିଲା। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ୫ ମ୍ୟାଚରୁ ୨ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହି କ୍ୱାର୍ଟରକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି।

# ଫିଫା ବିଶ୍ୱକପ୍‌ରେ ଭାଗନେବାକୁ ମନା କଲା ଇରାନ

ତେହରାନ, ୧୧ ।୩ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ୧୧ରୁ ଆରମ୍ଭ ହେବ। ଆମେରିକା-କାନାଡା ଓ ମେକ୍ସିକୋ ଏଥର ମିଳିତ ଭାବେ ଏହି ମେଗା ଇଭେଣ୍ଟକୁ ଆୟୋଜନ କରୁଛନ୍ତି। ତେବେ ଏହି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଇରାନ ମନା କରିଦେଇଛି। ଆମେରିକା-ଇସ୍ରାଏଲ ସହ ଚାଲିଥିବା ଘମାଘୋଟ ଯୁଦ୍ଧକୁ ନେଇ ଇରାନ ଏହି ନିଷ୍ପତ୍ତି ନେଇଛନ୍ତି। ଇରାନ କ୍ରୀଡ଼ାମନ୍ତ୍ରୀ ଅହମ୍ମଦ ଡୋନ୍ୟାମେଲ୍ ବୁଧବାର କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଆମର ସର୍ବୋଚ୍ଚ ନେତା ଆୟାତୋଲା ଅଲି ଖାମେନିଙ୍କୁ ଏୟାର ଷ୍ଟ୍ରାଇକ କରି ହତ୍ୟା କରିଛନ୍ତି। ଏଭଳି ପରିସ୍ଥିତିରେ ଆମେ ଆମେରିକାରେ ଆୟୋଜିତ ହେବାକୁ ଥିବା ବିଶ୍ୱକପରେ ଭାଗନେବୁନାହିଁ। ଇରାନ ବିରୁଦ୍ଧରେ ସେମାନେ ଗତ ୮ ମାସ ମଧ୍ୟରେ ଦୁଇ ଦୁଇଟି ଅମାନୁଷିକ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୧୩୦୦ରୁ ଊର୍ଦ୍ଧ୍ୱ ଇରାନୀ ନାଗରିକ ମୃତ୍ୟୁବରଣ କରିଛନ୍ତି। ତେଣୁ ଆମେ କୌଣସି ପରିସ୍ଥିତିରେ ବିଶ୍ୱକପରେ ଭାଗନେଇପାରିବୁ ନାହିଁ ବୋଲି ଇରାନ କ୍ରୀଡ଼ାମନ୍ତ୍ରୀ କରିଛନ୍ତି।

# ଟ୍ରେନରେ ଘରକୁ ଫେରିଲେ ଦୁବେ

ମୁମ୍ବଇ, ୧୧ ।୩ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ଚାମ୍ପିଅନ୍ ଭାରତୀୟ ଦଳର ସମସ୍ତ ଖେଳାଳି ସୋମବାର ଅହମ୍ମଦାବାଦରୁ ନିଜ ନିଜ ଘରକୁ ଫେରିଯାଇଥିଲେ। ତେବେ ଚାମ୍ପିଅନ ଦଳର ତାରକା ଅଲ୍‌ରାଉଣ୍ଡର ଶିବମ ଦୁବେ ପରିବାର ସହ ଟ୍ରେନରେ ମୁମ୍ବଇ ଫେରିଥିବା ଜଣାପଡ଼ିଛି। ଏଭଳି ରୋଚକ ଖବର ଏବେ ସାମ୍ନାକୁ ଆସିଛି। ରିପୋର୍ଟ ମୁତାବକ ଦୁବେ ପତ୍ନୀ ଅଞ୍ଜୁମ ଓ ଜଣେ ସାଙ୍ଗଙ୍କ ସହ ଅହମ୍ମଦାବାଦରୁ ମୁମ୍ବଇ ବାହାରିଥିଲେ। ତେବେ ସୋମବାର ସନ୍ଧ୍ୟାରେ ଅହମ୍ମଦାବାଦ-ମୁମ୍ବଇ ସମସ୍ତ ବିମାନ ସମ୍ପୂର୍ଣ୍ଣ ବୁକ୍ ଥିଲା। ଫଳରେ ଦୁବେ ବାଧ ହୋଇ ଟ୍ରେନରେ ଯିବା ଲାଗି ନିଷ୍ପତ୍ତି ନେଇଥିଲେ। ଶେଷରେ ଅହମ୍ମଦାବାଦ-ମୁମ୍ବଇ ସୟାଜୀ ଏକ୍ସପ୍ରେସରେ ଦୁବେ ଘରକୁ ଫେରିଥିଲେ। ତେବେ ବାଟରେ ଟିଟିଇ ଟିକଟ୍ ଚେକ୍ କରିବା ସମୟରେ ଶିବମ ଦୁବେ କିଏ ବୋଲି ପଚାରିଥିଲେ। ସେ ଭାରତୀୟ କ୍ରିକେଟର୍ ଦୁବେ କି ବୋଲି ପ୍ରଶ୍ନ କରିବାରୁ ପତ୍ନୀ ନାଇଁ ନାଇଁ ସେ ନୁହେଁ ବୋଲି ଉତ୍ତର ଦେଇଥିଲେ। ଦୀର୍ଘ ୮ ଘଣ୍ଟା କାଳ ଶୋଇ ଶୋଇ ଶେଷରେ ଦୁବେ ମୁମ୍ବଇରେ ପହଞ୍ଚିଥିଲେ।

# ପ୍ରଥମ ଦିନିକିଆରେ ପାକିସ୍ତାନର ଶୋଚନୀୟ ପରାଜୟ



ଢାକା, ୧୧ ।୩ (ଏଜେନ୍ସି): ବାଂଲାଦେଶ ବିପକ୍ଷରେ ଆରମ୍ଭ ହୋଇଥିବା ଦିନିକିଆର ସିରିଜର ପ୍ରଥମ ମ୍ୟାଚରେ ପାକିସ୍ତାନ ଶୋଚନୀୟ ଭାବେ ପରାଜୟବରଣ କରିଛି। ମୀରପୁରର ଶେର୍ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଘରୋଇ ବାଂଲାଦେଶ ୮ ୱିକେଟ୍‌ରେ ପାକିସ୍ତାନକୁ ମାତ୍ ଦେଇଛି। ୨୦୧୮ ଏସିଆ କପ୍ ପରେ ବାଂଲାଦେଶ ପ୍ରଥମଥର ଲାଗି ପାକିସ୍ତାନକୁ ପରାସ୍ତ କରିଛି। ସେହିଭଳି ଏହି ଗ୍ରାଉଣ୍ଡରେ ପାକିସ୍ତାନ ବିପକ୍ଷରେ ବାଂଲାଦେଶର ଏହା କ୍ରମାଗତ ୪ର୍ଥ ଦିନିକିଆ ବିଜୟ। ଗତ ଟି-୨୦ ବିଶ୍ୱକପ୍‌ରେ ସୁପର୍-୮ ପର୍ଯ୍ୟାୟରୁ ବିଦାୟନେଇଥିବା ପାକିସ୍ତାନ ଏବେ ବାଂଲାଦେଶ ନିକଟରୁ ହାରିବା ପରେ ଦେଶରେ ଚାରିଆଡୁ ସମାଲୋଚନାର ଶିକାର ହୋଇଛି। ବିଜୟ ସହ ବାଂଲାଦେଶ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଶୁକ୍ରବାର ସିରିଜର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

ବୁଧବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଟସ୍ ଜିତି ଘରୋଇ ବାଂଲାଦେଶ ଅଧିନାୟକ ମେହିଦୀ ମିରାଜ ହାସାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବାବର ଆଜମଙ୍କ ବିନା ଏହି ସିରିଜର ଖେଳିବାକୁ ଆସିଥିବା ପାକିସ୍ତାନ କିନ୍ତୁ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବିଶେଷ କରି ଡାହାଣହାତୀ ଦ୍ରୁତ ବୋଲର ନାହିଦ ରାଣାଙ୍କ ବୋଲିଂକୁ ମୁକାବିଲା କରି ନ ପାରି ପାକିସ୍ତାନ ୩୦.୪ ଓଭରରେ ୧୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫହୀମ ଅସ୍ରଫ ୩୭, ଶାହିବଜାଦ ଫରହାନ ୨୭, ଡେବ୍ୟୁଟାଣ୍ଟ ମାଜ ସଦାକତ୍ ୧୮ ଓ ମହମ୍ମଦ ରିଜୱାନ ୧୦ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଲମାନ ଆଘା ୫, ଡେବ୍ୟୁଟାଣ୍ଟ ସାମିଲ ହୁସେନ ୪, ଅଧିନାୟକ ଶାହୀନ ଆଫ୍ରିଦି ୪ ରନ କରି ନିରାଶ କରିଥିଲେ। ବୋଲିଂରେ ନାହିଦ ରାଣା ୨୪ ରନରେ ୫ଟି ଏବଂ ଅଧିନାୟକ ମିରାଜ ୩ଟି ୱିକେଟ ନେଇ ପାକିସ୍ତାନର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଜବାବରେ ଓପନର୍ ତାନଜିଦ ହାସାନ ତମିମଙ୍କ ଅପରାଜିତ ୬୭ ରନ ବଳରେ ବାଂଲାଦେଶ ୧୫.୧ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା।

## କଳାହାଣ୍ଡି କପ୍: ଫାଇନାଲରେ ପୁଣି ହାରିଲା କଟକ-ଏ

# ଟାଇଟଲ୍ ବଜାୟ ରଖିଲା ସୁନ୍ଦରଗଡ଼

ଭୁବନେଶ୍ୱର, ୧୧ ।୩ (ସମିସ):




ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃଜିଲ୍ଲା ସିନିଅର ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ଏଥର ପୁଣିଥରେ ସୁନ୍ଦରଗଡ଼ ଚାମ୍ପିଅନ ହୋଇଛି। ଗତବର୍ଷ ପରି ଏଥର ମଧ୍ୟ ଫାଇନାଲରେ ସମାନ କଟକ-ଏ' ଦଳକୁ ପରାସ୍ତ କରି ଗୋବିନ୍ଦ ପୋଦ୍ଦାରଙ୍କ ସୁନ୍ଦରଗଡ଼ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଟାଇଟଲ୍ ଜିତିଛି। ଫଳରେ ଏକାଧିକ ରଣଜୀ ଖେଳାଳିଙ୍କୁ ନେଇ ଗଠିତ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ କଟକ-ଏ'କୁ ପୁଣିଥରେ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଚାମ୍ପିଅନ ସୁନ୍ଦରଗଡ଼ ଦଳକୁ ଟ୍ରଫି ସହ ୫ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ କଟକ-ଏ'କୁ ଟ୍ରଫି ସହ ୩ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଦମଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ସୁନ୍ଦରଗଡ଼ର ସୌମ୍ୟ ଲେଙ୍କା ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଆଇକନିକ ବାରବାଟୀ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ-ଏ ୫୦ ଓଭରରେ ୯ ୱିକେଟ ହରାଇ ୨୩୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ସର୍ବାଧିକ ୭୪ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିଲ ପରିଡ଼ା ୪୩, ବିକ୍ରମ ସାମଲ ୨୧, ଶୁଭମ ନାୟକ ୧୨, ପ୍ରିୟାଂଶୁ ମହାପାତ୍ର ୧୦, ରାଜେଶ ଧୁପର ୪ ରନ କରିଥିଲେ। ସେମିଫାଇନାଲ ମ୍ୟାଚର ଶତକ ହାସଲକାରୀ ବିପ୍ଳବ ୩୩ ଓ ରାମଚନ୍ଦ୍ର ବେହେରା ୧୩ ରନ କରି ନିରାଶ କରିଥିଲେ। ସେହିଭଳି ସମ୍ବିତ ବେଜ ଖାତା ଖୋଲିବାରେ ବିଫଳ ହୋଇଥିଲେ। ସୁନ୍ଦରଗଡ଼ ପକ୍ଷରୁ ଗୋବିନ୍ଦ ପୋଦ୍ଦାରଙ୍କ ସମେତ କ୍ରିଷ୍ଟାନ ପଲାଇ, ଅଭିଷେକ ସିଂ ଓ ସୌମ୍ୟ ଲେଙ୍କା ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ବିଭାଶ-ୱାଲଟର ଲଢ଼ିଲେ

୨୩୩ ରନକୁ ପିଛା କରିଥିବା ସୁନ୍ଦରଗଡ଼ ପାଇଁ ଦୁଇ ଓପନର୍ ଉମେଶ ଗୌତମ ଓ ବିଭାଶ ଶ ପ୍ରଥମ ୱିକେଟରେ ୨୭ଟି ବଲ୍‌ରୁ ୫୮ ରନ ଉଠାଇ ଭଲ ଆରମ୍ଭ ଦେଇଥିଲେ। ଉମେଶଙ୍କୁ ୨୦ ରନରେ ଆଉଟ କରି କୁନ୍ଦନ ଯାଦବ ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ରାହୁଲ ଛେତ୍ରୀ ମଧ୍ୟ ୧ ରନ କରି ଆଉଟ୍ ହୋଇଥିଲେ। ତେବେ ମଧ୍ୟକ୍ରମ ବ୍ୟାଟରଙ୍କ ଛୋଟିଆ ଛୋଟିଆ ଉପଯୋଗୀ ପାଳି ବଳରେ ସୁନ୍ଦରଗଡ଼ ୪୩ ଓଭରରେ ୮ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିଭାଶ ୩୨ ବଲରେ ସର୍ବାଧିକ ୫୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଲ୍ଟର ଟପ୍ପୋ ୪୧, ଅଧିନାୟକ ପୋଦ୍ଦାର ୨୯, ଆଦିତ୍ୟ ଆନନ୍ଦ ୨୨, ସୌମ୍ୟ ୨୩, ସୌଭାଗ୍ୟ ରାଉତ ଅପରାଜିତ ୨୮ ରନ କରିଥିଲେ। ବୋଲିଂରେ କଟକ-ଏ ପାଇ ଶୁଭମ ଓ ସୁମିତ ଶର୍ମା ୨ଟି ଲେଖାଏ ଏବଂ ବିପ୍ଳବ ଓ କୁନ୍ଦନଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**କଟକ-ଏ**: ୨୩୨/ ୯, ୫୦ ଓଭର (ସାଇଦୀପ- ୭୪, ଅନିଲ- ୪୩, ବିପ୍ଳବ- ୩୩, ସୌମ୍ୟ- ୨/୩୨) ।

**ସୁନ୍ଦରଗଡ଼**: ୨୩୩/୮ , ୪୩ ଓଭର (ବିଭାଶ- ୫୨, ଗୋବିନ୍ଦ ପୋଦ୍ଦାର- ୨୯ , ସୌମ୍ୟ- ୨୩, ୱାଲଟର- ୪୧, ସୁମିତ- ୨/୩୭) ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS